ISSN-0971-8397

# ଯୋଜନା

ମଇ ୨୦୧୭ | ବିକାଶମୂଳକ ମାସିକ ପତ୍ରିକା | ୨୨ଟଙ୍କା

# ପରିବର୍ତ୍ତନ ଓ ଭାରତ

## ଏକ ନୂଆ ଭାରତର କାହାଣୀ
ଏମ୍. ଭେଙ୍କେୟା ନାଇଡୁ

## ଗ୍ରାମ୍ୟ ଉନ୍ନୟନ ଜୀବିକା ମାଧ୍ୟମରେ ଜୀବନର ପରିବର୍ତ୍ତନ
ଅମରଜିତ ସିହ୍ନା

## ସାଧାରଣ ଅର୍ଥ ବ୍ୟବସ୍ଥାରେ ଡିଜିଟାଲ ପ୍ରୟୋଗ
ଲେଖା ଚକ୍ରବର୍ତ୍ତୀ ଓ ସମୀକ୍ଷା ଅଗ୍ରୱାଲ

## ଦକ୍ଷତା ବିକାଶ ଓ ସୃଜନରେ ଯୁବ ସଶକ୍ତିକରଣ
ଡଃ ଯତିନ୍ଦର ସିଂହ

**ବିଶେଷ ପ୍ରବନ୍ଧ**

## ସ୍ୱଚ୍ଛ ଭାରତ ମିଶନ : ସମସ୍ତଙ୍କ ଦାୟିତ୍ୱ
ଶ୍ରୀ ପରମେଶ୍ୱରନ୍ ଆୟର

**ଫୋକସ୍**

## ସ୍ୱଚ୍ଛ ଓ ପାରଦର୍ଶୀ ଅର୍ଥନୀତି ଆଡକୁ
ଏମ.ଭି ଭାନୁମତୀ ଓ ରୋଜିତ ଦେ ଝା

# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାଷ୍ଟ୍ର ଉଦ୍ଦେଶ୍ୟରେ ଭାରତର ବୃହତ୍ ସୁଡ଼ଙ୍ଗ ପଥ ଲୋକାର୍ପିତ



ନିକଟରେ ଜାମ୍ମୁ-କାଶ୍ମୀରର ଚେନାନି-ନାଶ୍ରି ରାଜପଥରେ ନିର୍ମିତ ଭାରତର ସର୍ବବୃହତ୍ ଟନେଲକୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି।ଏହା ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଓ ସ୍କିଲ ଇଣ୍ଡିଆ ପଦକ୍ଷେପର ଏକ ଆଦର୍ଶ ଉଦାହରଣ। ଜମ୍ମୁ-କାଶ୍ମୀରର ଉଦ୍ଦମପୁର-ରାମ୍ବାନକୁ ସଂଯୋଗ କରୁଥିବା ସର୍ବଋତୁକାଳୀନ ଏହି ଦ୍ୱୈତ ଟନେଲ ରାସ୍ତା କେବଳ ଭାରତର ସର୍ବବୃହତ୍ ରାଜପଥ ଟନେଲ ନୁହେଁ; ବରଂ ଏସିଆ ମହାଦେଶର ମଧ୍ୟ ସବୁଠୁ ଲମ୍ବା ଦୁଇଥାକିଆ ରାଜପଥ ଟନେଲ ଭାବେ କୀର୍ତ୍ତିମାନ ରଚିଛି। ସବୁଠୁ କଷ୍ଟକର ହିମାଳୟ ପାର୍ବତ୍ୟାଞ୍ଚଳରେ ନିର୍ମିତ ଏହି ଟନେଲ ୧୨୦୦ ମିଟର ଝୁଲି ରହିଛି। ଏହି ଟନେଲ ନିର୍ମାଣ ଦ୍ୱାରା ଜାମ୍ମୁ ଓ ଶ୍ରୀନଗର ମଧ୍ୟରେ ଗନ୍ତବ୍ୟ ସମୟ ପ୍ରାୟ ଦୁଇଘଣ୍ଟା ହ୍ରାସ ପାଇଛି। ୪୧ କିମି ରାସ୍ତା ମଧ୍ୟ କମି ଯାଇଛି। କେବଳ ସେତିକି ନୁହେଁ; ପ୍ରବଳ ତୁଷାରପାତ, ଭୂସ୍ଖଳନ, ଦୁର୍ଘଟଣା, ସର୍ପିଳ ରାସ୍ତା ଓ ଗାଡ଼ି ଅଚଳ ହେବା ଭଳି ସମସ୍ୟା ଯୋଗୁଁ ଅନେକ ସମୟରେ ଏହି ରାସ୍ତାରେ ଯେଭଳି ପ୍ରବଳ ଟ୍ରାଫିକ୍ ଭିଡ଼ ରହିବା ସହ ଦିନ ଦିନ ଧରି ରାସ୍ତା ଉପରେ ଯାନବାହାନ ଅଟକି ରହୁଥିଲା ସେଥିରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡିଛି।

ଜମ୍ମୁ-ଶ୍ରୀନଗର ୨୮୬ କିମି ଦୀର୍ଘତା ବିଶିଷ୍ଟ ୪ ଲେନ୍ ବିଶିଷ୍ଟ ରାଜପଥର ଅଂଶବିଶେଷ ହେଉଛି ଏହି ଟନେଲ। ଯିବା ଆସିବା କରିବା ଲାଗି ସମାନ ଲମ୍ବର ଉଭୟ ପାର୍ଶ୍ୱରେ ଦୁଇଲେନ୍ ଲେଖାଁଏ ସମାନ୍ତରାଳ ରାସ୍ତା ଏହି ୯ କିମି ଦୀର୍ଘତା ବିଶିଷ୍ଟ ଟନେଲରେ ରହିଛି। ଏହି ଦୁଇ ଟନେଲ ପରସ୍ପର ସହ ୨୯ଟି ଛକ ଜରିଆରେ ସଂଯୁକ୍ତ ହୋଇଛନ୍ତି। ଏହି ଛକଗୁଡିକ କୌଣସି ଦୁର୍ଘଟଣା, କିମ୍ବା ଗାଡି ଖରାପ ହେଲେ ଅଥବା ଜରୁରୀକାଳୀନ ପରିସ୍ଥିତିରେ ଅନ୍ୟ ଯାନବାହନଗୁଡିକ ଯାତାୟାତ କରିବା ଲାଗି ବ୍ୟବହାର ଉପଯୋଗୀ ହୋଇପାରିବ। ଦୁଇଟି କ୍ଷୁଦ୍ର ପୋଲ ମଧ୍ୟ ଉଭୟ ଦକ୍ଷିଣ ଓ ଉତ୍ତର ପାର୍ଶ୍ୱରେ ତିଆରି ହୋଇଛି। ଏହି ୪ ଲେନ୍ ବିଶିଷ୍ଟ ରାସ୍ତା ସହ ଶାଖା ରାସ୍ତା ନିର୍ମାଣ କରାଯାଇ ଟନେଲର ଉଭୟ ପାର୍ଶ୍ୱରେ ରହିଛି ଟୋଲପ୍ଲାଜା। ଏହି ଟନେଲ ଦେଇ ସର୍ବାଧିକ ୫ ମିଟର ଉଚ୍ଚତା ଥିବା ଗାଡି ଯାତାୟାତ କରିବାକୁ ଅନୁମତି ଦିଆଯାଇଛି। ଉଚ୍ଚତା ଯାଞ୍ଚ କରିବା ଲାଗି ଉଭୟ ପାର୍ଶ୍ୱର ଟୋଲ୍ ପଏଣ୍ଟରେ ଲଗାଯାଇଛି ସ୍ୱତନ୍ତ୍ର ସେନ୍ସର। ଏହି ଦୀର୍ଘ ଟନେଲରେ ରହିଛି ବାୟୁ ଚଳାଚଳ ଲାଗି ବେଶ୍ ଉତ୍ତମ ବ୍ୟବସ୍ଥା। ପ୍ରତି ୮ ମିଟର ଦୂରତାରେ ବାୟୁ ପ୍ରବେଶ ପାଇଁ ପ୍ରବେଶ ପଥ ରହିଥିବାବେଳେ ଦୂଷିତ ବାୟୁ ନିଷ୍କାସିତ ହେବା ଲାଗି ପ୍ରତି ୧୦୦ ମିଟରେ ରହିଛି ନିଷ୍କାସନ ଦ୍ୱାର। ବାୟୁ ଚଳାଚଳ ସହ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା, ଅଗ୍ନି ନିର୍ବାପନ, ଶକ୍ତି ସରବରାହ, ଅଘଟଣ ଚିହ୍ନଟ, ଏସଓଏସ କଲ୍ ବକ୍ସ ଭଳି ବହୁମୁଖୀ ସମନ୍ୱିତ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ ଏହି ସୁଡଙ୍ଗ ରାସ୍ତାରେ କରାଯାଇଛି। ଏହି ସୁଡଙ୍ଗ ପଥରେ ରହିଛି ଅତ୍ୟାଧୁନିକ ଟ୍ରାଫିକ୍ ନିୟନ୍ତ୍ରଣ ସୁବିଧା। ଏହାକୁ ପରିଚାଳନା କରିବା ଲାଗି କୌଣସି ବ୍ୟକ୍ତିଙ୍କୁ ଏଠାରେ ନିୟୋଜିତ କରାଯାଇନି; ବରଂ ସମସ୍ତ ନିୟନ୍ତ୍ରଣ ବ୍ୟବସ୍ଥା ଏଠାରେ ସ୍ୱୟଂକ୍ରିୟ, ସ୍ମାର୍ଟ ତଥା ସେନ୍ସର ଖଞ୍ଜାଯାଇ କରାଯାଇଛି। କୌଣସି ସୁରକ୍ଷା ସଂକ୍ରାନ୍ତ ସମସ୍ୟାକୁ ଏଡାଇବା ଓ ଆଗୁଆ ସୂଚନା ଲାଗି ଲଗାଯାଇଛି ଅତ୍ୟାଧୁନିକ ସ୍କାନର। ପୃଥିବୀରେ ଏଭଳି ବହୁ କମ୍ ଟନେଲ ନିର୍ମାଣ କରାଯାଇଛି; ଯେଉଁଠି କି ଏଭଳି ସଂପୂର୍ଣ୍ଣ ସ୍ୱୟଂକ୍ରିୟ ବ୍ୟବସ୍ଥାର ଉପଯୋଗ କରାଯାଇଛି।

ଏହି ପ୍ରକଳ୍ପ ମଧ୍ୟ ପରିବେଶଭିତ୍ତିକ ରହିଛି। ଜମ୍ମୁ-ଶ୍ରୀନଗର ଏହି ପଥରେ କେବଳ ସମୟ ବଞ୍ଚିବନି; ବରଂ ଅନୁରୂପ ଭାବେ ଯାନବାହାନଗୁଡିକର ଇନ୍ଧନ ମଧ୍ୟ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ଏକ ଆକଳନରୁ ଜଣାପଡିଛି ପ୍ରତିଦିନ ଏହି ରାସ୍ତା ଯୋଗୁଁ ପୂର୍ବାପେକ୍ଷା ୨୭ ଲକ୍ଷ ଟଙ୍କାର ଇନ୍ଧନ (ତୈଳ ବାବଦ) ଖର୍ଚ୍ଚ କମିବ। ଏତେବଡ଼ ସୁଡଙ୍ଗ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ଏବାବଦରେ ଯେତେସମ୍ଭବ କମ୍ ଗଛ କଟାଯାଇଛି। ଚେନାନୀ-ନାଶ୍ରୀ ସୁଡଙ୍ଗପଥ ରାଜ୍ୟର ଅର୍ଥନୀତି ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବ। ଏହି ସୁଡ଼ଙ୍ଗ ନିର୍ମାଣ ଲାଗି ସ୍ଥାନୀୟ ଲୋକଙ୍କୁ ତାଲିମ ଦିଆଯାଇ କାମ କରାଯାଇଛି। ଫଳରେ ଏହା ସ୍କିଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ମଧ୍ୟ ଶକ୍ତି ଓ ସାମର୍ଥ୍ୟ ଯୋଗାଇଛି। ଏହି ସୁଡ଼ଙ୍ଗ ରାସ୍ତା ନିର୍ମାଣ ଲାଗି ଜମ୍ମୁ-କାଶ୍ମୀର ୨୦୦୦ କୁଶଳୀ ଓ ଅଣକୁଶଳୀ ଯୁବକ ଶ୍ରମଦାନ କରିଛନ୍ତି। ଏହି ନିର୍ମାଣ ଲାଗି ବିନିଯୋଗ ହୋଇଥିବା ମୋଟ ଶ୍ରମଶକ୍ତି ମଧ୍ୟରୁ କେବଳ ଜମ୍ମୁ-କାଶ୍ମୀର ୯୪ ପ୍ରତିଶତ ରହିଛନ୍ତି। ଗତ ୪ ବର୍ଷ ଧରି ୩ଟି ସିଫ୍ଟରେ ରେ ଦେଶର ବିଭିନ୍ନ ଅଞ୍ଚଳରୁ ୬୦୦ରୁ ୯୦୦ ଲୋକ ଏହି ପ୍ରକଳ୍ପରେ କାର୍ଯ୍ୟ କରିଛନ୍ତି।

ଏହି ସୁଡ଼ଙ୍ଗର ଲୋକାର୍ପଣ ଉତ୍ସବରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଟନେଲ କେବଳ ଜମ୍ମୁ ଓ ଶ୍ରୀନଗର ମଧ୍ୟରେ ଦୂରତା ହ୍ରାସ କରିନି; ବରଂ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏପରିକି ରାଜ୍ୟର ଯୁବଗୋଷ୍ଠୀଙ୍କ ଲାଗି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ। ଏହା ରାଜ୍ୟର ବିକାଶକୁ ଅଧିକ ଶକ୍ତି ଦେବ। ପୂରା ୯ କିମି ଟନେଲ ରାସ୍ତାକୁ ପ୍ରଧାନମନ୍ତ୍ରୀ ବୁଲିବା ସହ ଏହାର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଆଲୋକପାତ କରିଛନ୍ତି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ କହିଛନ୍ତି, ଆଗାମୀ ଦୁଇବର୍ଷ ମଧ୍ୟରେ ଜମ୍ମୁ-ଶ୍ରୀନଗର ରାଜପଥ ଲାଗି ୭୦୦୦ କୋଟି ଖର୍ଚ୍ଚ ହେବ। ସେଥିମଧ୍ୟରୁ ୨୧୦୦ କୋଟି ଟଙ୍କା ଜମ୍ମୁ ରିଂ-ରାସ୍ତା ଲାଗି, ୨୨୦୦ କୋଟି ଶ୍ରୀନଗର ସଡ଼କପଥ ଲାଗି ବିନିଯୋଗ କରାଯିବ। ଲେହ ଓ ଲଦାଖ ମଧ୍ୟରେ ୬୦୦୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଉଛି ଯୋଜିଲା ସୁଡଙ୍ଗପଥ। ୨୦୧୬-୧୭ ଆର୍ଥିକ ବର୍ଷ ଲାଗି ଜମ୍ମୁ-କାଶ୍ମୀରର ୭୨ଟି ପ୍ରକଳ୍ପ ଲାଗି ୧୦୧୯ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ସୂଚନା ଦେଇଛନ୍ତି।

ମଇ ୨୦୧୭

# ଯୋଜନା

ଯୁଗ୍ମନିର୍ଦ୍ଦେଶକ(ଉତ୍ପାଦନ): ଭି. କେ. ମିନା
ବ୍ୟବସାୟ ପରିଚାଳନା: ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

## ଚତୁର୍ବିଂଶ ବର୍ଷ: ଅଷ୍ଟମ ସଂଖ୍ୟା

## ଏ ସଂଖ୍ୟାରେ...


| କ୍ର.ସଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | | ୪ |
| ୨. | ଏକ ନୂଆ ଭାରତର କାହାଣୀ | ଏମ୍. ଭେଙ୍କେୟା ନାଇଡୁ | ୫ |
| ୩. | ସାମାଜିକ ପ୍ରଗତି : ଆର୍ôଥିକ ଅଭିବୃଦ୍ଧି ବହିର୍ଭୂତ ବିକାଶ | ନତାଶା ଝା ଭାସ୍କର | ୯ |
| ୪. | ସୁସ୍ଥ ବିତ୍ତୀୟ ପରିଚାଳନା ପାଇଁ ସାତଟି ପଦକ୍ଷେପ | ଶିଶିର ସିହ୍ନା | ୧୩ |
| ୫. | ଦକ୍ଷତା ବିକାଶ ଓ ସୃଜନତାରେ ଯୁବ ସଶକ୍ତୀକରଣ | ଡଃ ଯତିନ୍ଦର ସିଂହ | ୧୭ |
| ୭. | ଗ୍ରାମ୍ୟ ଉନ୍ନୟନ ଜୀବିକା ମାଧ୍ୟମରେ ଜୀବନ ପରିବର୍ତ୍ତନ | ଅମରଜିତ ସିହ୍ନା | ୨୫ |
| ୮. | ସାଧାରଣ ଅର୍ଥ ବ୍ୟବସ୍ଥାରେ ଡିଜିଟାଲ ପ୍ରୟୋଗ | ଲେଖା ଚକ୍ରବର୍ତ୍ତୀ ଓ ସମୀକ୍ଷା ଅଗ୍ରୱାଲ | ୨୯ |
| ୯. | ଭିତ୍ତିଭୂମି ବିକାଶ ଉପରେ ସରକାରଙ୍କ ଅଗ୍ରାଧିକାର | କେ.ଆର୍. ସୁଧାମନ | ୩୪ |
| ୧୦. | ଅଭିବୃଦ୍ଧି ପଥରେ ଭାରତୀୟ ଅର୍ଥନୀତି | ଡି.ଏସ୍. ମଲ୍ଲିକ | ୩୯ |
| ୧୧. | ସହଜରେ ବେପାର କରିବାର ସୁବିଧା ସୁଯୋଗ | ଡାନିସ୍ ଏ. ହସ୍ନି, ଐଶ୍ୱର୍ଯ୍ୟା ନହଟା | ୪୨ |
| ୧୨. | ଡିଜିଟାଲ ଇଣ୍ଡିଆ : ସଶକ୍ତ ସମାଜ ଓ ଜ୍ଞାନ ସମୃଦ୍ଧ ଭାରତ ଗଠନ ଲକ୍ଷ୍ୟ | ଓମ୍କାର ରାଏ | ୪୯ |
| ୧୩. | ବିକାଶର ନକ୍ସା | | ୫୩ |
| ୧୪. | ଆପଣ ଜାଣନ୍ତି କି ? | | ୫୪ |

**ଫୋକସ୍**

ସ୍ୱଚ୍ଛ ଓ ପାରଦର୍ଶୀ ଅର୍ଥନୀତି ଆଡକୁ
ଏମ.ଭି .ଭାନୁମତୀ ଓ ରୋହିତ ଦେ ଝା ପୃଷ୍ଠା: ୨୦

**ବିଶେଷ ପ୍ରବନ୍ଧ**

ସ୍ୱଚ୍ଛ ଭାରତ ମିଶନ: ସମସ୍ତଙ୍କ ଦାୟିତ୍ୱ
ପରମେଶ୍ୱରନ୍ ଆୟାର ପୃଷ୍ଠା: ୩୩


*Editor*

**YOJANA (ODIA)**

**C/O : Deputy Director, (News)**
**Regional News Unit,**
**All India Radio, Cantonment Road,**
**Cuttack-753001, Phone : 9437073438**

**Website : www.publicationsdivision.nic.in**

**Email : odiayojana@gmail.com**

**Subscription & Business Queries :**

**pdjucir@gmail.com**

**Ph. : 011-26100207**

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । ଫଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

ସମ୍ପାଦକୀୟ

# ଭାରତର ଅଭିବୃଦ୍ଧି କାହାଣୀ




ବେଦ ଉପନିଶଦ ହେଉ କିମ୍ବା କୋଟିଲ୍ୟଙ୍କ ଅର୍ଥଶାସ୍ତ୍ର, ବିଭିନ୍ନ ପାରମ୍ପରିକ ଭାରତୀୟ ନୀତିଶାସ୍ତ୍ର ଓ ମୌଳିକ ଗ୍ରନ୍ଥରେ ସୁଶାସନର ନୀତି ସମ୍ପର୍କରେ ଅବତାରଣା କରାଯାଇଛି। ଆମର ପ୍ରାଚୀନ ଗ୍ରନ୍ଥ ଓ ନୀତିଶାସ୍ତ୍ରମାନ ସର୍ବଦା ରାଷ୍ଟ୍ରର ବିକାଶ ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇଆସିଛନ୍ତି। ନିକଟ ଅତୀତରେ ବିଭିନ୍ନ କ୍ଷେତ୍ରରେ ଭାରତର ଅଭିବୃଦ୍ଧି ବେଶ୍ ଉଲ୍ଲେଖନୀୟ ହୋଇଛି। ଆର୍ଥିକ, ବିତ୍ତୀୟ, ଭିତ୍ତିଭୂମି, କୃଷି ଆଦି ବିଭିନ୍ନ କ୍ଷେତ୍ରରେ ଭାରତର ଉପଲବ୍ଧି ଦୃଶ୍ୟମାନ। ସର୍ବାଙ୍ଗୀଣ ବିକାଶ ଉପରେ ସରକାରଙ୍କ ଗୁରୁତ୍ୱ ଫଳରେ ପ୍ରତ୍ୟେକ କ୍ଷେତ୍ରରେ ବିକାଶର ନମୂନା ଦେଖିବାକୁ ମିଳୁଛି। ସୁସ୍ଥ ଆର୍ଥିକ ନୀତି ଓ ଜିଏସ୍‌ଟି ଭଳି ବିତ୍ତୀୟ ସୁଦୃଢ଼ୀକରଣ ପଦକ୍ଷେପ ଦେଶର ଆର୍ଥିକ ଦୃଶ୍ୟପଟରେ ଏକ ନିରନ୍ତର ଅଭିବୃଦ୍ଧିର ସ୍ଥିତି ସୃଷ୍ଟି କରିଛି। ଗୋଟିଏ ଦେଶ ଏକକ ଟିକସ ନୀତିର ପରିକଳ୍ପନାର ଲକ୍ଷ୍ୟ ହେଲା ଟିକସ ବ୍ୟବସ୍ଥାକୁ ସରଳ କରିବା ସହ ଦ୍ରବ୍ୟ ଏବଂ ସେବା ପାଇଁ ରାଷ୍ଟ୍ରବ୍ୟାପୀ ଏକ ବଜାର ସୃଷ୍ଟି କରିବା ତଥା ମାନୁଫାକଚରିଙ୍ଗ୍ (ସାମଗ୍ରୀ ନିର୍ମାଣ)କୁ ଅଧିକ ପ୍ରତିଯୋଗିତାମୂଳକ କରାଇବା।

ଐତିହାସିକ ବିମୁଦ୍ରାୟନ ପଦକ୍ଷେପ ଓ ଅନ୍ୟାନ୍ୟ ଦୁର୍ନୀତି ବିରୋଧୀ ପ୍ରୟାସ ଯଥା- ଆୟ ଘୋଷଣା ଯୋଜନା, ଏସ୍‌ଆଇଟି ଗଠନ ଆଦି କଳାଧନ ଓ ଦୁର୍ନୀତି ଦୂର କରିବା ଦିଗରେ ସରକାରଙ୍କ ଚରମ ପଦକ୍ଷେପ। ଏସବୁ ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଲା ଅର୍ଥନୀତିକୁ କଳାଧନ ଓ ଦୁର୍ନୀତି କବଳରୁ ମୁକ୍ତ କରି ଦେଶରେ ପୁଞ୍ଜି ନିବେଶ ବୃଦ୍ଧିର ସୁଯୋଗ ସୃଷ୍ଟି କରିବା ଓ ଅର୍ଥନୀତିକୁ ବାଟକୁ ଆଣିବା। ଡିଜିଟାଲ ପେମେଣ୍ଟବ୍ୟବସ୍ଥାର ଅନୁକୂଳ ପରିବେଶ ସୃଷ୍ଟି, ନଗଦ ବିହୀନ ଅର୍ଥନୀତିର ପ୍ରଚଳନ, ଅର୍ଥ କାରବାରରେ ସ୍ୱଚ୍ଛତା ରକ୍ଷା ଆଦି ମଧ୍ୟ ବିମୁଦ୍ରାୟନ ପଦକ୍ଷେପର ଆଉ କେତେକ ଲକ୍ଷ୍ୟ। ବିମୁଦ୍ରାୟନ ପରେ ଅଣନଗଦ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ଭିମ୍ ଆପ୍ସ, ରୁପେ ଡେବିଟ କାର୍ଡ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହାଦ୍ୱାରା ନଗଦମୁକ୍ତ ଆର୍ଥିକ କାରବାର ପ୍ରୋତ୍ସାହନ ପାଇଛି।

ସରକାର ଲୋକଙ୍କ ସୁଖ ସମୃଦ୍ଧିକୁ ଅଗ୍ରାଧିକାର ଦେଇଛନ୍ତି। ସେଥିପାଇଁ ଲୋକଙ୍କୁ ସର୍ବନିମ୍ନ ଆବଶ୍ୟକତା ଯୋଗାଇ ଦେବାକୁ ନୀତି ନିର୍ଦ୍ଧାରିତ ହୋଇଛି। ଆର୍ଥିକ ବ୍ୟବସ୍ଥାରେ ଲୋକଙ୍କୁ ଆନୁଷ୍ଠାନିକ ଭାବେ ସମ୍ପୃକ୍ତ କରିବାକୁ ଜନଧନ ଯୋଜନା କାର୍ଯ୍ୟକାରୀ କରାଯାଇଥିବା ବେଳେ ହିତାଧିକାରୀଙ୍କୁ ସିଧାସଳଖ ସରକାରୀ ଲାଭ ଯୋଗାଣ, ଉଜ୍ଜ୍ୱଳା, ପହଲ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ବିକାଶର ଲାଭକୁ ଅନ୍ତିମ ବ୍ୟକ୍ତି ପାଖରେ ପହଞ୍ଚାଇବାର ପ୍ରୟାସ ଅବ୍ୟାହତ ରହିଛି।

ଭାରତକୁ ବିଶ୍ୱର ଏକ ପ୍ରମୁଖ ମାନୁଫାକଚରିଙ୍ଗ ହବ୍‌ରେ ପରିଣତ କରିବା ପାଇଁ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟ ଚାଲିଛି। ଲକ୍ଷ୍ୟ ହେଲା ଭାରତର ବିପୁଳ ଲୋକଶକ୍ତି ଓ ଆନୁଷଙ୍ଗିକ ସୁବିଧାସୁଯୋଗର ଉପଯୋଗ କରି ବିପୁଳ ନିଯୁକ୍ତି ସୁବିଧା ସୃଷ୍ଟି କରିବା। ଏହି ସ୍ୱପ୍ନ ସାକାର କରିବା ପାଇଁ ସରକାର ଦକ୍ଷତା ବା କୁଶଳ ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏବଂ କୌଶଳ ଭାରତ, କୁଶଳ ଭାରତ ସ୍ଲୋଗାନ ଆଧାରରେ କାର୍ଯ୍ୟ ଚାଲିଛି। ଷ୍ଟାର୍ଟ ଅପ୍ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଆଦି କାର୍ଯ୍ୟକ୍ରମ ଭାରତରେ ରହି ଭାରତ ସହିତ ବିକଶିତ ହେବାକୁ ଭାରତୀୟ ଯୁବସଂପ୍ରଦାୟକୁ ଅନୁପ୍ରାଣିତ କରୁଛି। ଡିଜିଟାଲ ଶାସନ ଓ ଭାରତରେ ସହଜରେ ବେପାର ବଣିଜ କରିବା ନୀତିର ଉଦ୍ଦେଶ୍ୟ ହେଲା ଦେଶରେ ଅଧିକରୁ ଅଧିକ ପୁଞ୍ଜିନିବେଶକୁ ନିଶ୍ଚିତ କରିବା। ସରକାରଙ୍କର ଅନ୍ୟତମ ଧ୍ୱଜାଧାରୀ କାର୍ଯ୍ୟକ୍ରମ ସ୍ୱଚ୍ଛ ଭାରତ ମିଶନର ସଫଳତାକୁ ବିରୋଧୀ ଦଳମାନେ ମଧ୍ୟ ପ୍ରଶଂସା କରୁଛନ୍ତି। ଏହି ଅଭିଯାନ ଲୋକଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ସ୍ୱଚ୍ଛ ଓ ପରିଷ୍କାର ରହିବାକୁ ଅନୁପ୍ରାଣିତ କରୁଛି। ଗ୍ରାମାଞ୍ଚଳରେ ଶୌଚାଳୟ ବ୍ୟବହାର ଓ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଏକ ବିଶେଷ ଆଗ୍ରହ ସୃଷ୍ଟି ହୋଇଛି।

କୃଷକ କଲ୍ୟାଣ, କୃଷି, ଗ୍ରାମ୍ୟ ଉନ୍ନୟନ ସରକାରଙ୍କ ଅଗ୍ରାଧିକାର ତାଲିକାର ଶୀର୍ଷରେ ରହିଛି। ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନା ଓ କୃଷି ସିଂଚାଇ ଯୋଜନା ଆମ କୃଷକଙ୍କ ଜୀବନ ବଦଳାଇବାରେ ସହାୟକ ହୋଇଛି। ସୁକନ୍ୟା ସମୃଦ୍ଧି ଓ ବେଟି ବଚାଓ ବେଟି ପଢ଼ାଓ, କନ୍ୟା ସନ୍ତାନମାନଙ୍କ କଲ୍ୟାଣ ପାଇଁ ଦୁଇଟି ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଝିଅମାନେ ଏପର୍ଯ୍ୟନ୍ତ ବିକାଶ ପରିସରର ବାହାରେ ଥିବାରୁ ସେମାନଙ୍କ ଉନ୍ନତି ଓ କଲ୍ୟାଣ ଅପରିହାର୍ଯ୍ୟ। ଅଟଳ ପେନ୍‌ସନ୍ ଯୋଜନା, ଜୀବନ ଜ୍ୟୋତି ଯୋଜନା ଭଳି ସାମାଜିକ ନିରାପତ୍ତା ଯୋଜନା ବୟସ୍କ ବ୍ୟକ୍ତିବିଶେଷଙ୍କୁ ନିରାପତ୍ତା ଯୋଗାଇବାରେ ସକ୍ଷମ ହୋଇଛି।

ଗୋଟିଏ ପରେ ଗୋଟିଏ ବଜେଟରେ କ୍ରମାଗତ ଭିତ୍ତିଭୂମି କ୍ଷେତ୍ର ପାଇଁ ବିପୁଳ ବ୍ୟୟ ବରାଦ କରାଯାଉଛି। ଦେଶରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଏହି ଅର୍ଥ ବରାଦ ହେଉଛି। ଏହାଦ୍ୱାରା ଭାରତକୁ ବିଶ୍ୱର ମାନୁଫାକ୍‌ଚରିଙ୍ଗ ହବ୍‌ରେ ପରିଣତ କରିବା ସମ୍ଭବ ହେବ। ସ୍ମାର୍ଟ ସିଟି ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି କାର୍ଯ୍ୟକ୍ରମ ଭିତ୍ତିଭୂମି କ୍ଷେତ୍ରକୁ ସୁସଂହତ କରିବାକୁ ପ୍ରସ୍ତୁତ।

ସାରା ପୃଥିବୀ ଭାରତକୁ ପ୍ରଶଂସାପୂର୍ଣ୍ଣ ଦୃଷ୍ଟିରେ ଦେଖୁଛି। ଅତୀତରେ ଆମ ଦର୍ଶନ, ସାହିତ୍ୟ, କଳା ଓ ସ୍ଥାପତ୍ୟ ଆଦି ନିଶ୍ଚିତ ଭାବେ ସମଗ୍ର ବିଶ୍ୱର ପ୍ରଶଂସା ଲାଭ କରିଛି। ଏବେ କିନ୍ତୁ ଭାରତ ତାହାର ଦକ୍ଷତା, କୌଶଳ, ପୁଞ୍ଜିନିବେଶ ସୁଯୋଗ, ଆନ୍ତର୍ଜାତିକ ସମ୍ପର୍କ, ଶାନ୍ତିପ୍ରତିଷ୍ଠାର କୌଶଳ ଓ ଅଭିନବ ନୀତି ଯୋଗୁଁ ସାରା ବିଶ୍ୱରେ ପ୍ରଶଂସିତ। ଏକଦା ସାପୁଆ କେଳାର ଦେଶ ଭାବେ ପରିଚିତ ଭାରତ ଏବେ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥନୀତିରେ ପରିଣତ ହୋଇ ଆମେରିକା ଓ ଚୀନ ପରେ ସଦର୍ପେ ଦଣ୍ଡାୟମାନ। ଭାରତର ଅଭିବୃଦ୍ଧିର କାହାଣୀ ବିକାଶ ପଥରେ ଆଗେଇଚାଲିଛି।

❖❖❖


# ଏକ ନୂଆ ଭାରତର କାହାଣୀ

**ଏମ୍. ଭେଙ୍କେୟା ନାଇଡୁ**

ବିଶ୍ୱର ଭୌଗୋଳିକ ଓ ଆର୍ଥିକ ପ୍ରେକ୍ଷାପଟରେ ଭାରତ ତାହାର ଅଭିବୃଦ୍ଧିର କାହାଣୀ ଆଉଥରେ ଲେଖୁଛି। ଶାସନ ପ୍ରତିମାନରେ ନୂଆ ପଥ ଖୋଜି ରାଷ୍ଟ୍ରମଣ୍ଡଳରେ ବିଭିନ୍ନ ରଙ୍ଗୀନ ପ୍ରଚକ୍ଷୁ ପିନ୍ଧା ଚରିତ୍ରମାନଙ୍କୁ ଭିନ୍ନଭିନ୍ନ ଭାବେ ଦେଖାଯାଉଥିବା ଭାରତ ତାହାର ସେହି ପୁରୁଣା ଭାବମୂର୍ତ୍ତି ଓ ଧାରଣା ସବୁକୁ ଭାଙ୍ଗି ଏକ ନୂଆ ଭାରତ (ନ୍ୟୁ ଇଣ୍ଡିଆ) ଭାବେ ଆତ୍ମପ୍ରକାଶ କରିଛି।

ବିଶ୍ୱ ଏବେ ବାସ୍ତବରେ ଜାଣିବା ଉଚିତ ଯେ ଆମେରିକା ଓ ଚୀନ ପରେ ଭାରତ ପୃଥିବୀର ତୃତୀୟ ବୃହତ୍ ଅର୍ଥନୀତି। ଏହାର ବଜାର ସେବା ଓ ଦ୍ରବ୍ୟ ପାଇଁ ଅତ୍ୟନ୍ତ ସମୃଦ୍ଧ, ଦୃଢ଼ ଅଭିବୃଦ୍ଧିଶୀଳ। ଭାରତର ନେତୃତ୍ୱ ପୁରୋଭାଗରେ ରହି ଗତ ତିନି ବର୍ଷ ମଧ୍ୟରେ ନିରନ୍ତର ଆହ୍ୱାନଗୁଡ଼ିକର ମକୁବିଲା କରି ସ୍ଥିତାବସ୍ଥାରେ ପରିବର୍ତ୍ତନ ଆଣି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବାରେ ସମର୍ଥ ହୋଇଛି। ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ପ୍ରୟାସ ଓ କାର୍ଯ୍ୟକ୍ରମ  ଲୋକଙ୍କର ମନୋଭାବ ଓ ଆଚରଣରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ଏବେ ଗତାନୁଗତିକ ପ୍ରତିନିଧିତ୍ୱର ଧାରା ପରିହାର କରି ଏକ ନୂଆ ଭାରତ ନିର୍ମାଣର ସମୟ ଉପଗତ ହୋଇଛି। ଉଦୀୟମାନ, ପୁନର୍ଜାଗରିତ, ସ୍ଥିତିସ୍ଥାପକ ଏହି ନୂଆ ଭାରତରେ ବିଶ୍ୱ ସଂକଟ ଓ ସମସ୍ୟାବଳୀର ମୁକାବିଲା ପାଇଁ ପୁରୁଣା ଧାରା ଓ ବିଚାର ଛାଡ଼ି ନୂଆ ସୁଯୋଗ ଓ ସମ୍ଭାବନାର ଉପଯୋଗ କରିବାର ଅବକାଶ ଆସିଛି।

ଆସନ୍ତୁ ନିକଟରେ ଭାରତରେ ହୋଇଥିବା ବିମୁଦ୍ରାୟନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା। ପାଞ୍ଚଶହ ଓ ଏକ ହଜାର ଟଙ୍କାର ବଡ଼ ନୋଟ୍ ଅଚଳ କରିବା ପଛରେ ଥିଲା ତିନିଟି ପ୍ରମୁଖ କାରଣ। ସେସବୁ ହେଲା କଳାଧନ, ନକଲି ନୋଟ୍ କାରବାର ଓ ଦୁର୍ନୀତିର ମୁକାବିଲା। ବର୍ତ୍ତମାନର ସରକାରର ପ୍ରଥମ ଅଢ଼େଇବର୍ଷର ଶାସନକାଳରେ ଏ କ୍ଷେତ୍ରରେ ଯେଉଁସବୁ ପ୍ରୟାସ ଆରମ୍ଭ କରାଯାଇଥିଲା ବିମୁଦ୍ରାୟନ ଥିଲା ତାହାର ଯୁକ୍ତିସଂଗତ ଅନ୍ତିମ ପରିଣତି। ଏହି ସମୟରେ ସରକାର କଳାଧନ ଠାବ ପାଇଁ ସୁଇସ୍ ବ୍ୟାଙ୍କ ସହ ସହଯୋଗ ରକ୍ଷା କରିଥିଲେ, ସ୍ୱତନ୍ତ୍ର ଅନୁସଂଧାନକାରୀ ଦଳ (ଏସ୍ଆଇଟି) ଗଠନ କରିବା ସହ ଆୟ ଘୋଷଣା ଯୋଜନା ଭଳି ବିଭିନ୍ନ ପଦକ୍ଷେପ ନେଇଥିଲେ। ବ୍ୟକ୍ତିଗତ ଆୟ ଘୋଷଣା ଯୋଜନାରେ ପ୍ରାୟ ୬୫ ହଜାର କୋଟି ଟଙ୍କାର ଟିକସ ରାଜକୋଷକୁ ଆସିଥିଲା। ଦେଶରେ ପୁଞ୍ଜି ନିବେଶକୁ ବଢ଼ାଇବା ପାଇଁ ସରକାର ଟିକସ ସଂସ୍କାର, ଆର୍ଥିକ ସଂସ୍କାର, ଆଇନଗତ ସଂସ୍କାର ଭଳି ବିଭିନ୍ନ ପଦକ୍ଷେପମାନ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ଏହା ହିଁ ପୁନଃଉଥିତ ଭାରତର କାହାଣୀ।



ଭାରତର ଡିଜିଟାଲ ନେତୃତ୍ୱ ବିମୁଦ୍ରାୟନ ପରବର୍ତ୍ତୀ ଅବସ୍ଥାରେ ସ୍ପଷ୍ଟ ଦୃଶ୍ୟମାନ ହୋଇଥିଲା। ଏହି ସମୟରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ସୁସଂହତ ଓ ମଜବୁତ କରିବାକୁ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରିଥିଲେ। ଲକ୍ଷ୍ୟ ଥିଲା ଲୋକଙ୍କ ମଧ୍ୟରେ ନଗଦ ଅର୍ଥ ବ୍ୟବସାୟର ପରିବର୍ତ୍ତନ କରି ନଗଦବିହୀନ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଏବଂ ଭାରତକୁ ସ୍ୱଳ୍ପ ନଗଦ ସମାଜରେ ପରିବର୍ତ୍ତନ କରିବା। ନଗଦ ହ୍ରାସ ପାଇଲେ ଅର୍ଥନୀତିରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ପାଏ ଏବଂ ତାହାକୁ ହାସଲ କରିବା ଥିଲା ସରକାରଙ୍କ ଲକ୍ଷ୍ୟ। ଖୁସିର କଥା ହେଲା ମାତ୍ର ଦୁଇ ମାସ ମଧ୍ୟରେ ଦେଶର

**ଐତିହାସିକ ଜିଏସ୍‌ଟି ବିଲ୍‌କୁ ସଂସଦର ଅନୁମୋଦନ ଫଳରେ ଦେଶର ଟିକସ ବ୍ୟବସ୍ଥା ସରଳ ହେବା ସହ ଦ୍ରବ୍ୟ ଓ ସେବା ପାଇଁ ରାଷ୍ଟ୍ରବ୍ୟାପୀ ଏକକ ବଜାର ସୃଷ୍ଟି ହେବ। ଏହା ଫଳରେ ଟିକସ ପରିସର ବଢ଼ିବ ଏବଂ ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ସରକାରଙ୍କ ରାଜସ୍ୱ ବଢ଼ିବ, ଜିନିଷପତ୍ରର ସଞ୍ଚାଳନ, ପରିବହନ ଖର୍ଚ୍ଚ କମିବା ସହ ଟିକସ ଫାଙ୍କି ହ୍ରାସ ପାଇବ। ଫଳରେ ଜିନିଷପତ୍ର ଶସ୍ତା ହେବ। ଗୋଟିଏ ଦେଶ, ଗୋଟିଏ ବଜାର, ଗୋଟିଏ ଟିକସର ସ୍ୱପ୍ନ ବାସ୍ତବ ରୂପ ନେବ। ଏ କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ ମିଳେ। ଜିଏସ୍‌ଟି ଫଳରେ ଟିକସ ବୋଝ, ଆନ୍ତଃ-ରାଜ୍ୟ ଟିକସ ତାରତମ୍ୟ ଓ ବିଭାଜିତ ବଜାର ଆଦି ଦୂର ହେବ ଯାହା ଖାଉଟୀ ଓ ବ୍ୟବସାୟୀ ଉଭୟଙ୍କୁ ସୁହାଇବ। ଜିଏସ୍‌ଟି ମଧ୍ୟ ଆମଦାନୀକୁ ନିରୁତ୍ସାହିତ କରି ଦେଶୀୟ ସାମଗ୍ରୀକୁ ସୁରକ୍ଷା ଦେବ। ଏହା ପରିବର୍ତ୍ତନଶୀଳ ଭାରତର କାହାଣୀ।**


ଦେଢ଼କୋଟି ଲୋକ 'ଭିମ୍ ଆପ୍ସ'କୁ ଆପଣେଇ ନଗଦ କାରବାର ଛାଡ଼ି ଡିଜିଟାଲ କାରବାରରେ ଅଭ୍ୟସ୍ତ ହୋଇଛନ୍ତି ।

ଡିଜିଟାଲ ଟ୍ରାନ୍‌ଜାକ୍‌ସନ୍ ବ୍ୟବସ୍ଥାକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ସରକାର ୩୦ କୋଟିରୁ ଅଧିକ "ରୁପେ"କାର୍ଡ ଲୋକଙ୍କୁ ଯୋଗାଇ ଦେଇଛନ୍ତି। ଏଥିରେ ଜନଧନ ଆକାଉଣ୍ଟଧାରୀ ମଧ୍ୟ ଅନ୍ତର୍ଭୁକ୍ତ। ଲକୀ ଗ୍ରାହକ ଯୋଜନାରେ ୧୨.୫ ଲକ୍ଷ ଲୋକ ଓ ଡିଜିଧନ ବ୍ୟାପାର ଯୋଜନାରେ ୭୦ ହଜାର ବ୍ୟବସାୟୀ ପୁରସ୍କାର ଜିତିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଟିକସ ଲୁଚାଉଥିବା ଲୋକଙ୍କୁ ସେମାନଙ୍କ ଆୟ ପ୍ରଘଟ କରିବାକୁ ଶେଷ ସୁଯୋଗ ଦିଆଯାଇଛି। ଏବାବଦରେ ମିଳିବାକୁ ଥିବା ପାଣ୍ଠିକୁ ଗରିବଙ୍କ କଲ୍ୟାଣ ନିମନ୍ତେ ବିନିଯୋଗ କରାଯିବ।

ବିମୁଦ୍ରାୟନ ଭାରତକୁ ଡିଜିଟାଲ ବିପ୍ଳବର ଉପଯୋଗ ପାଇଁ ଅପୂର୍ବ ସୁଯୋଗ ଦେଲା, ଯାହାକୁ ମାଧ୍ୟମ କରି ଦୁର୍ନୀତି ଓ କଳାଧନର ମୁକାବିଲା କରାଯିବା ସମ୍ଭବ ହୋଇପାରିବ। ଅନ୍ ଲାଇନ୍ ବ୍ୟବସ୍ଥାରେ ଦେଣନେଣ ହେବାଦ୍ୱାରା ନଗଦ ଟଙ୍କାର ଆବଶ୍ୟକତା କେବଳ କମିବ ନାହିଁ, ବରଂ ସମୁଦାୟ କାରବାର ସ୍ୱଚ୍ଛ ଓ ସ୍ପଷ୍ଟ ହୋଇପାରିବ। ଅତଏବ ଯେଉଁମାନେ ଡିଜିଟାଲ କାରବାରରେ ବେଶ୍ ଦକ୍ଷ ସେମାନେ ଏବେ ନୂଆମାନଙ୍କୁ ଏ ବିଷୟରେ ଶିଖାଇବା ଉଚିତ। ଅତଏବ ଡିଜିଟାଲ ଇଣ୍ଡିଆର କାହାଣୀ ହେଲା ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଏବଂ ଦୁର୍ନୀତି ଓ କଳାଧନର ମୂଳୋତ୍ପାଟନ କରିବା। ଏଥିପାଇଁ ସାମୁହିକ ଓ ସାମାଜିକ ପ୍ରୟାସ ଲୋଡ଼ା।

ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଖୋଲିବା ଦ୍ୱାରା ରନ୍ଧନ ଗ୍ୟାସ ଉପରେ ମିଳୁଥିବା ସରକାରୀ ସବ୍‌ସିଡି ସିଧାସଳଖ ଗ୍ରାହକଙ୍କ ଖାତାକୁ ଯାଉଛି। ଯେଉଁ ଉଦ୍ଦିଷ୍ଟବର୍ଗଙ୍କ ପାଇଁ ଏହି ସରକାରୀ ରିଆତି ବା ଲାଭ ଉଦ୍ଦିଷ୍ଟ ତାହା ବିନା ବାଟମାରଣାରେ ସେମାନଙ୍କ ପାଖରେ ପହଞ୍ଚୁଛି। ଗରିବଙ୍କୁ ସରକାରୀ ଲାଭ ଯୋଗାଣ କ୍ଷେତ୍ରରେ ଏହା ବିଶ୍ୱର ବୋଧହୁଏ ସବୁଠୁ ସଫଳ ବ୍ୟବସ୍ଥା। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନା ବା ଡିବିଟି (ପହଲ)ରେ ଏବେ ୧୬କୋଟି ଲୋକ ପଞ୍ଜୀକୃତ ଏବଂ ଏହା ବିଶ୍ୱର ସର୍ବବୃହତ ଏ ପ୍ରକାରର ଯୋଜନା। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଲା ଉଦ୍ଦିଷ୍ଟବର୍ଗଙ୍କୁ ସରକାରୀ ରିଆତିର ଲାଭ ସିଧାସଳଖ ପହଞ୍ଚାଇବା ଏବଂ ଏଥିରେ ଥିବା ବାଟମାରଣା ଓ ଦୁର୍ନୀତିର ସମସ୍ତ ରାସ୍ତା ବନ୍ଦ କରିବା। ଏହି ଯୋଜନାଦ୍ୱାରା ସରକାର ରନ୍ଧନଗ୍ୟାସ ସବ୍‌ସିଡି ବାବଦରେ ୨୨ ହଜାର କୋଟି ଟଙ୍କା ସଞ୍ଚୟ କରିବାରେ ସଫଳ ହୋଇଛନ୍ତି।

ଆର୍ଥିକ କ୍ଷେତ୍ରରେ ବିମୁଦ୍ରାୟନ ଓ ଅନ୍ୟାନ୍ୟ ପଦକ୍ଷେପ ସହିତ ସମାନ୍ତରାଳ ଭାବେ ସାର୍ବଜନୀନ ଆର୍ଥିକ ଅନ୍ତର୍ଭୁକ୍ତି ବ୍ୟବସ୍ଥାକୁ ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସବୁ ନାଗରିକଙ୍କୁ ଆନୁଷ୍ଠାନିକ ବ୍ୟାଙ୍କିଂ ବ୍ୟବସ୍ଥା ମଧ୍ୟକୁ ଆଣିବାକୁ ପ୍ରୟାସ ଅବ୍ୟାହତ ରହିଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ପ୍ରାୟ ୨୮କୋଟି ୨୩ ଲକ୍ଷ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି। ଏହା ଫଳରେ ନଗଦମୁକ୍ତ କାରବାର ପ୍ରୋତ୍ସାହନ ପାଇଥିବାବେଳେ ଆର୍ଥିକ ଅସ୍ପୃଶ୍ୟତାର ଅବସାନ ଘଟିବାକୁ ଯାଉଛି। ଗତ ଦୁଇବର୍ଷ ମଧ୍ୟରେ ଏହି ଯୋଜନାରେ ସବୁଠୁ ଅଧିକ ବ୍ୟାଙ୍କ ଖାତା ଖୋଲାଯାଇଛି। ତେଣୁ ଏହା ସମାବେଶୀ ଭାରତର କଥା କହୁଛି ଯେଉଁଠି ସମସ୍ତଙ୍କୁ ଆର୍ଥିକ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇପାରୁଛି। ଏହା ବ୍ୟତୀତ ପହଲ ଯୋଜନାରେ 'ପରିହାର କର' ଅଭିଯାନ ମଧ୍ୟ ଜାରି ରହିଛି। ଯେଉଁମାନେ ବାର୍ଷିକ ୧୦ ଲକ୍ଷ ଟଙ୍କାରୁ ଅଧିକ ଆୟ କରୁଛନ୍ତି ସେମାନଙ୍କୁ ସ୍ୱେଚ୍ଛାକୃତ ଭାବେ ରନ୍ଧନଗ୍ୟାସ ସବ୍‌ସିଡି ପରିହାର କରିବାକୁ ପ୍ରବର୍ତ୍ତାଯାଉଛି। ଏବାବଦରେ ମଧ୍ୟ ସରକାରଙ୍କୁ ସଫଳତା ମିଳିଛି। ଅନେକ ଲୋକ ସ୍ୱେଚ୍ଛାରେ ଏହି ରିଆତି ଛାଡୁଛନ୍ତି। ଏବାବଦରେ ସରକାର ଯେଉଁ ଅର୍ଥ ବଞ୍ଚାଇଛନ୍ତି ସେଥିରେ ୬୫ଲକ୍ଷ ଅଭାବୀ ଲୋକଙ୍କୁ ନୂଆ ଗ୍ୟାସ ସଂଯୋଗ ଦିଆଯାଇଛି। ଏ ପର୍ଯ୍ୟନ୍ତ ଏକ କୋଟିରୁ ଅଧିକ ଲୋକ ସ୍ୱେଚ୍ଛାକୃତ ଭାବେ ରୋଷେଇ ଗ୍ୟାସ୍ ସବ୍‌ସିଡି ପ୍ରତ୍ୟାହାର କରିଛନ୍ତି। ସରକାର ଏବାବଦରେ ପ୍ରାୟ ୫୦୦୦କୋଟି ଟଙ୍କା ସଞ୍ଚୟ କରିବାକୁ ସକ୍ଷମ ହୋଇଛନ୍ତି। ଏହା ହେଉଛି ଇମାନଦାର ଭାରତର କାହାଣୀ।



ମେକ୍ ଇନ୍ ଇଣ୍ଡିଆ ଭାରତ ସରକାରଙ୍କର ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ଭାରତକୁ ବିଶ୍ୱର ଏକ ମାନୁଫାକ୍‌ଚରିଙ୍ଗ କେନ୍ଦ୍ର କରିବା ଏହି ଯୋଜନାର ଲକ୍ଷ୍ୟ। ଏହାଦ୍ୱାରା ଉତ୍ତମ ଭିତ୍ତିଭୂମି, ଉତ୍ତମ ନିଯୁକ୍ତି ସୁଯୋଗ ଓ ଅର୍ଥନୈତିକ ଲାଭ ମିଳିପାରିବ। ଭାରତରେ ବିପୁଳ ଜନସଂଖ୍ୟା ଦୃଷ୍ଟିରୁ ଏହାର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ। ୨୦୧୭ର ଆରମ୍ଭରେ ଭାରତରେ ନିଟ୍ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ପରିମାଣ ଥିଲା ୩.୩୫ ବିଲିୟନ ଡଲାର ଯାହା ଏକ ସର୍ବକାଳୀନ ରେକର୍ଡ। ଏହା ଦେଶର ଚାଲୁ ଜମା ଖାତାରେ ଯେଉଁ ନିଅଣ୍ଟ ଥିଲା ତାହାକୁ ଦୂରକରିଥିଲା। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ବିଦେଶୀ ପୁଞ୍ଜି ନିବେଶ ପରିମାଣ ୪୬ ଶତାଂଶ ବଢ଼ିଛି। ଏହା ନିବେଶ ଅନୁକୂଳ ଭାରତର କଥା କହୁଛି।

ଐତିହାସିକ ଜିଏସ୍‌ଟି ବିଲ୍‌କୁ ସଂସଦର ଅନୁମୋଦନ ଫଳରେ ଦେଶର ଟିକସ ବ୍ୟବସ୍ଥା ସରଳ ହେବା ସହ ଦ୍ରବ୍ୟ ଓ ସେବା ପାଇଁ ରାଷ୍ଟ୍ରବ୍ୟାପୀ ଏକକ ବଜାର ସୃଷ୍ଟି ହେବ। ଏହା ଫଳରେ ଟିକସ ପରିସର ବଢ଼ିବ ଏବଂ ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ସରକାରଙ୍କ ରାଜସ୍ୱ ବଢ଼ିବ, ଜିନିଷପତ୍ରର ସଞ୍ଚାଳନ, ପରିବହନ ଖର୍ଚ୍ଚ କମିବା ସହ ଟିକସ ଫାଙ୍କି ହ୍ରାସ ପାଇବ। ଫଳରେ ଜିନିଷପତ୍ର ଶସ୍ତା ହେବ। ଗୋଟିଏ ଦେଶ, ଗୋଟିଏ ବଜାର, ଗୋଟିଏ ଟିକସର ସ୍ୱପ୍ନ ବାସ୍ତବ ରୂପ ନେବ। ଏ କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ ମିଳେ। ଜିଏସ୍‌ଟି ଫଳରେ ଟିକସ ବୋଝ, ଆନ୍ତଃ-ରାଜ୍ୟ ଟିକସ ତାରତମ୍ୟ ଓ ବିଭାଜିତ ବଜାର ଆଦି ଦୂର ହେବ ଯାହା ଖାଉଟୀ ଓ ବ୍ୟବସାୟୀ ଉଭୟଙ୍କୁ ସୁହାଇବ। ଜିଏସ୍‌ଟି ମଧ୍ୟ ଆମଦାନୀକୁ ନିରୁତ୍ସାହିତ କରି ଦେଶୀୟ ସାମଗ୍ରୀକୁ ସୁରକ୍ଷା ଦେବ। ଏହା ପରିବର୍ତ୍ତନଶୀଳ ଭାରତର କାହାଣୀ।

ଡିଜିଟାଲ ସାକ୍ଷରତା ଉପରେ ଡିଜିଟାଲ ଅର୍ଥନୀତିର ସଫଳତା ନିର୍ଭରଶୀଳ। ସେଥିପାଇଁ ସରକାର ଡିଜିଟାଲ ଭିତ୍ତିଭୂମିର ବିକାଶ ଉପରେ ଅଗ୍ରାଧିକାର ଦେଉଛନ୍ତି ଓ ଡିଜିଟାଲ ଇଣ୍ଡିଆ ଅଭିଯାନ ଆରମ୍ଭ ହୋଇଛି। ଡିଜିଟାଲ ବ୍ୟବସ୍ଥାର ବହୁବିଧ ସୁବିଧା ଦୃଷ୍ଟିରୁ ସରକାର ଏହାକୁ ଲୋକପ୍ରିୟ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଉପରେ ଅଗ୍ରାଧିକାର ଦେଇ କାର୍ଯ୍ୟ କରୁଛନ୍ତି। ସେଥିମଧ୍ୟରୁ ଭାରତ ବ୍ରଡ୍‌ବ୍ୟାଣ୍ଡ ଅନ୍ୟତମ। ଏହି କାର୍ଯ୍ୟକ୍ରମରେ ଦେଶର ୨.୫ଲକ୍ଷ ପଞ୍ଚାୟତକୁ ଇଣ୍ଟରନେଟ୍ ସୁବିଧା ଯୋଗାଇଦେବାର ଲକ୍ଷ୍ୟ ରହିଛି। ୨୦୧୭ ଜାନୁଆରୀ ୨୯ ତାରିଖ ସୁଦ୍ଧା ୭୬,୦୮୯ ପଞ୍ଚାୟତରେ ଅପ୍‌ଟିକାଲ ଫାଇବର କେବୁଲ ବିଛାଯାଇଛି। ଏହି କେବୁଲର ଲମ୍ବ ୧,୭୨,୨୫୭ କିଲୋମିଟର। ଏପର୍ଯ୍ୟନ୍ତ ୧୬,୩୫୫ ଗ୍ରାମପଞ୍ଚାୟତକୁ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇ ଦିଆଗଲାଣି। ଏହା ଡିଜିଟାଲ ଭାରତର କଥା କହେ।

ଭାରତୀୟମାନଙ୍କୁ ୨୦୧୯ ସୁଦ୍ଧା ଖୋଲା ମଳମୂତ୍ର ତ୍ୟାଗ ଅଭ୍ୟାସରୁ ମୁକ୍ତ କରିବା ପାଇଁ ସରକାର ସ୍ୱଚ୍ଛଭାରତ ଅଭିଯାନ ଆରମ୍ଭ କରିଛନ୍ତି। ସେଥିପାଇଁ

ପାଇଖାନା ନିର୍ମାଣ, ଜଳଯୋଗାଣ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ ଚାଲିଛି। ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ଯୋଜନାରେ ୪ କୋଟିରୁ ଅଧିକ ପାଇଖାନା ନିର୍ମାଣ ସରିଲାଣି। ଏ ପର୍ଯ୍ୟନ୍ତ ୫୭୩ ସହର, ୧,୮୮,୦୦୮୦ ଗାଁ ଓ ୧୩୦ ଜିଲ୍ଲା ଖୋଲା ମଳତ୍ୟାଗ ମୁକ୍ତ ଘୋଷଣା ହୋଇଛି। ଏହା ସ୍ୱଚ୍ଛ ଭାରତର କାହାଣୀ।

ଦକ୍ଷତା ବିକାଶ କ୍ଷେତ୍ରରେ ଭାରତରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି। ଏହା ସରକାରଙ୍କର ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ବିପୁଳ ସଂଖ୍ୟକ ଭାରତୀୟ ଯୁବକଯୁବତୀଙ୍କୁ ଶିକ୍ଷା ଓ ଶ୍ରମ ଅନୁକୂଳ କରି ସେମାନଙ୍କ ରୋଜଗାର ଦକ୍ଷତା ବଢ଼ାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। କୌଶଳ ଭାରତ, କୁଶଳ ଭାରତ ସ୍ଲୋଗାନ ମାଧ୍ୟମରେ ୨୦୧୬ ଆର୍ଥିକ ବର୍ଷରେ ୧୯ ଲକ୍ଷ ୮୫ ହଜାର ଯୁବକଙ୍କୁ ତାଲିମ ଦିଆଯାଇ ୨.୪୯ ଲକ୍ଷଙ୍କୁ କର୍ମନିଯୁକ୍ତିର ସୁବିଧା ଯୋଗାଇଦିଆଯାଇଛି। ଏଥିପାଇଁ ଜିଲ୍ଲାରେ ୮୪୭୯ ତାଲିମ କେନ୍ଦ୍ର ଖୋଲାଯାଇଛି। ଏହା କୁଶଳ ଭାରତର କଥା କହେ।

ଏ ସରକାର ସର୍ବନିମ୍ନ ସରକାର ଏବଂ ସର୍ବାଧିକ ଶାସନରେ ବିଶ୍ୱାସ କରନ୍ତି। ଏକଥା ସରକାରଙ୍କ ପରିବର୍ତ୍ତନବାଦୀ କର୍ମ ସଂସ୍କୃତିରୁ ବୁଝାପଡ଼େ। ବର୍ତ୍ତମାନର ସରକାର ପେସାଦାର ଢଙ୍ଗରେ କାମ କରିବାରେ ବିଶ୍ୱାସ କରନ୍ତି ଏବଂ ଶାସନକୁ କର୍ପୋରେଟ୍ ଢାଞ୍ଚାରେ ଚଳାଇବା ପାଇଁ ନୂଆ କର୍ମ ସଂସ୍କୃତିକୁ ଗ୍ରହଣ କରୁଛନ୍ତି। ମନ୍ତ୍ରୀ ଓ ପ୍ରଶାସକଙ୍କ ମଧ୍ୟରେ ନିୟମିତ ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥାରେ ବିଭିନ୍ନ କାର୍ଯ୍ୟକ୍ରମ ଓ ଶାସନ ସମ୍ପର୍କରେ ଆଲୋଚନା, ସମୀକ୍ଷା ହେଉଛି। ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ, କାମର ମାନ, କାର୍ଯ୍ୟକ୍ରମ ରୂପାୟନର ନିରନ୍ତର ସମୀକ୍ଷାକୁ ଅଗ୍ରାଧିକାର ଦିଆଯାଉଛି। ଯୋଜନା ରୂପାୟନରେ ବିଳମ୍ବ, ବାଟମାରଣା ଓ ପ୍ରଶାସନିକ ପ୍ରତିବନ୍ଧକ ଦୂର କରିବା ଏହି କାର୍ଯ୍ୟକ୍ରମର ପ୍ରଥମ ଲକ୍ଷ୍ୟ। ଏହା ସରକାରଙ୍କର ପାରଦର୍ଶିତା ଓ ସ୍ୱଚ୍ଛତାର କାହାଣୀ। ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା, ନିମ ମିଶ୍ରିତ ୟୁରିଆ ସାର, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ଫସଲର ସହାୟକ ମୂଲ୍ୟ ବୃଦ୍ଧି ଆଦି ଯେତେସବୁ କାର୍ଯ୍ୟକ୍ରମ କୃଷିକ୍ଷେତ୍ରରେ କାର୍ଯ୍ୟକାରୀ ହେଉଛି ତାହା ଦେଶର ଚାଷୀକୂଳର ମଙ୍ଗଳ ପାଇଁ ଅଭିପ୍ରେତ। ପ୍ରାକୃତିକ ବିପର୍ଯ୍ୟୟରେ ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ମଧ୍ୟ ବ୍ୟବସ୍ଥିତ ନୀତି ଗ୍ରହଣ କରାଯାଇଛି। ୨୦୧୪ରୁ ୨୦୧୭ ମଧ୍ୟରେ ଦେଶରେ ପ୍ରାୟ ୧୬ ଲକ୍ଷ ହେକ୍ଟର ଜମିକୁ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତି ଜଳ ବିନ୍ଦୁରେ ଅଧିକ ଫସଲ ଉତ୍ପାଦନ କ୍ଷୁଦ୍ର ସେଚଯୋଜନା କାର୍ଯକ୍ରମର ଲକ୍ଷ୍ୟ। ଦେଶର ୬.୨୦କୋଟି ଲୋକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିବା ବେଳେ ୨୩ ଟି ରାଜ୍ୟର ୩୯ କୋଟି କୃଷକ ଓ ପ୍ରାୟ ୩୮୭ ଲକ୍ଷ ହେକ୍ଟର ଜମିକୁ ୨୦୧୬ ଖରିଫ ଋତୁରେ ବିମାକୃତ କରାଯାଇଥିଲା। ଏହି ବିମା ରାଶିର ପରିମାଣ ଥିଲା ୧୪୧୮୩୩ କୋଟି ଟଙ୍କାରୁ ଅଧିକ। ୨୦୧୬-୧୭ର ବର୍ତ୍ତମାନ ସୁଦ୍ଧା ରବି ଋତୁରେ ପ୍ରାୟ ୧୭କୋଟି କୃଷକଙ୍କ ସହିତ ପ୍ରାୟ ୧୯୩ ଲକ୍ଷ ହେକ୍ଟର ଜମିର ଫସଲକୁ ୭୧,୭୨୮ କୋଟି ୫୯ ଲକ୍ଷ ଟଙ୍କାରେ ବିମାଭୁକ୍ତ କରାଯାଇଛି। ଏହା ଦେଶର ଅନ୍ନଦାତାଙ୍କ କଲ୍ୟାଣ ପାଇଁ ସରକାରଙ୍କ ପ୍ରୟାସର କଥା କହେ।

ଭିତ୍ତିଭୂମି କ୍ଷେତ୍ରରେ ସରକାର ସ୍ମାର୍ଟ ସିଟି ପ୍ରକଳ୍ପ, ଅମୃତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କ୍ରେଡିଟ୍ ଲିଙ୍କ ସବ୍‌ସିଡି ଯୋଜନା, ପ୍ରଧାନମନ୍ତ୍ରୀ ସାଂସଦ ଆଦର୍ଶ ଗ୍ରାମ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ ହେଉଛି। ଏହା ଫଳରେ ଭିତ୍ତିଭୂମି କ୍ଷେତ୍ର ବିକାଶ ତ୍ୱରାନ୍ୱିତ ହୋଇଛି।

ବେଟି ବଚାଓ ବେଟି ପଢ଼ାଓ, ଅଟଳ ପେନ୍‌ସନ୍ ଯୋଜନା, ଜୀବନ ଜ୍ୟୋତି ବିମା ଯୋଜନା, 'ମୁଦ୍ରା' ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ନୟି ମଞ୍ଜିଲ ଯୋଜନା ଆଦି ସମାଜର ସବୁକ୍ଷେତ୍ରରେ ସମତୁଲ ବିକାଶ ଓ ସମୃଦ୍ଧି ଆଣିବାକୁ ଅଭିପ୍ରେତ। ଏଥିରେ ଶିଶୁ କନ୍ୟା, ବରିଷ୍ଠ ନାଗରିକ, କୃଷକ, ସଂଖ୍ୟାଲଘୁ, ସହରାଞ୍ଚଳ, ଗ୍ରାମାଞ୍ଚଳ ସବୁ ବର୍ଗର ଲୋକଙ୍କ କଲ୍ୟାଣ ପ୍ରତି ଦୃଷ୍ଟି ଦିଆଯାଇଛି। ଏସବୁ ଯୋଜନାର ଲାଭ ସମସ୍ତଙ୍କ ପାଖରେ ପହଞ୍ଚିବା ସହ ସେମାନଙ୍କ ଜୀବନକୁ ସରଳ କରିଦେଇଛି। ଏହା ହେଉଛି ଗରିବ, କିଷାନ ଓ ମହିଳାଙ୍କ କାହାଣୀ ଯେଉଁମାନେ ପରିବର୍ତ୍ତିତ ଭାରତର ସୁଫଳ ଲାଭ କରୁଛନ୍ତି।

ବୈଦେଶିକ କ୍ଷେତ୍ରରେ ଭାରତ ଏକ ସହଯୋଗମୂଳକ ନୀତି ଅବଲମ୍ବନ କରୁଛି। ଦୁଇ ବର୍ଷରୁ ସାମାନ୍ୟ ଅଧିକ ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ଛ'ଟି ମହାଦେଶର ୫୦ ରୁ ଅଧିକ ଦେଶ ଭ୍ରମଣ କରିସାରିଲେଣି। ପ୍ରଧାନମନ୍ତ୍ରୀ ତାଙ୍କ ଶପଥ ଗ୍ରହଣ ଉତ୍ସବରେ ସାର୍କ ଦେଶର ନେତାମାନଙ୍କୁ ନିମନ୍ତ୍ରଣ କରି କୂଟନୈତିକ ଜଗତକୁ ବାର୍ତ୍ତା ଦେଇଥିଲେ ଯେ ଭାରତ ତାହାର ପଡ଼ୋଶୀମାନଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରିବାକୁ ଆଗ୍ରହୀ। ପ୍ରଧାନମନ୍ତ୍ରୀ ମଧ୍ୟ ଇତି ମଧ୍ୟରେ ଭାରତର ସବୁ ପଡ଼ୋଶୀ ରାଷ୍ଟ୍ରକୁ ଗସ୍ତ କରିସାରିଲେଣି।

ଆତଙ୍କବାଦ ପ୍ରସଙ୍ଗରେ ଭାରତ ପାକିସ୍ତାନକୁ ନିଜର ଉଦ୍ଦେଶ୍ୟ ସ୍ପଷ୍ଟ କରିଦେଇଛି। ଭାରତୀୟ ବିଚ୍ଛିନ୍ନତାବାଦୀଙ୍କ ସହ ପାକିସ୍ତାନର ଯୋଗସୂତ୍ର ରକ୍ଷା ଏବଂ କଥାବାର୍ତ୍ତାକୁ ବିରୋଧ କରି ଭାରତ ଦ୍ୱିପାକ୍ଷିକ ସଚିବସ୍ତରୀୟ ଆଲୋଚନାକୁ ବାତିଲ କରିବା ସହ ପାକିସ୍ତାନରେ ଆୟୋଜିତ ସାର୍କ ଶିଖର ସମ୍ମିଳନୀକୁ ବର୍ଜନ କରିଥିଲା। ପାକିସ୍ତାନଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀଙ୍କ ଶିବିର ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରି ଭାରତ ତା'ର ଶକ୍ତି ଓ ସାମର୍ଥ୍ୟ ପ୍ରମାଣ କରିଛି। ଆବଶ୍ୟକ ପଡ଼ିଲେ ପାକିସ୍ତାନକୁ ଏକ ଆତଙ୍କବାଦୀ ରାଷ୍ଟ୍ର ଘୋଷଣା କରିବା ପାଇଁ ସବୁ ବୃହତ୍ ଶକ୍ତିଙ୍କ ନିକଟକୁ ବାର୍ତ୍ତା ଦେଇ ଭାରତ ତାହାର ଆଭିମୁଖ୍ୟ ସ୍ପଷ୍ଟ କରିଛି।

ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟପଦ ହାସଲ କରିବାକୁ ଭାରତ ଯେଉଁ ଉଦ୍ୟମ କରୁଛି ତାକୁ ବିଭିନ୍ନ ରାଷ୍ଟ୍ର ସମର୍ଥନ କରୁଛନ୍ତି। ସେହିଭଳି ଏନ୍‌ଏସ୍‌ଜିରେ ପ୍ରବେଶ ପାଇଁ ଭାରତର ଉଦ୍ୟମରେ ଉଲ୍ଲେଖନୀୟ ପ୍ରଗତି ଘଟିଛି। ବ୍ରିକ୍ସ, ସାର୍କ, ବିମ୍‌ଷ୍ଟେକ ଆଦି ବିଭିନ୍ନ ଆଞ୍ଚଳିକ ମେଣ୍ଟରେ ଭାରତର ଅଂଶଗ୍ରହଣ ତଥା ପ୍ରଦର୍ଶନ ବେଶ୍ ଭଲ ରହିଛି। ବିଶ୍ୱବାଣିଜ୍ୟ ସଂଗଠନ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ସଂଗଠନରେ ଭାରତର କାର୍ଯ୍ୟ ଉଲ୍ଲେଖନୀୟ ହୋଇଛି।

ସାଂପ୍ରତିକ ନେତୃତ୍ୱ ଅମଳରେ ଭାରତ-ଆମେରିକା ସମ୍ପର୍କରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଆମେରିକା ସହ ସମ୍ପର୍କ ନିବିଡ଼ କରିବାକୁ ପ୍ରଧାନମନ୍ତ୍ରୀ ବିଶେଷ ଆଗ୍ରହୀ। ମାତ୍ର ୨୪ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବରାକ ଓବାମାଙ୍କୁ ଛ'ଥର ଭେଟିଥିଲେ। ନିଜେ ମଧ୍ୟ ତିନିଥର ଆମେରିକା ଗସ୍ତ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସାମରିକ ସମ୍ପର୍କ ନିବିଡ଼ ରହିଚି। ନିଜର ପାରମ୍ପରିକ ମିତ୍ରରାଷ୍ଟ୍ର ରୁଷିଆ ଓ ଜାପାନସହ ମଧ୍ୟ ପୁରୁଣା ସମ୍ପର୍କକୁ ଅଧିକ ଦୃଢ଼ କରୁଛି। ଏହା ଫଳରେ ଦକ୍ଷିଣ ଏସିଆରେ ଚୀନର ବିସ୍ତାରବାଦୀ କାର୍ଯ୍ୟକ୍ରମ ଉପରେ ଭାରତ ଏକ ସଫଳ ପ୍ରତିରୋଧ ସୃଷ୍ଟି କରିବାରେ ସକ୍ଷମ ହୋଇଛି। ତାପି ଓ ଚହବାହର ବନ୍ଦର ପ୍ରକଳ୍ପ ଚୁକ୍ତି ସ୍ୱାକ୍ଷର କରି ଏ ଅଞ୍ଚଳରେ ଭାରତ ଚୀନର ଦାଦାଗିରିକୁ ରୋକିପାରିଛି।

ପାରମ୍ପରିକ ମିତ୍ରରାଷ୍ଟ୍ରଙ୍କ ସହ ସୁସମ୍ପର୍କ ସ୍ଥାପନ ସହିତ କେନ୍ଦ୍ର ଏସିଆ ଓ ଆଫ୍ରିକାର ଉଦୟମାନ ରାଷ୍ଟ୍ରଙ୍କ ସହିତ ଭାରତ ସୁସମ୍ପର୍କ ରକ୍ଷା କରି କୌଶଳାତ୍ମକ

ଦୃଷ୍ଟିରୁ ନିଜକୁ ଏକ ସୁବିଧାଜନକ ସ୍ଥିତିରେ ରଖିଛି । ପ୍ରାକୃତିକ ସମ୍ପଦ ଓ ସାମରିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏଭଳି ରାଷ୍ଟ୍ରଙ୍କ ସହ ସୁସମ୍ପର୍କ ପ୍ରତିଷ୍ଠା ଯାଥାର୍ଥ । ଭାରତ ନିଜକୁ ଏକ ସ୍ୱାଭାବିକ ନେତାର ଦେଶ ଭାବେ ପ୍ରତିପାଦନ କରିବାରେ ସଫଳ ହୋଇଛି । ଏହା ଏକ ଉତ୍‌ଥାନମୁଖୀ ଭାରତର କଥା କହେ ।

ଦେଶ ବିଦେଶରେ କୌଣସି ଦୈବୀ ଦୁର୍ବିପାକ ଘଟିଲେ ଭାରତ ଅବିଳମ୍ବେ ସହାୟତା ଧରି ଘଟଣାସ୍ଥଳରେ ପହଞ୍ଚୁଛି । ରିଲିଫ, ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟରେ ସାମିଲ ହେଉଛି । ଭାରତର କୋମଳ ଶକ୍ତି କ୍ରମଶଃ ତାହାର ଅସଲ ଶକ୍ତି ଓ ଦକ୍ଷତା ପ୍ରମାଣ କରୁଛି ଏବଂ ଆନ୍ତର୍ଜାତିକ ଯୋଗଦିବସ ଆୟୋଜନ ଆଦି ଘଟଣା ତାହାର ନମୂନା ମାତ୍ର । ଏହା ଯତ୍ନଶୀଳ ଭାରତର କଥା କୁହେ ।

ଗତ ତିନିବର୍ଷରେ ଭାରତର ବିକାଶ ସହିତ ଆଗାମୀ ଦିନର ବିକାଶ ପାଇଁ ଅନେକ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିପାଇଁ ଯେଉଁ ପ୍ରଚଣ୍ଡ ପ୍ରୟାସ ହୋଇଛି ତାହାର ବାର୍ତ୍ତା ବିଭିନ୍ନ ଯୋଗାଯୋଗ ମାଧ୍ୟମ - ସାମ୍ବାଦିକ ସମ୍ମିଳନୀ, ଟେଲିଭିଜନ, ରେଡିଓ, ଛାପା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରସାରିତ ହୋଇଛି । ଅକାଶବାଣୀର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍' ମାଧ୍ୟମରେ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ଲୋକଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରିଆସୁଛନ୍ତି । ସରକାର, ବିରୋଧୀଦଳ, ପ୍ରଶାସନ, ଉଦ୍ୟୋଗପତି ଓ ନାଗରିକଙ୍କ ସମ୍ମିଳିତ ସହଯୋଗରେ ଭାରତ ଏକ ବିଶ୍ୱଶକ୍ତିରେ ପରିଣତ ହେବା ସ୍ୱପ୍ନର ସଫଳତା ନିର୍ଭର କରେ । ଏହା ଏକ ସଂଚାରୀ ଭାରତର କାହାଣୀ ।

ଆମ କାହାଣୀର ପୁନଃକଥନ ଲୋଡ଼ା । ପାଶ୍ଚାତ୍ୟ ଜଗତ ଭାରତକୁ ରଙ୍ଗୀନ ଚଷମାରେ ଦେଖିବା ପ୍ରୟାସରୁ କ୍ଷାନ୍ତ ହେବା ଆବଶ୍ୟକ । ଏବେ ସାରା ବିଶ୍ୱରେ ମତବାଦ ବା 'ବାଦ'କୁ ଲୋକେ ସମାଧିସ୍ଥ କରୁଛନ୍ତି । ସମାଜବାଦ ବା ପୁଞ୍ଜିବାଦ ଯେଉଁଠି କିଛି ମତବାଦ ଆଦର୍ଶ ବା ଅନ୍ୟ କିଛି ବ୍ୟବସ୍ଥାରେ ରହିଛି ତାହା ଘୂଣଖିଆ ହୋଇଗଲାଣି । ଏହା ଭୁଶୁଡ଼ି ପଡ଼ିବା ନିଶ୍ଚିତ । ଉପର ବର୍ଣ୍ଣିତ କେତେକ କଥା ଯାହା ନୂଆ ଭାରତର କାହାଣୀକୁ ପ୍ରଦର୍ଶିତ କରାଏ । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଙ୍ଗୀକାରବଦ୍ଧତା ନୂଆ ଶକ୍ତି ଯୋଗାଉଛି । ଏହା 'ମିଶନ ମୋଦି'ଙ୍କ କାହାଣୀ । ମୋଡିର (MODI) ଅର୍ଥ ମେକିଙ୍ଗ ଅଫ୍ ଡେଭଲପଡ୍ ଇଣ୍ଡିଆ ବା ବିକଶିତ ଭାରତ ନିର୍ମାଣ ।

ଲେଖକ ଭାରତ ସରକାରଙ୍କ ସୂଚନା ପ୍ରସାରଣ ଏବଂ ସହରାଞ୍ଚଳ ବିକାଶ ମନ୍ତ୍ରୀ

# ଆଦିମ ଜନଜାତି ମାଙ୍କିଡିଆ ବର୍ଗର ପ୍ରଥମ ମାଟ୍ରିକ ପାସ ଛାତ୍ରୀ କୁହାଯାଉଥିବା ମୋନିକା ମାଙ୍କିଡିଆଙ୍କୁ ଅଭିନନ୍ଦନ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଆଦିମ ଜନଜାତି ମାଙ୍କିଡିଆ ବର୍ଗର ପ୍ରଥମ ହାଇସ୍କୁଲ ପାସ କରିଥିବା କୁହାଯାଉଥିବା ଝିଅ ମୋନିକା ମାଙ୍କିଡିଆଙ୍କୁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ଏପ୍ରିଲ ୨୮ ତାରିଖ ଦିନ ଭୁବନେଶ୍ୱରଠାରେ ସମ୍ବର୍ଦ୍ଧିତ କରିଛନ୍ତି । ଖଣିରେ ଦିନ ମଜୁରିଆ ଭାବେ କାମ କରୁଥିବା ଗରୀବ ପରିବାରର ଝିଅ ବସ୍ତିରେ ଜୀବନ କଟାଇ ସରକାରୀ ସ୍କୁଲରେ ପାଠ ପଢି ଯଦି ସଫଳ ହେଉଛନ୍ତି ଏହା ହିଁ ନ୍ୟୁ ଓଡିଶାର ଚିତ୍ର ବୋଲି ଶ୍ରୀ ପ୍ରଧାନ କହିବା ସହ ମୋନିକାଙ୍କ ସମେତ ତାଙ୍କର ବାପା ରାମଦାସ ମାଙ୍କିଡିଆ ଓ ମା' ସାବିତ୍ରୀ ମାଙ୍କିଡିଆଙ୍କୁ ଅଭିନନ୍ଦନ ଜଣାଇଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଗ୍ରହ ଓ ଅଧ୍ୟବସାୟ ଥିଲେ ଅର୍ଥ ପ୍ରତିବନ୍ଧକ ହୋଇ ପାରିବ ନାହିଁ । ଭାରତ ସରକାରଙ୍କର ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ତୈଳ ନିଗମ ମୋନିକାଙ୍କ ଉଚ୍ଚ ଶିକ୍ଷା ତାଙ୍କ ପସନ୍ଦରେ



ସରକାରୀ କଲେଜ ହେଉ ବା କୌଣସି ବେସରକାରୀ ଶିକ୍ଷାନୁଷ୍ଠାନ ସେଥିରେ ଶିକ୍ଷା ଗ୍ରହଣ ପାଇଁ ଆର୍ଥିକ ସହାୟତାଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

ଶ୍ରୀ ପ୍ରଧାନ ସେହିଦିନ ବ୍ରହ୍ମପୁର ନୀଳକଣ୍ଠନଗର ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ଚାରି ଜଣ ଅତୀବ ମେଧାବୀ ଛାତ୍ର- ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେ କହିଥିଲେ ଯେ ଏହି ବିଦ୍ୟାଳୟର ଚାରି ଜଣ ଛାତ୍ର- ଛାତ୍ରୀ ସୁଯୋଗ୍ୟ କୁମାର ସାହୁ, ସନ୍ତୋଷୀ ପାଢୀ, ସୌମ୍ୟାଶ୍ରୀ ଖାଡଙ୍ଗା ଓ ସୁପ୍ରିତା ଦେବୀ ୯୬.୫୦ ପ୍ରତିଶତରୁ ୯୬.୮ ପ୍ରତିଶତ ରଖି ରାଜ୍ୟରେ ପ୍ରଥମ ଚାରି ସ୍ଥାନ ହାସଲ କରିଥିବା ବିଦ୍ୟାଳୟ ତରଫରୁ କୁହାଯାଇଥିଲା । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଚାରି ଜଣ ପିଲା ନିମ୍ନ ମଧ୍ୟବିତ ପରିବାରରୁ କିଏ କାହାର ବାପା ସ୍କୁଲ ଶିକ୍ଷକ, କନେଷ୍ଟବଳ ବା ରାଜ୍ୟ ସରକାରରେ ଅଣ ଗେଜେଟେ କର୍ମଚାରୀ ଭାବେ କାମ କରନ୍ତି । ମାଙ୍କିଡିଆ ବର୍ଗର ମୋନିକା ହୁଅନ୍ତୁ ଅଥବା ନିମ୍ନ ମଧ୍ୟ ପରିବାରର ଚାରି ସଫଳ ପୁଅ - ଝିଅ ଅଗାଧ ମେଧା ଶକ୍ତି ସାଧାରଣ ଓଡିଆ ପିଲା ମାନଙ୍କର ମୂଳ ଶକ୍ତି । ସେମାନଙ୍କୁ ସୁଯୋଗ ଉପଲବ୍ଧ କରାଇଲେ ସେମାନଙ୍କ ପାଖରେ ଅସମ୍ଭବକୁ ସମ୍ଭବ କରିବାର କ୍ଷମତା ରହିଛି ।

# ସାମାଜିକ ପ୍ରଗତି : ଆର୍ôଥିକ ଅଭିବୃଦ୍ଧି ବହିର୍ଭୂତ ବିକାଶ

**ନତାଶା ଝା ଭାସ୍କର**

ବର୍ତ୍ତମାନର ସରକାର ଯେତେବେଳେ ଦାୟିତ୍ୱ ଗ୍ରହଣ କଲେ ସେତେବେଳେ ଅସଂଖ୍ୟ ପ୍ରତ୍ୟାଶା ମଧ୍ୟରେ ସବୁଠୁ ଅଧିକ ଗୁରୁତ୍ୱ ପାଇଥିଲା ସୁଶାସନ। ଲୋକଙ୍କ ପ୍ରମୁଖ ଆଶା ମଧ୍ୟରେ ଥିଲା ମୁଦ୍ରାସ୍ଫୀତି ଓ ମୂଲ୍ୟ ବୃଦ୍ଧି, ଦୈନନ୍ଦିନ କାରବାରରେ ଦୁର୍ନୀତି ଓ କ୍ରନି କ୍ୟାପିଟାଲିଜିମ ବା ଅଳ୍ପ ପ୍ରଭାବଶାଳୀ ଲୋକଙ୍କ ଦ୍ୱାରା ପୁଞ୍ଜିବାଦୀ ବ୍ୟବସ୍ଥାରୁ ଲାଭ ଉଠାଇବାର କୌଶଳ ଭଳି ପ୍ରମୁଖ ସମସ୍ୟାର ସମାଧାନ କରିବାରେ ଏ ସରକାର କେତେଦୂର ସଫଳ ହେବ। ବର୍ତ୍ତମାନର ସରକାରଙ୍କ ଲକ୍ଷ୍ୟ ସମ୍ପର୍କରେ ୨୦୧୭-୧୮ ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ଯାହା କହିଥିଲେ ତାହା ନିମ୍ନରେ ପ୍ରକାଶ କରାଯାଇଛି।

### ସେଗୁଡ଼ିକ ହେଲା

❖ ଏକ ବିଶେଷାଧିକାର କ୍ଷମତା ସମ୍ପନ୍ନ ପ୍ରଶାସନରୁ ଏକ ନୀତି ଓ ବ୍ୟବସ୍ଥାଭିତ୍ତିକ ପ୍ରଶାସନ।

❖ ଏକ ପାତର ଅନ୍ତରମୂଳକ ଶାସନ ବଦଳରେ ଏକ ସ୍ୱଚ୍ଛ ତଥା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ନିଷ୍ପତ୍ତିମୂଳକ ଶାସନ ବ୍ୟବସ୍ଥା।

❖ ଏକ ଆଖିବୁଜା ତଥା ଢିଲା ବ୍ୟବସ୍ଥା ପରିବର୍ତ୍ତେ ନିର୍ଦ୍ଦିଷ୍ଟ ହିତାଧିକାରୀଙ୍କୁ ଚିହ୍ନଟ କରି ଲକ୍ଷ୍ୟଭିତ୍ତିକ ସେବା ଓ ସୁବିଧା ଯୋଗାଣ।

❖ ଏକ ଅଣ ଆନୁଷ୍ଠାନିକ ଅର୍ଥନୀତି ପରିବର୍ତ୍ତେ ଆନୁଷ୍ଠାନିକ ଅର୍ଥନୀତିର ପ୍ରବର୍ତ୍ତନ।

ଏହି ପ୍ରେକ୍ଷାପଟରେ ଆମକୁ ଗତ କେତେବର୍ଷର ଭାରତର ଅଭିବୃଦ୍ଧିର ବିକାଶ ଗତିପଥକୁ ଅନୁଶୀଳନ କରିବାକୁ ପଡ଼ିବ। ଅଭିବୃଦ୍ଧିର ଅର୍ଥ କ'ଣ ? ଆମ ଅଭିବୃଦ୍ଧି ସମ ଏବଂ ସମାବେଶୀ କି ? ଆମ ଅଭିବୃଦ୍ଧିକୁ ସର୍ବାଙ୍ଗୀଣ ଓ ପୂର୍ଣ୍ଣାଙ୍ଗ କରିବାକୁ ଆମ କୌଶଳରେ ପରିବର୍ତ୍ତନ କରିବାକୁ ହେବ ନା ନାହିଁ ? ସରକାରୀ ନିବେଶର ମାନ ଓ ଦିଶା କ'ଣ ତା' ଉପରେ ମଧ୍ୟ ଅନେକ କଥା ସ୍ପଷ୍ଟ ଭାବେ ନିର୍ଭର କରୁଛି।

ନୋବେଲ ପୁରସ୍କାର ବିଜେତା ଅମର୍ତ୍ତ୍ୟ ସେନ୍ ବରାବର କହି ଆସୁଛନ୍ତି ଯେ ଅର୍ଥନୈତିକ ପ୍ରଗତିକୁ ବିଚାର କରିବା ପାଇଁ ଅଭିବୃଦ୍ଧି ହାର ଏକ ନିର୍ବୋଧ ବିଚ୍ଛିନ୍ନ ସୂତ୍ର। ସେନ୍ ଏବଂ ବେଲଜିୟମରେ ଜନ୍ମିତ ଭାରତୀୟ ଅର୍ଥଶାସ୍ତ୍ରୀ ଜାଁ ଡ୍ରେଜ୍ ୧୯୯୫ ରେ ସତର୍କ କରାଇଦେଇଥିଲେ ଯେ ସଂସ୍କାର ଯୋଗୁଁ ଯେଉଁ ଅଭିବୃଦ୍ଧି ହାସଲ କରାଯାଉଛି ତାହା ଗୁରୁତ୍ୱପୂର୍ଣ୍ଣ ହେଲେ ହେଁ, ଦରିଦ୍ରତମ ବ୍ୟକ୍ତିର ଜୀବନଧାରଣରେ ଉନ୍ନତି ଆଣିବାକୁ ଯଥେଷ୍ଟ ନୁହେଁ। ଏହା ଜାତି ଓ ଲିଙ୍ଗଗତ ସୋପାନକୁ ଭାଙ୍ଗିବା ବା ନିଯୁକ୍ତି ସୃଷ୍ଟି କରିବାରେ ସକ୍ଷମ ହୋଇ ନ'ପାରେ। ଏଥିପାଇଁ ସରକାରୀ ନୀତି ଏବଂ ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଲୋଡ଼ା।

ମାନବ ସମ୍ବଳର ବିକାଶ ସମସ୍ତଙ୍କ ପାଖରେ ପହଞ୍ଚିବା ପାଇଁ ଅଭିବୃଦ୍ଧିକୁ ସାର୍ବଜନୀନ କରିବାକୁ ପଡ଼ିବ। ଏହା ପରସ୍ପରକୁ ସମର୍ଥନ ଯୋଗାଉଥିବା ଚାରିଟି ସ୍ତମ୍ଭ ଉପରେ ନିର୍ଭର କରେ। ସେଗୁଡ଼ିକ ହେଲା ନିଯୁକ୍ତି ଭିତ୍ତିକ ଏକ ଅଭିବୃଦ୍ଧି କୌଶଳ ପ୍ରସ୍ତୁତି, ଆର୍ଥିକ ଅନ୍ତର୍ଭୁକ୍ତିକରଣର ପରିସର ବୃଦ୍ଧି, ମାନବସମ୍ବଳର ବିକାଶ ପାଇଁ ଅଧିକ ବ୍ୟୟ ବ୍ୟବସ୍ଥା ଓ ବିଶେଷ କରି ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ବିଶେଷ ପ୍ରଭାବଶାଳୀ ବହୁପାକ୍ଷିକ ହସ୍ତକ୍ଷେପ ବ୍ୟବସ୍ଥା। ମଣିଷ ସୁସ୍ଥସବଳ ଓ ଶିକ୍ଷିତ ହେଲେ ନିଜର ଦକ୍ଷତାର ସର୍ବୋତ୍ତମ ଉପଯୋଗ କରିବାରେ ସକ୍ଷମ ହୁଏ ଏବଂ ଏହା ମାନବ ବିକାଶର ପ୍ରଥମ ଆବଶ୍ୟକତା। ୟୁଏନ୍‌ଡିପି ମାନବ ବିକାଶ ରିପୋର୍ଟ ଯାହା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆୟକୁ ଭିତ୍ତିକରି ପ୍ରସ୍ତୁତ ହୁଏ ସେଥିରେ ୧୮୮ ରାଷ୍ଟ୍ର ବିଶିଷ୍ଟ ତାଲିକାରେ ଭାରତର ସ୍ଥାନ ୧୩୦। ତାଲିକାରେ ଶ୍ରୀଲଙ୍କା (୩୭) ଓ ଚୀନ (୯୦) ବହୁ ଉପରେ ରହିଥିବା ବେଳେ ଭୁଟାନ ୧୩୨ ଓ ବାଂଲାଦେଶର ସ୍ଥାନ ୧୪୨ରେ ଅଛି। ନେପାଳ ଓ ପାକିସ୍ଥାନ ଯଥାକ୍ରମେ ତାଲିକାର ୧୪୫ ଓ ୧୪୭ ସ୍ଥାନରେ ଅଛନ୍ତି। ଅତଏବ ମାନବ ବିକାଶ କ୍ଷେତ୍ରରେ ଭାରତର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ ବୋଲି କୁହାଯାଇପାରେ।

ଭାରତରେ ଉଚ୍ଚ ଅଭିବୃଦ୍ଧି ହାର କଥା କୁହାଯାଉଥିବାବେଳେ ବ୍ୟାପକ ଦାରିଦ୍ର୍ୟ ଓ ଅସମତା ରହିଛି। କ୍ରେଡିଟ୍ ସୁଇଏସ ଗ୍ଲୋବାଲ ୱେଲଥ ଡାଟାବୁକ ୨୦୧୪ର ତଥ୍ୟ ଅନୁସାରେ ଦେଶର ଧନାଢ୍ୟ ଏକ ଶତାଂଶ ଲୋକଙ୍କ ସମ୍ପତ୍ତିର ପରିମାଣ ବୃଦ୍ଧି ପାଉଛି। ଅନ୍ୟ ପକ୍ଷରେ ଜନସଂଖ୍ୟାର ଏହି

**ନୋବେଲ ପୁରସ୍କାର ବିଜେତା ଅମର୍ତ୍ତ୍ୟ ସେନ୍ ବରାବର କହି ଆସୁଛନ୍ତି ଯେ ଅର୍ଥନୈତିକ ପ୍ରଗତିକୁ ବିଚାର କରିବା ପାଇଁ ଅଭିବୃଦ୍ଧି ହାର ଏକ ନିର୍ବୋଧ ବିଚ୍ଛିନ୍ନ ସୂତ୍ର। ସେନ୍ ଏବଂ ବେଲଜିୟମରେ ଜନ୍ମିତ ଭାରତୀୟ ଅର୍ଥଶାସ୍ତ୍ରୀ ଜାଁ ଡ୍ରେଜ୍ ୧୯୯୫ ରେ ସତର୍କ କରାଇଦେଇଥିଲେ ଯେ ସଂସ୍କାର ଯୋଗୁଁ ଯେଉଁ ଅଭିବୃଦ୍ଧି ହାସଲ କରାଯାଉଛି ତାହା ଗୁରୁତ୍ୱପୂର୍ଣ୍ଣ ହେଲେ ହେଁ, ଦରିଦ୍ରତମ ବ୍ୟକ୍ତିର ଜୀବନଧାରଣରେ ଉନ୍ନତି ଆଣିବାକୁ ଯଥେଷ୍ଟ ନୁହେଁ। ଏହା ଜାତି ଓ ଲିଙ୍ଗଗତ ସୋପାନକୁ ଭାଙ୍ଗିବା ବା ନିଯୁକ୍ତି ସୃଷ୍ଟି କରିବାରେ ସକ୍ଷମ ହୋଇ ନ'ପାରେ। ଏଥିପାଇଁ ସରକାରୀ ନୀତି ଏବଂ ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଲୋଡ଼ା।**

ଏକ ଶତାଂଶ ଲୋକଙ୍କ ପାଖରେ ଦେଶର ସମ୍ପତ୍ତିର ଅଧାଅଂଶ ଠୁଳ ହୋଇଛି। ୨୦୦୦ ମସିହାଠାରୁ ଦେଶର ୧୦ ଶତାଂଶ ଧନୀଙ୍କ ସମ୍ପତ୍ତି ପରିମାଣ ଦଶ ଶତାଂଶ ହାରରେ ବଢ଼ିଛି। ଏଥିରୁ ବୁଝା ପଡୁଛି ଯେ ମାନବ ବିକାଶ ପାଇଁ ପୁଞ୍ଜି ନିବେଶ ନ କରି ଯେଉଁ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରାଯାଉଛି ତାହାକୁ ବଜାୟ ରଖିବା କେବଳ ସହଜ ନୁହେଁ ଏହା ମଧ୍ୟ ଅନୈତିକ। ବାର୍ଷିକ ନାମଲେଖା ବଢୁଥିବାବେଳେ ପିଲାଙ୍କ ପାଠ ପଢ଼ା ଓ ଶିକ୍ଷାରେ ଆଶାଜନକ ପ୍ରଗତି ଘଟୁ ନ ଥିବା ଏଏସ୍‌ଇର ରିପୋର୍ଟରେ କୁହାଯାଇଛି। ପ୍ରାଥମିକ ଶିକ୍ଷା ସ୍ତରରେ ମଧ୍ୟ ଏକଥା ହେଉଛି। ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ମଧ୍ୟ ଉପଯୁକ୍ତ ଦୃଷ୍ଟି ଲୋଡୁଛି। ସରକାର ଏ ଦିଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ହେଁ ଫଳାଫଳକୁ ଦେଖିଲେ ଏ କ୍ଷେତ୍ରରେ ଆହୁରି ଯଥେଷ୍ଟ କିଛି କରିବାର ଥିବା ମନେହୁଏ।

## ଶିକ୍ଷା

ଭାରତ ତାହାର ଜିଡିପିର ୪% ରୁ କମ୍ ଅର୍ଥ ଶିକ୍ଷାରେ ବ୍ୟୟ କରେ। ଦେଶର ୧୪ ଲକ୍ଷ ସ୍କୁଲ, ୪୫ ହଜାର କଲେଜ ଏବଂ ୭୦୦ ରୁ ଅଧିକ ବିଶ୍ୱ ବିଦ୍ୟାଳୟ ରହିଛି। ବିଶ୍ୱରେ ଏହା ଏକ ଅନ୍ୟତମ ବୃହତ୍ ଶିକ୍ଷା ବ୍ୟବସ୍ଥା। ଏସବୁ ଶିକ୍ଷାନୁଷ୍ଠାନ ୩କୋଟି ଛାତ୍ରଛାତ୍ରୀଙ୍କ ଶିକ୍ଷା ଆବଶ୍ୟକତା ପୂରଣ କରିବା ସହ ମାନବସମ୍ବଳର ବିକାଶ ଘଟାଇ ଦେଶର ଭବିଷ୍ୟତର ଆବଶ୍ୟକତା ପୂରଣ କରିବାକୁ କାର୍ଯ୍ୟକରୁଛନ୍ତି।

ଶିକ୍ଷା ସଂସ୍କାର କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ରାଜ୍ୟ ସରକାରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ନିୟମିତ ଭାବେ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡ (ସିଏବିଇ)ର ବୈଠକ ଡାକୁଛନ୍ତି। ଏହି ବୋର୍ଡ ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ପରାମର୍ଶଦାତା ପରିଷଦ ଏବଂ ଏଥିରେ ବିଭିନ୍ନ କ୍ଷେତ୍ରର ପ୍ରତିନିଧିତ୍ୱ ରହିଛି। କେନ୍ଦ୍ର ଓ ରାଜ୍ୟଙ୍କ ମଧ୍ୟରେ ସର୍ବସମ୍ମତ ନିଷ୍ପତ୍ତିକ୍ରମେ ଶିକ୍ଷା ସଂକ୍ରାନ୍ତ ସମସ୍ତ ସଂସ୍କାର ସିଏବିଇ ମାଧ୍ୟମରେ କାର୍ଯ୍ୟକାରୀ ହୁଏ।

ସର୍ବ ଶିକ୍ଷା ଅଭିଯାନ
ସମସ୍ତେ ପଢନ୍ତୁ ସମସ୍ତେ ବଢନ୍ତୁ

## ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା

ଏବେ ଶିଶୁଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ), ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ସହିତ ଉଚ୍ଚ ଶିକ୍ଷାର ବିକାଶ ପାଇଁ (ରୁସା) ଗ୍ଲୋବାଲ ଇନିସିଏଟିଭ ଫର୍ ଏକାଡେମିକ୍ ନେଟ୍‌ୱର୍କ (ଜିଆନ) ଗବେଷଣା ପାଇଁ ଇଂପ୍ରିଣ୍ଟ, ଶିକ୍ଷକ ଶିକ୍ଷା ଓ ତାଲିମ ପାଇଁ ପଣ୍ଡିତ ମଦନ ମୋହନ ମାଳବ୍ୟ ମିଶନ, ପାଠ୍ୟକ୍ରମ ୱେବ୍-ସ୍ୱୟମ୍, ଜାତୀୟ ଡିଜିଟାଲ ଲାଇବ୍ରେରୀ, କ୍ୟାମ୍ପସ୍ ସଂଯୋଗ କାର୍ଯ୍ୟକ୍ରମ, ଉଚ୍ଚତର ଆବିଷ୍କାର ଅଭିଯାନ, ଉନ୍ନତ ଭାରତ ଅଭିଯାନ ଆଦି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷାର ବିକାଶ ପାଇଁ ୟୁଜିସି ଏବଂ ଏଆଇସିଟିଇ ପକ୍ଷରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ନୂଆ ଶିକ୍ଷାନୀତି

ଏବେ ଏକ ନୂଆ ଶିକ୍ଷାନୀତି ପ୍ରସ୍ତୁତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ପରୀକ୍ଷା, ଶିକ୍ଷା ଶାସନ, ନିୟନ୍ତ୍ରଣ, ସ୍କୁଲ ଷ୍ଟାଣ୍ଡାର୍ଡ, ଶିକ୍ଷକ / ଅଧ୍ୟାପକ, ସାକ୍ଷରତା, ଜୀବନବ୍ୟାପୀ ଶିକ୍ଷା, ଦକ୍ଷତା ବିକାଶ ଓ ନିଯୁକ୍ତିଯୋଗ୍ୟ ହେବା, ମାନରକ୍ଷାର ପ୍ରତିଶ୍ରୁତି, ଆନ୍ତର୍ଜାତିକୀକରଣ, ଗବେଷଣା, ପାଠ୍ୟକ୍ରମ, ଅଭିନବତା ଆଦି କ୍ଷେତ୍ରରେ ଅନେକ ସଂସ୍କାର ଆଣିବାକୁ ବ୍ୟବସ୍ଥା ହୋଇପାରେ। ସରକାର ଏବେ ଏପରି ଏକ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାକୁ ଯାଉଛନ୍ତି ଯେଉଁଠି ସମାଜର ସବୁ ବର୍ଗଙ୍କୁ ଉତ୍ତମ ମାନର ଶିକ୍ଷା ପାଇବାର ସୁଯୋଗ ମିଳିବ।

ଶିକ୍ଷା, ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ପରିବର୍ତ୍ତନର ଚାବିକାଠି। ଆଜିର ବିଶ୍ୱାୟନ ଯୁଗରେ ଶିକ୍ଷାକୁ କେବଳ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ପାଇଁ ନିବେଶ ବା ଲଗାଣ ଭାବେ ଦେଖାଯାଇ ପାରିବ ନାହିଁ; ବରଂ ଏହାକୁ ବ୍ୟକ୍ତି ଓ ରାଷ୍ଟ୍ରର ସ୍ଥିତି ରକ୍ଷା ପାଇଁ ଏକ ମୌଳିକ ଉପାଦାନ ଭାବେ ବିଚାର କରିବାକୁ ହେବ।

## ସ୍ୱାସ୍ଥ୍ୟ

ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମର ଉପଲବ୍ଧି ଉଭୟ ଭଲମନ୍ଦର ଏକ ମିଶ୍ରଣ। ବିଶ୍ୱର ବିଭିନ୍ନ ରାଷ୍ଟ୍ରଙ୍କ ସହିତ ତୁଳନାତ୍ମକ ଭାବେ ଦେଖିଲେ କେତେକ କ୍ଷେତ୍ରରେ ଭାରତର ସଫଳତା ବେଶ୍ ଭଲ। ଭାରତୀୟଙ୍କ ସାଧାରଣ ପରମାୟୁ ବଢ଼ିଛି। ମହିଳାଙ୍କ ପ୍ରଜନନ ଶକ୍ତି ହ୍ରାସ ପାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରର ମୌଳିକ ପ୍ରସଙ୍ଗ ଯଥା ଶିଶୁ ମୃତ୍ୟୁହାର ଓ ମାତୃମୃତ୍ୟୁହାର କମାଇବା କ୍ଷେତ୍ରରେ ଆମକୁ ଆହୁରି କିଛି ହାସଲ କରିବାକୁ ପଡ଼ିବ। ଶିକ୍ଷାର ଅଭାବ, ଲିଙ୍ଗଗତ ଅସମତା ଏବଂ ବିପୁଳ ଜନସଂଖ୍ୟା ଆଦି କାରଣରୁ ବ୍ୟାଧି ଓ ସ୍ୱାସ୍ଥ୍ୟ ସମସ୍ୟା ବଢୁଛି।

ପରିବେଶଗତ ଅପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଅଭାବ, ଅପୁଷ୍ଟି, ଅପରିଷ୍କାର ପରିବେଶରେ ବସବାସ, ନିବାରଣ ଓ ନିରାକରଣ ମୂଳକ ଚିକିତ୍ସା ବ୍ୟବସ୍ଥାର ଅଭାବ ଯୋଗୁଁ ବ୍ୟାଧି ଏକ ବୋଝ ପାଲଟିଛି। ସ୍ୱଚ୍ଛ ଭାରତ ଅଭିଯାନ ଓ ଜାତୀୟ ସ୍ୱଚ୍ଛ ମିଶନ ଭଳି କାର୍ଯ୍ୟକ୍ରମ ପ୍ରବର୍ତ୍ତନ ତଥା ଇନ୍ଦ୍ରଧନୁଷ ଭଳି ଟୀକାକରଣ କାର୍ଯ୍ୟକ୍ରମ, ଗର୍ଭବତୀ ଓ ପ୍ରସୂତିଙ୍କୁ ସମୟବଦ୍ଧ ଭାବେ ଚିକିତ୍ସା ଓ ଖାଦ୍ୟ, ଔଷଧ ପ୍ରଦାନ ଆଦି ପଦକ୍ଷେପ ଫଳରେ ଏ କ୍ଷେତ୍ରରେ କିଛି ସୁଧାର ଆସିଛି। ତମାଖୁ ବ୍ୟବହାରର ନିରାକରଣ ଏବଂ ଡେଙ୍ଗୁ ଦୂରୀକରଣ କାର୍ଯ୍ୟକ୍ରମ ଆଦି ମଧ୍ୟ ହାତକୁ ନିଆଯାଇଛି। ଏସବୁ ପଦକ୍ଷେପର କିଛି ଅନୁକୂଳ ପ୍ରଭାବ ଭାରତୀୟ ସ୍ୱାସ୍ଥ୍ୟ ସେବା ଉପରେ ପଡ଼ିଛି।

୨୦୧୭-୧୮ କେନ୍ଦ୍ରୀୟ ବଜେଟରେ ୨୦୧୭ ସୁଦ୍ଧା କଳାଜ୍ୱର ଓ ବାତଜ୍ୱର ଦୂରୀକରଣ, ୨୦୧୮ ସୁଦ୍ଧା କୁଷ୍ଠ ଓ ୨୦୨୦ସୁଦ୍ଧା ମିଳିମିଳାର ଦୂରୀକରଣ ପାଇଁ ଲକ୍ଷ୍ୟ ରଖାଯାଇ ଅର୍ଥ ବରାଦ ହୋଇଛି ଓ ଯୋଜନା ହାତକୁ ନିଆଯାଇଛି। ସେହିଭଳି ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା ଦୂରକରିବାକୁ ଏକ ମହତ୍ୱାକାଂକ୍ଷୀ ପ୍ରୟାସ କରାଯାଇଛି। ଏସବୁ ଉଦ୍ୟମ ଉତ୍ତମ; କିନ୍ତୁ ଏଥିପାଇଁ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ଓ ଅର୍ଥବରାଦ କେତେ ବାସ୍ତବବାଦୀ ତାହା ଦେଖିବାର କଥା। ଏଥିପାଇଁ ଯେଉଁସବୁ ପ୍ରୟାସ କରାଯାଉଛି ତାହା ଯଥେଷ୍ଟ ଓ ବାସ୍ତବବାଦୀ କି ? ସ୍ୱାସ୍ଥ୍ୟସେବା ଯୋଗାଣରେ ଦୁର୍ବଳତା ଦେଶରେ ବ୍ୟାଧି ବୃଦ୍ଧିର ମୁଖ୍ୟ କାରଣ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାର ଜିଡିପିର ମାତ୍ର ୧.୨ ଶତାଂଶ ଅର୍ଥ ଖର୍ଚ୍ଚ କରୁଛନ୍ତି ଯାହା ପର୍ଯ୍ୟାପ୍ତ ନୁହେଁ। ଗତ ପାଞ୍ଚବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବା ପାଇଁ କେନ୍ଦ୍ର ସରକାର ବଜେଟରେ ଯେଉଁ ଅର୍ଥ ବରାଦ କରୁଛନ୍ତି ବାସ୍ତବ ଦୃଷ୍ଟିରୁ ଦେଖିଲେ ତାହା କ୍ରମଶଃ କମିକମି ଯାଉଛି।



ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତିର ଉପଯୋଗ ଦ୍ୱାରା ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ଆସିପାରନ୍ତା। ମାତ୍ର ତାହା ଲୋକଙ୍କୁ ସେମାନଙ୍କ କ୍ରୟଶକ୍ତି ଅନୁସାରେ ମିଳିପାରୁନାହିଁ। ଦୀର୍ଘ ପନ୍ଦର ବର୍ଷ ପରେ ଭାରତ ସରକାର ୨୦୧୭ରେ ଯେଉଁ ଜାତୀୟ ସ୍ୱାସ୍ଥ୍ୟ ନୀତି ପ୍ରସ୍ତୁତ କରିଛନ୍ତି ସେଥିରେ ଲୋକଙ୍କୁ ଶସ୍ତା ବା ଉଚିତ ମୂଲ୍ୟରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଗୁରୁତ୍ୱ ଦିଆଯାଇଛି। ଏହି ନୂଆ ସ୍ୱାସ୍ଥ୍ୟନୀତିରେ ନିବେଶ ଓ ଅର୍ଥଯୋଗାଣ ଅଗ୍ରାଧିକାର ପାଇଛି। ସରକାରୀ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ପୁନର୍ବିନ୍ୟାସ ତଥା ସୁଦୃଢ଼ୀକରଣକୁ ଗୁରୁତ୍ୱ ଦିଆଯାଇଛି। ଆହୁରି ମଧ୍ୟ ପରିବର୍ତ୍ତିତ ସାମାଜିକ, ଆର୍ଥିକ ଓ ବୈଷୟିକ ପ୍ରେକ୍ଷାପଟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ପ୍ରାସଙ୍ଗିକ ଓ ଲୋକାଭିମୁଖୀ କରିବା ଉପରେ ସରକାର ଅଗ୍ରାଧିକାର ଦେଇଛନ୍ତି।

ଘରୋଇ କ୍ଷେତ୍ର ସହ ସହଯୋଗ କରିବାକୁ ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ନୀତିର ମୂଳ ଲକ୍ଷ୍ୟ ହେଲା ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବାଗେଇବା ପାଇଁ ଅଧିକ ଅର୍ଥ ଯୋଗାଣ, ଅଧିକ ନିବେଶ, ଭିତ୍ତିଭୂମି ନିର୍ମାଣ, ବ୍ୟାଧି ନିରାକରଣ ବ୍ୟବସ୍ଥା ଗ୍ରହଣ, ଜନସଚେତନତା ସୃଷ୍ଟି ଓ ଜନସହଯୋଗ ଲାଭ କରିବା। ଅଧିକ ଚିକିତ୍ସକ ଓ ଚିକିତ୍ସାକର୍ମୀ ସୃଷ୍ଟି, ସ୍ୱାସ୍ଥ୍ୟ ବିମା ବ୍ୟବସ୍ଥା, ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ସୁବିଧା ଓ ସୁଲଭ ମୂଲ୍ୟରେ ଯୋଗାଣ, ଔଷଧର ମାନ ଓ ମୂଲ୍ୟ ନିର୍ଦ୍ଧାରଣ ଆଦି ମଧ୍ୟ ଏଥିରେ ଗୁରୁତ୍ୱ ପାଇଛି। ସରକାର ଏହି ନୀତିରେ ପେସାଦାରୀ ଭାବନା, ସାଧୁତା ଓ ସଚ୍ଚୋଟତା, ସମତା, ସୁଲଭତା, ସାର୍ବଜନିନତା, ଦାୟିତ୍ୱବୋଧ, ମାନ ରକ୍ଷା ଏବଂ ସର୍ବୋପରି ରୋଗୀ ସେବାକୁ ଅଗ୍ରାଧିକାର ଦେବା ଭଲ କଥା। ବିଭିନ୍ନ ସ୍ତରରେ ଗ୍ରାମାଞ୍ଚଳରୁ ସହର ଯାଏ ଅଧିକରୁ ଅଧିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା, ଆବଶ୍ୟକ ଚିକିତ୍ସକ ଓ କର୍ମଚାରୀ ନିଯୁକ୍ତି, ସୁଲଭମୂଲ୍ୟରେ ଚିକିତ୍ସା ଔଷଧ ଯୋଗାଣ ଏବଂ ଘରୋଇ କ୍ଷେତ୍ର ସହ ସହଯୋଗିତା ପାଇଁ ନୂଆ ସ୍ୱାସ୍ଥ୍ୟ ନୀତିରେ ଯେଉଁ ସବୁ ପ୍ରୟାସ କରାଯାଇଛି ତାହା ଉତ୍ତମ ଏବଂ ଏହାର ଠିକଣା ରୂପାୟନ ଉପରେ ସବୁ କିଛି ନିର୍ଭର କରୁଛି।

ନୂଆ ସ୍ୱାସ୍ଥ୍ୟନୀତିରେ ଶିଶୁ ଓ କିଶୋର ସ୍ୱାସ୍ଥ୍ୟ ଗୁରୁତ୍ୱ ପାଇଛି। ସ୍କୁଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ରକ୍ଷା ଓ ପରିଚ୍ଛନ୍ନତା ପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଇଛି। ଆୟୁଷ ଯୋଜନାରେ ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଇଛି। ଡିଜିଟାଲ ଟୁଲ୍‌ର ବହୁଳ ଉପଯୋଗ କରି ସ୍ୱାସ୍ଥ୍ୟସେବା ଯୋଜନାରେ ଅଧିକ ସଫଳତା ହାସଲ ପାଇଁ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ପ୍ରାଧିକରଣ ଗଠନ ହେବା ଏକ ଉଲ୍ଲେଖନୀୟ ଘଟଣା। ସେହିଭଳି ଜାତୀୟ ସ୍ୱାସ୍ଥ୍ୟସେବା ମାନକ ପ୍ରତିଷ୍ଠାନ ମଧ୍ୟ ଗଠିତ ହୋଇଛି। ଏହା ସ୍ୱାସ୍ଥ୍ୟ ସେବାର ମାନ ନିର୍ଦ୍ଧାରଣ କରିବ।

ଏସବୁ ସତ୍ତ୍ୱେ ନୂଆ ସ୍ୱାସ୍ଥ୍ୟ ନୀତିର କାର୍ଯ୍ୟକାରିତା ପାଇଁ ବିଭିନ୍ନ ଆହ୍ୱାନ ଓ ସମସ୍ୟା ରହିବ। ଦେଶର ବିଶାଳତା, ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ରାଜ୍ୟ ଏଥି ପାଇଁ ସମସ୍ୟା ସୃଷ୍ଟି କରିବ। ଉତ୍ତମ କାର୍ଯ୍ୟକାରିତା ଉପରେ ନୀତିର ସଫଳତା ନିର୍ଭର କରେ। ତେଣୁ ଏହାର ସଫଳ କାର୍ଯ୍ୟକାରିତା ପାଇଁ ବହୁପାକ୍ଷିକ ସହଯୋଗ ଗୁରୁତ୍ୱପୂର୍ଣ୍ଣ। ଭାରତରେ ଏବେ ୩୫ଲକ୍ଷ ହସପିଟାଲ ଶଯ୍ୟାର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଚଳାଇବା ପାଇଁ ୩୦ ଲକ୍ଷ ଡାକ୍ତର, ୬୦ ଲକ୍ଷ ନର୍ସ ଆଗାମୀ ୨୦ ବର୍ଷ ମଧ୍ୟରେ ଦରକାର ହେବେ। ପ୍ରାଇସ ୱାଟର ହାଉସକୁପର୍ସ ସଂସ୍ଥା ତାହାର ରିପୋର୍ଟରେ ଏକଥା ଉଲ୍ଲେଖ କରିଛି। ଏବେ ଭାରତରେ ଏକହଜାର ଲୋକଙ୍କ ପାଇଁ ମାତ୍ର ୧.୩ଟି ହସ୍‌ପିଟାଲ ଶଯ୍ୟା ରହିଛି ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶାବଳୀ ଦ୍ୱାରା ସ୍ଥିରୀକୃତ ସଂଖ୍ୟାଠାରୁ ଯଥେଷ୍ଟ କମ୍। ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶାବଳୀ ଅନୁସାରେ ପ୍ରତି ଏକହଜାର ଜନସଂଖ୍ୟା ପାଇଁ ୩.୫ଟି ହସ୍‌ପିଟାଲ ଶଯ୍ୟା ଅତିକମ୍‌ରେ ରହିବା କଥା।

**ନୂଆ ସ୍ୱାସ୍ଥ୍ୟନୀତିରେ ଶିଶୁ ଓ କିଶୋର ସ୍ୱାସ୍ଥ୍ୟ ଗୁରୁତ୍ୱ ପାଇଛି। ସ୍କୁଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ରକ୍ଷା ଓ ପରିଚ୍ଛନ୍ନତା ପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଇଛି। ଆୟୁଷ ଯୋଜନାରେ ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଇଛି। ଡିଜିଟାଲ ଟୁଲ୍‌ର ବହୁଳ ଉପଯୋଗ କରି ସ୍ୱାସ୍ଥ୍ୟସେବା ଯୋଜନାରେ ଅଧିକ ସଫଳତା ହାସଲ ପାଇଁ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ପ୍ରାଧିକରଣ ଗଠନ ହେବା ଏକ ଉଲ୍ଲେଖନୀୟ ଘଟଣା। ସେହିଭଳି ଜାତୀୟ ସ୍ୱାସ୍ଥ୍ୟସେବା ମାନକ ପ୍ରତିଷ୍ଠାନ ମଧ୍ୟ ଗଠିତ ହୋଇଛି। ଏହା ସ୍ୱାସ୍ଥ୍ୟ ସେବାର ମାନ ନିର୍ଦ୍ଧାରଣ କରିବ।**

## ଏଠାରୁ ଆମର ଗତି କୁଆଡ଼େ ?

ଅତଏବ ଭାରତର ଯେଉଁ ବିପୁଳ ଜନସଂଖ୍ୟା ରହିଛି ତାହାର ଲାଭ ଉଠାଇବାକୁ ହେଲେ ଲୋକଙ୍କ ବିକାଶ ପାଇଁ ବିଶେଷତଃ ସେମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ନିମନ୍ତେ ବିପୁଳ ଅର୍ଥ ନିବେଶ କରିବାର ଆବଶ୍ୟକତା ରହିଛି। ଆସନ୍ତାକାଲିର ନାଗରିକ ଆଜିର ଶିଶୁ।

## ଶିକ୍ଷା କ୍ଷେତ୍ରରେ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଧ୍ୟାନ କେନ୍ଦ୍ରୀତ କରିବାକୁ ପଡ଼ିବ

ଶିକ୍ଷା କ୍ଷେତ୍ରରେ ଆର୍ଥିକ ସ୍ୱାସ୍ଥ୍ୟକୁ ସୁଧାରିବା ପାଇଁ ଏବଂ ସରକାରୀ ଓ ବେସରକାରୀ ସ୍କୁଲ ମଧ୍ୟରେ ଥିବା ବ୍ୟବଧାନ ଦୂରକରିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟକରିବା ଉଚିତ। ଶିକ୍ଷା କ୍ଷେତ୍ରରେ ଜିଡିପିର ୬ ଶତାଂଶ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ଏହାଦ୍ୱାରା ଅର୍ଥର ଅଭାବ ରହିବ ନାହିଁ। ଗତ ୪୦ବର୍ଷ ଧରି ଏଥିପାଇଁ ଦାବି ହୋଇଆସୁଛି।

➢ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିକୁ ସଜାଡ଼ିବା ସହ ଉତ୍ତମମାନର ଶିକ୍ଷକଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଯୋଗ୍ୟ ଶିକ୍ଷକଙ୍କ ନିଯୁକ୍ତିକୁ ଅଗ୍ରାଧିକାର ତଥା ଶିକ୍ଷକ ତାଲିମ ଉପରେ ଗୁରୁତ୍ୱ ସହ ଉତ୍ତମ ପ୍ରତିଭାମାନଙ୍କୁ ଉତ୍ତମ ବେତନ ଓ ସୁବିଧା ସୁଯୋଗ ଦେଇ ଏ କ୍ଷେତ୍ରକୁ ଆକୃଷ୍ଟ କରିବାକୁ ହେବ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ଶିକ୍ଷକପଦ (୧୫ରୁ ୪୦%) ଅଗ୍ରାଧିକାର ଭିତ୍ତିରେ ପୂରଣ କରିବାକୁ ପଡ଼ିବ।

➢ ଶିକ୍ଷାନୁଷ୍ଠାନରେ ପରିଦର୍ଶନ ଓ ତଦାରଖ ବ୍ୟବସ୍ଥାର ଅଭାବରୁ ଶିକ୍ଷକମାନେ ଠିକଣାଭାବେ କାର୍ଯ୍ୟ ସମ୍ପାଦନ କରୁନାହାନ୍ତି ଓ ଅନେକ ଅନୁପସ୍ଥିତ ରହୁଛନ୍ତି। ଏଥିପାଇଁ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେବ। ଏହାଛଡ଼ା ବିଭିନ୍ନ ସମୟରେ ଶିକ୍ଷକଙ୍କର ଦକ୍ଷତା ପରୀକ୍ଷଣ କରିବା ସହ ସେମାନଙ୍କୁ ଆବଶ୍ୟକ ସ୍ଥଳେ ତାଲିମ ଓ ପ୍ରଶିକ୍ଷଣ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପଡ଼ିବ। ଭାରତୀୟ ପ୍ରଶାସନିକ ସେବା ଢାଞ୍ଚାରେ ଶିକ୍ଷକ ସେବା ବ୍ୟବସ୍ଥା ପ୍ରଚଳନ କରି ଯୋଗ୍ୟ ଓ ଦକ୍ଷ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ।

➢ ଆବଶ୍ୟକତା ଅନୁସାରେ ଦେଶରେ ଯୋଗ୍ୟ ଶିକ୍ଷକ ମିଳୁନାହାନ୍ତି। ତେଣୁ ଯୋଗ୍ୟ ଶିକ୍ଷକ ପ୍ରସ୍ତୁତ କରିବା ପାଇଁ ଅନୁଷ୍ଠାନମାନ ଗଢ଼ିବାର ବ୍ୟବସ୍ଥା କରାଯିବା ଉଚିତ। ଶିକ୍ଷା କ୍ଷେତ୍ରର ଆବଶ୍ୟକତା, ଛାତ୍ର-ଶିକ୍ଷକ ଅନୁପାତ ନିର୍ଦ୍ଧାରଣ ଆଦି ପାଇଁ ଯେଉଁ ଆକଳନ ବ୍ୟବସ୍ଥା ରହିବା କଥା ତାହା ନାହିଁ। ତେଣୁ ଚାହିଦା ମୁତାବକ ଯୋଗାଣ ସମ୍ଭବ ହେଉନାହିଁ। ଏଥିପାଇଁ ଘରୋଇ-ସରକାରୀ ସହଯୋଗରେ ଉଦ୍ୟମ କରାଯିବାର ଆବଶ୍ୟକତା ରହିଛି।

➢ ଦେଶରେ ଉତ୍ତମ ଶିକ୍ଷା ପ୍ରଦାନ କରୁଥିବା ମାନକ ଉଚ୍ଚଶିକ୍ଷାନୁଷ୍ଠାନର ସଂଖ୍ୟା ନଗଣ୍ୟ। ତେଣୁ ଭଲ ଶିକ୍ଷକ ବାହାରୁ ନାହାନ୍ତି। ଏଥିପାଇଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଦରକାର।

➢ ଘରୋଇ ଶିକ୍ଷାନୁଷ୍ଠାନରେ ପାଠପଢ଼ିବା ପାଇଁ ଅଧିକ ଅର୍ଥ ଦରକାର ହେଉଥିବାରୁ ସାଧାରଣ ଲୋକେ ଏହାର ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଅତଏବ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି, ଶିକ୍ଷାଋଣ ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ଯୋଗାଣର ବ୍ୟବସ୍ଥାକୁ ବ୍ୟାପକ କରାଯିବା ଆବଶ୍ୟକ। ଶିଳ୍ପ ସଂସ୍ଥାମାନେ ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଦେଇ ପ୍ରୋତ୍ସାହିତ କରିବା ଉଚିତ। ଏଥିପାଇଁ ଏକ ବ୍ୟବସ୍ଥା ହେବା ଦରକାର। ଆର୍ଥିକ ଅନଗ୍ରସର, ଛାତ୍ରୀ, ଅନୁନ୍ନତ ବର୍ଗ ଓ ଅନ୍ୟାନ୍ୟ ବଞ୍ଚିତ ବର୍ଗର ପିଲାମାନଙ୍କ ପାଇଁ ଏ କ୍ଷେତ୍ରରେ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବା ଆବଶ୍ୟକ।

➢ ଆମ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜନୈତିକ ନିଯୁକ୍ତି ଓ ବାରମ୍ବାର ସରକାରୀ

ହସ୍ତକ୍ଷେପ ଫଳରେ ଏହାର ସ୍ୱୟଂଶାସନ ବ୍ୟବସ୍ଥା ବ୍ୟାହତ ହେବା ସହ ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି । ଏହାକୁ ବନ୍ଦ କରାଯିବା ଉଚିତ । ଏଥିପାଇଁ ଏକ ଜାତୀୟ ନିଯୁକ୍ତି କମିଶନ ଗଠନ ଓ ସ୍ୱୟଂଶାସନ ଢାଞ୍ଚା ବିକାଶ କରିବାର ଆବଶ୍ୟକତା ରହିଛି ।

### ନିଯୁକ୍ତି ଯୋଗ୍ୟ ପ୍ରାର୍ଥୀ

ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଶିକ୍ଷାକ୍ଷେତ୍ରରେ ନିଯୁକ୍ତି ପାଇଁ ପ୍ରାର୍ଥୀ କେତେ ଯୋଗ୍ୟ ତାହା ଦେଖିବା । ଏଥିପାଇଁ ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣା ବ୍ୟବସ୍ଥାକୁ ପୃଥକ୍ କରିବା ଆବଶ୍ୟକ । ନିଯୁକ୍ତି ପାଇଁ ଉପଯୁକ୍ତ ପାଠ ନ ପଢ଼ିଥିବା ଛାତ୍ରଛାତ୍ରୀ ଅନେକ ସମୟରେ ନିଜ ପାଇଁ କର୍ମ ସଂସ୍ଥାନ ଯୋଗାଡ଼ କରିବାରେ ବିଫଳ ହେଉଛନ୍ତି । ସେଥିପାଇଁ ଘରୋଇ କ୍ଷେତ୍ରର ସହଯୋଗରେ ଇନକ୍ୟୁବେସନ କେନ୍ଦ୍ରମାନ ସ୍ଥାପନ କରି ଶିକ୍ଷାର୍ଥୀଙ୍କ ମଧ୍ୟରେ ବିଜ୍ଞାନଭିତ୍ତିକ ଚେତନା ସୃଷ୍ଟି କରାଯିବା ଆବଶ୍ୟକ ।

### ଭାଷାଗତ ପ୍ରତିବନ୍ଧକ

ପ୍ରାୟତଃ ଇଂରାଜୀଭିତ୍ତିକ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ ଓ ଭାରତୀୟ ଭାଷାରେ ସେସବୁ ପାଠ୍ୟକ୍ରମର ଉତ୍ତମ ଅନୁବାଦ ପୁସ୍ତକ ନମିଳିବାରୁ ଅନେକ ପିଲା ଇଂରାଜୀ ଧରି ନ'ପାରି ଶିକ୍ଷାପ୍ରତି ନିରୁତ୍ସାହିତ ହେଉଛନ୍ତି । ଏ କ୍ଷେତ୍ରରେ ଭାଷାଗତ ପ୍ରତିବନ୍ଧକ ଯେପରି ନ ରହେ ସେଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ । ସବୁ ଇଂରାଜୀ ପାଠ୍ୟପୁସ୍ତକରେ ଭାରତୀୟ ଭାଷାର ଅନୁବାଦ ପୁସ୍ତକ ଯୋଗାଣ ଅଗ୍ରାଧିକାର ଭିତ୍ତିରେ କରାଯିବା ଉଚିତ ।

ବିଶ୍ୱର ବ୍ୟାଧି ବୋଝରେ ଭାରତର ଭାଗ ୨୧ ଶତାଂଶ । ଏଠାରେ ୧୭୦୦ ରୋଗୀଙ୍କ ପାଇଁ ଡାକ୍ତରଙ୍କ ଅନୁପାତ ମାତ୍ର ଜଣେ । ମୋଟ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚରେ ବ୍ୟକ୍ତିଗତ ବା ଘରୋଇ ବ୍ୟୟ ୬୨% ଯାହା ଅତି ଅଧିକ । ଏଭଳି ଅବସ୍ଥାରେ ଭାରତର ସ୍ୱାସ୍ଥ୍ୟ ସେବା କ୍ଷେତ୍ର ଢାଞ୍ଚାଗତ ଓ ମୌଳିକ ଆହ୍ୱାନର ମୁକାବିଲା ପାଇଁ କଡ଼ା ଔଷଧ ଦରକାର କରୁଛି । ଏହାର ସମାଧାନ ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ।

➢ ଦେଶରେ ସରକାରୀ ସ୍ୱାସ୍ଥ୍ୟସେବା ଯୋଗାଣ ବ୍ୟବସ୍ଥା କ୍ରମଶଃ ହ୍ରାସ ପାଉଛି । ଆବଶ୍ୟକ କୁଶଳୀ କର୍ମଚାରୀ ମିଳୁନାହାନ୍ତି । ସେବା ଯୋଗାଣ, ସ୍ୱାସ୍ଥ୍ୟ ସେବାର ମାନ ଓ ବ୍ୟବସ୍ଥା ସମ୍ପର୍କରେ ଘରୋଇ-ସରକାରୀ ସହଯୋଗ ଭିତ୍ତିରେ ଏକ ନିୟନ୍ତ୍ରକ ବ୍ୟବସ୍ଥା କରି ସ୍ୱାସ୍ଥ୍ୟ ଭିତ୍ତିଭୂମି, ମାନ, ପରିଚାଳନା, ପ୍ରଶାସନ, ସାମଗ୍ରିକ ସ୍ୱାସ୍ଥ୍ୟ ଶାସନ ବ୍ୟବସ୍ଥାର ସମୀକ୍ଷା କରିବା ସହ ସମାଧାନ ମାର୍ଗ ବାହାର କରାଯିବା ଉଚିତ । ପରିଚ୍ଛନ୍ନତା ଓ ଅନ୍ୟାନ୍ୟ ସରକାରୀ (ଉଭୟ କେନ୍ଦ୍ର ଓ ରାଜ୍ୟ) କାର୍ଯ୍ୟକ୍ରମଗୁଡ଼ିକର ଉଚିତ ରୂପାୟନ ଉପରେ ଦୃଷ୍ଟି ଦିଆଯିବା ଆବଶ୍ୟକ ।

### ସ୍ୱାସ୍ଥ୍ୟସେବା ଯୋଗାଣ ଭିତ୍ତିଭୂମି

କେପିଏମ୍‌ଜି ରିପୋର୍ଟ ଅନୁସାରେ ଦେଶର ୬୦ ଭାଗ ହସ୍‌ପିଟାଲ, ୭୫ ଭାଗ ଡିସ୍‌ପେନସାରୀ ଓ ୮୦ ଶତାଂଶ ଡାକ୍ତର ସହରାଞ୍ଚଳରେ । ଏହା ଦ୍ୱାରା ଦେଶର ମୋଟ ଜନସଂଖ୍ୟାର ମାତ୍ର ୨୮ ଶତାଂଶ ଲୋକ ସ୍ୱାସ୍ଥ୍ୟ ସେବାର ସୁବିଧା ପାଉଛନ୍ତି । ଅତଏବ ମେଡିକାଲ କଲେଜ ଓ ଡାକ୍ତରୀ ସିଟ୍ ସଂଖ୍ୟା ବଢ଼ାଯିବା ଆବଶ୍ୟକ । ଗ୍ରାମାଞ୍ଚଳରେ ଇଣ୍ଟର୍ଣ୍ଣସିପ୍ କରିବାକୁ ଡାକ୍ତରଙ୍କୁ ଅଧିକରୁ ଅଧିକ ଉତ୍ସାହିତ କରାଯିବା ଦରକାର । ଯେଉଁ ଡାକ୍ତରମାନେ ଗ୍ରାମାଞ୍ଚଳରେ ୩ ରୁ ୫ ବର୍ଷ କାମ କରିଛନ୍ତି ପିଜି ପାଠ୍ୟକ୍ରମ ପାଇଁ ସେମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ କରାଯିବା ଆବଶ୍ୟକ । ସେହିଭଳି ମେଡିକାଲ କଲେଜରେ ଶିକ୍ଷକ ନିଯୁକ୍ତି ପାଇଁ ବୟସ ସୀମା ବୃଦ୍ଧି କରାଯିବା ଉଚିତ୍ । ଘରୋଇ କଲେଜରେ ମେଡିକାଲ ଶିକ୍ଷା ବ୍ୟୟ ବହୁଳ ହୋଇଥିବାରୁ ଏହାକୁ ଶସ୍ତା ଓ ସୁଲଭ କରାଯିବାର ବ୍ୟବସ୍ଥା କରିବା ଉପରେ ଧ୍ୟାନ ଦେବାକୁ ହେବ । ସ୍ୱାସ୍ଥ୍ୟ ସେବା ଯେପରି ଶସ୍ତା ଓ ସହଜ ହୋଇପାରିବ ସେଥିପାଇଁ ନୂଆ ବ୍ୟବସ୍ଥା ବାହାର କରିବାକୁ ପଡ଼ିବ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମାତ୍ର ୩୦୦ ଷ୍ଟାର୍ଟଅପ୍ ୨୦୧୫ରେ ପ୍ରତିଷ୍ଠା ହୋଇଛି । ଏହାକୁ ଅଧିକ ପ୍ରୋତ୍ସାହନ ଦେଇ ସଂଖ୍ୟା ବଢ଼ାଇବାକୁ ହେବ ।

**ବିଶ୍ୱର ବ୍ୟାଧି ବୋଝରେ ଭାରତର ଭାଗ ୨୧ ଶତାଂଶ । ଏଠାରେ ୧୭୦୦ ରୋଗୀଙ୍କ ପାଇଁ ଡାକ୍ତରଙ୍କ ଅନୁପାତ ମାତ୍ର ଜଣେ । ମୋଟ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚରେ ବ୍ୟକ୍ତିଗତ ବା ଘରୋଇ ବ୍ୟୟ ୬୨% ଯାହା ଅତି ଅଧିକ । ଏଭଳି ଅବସ୍ଥାରେ ଭାରତର ସ୍ୱାସ୍ଥ୍ୟ ସେବା କ୍ଷେତ୍ର ଢାଞ୍ଚାଗତ ଓ ମୌଳିକ ଆହ୍ୱାନର ମୁକାବିଲା ପାଇଁ କଡ଼ା ଔଷଧ ଦରକାର କରୁଛି । ଏହାର ସମାଧାନ ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ।**

### ବିଶେଷଜ୍ଞ ଆବଶ୍ୟକତା

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଶେଷଜ୍ଞ ବା ସ୍ପେଶାଲିଷ୍ଟଙ୍କ ଅଭାବ ଏକ ବଡ଼ ସମସ୍ୟା । ଡାକ୍ତର, ନର୍ସ ଓ ଅନ୍ୟ ପାରାମେଡିକାଲ କର୍ମଚାରୀଙ୍କ ସଂଖ୍ୟାରେ ଭାରସାମ୍ୟ ରକ୍ଷା କରିବା ସହ ସ୍ପେଶାଲିଷ୍ଟ ଅଭାବ ଦୂରକରିବାକୁ ବ୍ୟବସ୍ଥା ହେବା ଦରକାର । ଗ୍ରାମାଞ୍ଚଳରେ ସହରାଞ୍ଚଳ ଅପେକ୍ଷା ଏହି ସ୍ପେଶାଲିଷ୍ଟ ଅଭାବ ସମସ୍ୟା ଉତ୍କଟଥିବାରୁ ସେଥିପ୍ରତି ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦିଆଯିବା ଆବଶ୍ୟକ । ଏଥିପାଇଁ ସ୍ୱାସ୍ଥ୍ୟ ସେବା କ୍ୟାଡର ସୃଷ୍ଟି ଏକାନ୍ତ ଅପରିହାର୍ଯ୍ୟ । ଏଥି ସହିତ ସବୁ ହସ୍‌ପିଟାଲକୁ ଇ-ନେଟୱାର୍କରେ ସଂଯୁକ୍ତ କରାଯିବା ଆବଶ୍ୟକ । ଏହା ଫଳରେ ଲୋକେ ଚିକିତ୍ସକ ଓ ଶଯ୍ୟା ସମ୍ପର୍କରେ ଆବଶ୍ୟକ ସୂଚନା ପାଇପାରିବେ ।

### ଶସ୍ତା ସ୍ୱାସ୍ଥ୍ୟ ସେବା

ସ୍ୱାସ୍ଥ୍ୟସେବାରେ ଦାମୀ ଔଷଧ ଓ ବ୍ୟୟବହୁଳ ପରୀକ୍ଷା ନିରୀକ୍ଷା ଏକ ବଡ଼ ସମସ୍ୟା । ସେଥିପାଇଁ ସ୍ୱଳ୍ପ ମୂଲ୍ୟର ଜେନେରିକ ଔଷଧକୁ ପ୍ରୋତ୍ସାହନ ସହ ଦାମୀ ବ୍ରାଣ୍ଡେଡ୍ ଔଷଧକୁ ନିରୁତ୍ସାହିତ କରାଯିବା ଆବଶ୍ୟକ ।

ଶିକ୍ଷା ଓ ସ୍ୱାସ୍ଥ୍ୟ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଗାମୀ ଦିନରେ ଉତ୍‌ଥାନମୁଖୀ ଭାରତର ଭାଗ୍ୟ ନିର୍ଣ୍ଣୟ କରିବ । ଏଣୁ ଏହା ଉପରେ ଏବେଠୁ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ।

**ଲେଖିକା ଲୋକସଭା ଟେଲିଭିଜନର ଜଣେ ବରିଷ୍ଠ ବିଶ୍ଳେଷିକା**

# ସୁସ୍ଥ ବିତ୍ତୀୟ ପରିଚାଳନା ପାଇଁ ସାତଟି ପଦକ୍ଷେପ

ଶିଶିର ସିହ୍ନା

**୨୦୧୪-୧୫ରୁ ସରକାର ବେଶ୍ ସକ୍ରିୟତାର ସହିତ 'ଜାମ୍' ବ୍ୟବସ୍ଥାକୁ କାର୍ଯ୍ୟକାରୀ କରୁଛନ୍ତି। ଏହାଦ୍ୱାରା ଭଲ ଫଳ ମଧ୍ୟ ମିଳୁଛି। ଜାମ୍ ତ୍ରିମୂର୍ତ୍ତି ବ୍ୟବସ୍ଥାଦ୍ୱାରା ଗତ ଅଢ଼େଇ ବର୍ଷ ମଧ୍ୟରେ ପ୍ରତ୍ୟେକ୍ଷ ସୁବିଧା ଲାଭ ଯୋଗାଣ କ୍ଷେତ୍ରରେ ସରକାର ୫୦ ହଜାର କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି ବୋଲି ସରକାରୀ ଭାବେ କୁହାଯାଉଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୧୪ ହଜାର କୋଟି, ଏମ୍‌ଜିନରେଗାରେ ୭୬୦୦କୋଟି ଏଲ୍‌ପିଜି ପହଲ କାର୍ଯ୍ୟକ୍ରମରେ ୨୬,୪୦୦କୋଟି ଟଙ୍କା ସରକାର ବଞ୍ଚାଇ ପାରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ରିଆତି ବାବଦ ଅର୍ଥ ପରିମାଣ ହ୍ରାସ ନ' କରି ମଧ୍ୟ ସରକାର ବଣ୍ଟନ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ ଓ ତ୍ରୁଟିଶୂନ୍ୟ କରି ବିପୁଳ ଅର୍ଥ ସଞ୍ଚୟ କରିବାକୁ ସଫଳ ହୋଇଛନ୍ତି।**

ଏକ ନିର୍ବାଚିତ ସରକାରଙ୍କୁ ବିଭିନ୍ନ ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼େ। ସେଥିମଧ୍ୟରୁ ଗୋଟିଏ ହେଲା ଭୋଟର ଗୋଷ୍ଠୀ। ଏହି ଭୋଟରଙ୍କ ମଧ୍ୟରୁ ସମସ୍ତେ ସରକାରଙ୍କୁ ଭୋଟ ଦେଇଥାନ୍ତୁ ବା ନ'ଦେଇଥାନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ। ଆଉ ଗୋଟିଏ ହେଲା ଅର୍ଥନୀତିଜ୍ଞ, ବିଶ୍ଳେଷକ, ରେଟିଂ ଏଜେନ୍ସିଙ୍କୁ ନେଇ ଗଠିତ ଗୋଷ୍ଠୀ। ଭୋଟର ଗୋଷ୍ଠୀ ସବୁବେଳେ ଚାହିଁବ ସରକାର ଲୋକକଲ୍ୟାଣ ଓ ଜନମଙ୍ଗଳ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଅର୍ଥ ବ୍ୟୟ କରନ୍ତୁ। ଅପରପକ୍ଷରେ ଅର୍ଥନୀତିଜ୍ଞ, ବିଶ୍ଳେଷକଙ୍କୁ ନେଇ ଗଠିତ ଗୋଷ୍ଠୀ ସରକାର ପୁଞ୍ଜି ବ୍ୟୟ ଉପରେ ଅଧିକ ନଜର ରଖିବେ। ଏକ ତୃତୀୟ ଗୋଷ୍ଠୀ ଯାହା ଉଦ୍ୟୋଗ ଜଗତ ହୋଇପାରେ ତାହା ମଧ୍ୟ ଅଧିକରୁ ଅଧିକ ଟିକସ ରିଆତି, ଅନ୍ୟାନ୍ୟ ସୁବିଧା ସୁଯୋଗ ସର୍ବଦା ସରକାରଙ୍କଠାରୁ ଆଶା କରେ। ସେମାନଙ୍କ ମତରେ ଲୋକ କଲ୍ୟାଣ ପାଇଁ ସରକାର ଅଧିକରୁ ଅଧିକ ଅର୍ଥ ଖର୍ଚ୍ଚ କରିବା ପଛରେ ଲୋକଦେଖାଣିଆ ଭାବ ଅଧିକ ଓ ଆନ୍ତରିକତା କମ୍ ଥାଏ।

ଅତଏବ ଏହି ତିନିଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବା କୌଣସି ଅର୍ଥମନ୍ତ୍ରୀଙ୍କ ପକ୍ଷେ ସହଜ କଥା ନୁହେଁ। ଲୋକଙ୍କୁ ଖୁସି କରି ରଖିଲେ ଭୋଟ ମିଳିବ ଓ ନିର୍ବାଚନରେ ସରକାର ପୁନଃ ନିର୍ବାଚିତ ହେବ। ବୁଝିବିଚାରି ଉପଯୁକ୍ତ ମାର୍ଗରେ ଅର୍ଥ ଖର୍ଚ୍ଚ କଲେ ବିତ୍ତଶାସ୍ତ୍ରୀମାନେ ସନ୍ତୋଷ ପ୍ରକାଶ କରିବେ ଓ ଆନ୍ତର୍ଜାତିକ ସ୍ତରରେ ଦେଶର କାଟ୍‌ତି ବଢ଼ିବ। ଏହାଦ୍ୱାରା ଦେଶର ରେଟିଂ ବଢ଼ିବା ସହିତ ବିଦେଶୀ ପୁଞ୍ଜି ନିବେଶ ପରିମାଣ ବୃଦ୍ଧିପାଇବ। ସେହିଭଳି ଆର୍ଥିକ ପରିବେଶ ଓ ପରିସ୍ଥିତି ଭଲ ରହିଲେ ପୁଞ୍ଜି ନିବେଶ ଦ୍ୱାରା ଶିଳ୍ପ ବାଣିଜ୍ୟ ପ୍ରୋତ୍ସାହିତ ହେବ ଏବଂ ଉଦ୍ୟୋଗଜଗତକୁ ଲାଭ ମିଳିବ। ଏହା ତୃତୀୟ ଗୋଷ୍ଠୀକୁ ସୁହାଇବ। ଅତଏବ ଏହି ତିନିଶ୍ରେଣୀ ବା ଗୋଷ୍ଠୀକୁ ସୁହାଇବା ଭଳି ସାଧାରଣ ବ୍ୟବସ୍ଥାଟି କ'ଣ ? ଏହି ବ୍ୟବସ୍ଥାଟି ହେଲା ସୁସ୍ଥ ବିତ୍ତୀୟ ପରିଚାଳନା ନୀତି। ମନେରଖିବା ଉଚିତ ସୁସ୍ଥ ବିତ୍ତୀୟ ପରିଚାଳନା ନୀତି ନିରୋଳା ଗଣିତ ପାଠ ଓ କଠୋର ପଦକ୍ଷେପ କେବଳ ଲୋଡ଼େ ନା, ଏ କ୍ଷେତ୍ରରେ ବାସ୍ତବବାଦୀ ଆଭିମୁଖ୍ୟ ଓ ମାନବବାଦୀ ବିଚାର ଅନେକାଂଶରେ ଲୋଡ଼ା। ତା' ନହେଲେ ଇପ୍‌ସିତ ଫଳ ମିଳିବା ସମ୍ଭବ ହୋଇ ନ'ପାରେ। ଏସବୁକୁ ବିଚାରରେ ରଖି ସୁସ୍ଥ ବିତ୍ତୀୟ ପରିଚାଳନା ପାଇଁ ସାତଟି ପ୍ରମୁଖ ପ୍ରସଙ୍ଗକୁ ଗୁରୁତ୍ୱ ଦେବାକୁ ପଡ଼ିବ।

**କୋଇଲା, ବିଭିନ୍ନ ଖଣିଜ ଓ ସ୍ପେକ୍‌ଟ୍ରମ ନିଲାମ**

ଖଣିଜ ପଦାର୍ଥ ଓ ସ୍ପେକ୍‌ଟ୍ରମ ଆଦିର ନିଲାମ କ୍ଷେତ୍ରରେ ପୂର୍ବରୁ ଯେଉଁ 'ପ୍ରଥମ ବ୍ୟକ୍ତିକୁ ପ୍ରଥମେ ଦିଅ' ନୀତି ଅବଲମ୍ବନ କରାଯାଉଥିଲା ତାହା ବିବାଦୀୟ ହେବାରୁ ସର୍ବୋଚ୍ଚ ଅଦାଲତ ଏହାକୁ ୨୦୧୪ ଅଗଷ୍ଟ ୨୫ରେ ଅସିଦ୍ଧ ଘୋଷଣା କଲେ। ଫଳରେ ୨୦୪ କୋଇଲା ବ୍ଲକର ନିଲାମ ବାତିଲ ହେଲା। ଏସବୁ ଖଣିକୁ ସରକାରୀ କମ୍ପାନୀଗୁଡ଼ିକୁ ନିଲାମ ଭିତ୍ତିରେ ଦେବାକୁ ଅଦାଲତ ନିର୍ଦ୍ଦେଶ ଜାରି କରିଥିଲେ। ଏଥିପାଇଁ ସରକାର ଏକ ଅଧ୍ୟାଦେଶ ଆଣିବା ସହ ପରେ ଏହାକୁ ଆଇନ କରି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କଲେ। ନୂଆ ବ୍ୟବସ୍ଥାରେ ଏ ପର୍ଯ୍ୟନ୍ତ ୮୨ଟି କୋଇଲା ଖଣିକୁ ସରକାରୀ କମ୍ପାନୀଙ୍କୁ ନିଲାମରେ ଦିଆଯାଇଛି। ସେଥିମଧ୍ୟରୁ ଛ'ଟି ରାଜ୍ୟ ସରକାରଙ୍କ ଅଧିକୃତ ସଂସ୍ଥା ପାଇଛନ୍ତି। ଏହି ଖଣି ମଧ୍ୟରୁ ୩୧ଟି ଇ-ଅକ୍ସନ ପ୍ରକ୍ରିୟାରେ ଏବଂ ଅବଶିଷ୍ଟ ୫୧ଟି ଆବଣ୍ଟନ ଜରିଆରେ ଯୋଗାଇ ଦିଆଯାଇଛି।

ଏହି ନୂଆ ବ୍ୟବସ୍ଥା ଦ୍ୱାରା ଜାତୀୟ ରାଜକୋଷର କି ଲାଭ ହୋଇଛି ? ହିସାବ ଅନୁସାରେ ନୂଆ ବ୍ୟବସ୍ଥାରେ କୋଇଲା ବିକ୍ରି ବାବଦରେ ସରକାର ଚାରିଲକ୍ଷ କୋଟି ଟଙ୍କାର ରାଜସ୍ୱ ପାଇବେ। ଏହି ରାଜସ୍ୱର ଏକ ବଡ଼ଭାଗ ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି କୋଇଲା ସମୃଦ୍ଧ ରାଜ୍ୟ ସରକାରଙ୍କୁ ମିଳିବ।

କେନ୍ଦ୍ର ସରକାର ଇତିମଧ୍ୟରେ ଖଣି ଓ ଖଣିଜ ବିକାଶ (ନିୟନ୍ତ୍ରଣ ସଂଶୋଧନ) ଆଇନ ୨୦୧୫କୁ କାର୍ଯ୍ୟକାରୀ କରିଛନ୍ତି। ଏହା ଫଳରେ କୋଇଲା ବ୍ୟତୀତ ଅନ୍ୟାନ୍ୟ ଖଣିଜ ପଦାର୍ଥର ଉତ୍ତୋଳନ, ପରିବହନ ଓ ବିକାଶ ପାଇଁ ଖଣି ନିଲାମ ବ୍ୟବସ୍ଥା କରାଯାଇଛି। ଓଡ଼ିଶା, ଆନ୍ଧ୍ର, ଛତିଶଗଡ଼, ଝାଡ଼ଖଣ୍ଡ, କର୍ଣ୍ଣାଟକ, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଇତିମଧ୍ୟରେ ୨୧ଟି ବିଭିନ୍ନ ଖଣିକୁ ସଫଳତାର ସହ ନିଲାମ କରାଯାଇଛି। ଦଶଟି ଖଣି ସମୃଦ୍ଧ ରାଜ୍ୟରେ ଆଉ

୭୧ଟି ଖଣି ଖୁବ୍ ଶୀଘ୍ର ନିଲାମ ହେବ। ଏହା ଫଳରେ ସମ୍ପୃକ୍ତ ରାଜ୍ୟ ସରକାର ୫୦ ହଜାର କୋଟିରୁ ଅଧିକ ଟଙ୍କାର ରାଜସ୍ୱ ପାଇବେ।

ଧ୍ୱନୀ ତରଙ୍ଗ ବା ସ୍ପେକ୍ଟ୍ରମ ନିଲାମ ଏ କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା। ୨୦୧୨ରେ ଏହାର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଏବାବଦରେ ଗତ ତିନିବର୍ଷ ମଧ୍ୟରେ କୌଣସି ରାଜସ୍ୱ କ୍ଷତି ହୋଇ ନଥିବା ସରକାର କହୁଛନ୍ତି। ୨୦୧୪-୧୫ରେ କୌଣସି ରାଜସ୍ୱ ଆୟ ଲକ୍ଷ୍ୟ ସରକାରଙ୍କର ଏ କ୍ଷେତ୍ରରେ ନଥିବାବେଳେ ୧୦୭୯୧ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଥିଲା। ସେହିଭଳି ୨୦୧୬-୧୭ରେ ସରକାର ସ୍ପେକ୍ଟ୍ରମ୍ ବାବଦ ରାଜସ୍ୱ ଲକ୍ଷ୍ୟ ୨୧,୫୮୭କୋଟି ଧାର୍ଯ୍ୟ କରିଥିବାବେଳେ ୩୩ ହଜାର ୧୯୭ କୋଟି ଟଙ୍କା ପାଇବେ।

ପ୍ରାକୃତିକ ସମ୍ପଦର ପାରମ୍ପରିକ ନିଲାମ ବ୍ୟବସ୍ଥାରେ ସରକାର ଯେତେ ରାଜସ୍ୱ ପାଉଥିଲେ ନୂଆ ବ୍ୟବସ୍ଥାରେ ତା'ତୁଳନାରେ ଯଥେଷ୍ଟ ଅଧିକ ରାଜସ୍ୱ ପାଉଥିବା ପ୍ରମାଣିତ ହୋଇଛି। ଇ-ବ୍ୟବସ୍ଥାରେ ଏହି ନିଲାମ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ଉପଯୋଗୀ ସାବ୍ୟସ୍ତ ହୋଇଛି। ବିଖ୍ୟାତ ଫୋର୍ବ୍ସ ମାଗାଜିନ ଭାରତର ଏହି ନିଲାମ ବ୍ୟବସ୍ଥାକୁ ଉଚ୍ଚ ପ୍ରଶଂସା କରିଛି।

## ଜାମ୍ ଟ୍ରିନିଟୀ

ନିଲାମ ବ୍ୟବସ୍ଥା ସୁସ୍ଥ ବିତ୍ତୀୟ ପରିଚାଳନା କ୍ଷେତ୍ରରେ ଏକ ବାସ୍ତବବାଦୀ ପଦକ୍ଷେପ ହୋଇଥିବାବେଳେ ଜାମ ଟ୍ରିନିଟୀ ବ୍ୟବସ୍ଥା ଏ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଜାମ ତିନିଟି ବିଷୟର ସମାହାର। ସେଗୁଡ଼ିକ ହେଲା ଜନଧନ, ଆଧାର ଓ ମୋବାଇଲ୍। ସରକାର ପ୍ରତିବର୍ଷ ଅଜସ୍ର ଅର୍ଥ ଗରିବଙ୍କ କଲ୍ୟାଣ ପାଇଁ ବ୍ୟୟ କରୁଛନ୍ତି। ବିଭିନ୍ନ କ୍ଷେତ୍ରରେ ବିପୁଳ ସବ୍‌ସିଡି ଲୋକଙ୍କୁ ମଧ୍ୟ ଦିଆଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ସବ୍‌ସିଡି ଦେଉଛନ୍ତି। ବିଭିନ୍ନ ଅତ୍ୟାବଶ୍ୟକ ଦ୍ରବ୍ୟ ଉପରେ ସରକାରୀ ରିଆତି ଦେଇ ଲୋକଙ୍କୁ ସେସବୁ ଶସ୍ତାରେ ଯୋଗାଇଦେବାର ପ୍ରୟାସ କରାଯାଉଛି। ସବ୍‌ସିଡି ବାବଦରେ ସରକାର ମୋଟ୍ ୩୭୮୦୦୦ କୋଟି ଟଙ୍କା ପ୍ରଦାନ କରୁଛନ୍ତି ଯାହା ଜିଡିପିର ୪.୨୪ ଶତାଂଶ। ଏବେ ପ୍ରଶ୍ନ ହେଉଛି ଯେ ଏହି ବିପୁଳ ସବ୍‌ସିଡି ଯାହା ଗରିବଙ୍କ ପାଇଁ ଉଦ୍ଦିଷ୍ଟ ତାହା ସେମାନେ ପ୍ରକୃତରେ ପାଉଛନ୍ତି ନା ଏହା ଅନ୍ୟ କାହାର ପକେଟକୁ ଯାଉଛି ?

୨୦୧୫-୧୬ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ଏହି ସବ୍‌ସିଡି ବ୍ୟବସ୍ଥା ପ୍ରଗତିର ପରିପନ୍ଥୀ। ପ୍ରଗତିର ପରିପନ୍ଥୀ ଅର୍ଥ ଏହା ଯେଉଁ ଗରିବଙ୍କ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ତାହା ସେମାନଙ୍କ ପାଖକୁ ନ'ଯାଇ ଧନୀ ଓ ସ୍ୱଚ୍ଛଳବର୍ଗଙ୍କ କାମରେ ଲାଗୁଛି। ଏଲପିଜିକୁ ଏକ ଉଦାହରଣ ଭାବେ ନିଆଯାଇପାରେ। ଏହି ରନ୍ଧନଗ୍ୟାସ୍ ଉପରେ ଦିଆଯାଉଥିବା ସବ୍‌ସିଡିର ଲାଭ ଗରିବଙ୍କ ଅପେକ୍ଷା ସ୍ୱଚ୍ଛଳବର୍ଗର ଲୋକେ ବେଶୀ ଉଠାଉଛନ୍ତି। ଗରିବ ପରିବାରଙ୍କ ମଧ୍ୟରୁ ମାତ୍ର ୨୫ ଶତାଂଶ ଏହାର ଲାଭ ପାଉଛନ୍ତି। କିରାସିନରେ ମଧ୍ୟ ଏକା ସ୍ଥିତି। ସର୍ଭେ ତଥ୍ୟ ଅନୁସାରେ ସବ୍‌ସିଡି କିରାସିନିର ଲାଭ ମାତ୍ର ୪୯ ଶତାଂଶ ଗରିବ ପାଉଥିବାବେଳେ ୫୧% ସ୍ୱଚ୍ଛଳବର୍ଗ ଏହାର ଫାଇଦା ନେଉଛନ୍ତି।

ଏହାର ଅର୍ଥ ହେଲା ବ୍ୟବସ୍ଥାରେ ଛିଦ୍ର ରହୁଥିବାରୁ ଯୋଜନାର ଲକ୍ଷ୍ୟ ହାସଲ ହେଉନାହିଁ ଓ ଏହା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁନି। ଏହା ସୁସ୍ଥ ବିତ୍ତୀୟ ପରିଚାଳନା ନୀତିର ବିରୋଧାଚରଣ କରୁଛି। ତେଣୁ ଏହାର ଉପାୟ କ'ଣ ? ଉତ୍ତର ହେଲା ଯେଉଁମାନେ ପ୍ରକୃତ ସହାୟତା ଲୋଡ଼ୁଛନ୍ତି ସେମାନଙ୍କୁ ଲକ୍ଷ୍ୟଭୁକ୍ତ କରି ଓ ନିର୍ଦ୍ଦିଷ୍ଟ ଭାବେ ସେମାନଙ୍କୁ ସୁବିଧା ଯୋଗାଅ। ଏ ବ୍ୟବସ୍ଥା (ଟାରଗେଟେଡ୍) ସରକାର କେତେକ କ୍ଷେତ୍ରରେ ଆରମ୍ଭ କରିଥିଲେ ମଧ୍ୟ ତାହା ବିଫଳ ହେଉଛି। ଏହାର କାରଣ ହେଲା ଯେଉଁ ବ୍ୟବସ୍ଥାରେ ଏହା କାର୍ଯ୍ୟକାରୀ ହେଉଛି ତାହା ବିଜ୍ଞାନସମ୍ମତ ଓ ସ୍ୱଚ୍ଛ ନୁହେଁ। ଏଥିରେ ଅନେକ ତ୍ରୁଟି ରହିଯାଉଛି। ଫଳ ସ୍ୱରୂପ ଗରିବ, ଗରିବ ହୋଇରହିଛି ଏବଂ ସରକାର ବିପୁଳ ଅର୍ଥ ସବ୍‌ସିଡି ଆକାରରେ ଦେଇ ସ୍ୱଚ୍ଛଳ ଲୋକଙ୍କୁ ପୁଷ୍ଟ କରୁଛନ୍ତି।

ଏ ସବୁ ସମସ୍ୟାର ସମାଧାନ ତଥା ସମସ୍ତଙ୍କ ଆଖିରୁ ଲୁହ ପୋଛିବା ପାଇଁ କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ ଏକ ସୂତ୍ର ବାହାର କରିବା ସହ ଗୋଟିଏ ଶବ୍ଦ ପ୍ରସ୍ତୁତ କରିଛନ୍ତି ଯାହାର ନାମ ଜେଏଏମ୍ ବା ଜାମ୍। ଜନଧନ ଯୋଜନା, ଆଧାରକାର୍ଡ ଏବଂ ମୋବାଇଲ୍ ଟେଲିଫୋନ୍‌ର ମୂଳ ତିନିଟି ଇଂରାଜୀ ଅକ୍ଷର ନେଇ ଏହି ଶବ୍ଦ ସେ ପ୍ରସ୍ତୁତ କରିଛନ୍ତି। ଆସନ୍ତୁ ଦେଖିବା ଏହି ଶବ୍ଦର ରହସ୍ୟ କ'ଣ ?

## ଜନଧନ

ବର୍ତ୍ତମାନର ସରକାର ସମସ୍ତଙ୍କୁ ଆର୍ଥିକ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ପ୍ରତ୍ୟେକ ପରିବାର ପାଇଁ ଅତିକମ୍‌ରେ ଗୋଟିଏ ବ୍ୟାଙ୍କ ଖାତା ଖୋଲିବାର ବ୍ୟବସ୍ଥା କରାଯାଇଛି। ଇତିମଧ୍ୟରେ ଏହି ଯୋଜନାରେ ସାରା ଦେଶରେ ୨୮ କୋଟିରୁ ଅଧିକ ଖାତା ଖୋଲାଯାଇଛି। ଏବେ ସମସ୍ତଙ୍କର ଆଧାର କାର୍ଡ ଓ ନମ୍ବର ରହିଲେ ବ୍ୟାଙ୍କ ଖାତା ସହ ଆଧାର ନମ୍ବରକୁ ଯୋଡ଼ି ଦେଲେ ହିତାଧିକାରୀଙ୍କୁ ଚିହ୍ନଟ କରିବା ସହଜ ହୋଇଯିବ। ତେଣୁ ସରକାରୀ ଯୋଜନାରେ ଯେଉଁମାନେ ରିଆତି ପାଉଛନ୍ତି ସେବାବଦ ସେମାନଙ୍କ ପ୍ରାପ୍ୟ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯାଇପାରିବ ଏବଂ ବାଟମାରଣା ବନ୍ଦ ହୋଇଯିବ। ଏବେ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ନମ୍ବର ଯୋଡ଼ିବା କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ଚାଲିଛି।

## ମୋବାଇଲ

ଭାରତରେ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧୦୦କୋଟିରୁ ଅଧିକ। ଏହା ମାଧ୍ୟମରେ ଆର୍ଥିକ ବ୍ୟବସ୍ଥାର ପରିପ୍ରକାଶ ସହଜ ତଥା ସୁବିଧାରେ ଡିଜିଟାଲ ଆକାରରେ ଯୋଗାଇ ଦେବା ସମ୍ଭବ। ଜଣେ ଉପଭୋକ୍ତା ଯଦି ତା'ର ମୋବାଇଲ ମାଧ୍ୟମରେ ଜାଣିପାରିଲା ଯେ ସରକାରୀ ସୁବିଧାର ଲାଭ ବା ଅର୍ଥରାଶୀ ତାହାର ଆଧାର ଭିତ୍ତିକ ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି ତେବେ ତାହାକୁ ସେ ଆର୍ଥିକ କାରବାରରେ ଲଗାଇବାରେ ସକ୍ଷମ ହେବ। ତେବେ ଏଥିପାଇଁ ସ୍ମାର୍ଟ ଫୋନ୍‌ର ଆବଶ୍ୟକତା ରହିଛି। ସ୍ମାର୍ଟ ଫୋନ୍ ଦ୍ୱାରା ଜଣେ ନିଜ ବ୍ୟାଙ୍କ ଆକାଉଣ୍ଟରୁ ଦେଣନେଣ କରିପାରିବ ଏବଂ ନଗଦର ଆବଶ୍ୟକତା ପଡ଼ିବ ନାହିଁ।

୨୦୧୪-୧୫ରୁ ସରକାର ବେଶ୍ ସକ୍ରିୟତାର ସହିତ 'ଜାମ୍' ବ୍ୟବସ୍ଥାକୁ କାର୍ଯ୍ୟକାରୀ କରୁଛନ୍ତି। ଏହାଦ୍ୱାରା ଭଲ ଫଳ ମଧ୍ୟ ମିଳୁଛି। ଜାମ୍ ତ୍ରିମୂର୍ତ୍ତି ବ୍ୟବସ୍ଥାଦ୍ୱାରା ଗତ ଅଢ଼େଇ ବର୍ଷ ମଧ୍ୟରେ ପ୍ରତ୍ୟେକ

**୨୦୧୫-୧୬ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ଏହି ସବ୍‌ସିଡି ବ୍ୟବସ୍ଥା ପ୍ରଗତିର ପରିପନ୍ଥୀ। ପ୍ରଗତିର ପରିପନ୍ଥୀ ଅର୍ଥ ଏହା ଯେଉଁ ଗରିବଙ୍କ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ତାହା ସେମାନଙ୍କ ପାଖକୁ ନ'ଯାଇ ଧନୀ ଓ ସ୍ୱଚ୍ଛଳବର୍ଗଙ୍କ କାମରେ ଲାଗୁଛି। ଏଲପିଜିକୁ ଏକ ଉଦାହରଣ ଭାବେ ନିଆଯାଇପାରେ। ଏହି ରନ୍ଧନଗ୍ୟାସ୍ ଉପରେ ଦିଆଯାଉଥିବା ସବ୍‌ସିଡିର ଲାଭ ଗରିବଙ୍କ ଅପେକ୍ଷା ସ୍ୱଚ୍ଛଳବର୍ଗର ଲୋକେ ବେଶୀ ଉଠାଉଛନ୍ତି। ଗରିବ ପରିବାରଙ୍କ ମଧ୍ୟରୁ ମାତ୍ର ୨୫ ଶତାଂଶ ଏହାର ଲାଭ ପାଉଛନ୍ତି। କିରାସିନରେ ମଧ୍ୟ ଏକା ସ୍ଥିତି। ସର୍ଭେ ତଥ୍ୟ ଅନୁସାରେ ସବ୍‌ସିଡି କିରାସିନିର ଲାଭ ମାତ୍ର ୪୯ ଶତାଂଶ ଗରିବ ପାଉଥିବାବେଳେ ୫୧% ସ୍ୱଚ୍ଛଳବର୍ଗ ଏହାର ଫାଇଦା ନେଉଛନ୍ତି।**

ସୁବିଧା ଯୋଗାଣ କ୍ଷେତ୍ରରେ ସରକାର ୫୦ ହଜାର କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି ବୋଲି ସରକାରୀ ଭାବେ କୁହାଯାଉଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୧୪ ହଜାର କୋଟି, ଏମ୍‌ଜିନରେଗାରେ ୭୬୦୦କୋଟି ଏଲପିଜି ପହଲ କାର୍ଯ୍ୟକ୍ରମରେ ୨୬,୪୦୦କୋଟି ଟଙ୍କା ସରକାର ବଞ୍ଚାଇ ପାରିଛନ୍ତି । ଏଥିରୁ ସ୍ପଷ୍ଟ ହେଉଛି ଯେ ରିଆତି ବାବଦ ଅର୍ଥ ପରିମାଣ ହ୍ରାସ ନ' କରି ମଧ୍ୟ ସରକାର ବଣ୍ଟନ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ ଓ ତ୍ରୁଟିଶୂନ୍ୟ କରି ବିପୁଳ ଅର୍ଥ ସଞ୍ଚୟ କରିବାକୁ ସଫଳ ହୋଇଛନ୍ତି ।

## ଦ୍ରବ୍ୟ ଓ ସେବା ଟିକସ

ପ୍ରଥମ ଦୁଇଟି ବ୍ୟବସ୍ଥାରେ ସରକାର ଆର୍ଥିକ ପରିଚାଳନାରେ ବାସ୍ତବବାଦୀ ଓ ମାନବବାଦୀ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି । ଏହାସହିତ ଭାରତରେ ବେପାର ବଣିଜ ଓ ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ, ପରିସ୍ଥିତି ସୃଷ୍ଟି କରି ରୋଜଗାର ବୃଦ୍ଧି ପାଇଁ ମଧ୍ୟ ସରକାର ନୂଆ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି । ସେଥିମଧ୍ୟରୁ




ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଅନ୍ୟତମ । ଏହା ସହିତ ସରକାର ମଧ୍ୟ ଦେଶରେ ଏକ ନୂଆ ପରୋକ୍ଷ ଟିକସ ବ୍ୟବସ୍ଥା ପ୍ରଚଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ୨୦୧୭ ଜୁଲାଇ ପହିଲାରୁ ସାରା ଦେଶରେ ଜିଏସ୍‌ଟି ଲାଗୁ ହେବ । ଏହା ସାରା ଭାରତରେ ଏକକ ବଜାର ବ୍ୟବସ୍ଥା ସୃଷ୍ଟି କରିବାକୁ ଅଭିପ୍ରେତ । ଏହାଦ୍ୱାରା ଏକାଧିକ କର, ଟିକସ, ଟିକସ ଉପରେ ଟିକସ ଓ ଉପକର, ଏକାଧିକ ଟିକସ ଆକଳନ, ଟିକସ ଭରଣାର ଜଟିଳ ବ୍ୟବସ୍ଥା ଆଦିର ଅବସାନ ଘଟିବ । ଫଳରେ ସରଳ ବ୍ୟବସ୍ଥାରେ ଟିକସ ପୈଠ ପାଇଁ ଅଧିକରୁ ଅଧିକ ଟିକସଦାତା ଆଗ୍ରହ ପ୍ରକାଶ କରିବେ ଓ ଟିକସ ଚୋରି ଯଥେଷ୍ଟ ହ୍ରାସ ପାଇବ ।

୨୦୧୫-୧୬ରେ ଭାରତର ପରୋକ୍ଷ ଟିକସ-ଜିଡିପି ଅନୁପାତ ୫.୨ ଭାଗ ଥିଲା । ଏହି ହାର କମ୍ ହେବାର କାରଣ ହେଲା ଅନେକ କ୍ଷେତ୍ରରେ ଟିକସ ବ୍ୟବସ୍ଥା ନଥିଲା । ତେଣୁ ଅଧିକରୁ ଅଧିକ କ୍ଷେତ୍ରରେ ସେବା କର ଓ ଅନ୍ୟାନ୍ୟ ଟିକସ ଲାଗୁ କରି ଏହି ହାର ବଢ଼ାଇବାକୁ ନୂଆ ବ୍ୟବସ୍ଥାରେ ଉଦ୍ୟମ କରାଯାଉଛି । ନୂଆ ବ୍ୟବସ୍ଥାରେ ଅଧିକାଂଶ କୃଷିଜାତ ସାମଗ୍ରୀ ବିଶେଷତଃ ଖାଦ୍ୟଶସ୍ୟକୁ ଟିକସମୁକ୍ତ କରାଯିବ । ଅପରପକ୍ଷରେ ଅନ୍ୟ ଅନେକ କ୍ଷେତ୍ରରେ ଜିଏସ୍‌ଟି ଲାଗୁହେବ । ତେବେ ଜିଏସ୍‌ଟି ବ୍ୟବସ୍ଥାର ମୂଳଲକ୍ଷ୍ୟ ହେଲା ସାରା ଦେଶରେ ଏକକ ଟିକସ ବ୍ୟବସ୍ଥା ଲାଗୁ କରିବା ସହ ଖାଉଟି ଓ ଶିଳ୍ପୋଦ୍ୟୋଗଗୁଡ଼ିକୁ ବହୁମୁଖୀ ଟିକସ ବୋଝରୁ ମୁକ୍ତି ଦେବା । ପ୍ରକାରାନ୍ତରେ ଟିକସ ପରିସର ବଢ଼ାଇ ସରକାର ଟିକସ ରାଜସ୍ୱ ପରିମାଣ ବଢ଼ାଇବାରେ ସକ୍ଷମ ହେବେ ।

## ପରିଣାମ ଭିତ୍ତିକ ବଜେଟ

ବଜେଟରେ କୌଣସି କ୍ଷେତ୍ର ପାଇଁ ସରକାର ଅଧିକ ଅର୍ଥ ବରାଦ କଲେ ସେ ବିଷୟରେ ବାରମ୍ବାର କହିବୁଲନ୍ତି ଓ ବାହାବା ନିଅନ୍ତି । ମାତ୍ର ବରାଦ ହୋଇଥିବା ଅର୍ଥର ଖର୍ଚ୍ଚ ଓ ଏହାର ପରିଣାମ ବିଷୟରେ କ୍ୱଚିତ ପ୍ରଚାର ପ୍ରସାର ହୁଏ । ଏହାର କାରଣ ହେଲା ବରାଦ ହେଉଥିବା ଅର୍ଥ ଖର୍ଚ୍ଚ ହୋଇ ନ'ପାରିବା ବା ଅପଚୟ ହେବା । ତେଣୁ ପରିଣାମ ଭିତ୍ତିକ ବଜେଟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ସଂସଦରେ ପରିଣାମ ବଜେଟ ଉପସ୍ଥାପନର ବ୍ୟବସ୍ଥା ହୋଇଛି ଏବଂ ଅର୍ଥ ଖର୍ଚ୍ଚ କରି ନ'ପାରିଲେ ଦାୟିତ୍ୱରେ ଥିବା ଅଧିକାରୀ ଓ ସଂସ୍ଥାକୁ ଦାୟୀ କରିବାର ବ୍ୟବସ୍ଥା ହୋଇଛି । ବାସ୍ତବରେ ପରିଣାମ ଭିତ୍ତିକ ବଜେଟରେ ମୌଳିକ ଲକ୍ଷ୍ୟ ହେଲା ସେବା ପ୍ରଦାନ ବା କାର୍ଯ୍ୟାନ୍ୱୟନ ବ୍ୟବସ୍ଥାକୁ ଉତ୍ତରଦାୟୀ, ଉତ୍ତମମାନ ଯୁକ୍ତ ତଥା ସମୟବଦ୍ଧ କରିବା ।

ଦେଶର ୬୮ଟି ମନ୍ତ୍ରଣାଳୟ ପକ୍ଷରୁ ପରିଣାମ ଭିତ୍ତିକ ବଜେଟକୁ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟ କରାଯାଉଛି । ଏହା ଫଳରେ ସରକାରୀ ଅର୍ଥ ବିଶେଷ କରି ବଜେଟ ବ୍ୟୟରେ ଅଧିକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହିବ । ଯେଉଁଠି ତ୍ରୁଟି ବିଚ୍ୟୁତି ବା ଅସୁବିଧା ରହିବ ତାହା ଧରାପଡ଼ିଯିବ ଏବଂ ତାହାର ନିରାକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇପାରିବ ।

## ବ୍ୟୟର ପୁନଃ ବର୍ଗୀକରଣ

୨୦୧୭-୧୮ କେନ୍ଦ୍ରୀୟ ବଜେଟରେ ପ୍ରଥମ କରି ବ୍ୟୟର ବର୍ଗୀକରଣ ବ୍ୟବସ୍ଥା ଯଥା ଯୋଜନା ବ୍ୟୟ ଓ ଅଣ ଯୋଜନା ବ୍ୟୟକୁ ଉଠାଇ ଦିଆଯାଇଛି । ଏହା ପରିବର୍ତ୍ତେ ସମସ୍ତ ବ୍ୟୟକୁ ପୁଞ୍ଜି ଓ ରାଜସ୍ୱବର୍ଗରେ ବିଭକ୍ତ କରାଯାଇଛି । ସରକାରଙ୍କ ଯୁକ୍ତି ହେଲା ଯୋଜନା ଓ ଅଣଯୋଜନା ଖର୍ଚ୍ଚର ବର୍ଗୀକରଣ ଏକ ବିଭାଜିତ ଦୃଷ୍ଟିଭଙ୍ଗୀ ସୃଷ୍ଟି କରୁଥିଲା । ଯୋଜନାଖର୍ଚ୍ଚକୁ ଯଥାର୍ଥ ଓ ଅଣଯୋଜନା ଖର୍ଚ୍ଚକୁ ଅଯଥାର୍ଥ ବୋଲି ବିଚାର କରାଯାଉଥିଲା । ଯୋଜନା ବାବଦ ବ୍ୟୟକୁ ସରକାର ଅଗ୍ରାଧିକାର ଦେଉଥିବା ବେଳେ ଅଣଯୋଜନା ବାବଦ ବ୍ୟୟକୁ ନ୍ୟୁନ ଦୃଷ୍ଟିରେ ଦେଖାଯିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପ୍ରତି ଉଚିତ ଧ୍ୟାନ ଦିଆଯାଉ ନଥିଲା । ବିଶେଷ କରି ସାମାଜିକ କ୍ଷେତ୍ରରେ ବ୍ୟୟ ହ୍ରାସ ପାଉଥିଲା । ତେଣୁ ଏହାକୁ ଉଠାଇ ନେଇ ରାଜସ୍ୱ ଓ ପୁଞ୍ଜି ବ୍ୟୟର ନାମ ଦିଆଯାଇ ଉଭୟ କ୍ଷେତ୍ର ପ୍ରତି ସମାନ ଗୁରୁତ୍ୱ ପ୍ରଦାନ କରାଯାଇଛି ।

## ସାଧାରଣ ବଜେଟ ସହ ରେଳବଜେଟର ମିଶ୍ରଣ

୨୦୧୭-୧୮ ବଜେଟରେ ସରକାର ଦୀର୍ଘ ୯୨ ବର୍ଷର ପରମ୍ପରାକୁ ବନ୍ଦ କରି ରେଳବଜେଟକୁ ସାଧାରଣ ବଜେଟରେ ମିଶାଇ ଦେଇଛନ୍ତି । ଏହା ଫଳରେ ରେଳ ମନ୍ତ୍ରଣାଳୟ ସାଧାରଣ ବଜେଟରେ ଗୁରୁତ୍ୱଲାଭ କରିବା ସହ ସରକାରଙ୍କ ସାମଗ୍ରିକ ଆର୍ଥିକ ସ୍ଥିତିର ଏକ ପୂର୍ଣ୍ଣାଙ୍ଗ ଚିତ୍ର ପ୍ରଦାନରେ ସହାୟକ ହୋଇଛି । ଏହା ଫଳରେ ରେଳବାଇକୁ ଆଉ ସରକାରଙ୍କୁ ଲାଭାଂଶ ପ୍ରଦାନ କରିବାକୁ ପଡ଼ିବ ନାହିଁ । ଏହା ଫଳରେ ବାର୍ଷିକ ୯୭୦୦ କୋଟି ଟଙ୍କା ସଂଚୟ ହୋଇପାରିବ ଏବଂ ସେହି ଅର୍ଥ ରେଳ ବିକାଶରେ ବିନିଯୋଗ ହୋଇପାରିବ ।

## ବଜେଟ ଉପସ୍ଥାପନର ତାରିଖ ଆଗୁଆ ହେବା

ଚଳିତ ବର୍ଷର ବଜେଟ ଫେବୃଆରୀ ପହିଲାରେ ଉପସ୍ଥାପିତ ହୋଇ ଏକ ନୂଆ ପରମ୍ପରା ସୃଷ୍ଟି କରାଯାଇଛି । ଫଳରେ ଏକ ମାସ ଆଗରୁ ବଜେଟ ଉପସ୍ଥାପନ ହୋଇ ଏହା ଉପରେ ଆଲୋଚନା



ହେବା ସହ ବଜେଟ ପ୍ରକ୍ରିୟା ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇ ଅର୍ଥ ବିଲ୍ ପାରିତ ହୋଇଛି । ଏହା ଯୋଗୁଁ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗକୁ ଆଗୁଆ ଅର୍ଥ ଯୋଗାଣ ସହ ତାହାର ଖର୍ଚ୍ଚ ପାଇଁ ଅଧିକ ସମୟ ମିଳିଛି । ତେଣୁ ବିଭିନ୍ନ ମନ୍ତ୍ରଣାଳୟ ଆର୍ଥିକ ବର୍ଷ ଆରମ୍ଭରୁ ଅର୍ଥ ଖର୍ଚ୍ଚ କରିବାକୁ ସକ୍ଷମ ହେବା ସହିତ ଏହାର ରୂପାୟନ ସମ୍ପର୍କରେ ବିଚାର ବିମର୍ଶ ପାଇଁ ଅଧିକ ସମୟ ପାଇଛନ୍ତି । ଏହା ମଧ୍ୟ ଟିକସ ସଂଗ୍ରହ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବ ।


୨୦୦୩ରେ ତତ୍କାଳୀନ ସରକାର ବିତ୍ତୀୟ

ଉତ୍ତରଦାୟୀତ୍ୱ ଓ ବଜେଟ ପରିଚାଳନା ଆଇନ ପ୍ରଣୟନ କରିଥିଲେ। ସେଇ ଆଇନର ପୁନର୍ଲିଖନ ବର୍ତ୍ତମାନ ସରକାରଙ୍କ ଦ୍ୱାରା ହେବାକୁ ଯାଉଛି। ଏ ସଂକ୍ରାନ୍ତ ସମୀକ୍ଷାକାରୀ (ଏଫଆର୍‌ବିଏମ୍) କମିଟି ଇତିମଧ୍ୟରେ ତାଙ୍କର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛନ୍ତି। କମିଟି ତାଙ୍କ ରିପୋର୍ଟରେ ୨୦୨୩ ସୁଦ୍ଧା ସରକାର ଜିଡ଼ିପିର ୬୦ ଶତାଂଶ ଋଣ କରିପାରିବେ ବୋଲି ସୁପାରିସ କରିଛନ୍ତି। ସେଥିମଧ୍ୟରୁ କେନ୍ଦ୍ର ସରକାର ୪୦% ଓ ରାଜ୍ୟ ସରକାର ୨୦% ହାରରେ ଋଣ କରିବାର ବ୍ୟବସ୍ଥା ଅଛି। ଆହୁରି ମଧ୍ୟ ଆଗାମୀ ତିନି ବର୍ଷ ପାଇଁ ବଜେଟ ନିଅଣ୍ଟ ପରିମାଣ ୨ ଶତାଂଶ ମଧ୍ୟରେ ରଖିବାକୁ ସୁପାରିସ କରାଯାଇଛି। ଏଥିରେ ଏକ ଏସ୍କେପ୍ କ୍ଲଜ୍ ରହିଚି ଯାହା ୦.୫% ସୀମା ଅତିକ୍ରମର ଅନୁମତି ଦେଇଛି। ଅପ୍ରତ୍ୟାଶିତ ପରିସ୍ଥିତି ଓ ଢାଞ୍ଚାଗତ ପରିବର୍ତ୍ତନରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥର ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ସମୟରେ ସ୍ୱୀକାର କରିଥିଲେ ଯେ ଏହି ଏସ୍କେପ୍ କ୍ଲଜର ଉପଯୋଗ କରିବା ପାଇଁ ଯଥେଷ୍ଟ ଯୁକ୍ତି ରହିଛି। ଏହା ସତ୍ତ୍ୱେ ସେ ତାହା କରିନାହାନ୍ତି। ତେବେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଓ ଘରୋଇ କ୍ଷେତ୍ରର ପୁଞ୍ଜି ନିବେଶରେ ମନ୍ଥରତା ଯୋଗୁଁ ଉଚ୍ଚ ସରକାରୀ ବ୍ୟୟର ଆବଶ୍ୟକତା ରହିଥିବାରୁ ସରକାର ୨୦୧୭-୧୮ ବର୍ଷର ବଜେଟରେ ବିତ୍ତୀୟ ନିଅଣ୍ଟ ହାର ଜିଡ଼ିପିର ୩.୨% ରଖିବାକୁ ବାଧ୍ୟ ହୋଇଛନ୍ତି। ଆସନ୍ତା ବର୍ଷ ଏହାକୁ ୨ ଶତାଂଶରେ ସୀମିତ ରଖିବାକୁ ସରକାର ଉଦ୍ୟମ କରିବେ ବୋଲି ଆଶା କରାଯାଏ।

ଏହା ଏକ ବ୍ୟତିକ୍ରମ ହୋଇଥିଲେ ହେଁ ଅର୍ଥନୈତିକ ବିଶାରଦମାନେ ଏ ନେଇ ବିଶେଷ ଚିନ୍ତିତ ନୁହଁନ୍ତି। ସେମାନେ ଭଲଭାବେ ଜାଣିଛନ୍ତି ଯେ ଭାରତ ସରକାରଙ୍କର ପ୍ରଦର୍ଶନ ଓ ରେକର୍ଡ କହୁଛି ଯେ ଏ କ୍ଷେତ୍ରରେ ସରକାର ରାଜକୋଷୀୟ ଦୃଢ଼ୀକରଣ ଧାର୍ଯ୍ୟମତେ କରିବାକୁ ସକ୍ଷମ। ୨୦୧୪ରେ ଏହି ସରକାର କ୍ଷମତାକୁ ଆସିବା ପରେ ସୁସ୍ଥ ବିତ୍ତୀୟ ପରିଚାଳନା ନୀତି ଆପଣେଇବା ସହ ନିଷ୍ଠାର ସହ ଏହାକୁ କାର୍ଯ୍ୟକାରୀ କରୁଛନ୍ତି। ଏହା ଫଳରେ ବିତ୍ତୀୟ ନିଅଣ୍ଟ ସ୍ଥିର ନିରନ୍ତରଭାବେ ହ୍ରାସ ପାଉଛି। ୨୦୧୩-୧୪ରେ ଏହା ଜିଡ଼ିପିର ୪.୫% ଥିବାବେଳେ ୨୦୧୪-୧୫ରେ ୪.୧, ୨୦୧୫-୧୬ରେ ୩.୫ ଏବଂ ୨୦୧୬-୧୭ରେ ୩.୪%କୁ ହ୍ରାସ ପାଇଥିଲା। ଆଶା କରାଯାଉଛି ଯେ ବର୍ତ୍ତମାନର ସରକାର ୨୦୧୮-୧୯ରେ ବିତ୍ତୀୟ ନିଅଣ୍ଟ ହାର ଧାର୍ଯ୍ୟ ୩ ଶତାଂଶରେ ସୀମିତ ରଖିବାକୁ ସକ୍ଷମ ହେବେ।

ଲେଖକ ଏବିପି ନ୍ୟୁଜରେ ବାଣିଜ୍ୟ ସମ୍ପାଦକ ଭାବେ କାର୍ଯ୍ୟରତ ।

# ତାଳଚେର ସାର କାରଖାନା ପୁନରୁଦ୍ଧାର କାର୍ଯ୍ୟ ପ୍ରଗତି ସନ୍ତୋଷଜନକ - ଧର୍ମେନ୍ଦ୍ର ପ୍ରଧାନ




ତାଳଚେର ସାର କାରଖାନା ପୁନରୁଦ୍ଧାର କାର୍ଯ୍ୟପ୍ରଗତି ସନ୍ତୋଷଜନକ ରହିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିବା ସହ ଚଳିତ ବର୍ଷା ଋତୁ ପରେ ଦଶହରା ପୂର୍ବରୁ ଏହି ପ୍ରକଳ୍ପର ଶିଳାନ୍ୟାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିବା ପାଇଁ ତାଙ୍କୁ ଅନୁରୋଧ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ତାଳଚେର ସମେତ ଉତ୍ତର ପ୍ରଦେଶର ଗୋରଖପୁର, ବିହାରର ବରୌନୀ, ଝାଡଖଣ୍ଡର ସିନ୍ଦ୍ରି ସ୍ଥିତ ବନ୍ଦ ପଡିଥିବା ସାର କାରଖାନାର ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ନିୟମିତ ଭାବେ ସମୀକ୍ଷା କରା ଯାଉଛି। ଏହି ପ୍ରକଳ୍ପ ଗୁଡ଼ିକ ପାଇଁ ଟେକ୍ନୋଲୋଜି ଚୟନ ପ୍ରକ୍ରିୟା ସମାପ୍ତ ହେବା ସହ ଆଗାମୀ କିଛି ମାସ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇ କାର୍ଯ୍ୟ ଆରମ୍ଭ ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କର ସାର ଓ ରସାୟନ ମନ୍ତ୍ରଣାଳୟ, ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ, କୋଇଲା ଓ ଶକ୍ତି ମନ୍ତ୍ରଣାଳୟ ସମେତ ଗେଲ, ଏନଟିପିସି, କୋଲ ଇଣ୍ଡିଆ, ରାଷ୍ଟ୍ରୀୟ ଫର୍ଟିଲାଇଜର ଓ ନ୍ୟାସନାଲ ଫର୍ଟିଲାଇଜର ପ୍ରଭୃତି ମିଳିତ ଭାବେ ବ୍ୟବସାୟିକ କମ୍ପାନୀ ଗଠନ କରି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାର ଯୋଜନା ପ୍ରସ୍ତୁତ ହୋଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ତାଳଚେର ଠାରେ ସେଲ କମ୍ପାନୀ କୋଇଲାରୁ ଗ୍ୟାସ ବାହାର କରିବା ପ୍ରକଳ୍ପର ଦାୟିତ୍ୱ ନେବ। ତାଳଚେରର କୋଇଲା ଓ ପାରାଦୀପ ତୈଳ ବିଶୋଧନାଗାରର ପେଟକୋକକୁ ବ୍ଲେଣ୍ଡିଂ କରି ଗ୍ୟାସ ବାହାର କରାଯିବା ପରେ ଆମୋନିଆ ପ୍ଲାଣ୍ଟ ମାଧ୍ୟମରେ ସାର ଉତ୍ପାଦନ କରାଯିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ତାଳଚେର ସମେତ ଚାରିଟି ସାର କାରଖାନାର ପୁନରୁଦ୍ଧାର ସମ୍ପୂର୍ଣ୍ଣ ପୂର୍ବ ଭାରତ ଯଥା ଓଡିଶା, ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ତଥା ପୂର୍ବ ଉତ୍ତର ପ୍ରଦେଶରେ ଦ୍ୱିତୀୟ ସବୁଜ ବିପ୍ଳବର ପଥ ପରିଷ୍କାର କରିବ। ପୂର୍ବ ଭାରତରେ ରୋଜଗାର, ରାଜସ୍ୱ ଓ ଅର୍ଥନୈତିକ ପ୍ରଗତିରେ ନୂତନ ଯୁଗର ସୂତ୍ରପାତ କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଚାରିଟି ପ୍ରକଳ୍ପରେ ପଚାଶ ହଜାର କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ନିବେଶ କରାଯିବ। ସେ କହିଛନ୍ତି ଯେ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ତରଫରୁ ଜଗଦୀଶପୁର-ହଳଦିଆ ଓ ବୋକାରୋରୁ ଧାମରା ୨୬୫୦ କିମି ପାଇପଲାଇନ ପାଇଁ ୧୩ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଧାମରାଠାରେ ଏଲଏନଜି ଟର୍ମିନାଲରେ ୬ରୁ ୮ ହଜାର କୋଟି ଟଙ୍କା ବ୍ୟୟ ହେବ। ଏହା ସହ ପ୍ରକଳ୍ପର ପୁନରୁଦ୍ଧାର ଖର୍ଚ୍ଚ ମିଶି ଏହି ଖର୍ଚ୍ଚ ୫୦ ହଜାର କୋଟି ଟଙ୍କାରେ ପହଞ୍ଚିବ।

# ଦକ୍ଷତା ବିକାଶ ଓ ସୃଜନରେ ଯୁବ ସଶକ୍ତୀକରଣ

ଡଃ ଯତିନ୍ଦର ସିଂହ

**ଯୁବଗୋଷ୍ଠୀଙ୍କ ଆଶା ଏବେ ଆକାଶ ଛୁଆଁ ହୋଇଥିବାରୁ ଭାରତ ଏକ ସନ୍ଧିକ୍ଷଣରେ ପହଞ୍ଚିଛି। ଯୁବଗୋଷ୍ଠୀର ଅଫୁରନ୍ତ ଶକ୍ତି ଓ ଗୁଣାତ୍ମକ ଜୀବନ ଲାଗି ଆକାଂକ୍ଷା ଏକ ବିକଶିତ ଭାରତ ଲାଗି ଆଶା ସଞ୍ଚାର କରିଛି। ଶିଳ୍ପୋନ୍ନତି ଅର୍ଥନୈତିକ ରାଷ୍ଟ୍ରର କାର୍ଯ୍ୟରତ ଶ୍ରମଶକ୍ତିର ଆୟ ଆସନ୍ତା ୨୦ ବର୍ଷ ମଧ୍ୟରେ ୪ ପ୍ରତିଶତ କମିବା ଆଶଙ୍କା କରାଯାଉଛି; ମାତ୍ର ଏହି ସମୟରେ ଭାରତୀୟ ଶ୍ରମଶକ୍ତିର ଆୟ ୩୨ ପ୍ରତିଶତ ବଢ଼ିବ। ଯୁବକଙ୍କଠାରେ ସଶକ୍ତୀକରଣ ଓ ଦକ୍ଷତା ବିକାଶ ବଢ଼ାଇବା ଲାଗି ଭାରତ ସରକାର ଏକ କାଟାଲିଷ୍ଟ (ଉତ୍ପ୍ରେରକ) ଭାବେ କାର୍ଯ୍ୟ କରୁଛନ୍ତି। ଭାରତ ଆଜି ବିଶ୍ୱ ଉତ୍ପାଦନ ବଜାରରେ ଏକ ପେଣ୍ଠସ୍ଥଳୀ ପାଲଟିବା ସହିତ ଦକ୍ଷତାର ରାଜଧାନୀ ହୋଇଛି। ସ୍କିଲ ଇଣ୍ଡିଆ ଓ ଷ୍ଟାର୍ଟଅପ୍ ଇଣ୍ଡିଆ ମିଶନ ଯୁବଗୋଷ୍ଠୀଙ୍କ ମନରେ ଶିକ୍ଷାଜନିତ ନିଯୁକ୍ତିକୁ ନେଇ ରହିଥିବା ଅସାମଞ୍ଜସ୍ୟକୁ ଦୂର କରିବ।**

ଯୁବଗୋଷ୍ଠୀ ହିଁ ପରିବର୍ତ୍ତନକାରୀ। ନୂଆ ନୂଆ ପରୀକ୍ଷା ନୀରିକ୍ଷା କରିବାରେ ମନନଶୀଳ। ନୂତନ ଧାରଣାର ସୃଷ୍ଟିକର୍ତ୍ତା। ବିକାଶର ଇଞ୍ଜିନ୍। ଭାରତୀୟ ଯୁବକ ଆଶ୍ୱସ୍ତ କରିବାକୁ ଚାହେଁ ଯେ, ଆଗାମୀ ଭାରତର ସେମାନେ କେବଳ ଆଖି ଓ କାନ ନୁହଁନ୍ତି; ବରଂ ରାଷ୍ଟ୍ର ବିକାଶ କାହାଣୀର ଜଣେ ଜଣେ ଅଂଶୀଦାର। ଉପଯୁକ୍ତ ଦକ୍ଷତା ବିକାଶ ଜରିଆରେ ଏହି ଯୁବପୀଢ଼ିକୁ ପ୍ରଭାବୀ ଢଙ୍ଗରେ ସଶକ୍ତ କରାଯାଇପାରିବ। ଏହାଦ୍ୱାରା ଦେଶର ବିକାଶକୁ ଏକ ପ୍ରକ୍ଷେପପଥରେ ଗତିଶୀଳ କରାଯାଇପାରିବ। ସଂପ୍ରତି ଭାରତ ଏଭଳି ଏକ ଶ୍ରେଷ୍ଠ ସମୟରେ ପହଞ୍ଚିଛି ଯେଉଁଠି ୫୦ ପ୍ରତିଶତରୁ ଅଧିକ ଜନସଂଖ୍ୟା ହେଉଛି ୨୫ ବର୍ଷରୁ କମ୍। ୨୦୨୦ ମସିହା ସୁଦ୍ଧା ହାରାହାରି ବୟସ ୨୯ ବର୍ଷ ହୋଇଯିବ ଏବଂ ୪୭ ନିଯୁତ ଯୁବଗୋଷ୍ଠୀ ଅତିରିକ୍ତ କାର୍ଯ୍ୟକ୍ଷମ ଜନସଂଖ୍ୟା ହୋଇଯିବେ। ଏହା ନିଶ୍ଚିତ ରୂପେ ଭାରତ ଲାଗି ଏକ ଐତିହାସିକ ସଂଖ୍ୟା ବୋଲି କୁହାଯାଇପାରେ। ତେଣୁ ଏବେଠାରୁ ଏହି ଯୁବପୀଢ଼ିକୁ ଉପଯୁକ୍ତ ଦିଗରେ ନେବାକୁ ପଡ଼ିବ। ସେମାନଙ୍କ ଦକ୍ଷତା/କୌଶଳ ବିକାଶ ଏବଂ ଉଦ୍ୟୋଗୀ କରାଇବା ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବ। ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ଭାରତ ଯୁବକମାନଙ୍କର ଦେଶ ହୋଇ ୨୦୪୦ ମସିହା ପର୍ଯ୍ୟନ୍ତ ରହିବ। ଏହି କାର୍ଯ୍ୟକ୍ଷମ ଯୁବ ଜନସଂଖ୍ୟା ଭାରତକୁ ବିକାଶଶୀଳରୁ ଏକ ବିକଶିତ ରାଷ୍ଟ୍ର ଆଡ଼କୁ ମୁହାଁଇପାରିବ।

ବିକାଶ କେନ୍ଦ୍ରିତ ଏଜେଣ୍ଡାରେ ଆର୍ଥିକ ଅଭିବୃଦ୍ଧିକୁ ଲକ୍ଷ୍ୟରଖି ଯୁବଗୋଷ୍ଠୀର ଇଚ୍ଛା ଓ ଆକାଂକ୍ଷାକୁ ସାଥୀରେ ନେଇ ଚାଲିବାକୁ ପଡ଼ିବ। ନୂତନ ଚିନ୍ତା, ଚେତନା ଓ ପ୍ରଗତିଶୀଳ ବିଚାରଧାରାକୁ ପ୍ରୋତ୍ସାହନ ଦେଇ ଯୁବପୀଢ଼ିକୁ ନିଷ୍ପତ୍ତି ନେବାର ପ୍ରକ୍ରିୟାରେ ସାମିଲ କରାଇବାକୁ ପଡ଼ିବ। ଦେଶର ଉନ୍ନତି ଓ ସମୃଦ୍ଧି ଲାଗି ଏକ ସକ୍ଷମ ତଥା ଅନୁକୂଳ ପରିବେଶ ସୃଷ୍ଟି ସହ ଯୁବଗୋଷ୍ଠୀକୁ ନିଯୁକ୍ତି ଭିତ୍ତିକ ଦକ୍ଷତା/କୌଶଳ ପ୍ରଦାନ କରିବା ଏକ ବଡ଼ ଆହ୍ୱାନ। ଯେପରିକି ଚାକିରି ଯୋଗାଣ ଓ ଚାହିଦାରେ କୌଣସି ଅମେଳ ନରୁହେ ତାହା ଦେଖିବାକୁ ପଡ଼ିବ। ଏହି ବ୍ୟବଧାନକୁ ଦୂର କରିବା ଲାଗି ଭାରତ ସରକାର ମେକ୍ ଇନ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ ମିଶନ, ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡଅପ୍ ଇଣ୍ଡିଆ ଓ ଡିଜିଟାଲ ଇଣ୍ଡିଆ ଭଳି ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଭଳି ଯୋଜନା ଯୁବଗୋଷ୍ଠୀଙ୍କ ଲାଗି ଅପାର ନିଯୁକ୍ତି ସୁଯୋଗ ସହ ଉଦ୍ୟୋଗ ସ୍ଥାପନ ଲାଗି ପ୍ରୋତ୍ସାହିତ କରିବାରେ ସକ୍ଷମ ହେବ।

### ମେକ୍ ଇନ୍ ଇଣ୍ଡିଆ

'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ନିବେଶ ସୁଯୋଗକୁ ସୁଗମ କରେ। ନୂତନ ଚିନ୍ତାଧାରାକୁ ଆଗକୁ ନେବା ସହ ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା କରିଥାଏ। ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ସମ୍ଭାବନା ରହିଛି। ୨୦୨୨ ମସିହା ସୁଦ୍ଧା ୧୦ କୋଟି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆଶା ରହିଛି। ଯୁବଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରାଇବା ଲାଗି ମେକ୍ ଇନ୍ ଇଣ୍ଡିଆ ମିଶନ ଏକ ବହୁମୁଖୀ ଶକ୍ତି ହେବ। ଏହି ମିଶନର ଲକ୍ଷ୍ୟ ହେଉଛି ବିଶ୍ୱସ୍ତରରେ ଭାରତକୁ ଏକ ଉତ୍ପାଦନକାରୀ ହବ୍‌ରେ ପରିଣତ କରିବା। ୨୦୨୨ ସୁଦ୍ଧା ଏହାକୁ ଜିଡିପିର ୨୫ ପ୍ରତିଶତ କରିବା। ନିର୍ମାଣ, ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ବିମାନ ଚଳାଚଳ, ପ୍ରତିରକ୍ଷା ଯନ୍ତ୍ରାଂଶ ଓ ଇଲେକ୍‌ଟ୍ରୋନିକ୍ସ ଯନ୍ତ୍ରପାତି ପ୍ରସ୍ତୁତି ଭଳି ୨୫ଟି କ୍ଷେତ୍ରକୁ ଏହି ମିଶନରେ ଚିହ୍ନଟ କରାଯାଇଛି। ଘରୋଇ ଓ ଅନ୍ତର୍ରାଷ୍ଟ୍ରୀୟ କମ୍ପାନୀ ଗୁଡିକ ଭାରତରେ ନିର୍ମାଣ ଶିଳ୍ପ ପ୍ରତିଷ୍ଠା କରି ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ବିଶ୍ୱବଜାରରେ ବିକ୍ରି କରିବା ପାଇଁ ପ୍ରୋତ୍ସାହିତ କରିବାକୁ ସରକାର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫଡିଆଇ) ସର୍ତ୍ତକୁ କୋହଳ କରିଛନ୍ତି। ମେକ୍ ଇନ୍ ଇଣ୍ଡିଆ ଯୋଗୁଁ କର୍ମକ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ ବଢ଼ିଛି। ଏଭଳିସ୍ଥିତିରେ ସଂପ୍ରତି କାର୍ଯ୍ୟରତ କର୍ମଚାରୀ/ଅଧିକାରୀଗଣଙ୍କୁ ତାଲିମ ଦେଇ ଅଧିକ ଦକ୍ଷତା ହାସଲ କରିବାକୁ ପଡ଼ିବ। ଟେକ୍‌ନିସିଆନ୍, ଡିଜାଇନର, ପ୍ରୋଗ୍ରାମ ମ୍ୟାନେଜର, ପ୍ରୋଜେକ୍ଟ ପ୍ଲାନର ଆଦି ବିଭିନ୍ନ କ୍ଷେତ୍ରରେ ଦକ୍ଷ ଶ୍ରମଶକ୍ତି

ଲାଗି ଅପାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ। ସୌରଶକ୍ତି ଉତ୍ପାଦନ, ସବୁଜ ଘର ନିର୍ମାଣ, ସ୍ମାର୍ଟ ସହର ଭଳି ନୂତନ ବ୍ୟବସ୍ଥାରେ ନିଯୁକ୍ତି ସୁଯୋଗ ଆସିବ। ଯୋଗାଣ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ପରିବହନ ସଂକ୍ରାନ୍ତ କ୍ଷେତ୍ରରେ ମଧ୍ୟ ଚାକିରି ସୃଷ୍ଟି ହେବ। ଭାରତରେ ଏକ ପ୍ରତିଯୋଗିତାମୂଳକ ବଜାର ସୃଷ୍ଟି ସହ ବିଶ୍ୱ ଉତ୍ପାଦନ କେନ୍ଦ୍ରରେ ପରିଣତ ହେବ।

### ସ୍କିଲ ଇଣ୍ଡିଆ

ଜନସଂଖ୍ୟା ଦୃଷ୍ଟିରୁ ଭାରତର ସ୍ଥିତି ବିଶ୍ୱରେ ଦ୍ୱିତୀୟ। ଦେଶରେ ରହିଛି ଏକ ବିଶାଳ ବଜାର। ମାତ୍ର ଏଠାରେ କୁଶଳୀ ଶ୍ରମଶକ୍ତି ପାଇବା ଆଜିର ଦିନରେ





ବି ଏକ ଆହ୍ୱାନ ହୋଇଛି। କାରଣ ପ୍ରତିବର୍ଷ ୧୨ ନିୟୁତ ଲୋକ ଶ୍ରମବଜାରକୁ ପ୍ରବେଶ କରୁଛନ୍ତି; ମାତ୍ର ସେଥିରୁ ୨ ପ୍ରତିଶତଙ୍କୁ ମିଳୁଛି ଆନୁଷ୍ଠାନିକ ତାଲିମ ତଥା ପ୍ରଶିକ୍ଷଣ। ଦକ୍ଷତା ବିକାଶ ଏବଂ ଔଦ୍ୟୋଗିକତା (ସ୍କିଲ ଡେଭଲପ୍‌ମେଣ୍ଟ ଆଣ୍ଡ ଏଣ୍ଟ୍ରେପ୍ରେନ୍ୟୁୟରସିପ୍) ଭଳି ଏକ ନୂତନ ମନ୍ତ୍ରଣାଳୟ ସୃଷ୍ଟି କରାଯାଇଛି। ଫଳରେ ଦକ୍ଷତା ବିକାଶ ପଦକ୍ଷେପ ଆଗେଇ ଚାଲିଛି। ମେକ୍ ଇନ୍ ଇଣ୍ଡିଆ ଓ ଶହେ ସ୍ମାର୍ଟ ସିଟି ମିଶନ ଯୋଜନା ଏହି ମନ୍ତ୍ରଣାଳୟକୁ ଅଧିକ ବଳ ଦେଇଛି। ହାଇଟେକ୍ ଚାକିରି କ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ପ୍ରସ୍ତୁତ କରିବା ଲାଗି ଏକ ସଫଳ ଦକ୍ଷତା ବିକାଶ ଲାଗି ରଣକୌଶଳ ପ୍ରସ୍ତୁତି ହୋଇଛି। ଦକ୍ଷତା ବିକାଶ ଓ ଔଦ୍ୟୋଗିକ କ୍ଷେତ୍ରକୁ ପ୍ରୋତ୍ସାହନ ଲାଗି ୨୦୧୫ ମସିହାରୁ ଜାତୀୟ ନୀତି ( ନେସନାଲ ପଲିସି ଫର ସ୍କିଲ ଡେଭଲପ୍‌ମେଣ୍ଟ ଆଣ୍ଡ ପ୍ରସ୍ତୁତ ଏଣ୍ଟ୍ରେପ୍ରେନ୍ୟୁୟରସିପ୍- ୨୦୧୫ ଜରିଆରେ ରୋଡମ୍ୟାପ୍ ପ୍ରସ୍ତୁତ ହୋଇସାରିଛି। ଦ୍ରୁତଗତିରେ ଉନ୍ନତମାନର କୁଶଳୀ ତଥା ଦକ୍ଷ ଶ୍ରମଶକ୍ତି ସୃଷ୍ଟି କରିବା ଲାଗି ଏହା ଉଦ୍ଦିଷ୍ଟ। ନୂତନ ଚିନ୍ତାଧାରାଭିତ୍ତିକ କର୍ମସଂସ୍କୃତିର ବାତାବରଣ ତିଆରି କରିବା ଦିଗରେ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି। ଏହା କେବଳ ନିଯୁକ୍ତି ନୁହେଁ; ବରଂ ଦେଶର ସବୁ ନାଗରିକଙ୍କୁ ଏକ ସ୍ୱାବଲମ୍ବୀ ଜୀବନଚର୍ଯ୍ୟା ଲାଗି ସମ୍ବଳ ପ୍ରଦାନ କରିବ। ନିଯୁକ୍ତି ଓ ତାଲିମ କ୍ଷେତ୍ରରେ ଦକ୍ଷତା ବିକାଶ ଯୋଜନା ଓ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି।

ଟେକ୍ନୋଲୋଜି ଓ ବ୍ୟାବସାୟରେ ବିଭ୍ରାଟ ଯୋଗୁଁ ନିଯୁକ୍ତି ପ୍ରଭାବିତ ହେଉଛି। ଏଭଳି ପରିସ୍ଥିତିରେ ଏକ ଦୀର୍ଘସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏକ ଆହ୍ୱାନ। ନୂତନ ବ୍ୟବସ୍ଥାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଅଟୋମେସନ୍, ଇଣ୍ଟରନେଟ୍‌ରୁ ତଥ୍ୟ ସଂଗ୍ରହ ଓ ତଥ୍ୟ ବିଶ୍ଳେଷଣ ଆଦି କ୍ଷେତ୍ରରେ ହାଇଟେକ୍ ନିଯୁକ୍ତି ସୁଯୋଗ ଆସିଛି। ଏଥିଲାଗି ଦକ୍ଷତାପୂର୍ଣ୍ଣ ତାଲିମ ଜରୁରୀ। ନିଯୁକ୍ତି ସଂସ୍ଥାଗୁଡ଼ିକ ଦକ୍ଷ ମାନବ ସମ୍ବଳ ଲୋଡ଼ିବେ। ଏଥିଲାଗି ଦକ୍ଷତା ବିକାଶରେ ନୂତନ ଆଭିମୁଖ୍ୟ ଆପଣେଇବାକୁ ପଡିବ। ନିଯୁକ୍ତି ବ୍ୟବସ୍ଥାରେ ଏଭଳି ପରିବର୍ତ୍ତନ ଯୋଗୁଁ ଯୁବଗୋଷ୍ଠୀଙ୍କୁ ତଦନୁଯାୟୀ ପ୍ରସ୍ତୁତ କରିବାକୁ ପଡିବ। ବିଶ୍ୱରେ ଭାରତକୁ ଏକ ଦକ୍ଷ ମାନବ ସମ୍ବଳର ପେଣ୍ଠସ୍ଥଳ କରିବାକୁ ହେଲେ ଅନ୍ତର୍ରାଷ୍ଟ୍ରୀୟମାନର ଦକ୍ଷତା ବିକାଶ କୌଶଳକୁ ଗ୍ରହଣ କରିବାକୁ ହେବ।

ରାଷ୍ଟ୍ରୀୟ ଦକ୍ଷତା ବିକାଶ ନିଗମ ଶିକ୍ଷାୟନ ବିକାଶ ପରିଷଦ ଗଠନ କରିଛି। ଜାତୀୟ ବୃତ୍ତିଗତ ମାନଦଣ୍ଡ (ନେସନାଲ ଅକୁପେସନ୍ ଷ୍ଟାଣ୍ଡାର୍ଡ ବା ଏନଓଏସ) ବ୍ୟବସ୍ଥାରେ ଏହି ପରିଷଦ କାର୍ଯ୍ୟାରମ୍ଭ କରିଛି। କର୍ମକ୍ଷେତ୍ରରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି ସେମାନେ ଯେଭଳି ଅନ୍ତର୍ରାଷ୍ଟ୍ରୀୟମାନର ପ୍ରଦର୍ଶନ କରିବେ ତାହାକୁ ସ୍ଥିର କରୁଛି ଏନଓଏସ। ଦକ୍ଷତା ପ୍ରମାଣପତ୍ର ଲାଗି ସମସ୍ତ ତାଲିମ ପ୍ରଦାନକାରୀ ସଂସ୍ଥାଗୁଡିକ ଏନଓଏସର ଏହି ମାନଦଣ୍ଡକୁ ଗ୍ରହଣ କରିବାକୁ ପଡିବ। ଭାରତ ଲାଗି ନ୍ୟାସନାଲ ସ୍କିଲ କ୍ୱାଲିଫିକେସନ୍ ଫ୍ରେମ୍‌ୱାର୍କ (ଏନ୍‌ଏସ୍‌କ୍ୟୁଏଫ୍) ଉଭୟ ଧନ୍ଦାମୂଳକ ଶିକ୍ଷା ଓ ସାଧାରଣ ଶିକ୍ଷାକୁ ସମନ୍ୱିତ କରୁଛି। ପରସ୍ପର ଭିତରେ ସଂଯୋଗଶୀଳତା ବଢାଉଛି। ଏହାଦ୍ୱାରା ପୋଥି ବାଇଗଣ ଓ ବାଡି ବାଇଗଣ ଭିତରେ ଫରକ୍ ରହିବନି। ଉଭୟ ଧନ୍ଦାମୂଳକ ଓ ସାଧାରଣ ଶିକ୍ଷାକୁ ଆଧାର କରି ଯୁବ ଜନସଂଖ୍ୟା ବିଶ୍ୱପ୍ରେକ୍ଷାପଟ୍ଟରେ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ସ୍ଥିତିର ମୁକାବିଲା କରିବାରେ ସକ୍ଷମ ହେବ।

### ନୂତନ ଚିନ୍ତାଧାରା, ଷ୍ଟାର୍ଟଅପ୍ ଓ ଷ୍ଟାଣ୍ଡଅପ୍ ପରିସଂସ୍ଥା

ସର୍ବଦା ସୃଜନଶୀଳତା ତଥା ନିଜସ୍ୱ ଚିନ୍ତାଧାରା ସୃଷ୍ଟିରେ ଭାରତ ସବୁବେଳେ ପୁରୋଭାଗରେ ରହିଆସିଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମଙ୍ଗଳଯାନ ହିଁ ପ୍ରମାଣିତ କରିଛି କମ୍ ଖର୍ଚ୍ଚରେ କିଭଳି ଗବେଷଣା ଓ ଅନୁସନ୍ଧାନ କରାଯାଇ ପ୍ରକଳ୍ପ ପ୍ରସ୍ତୁତ କରାଯାଇପାରେ। ଏଥିରେ ସଫଳତା ମଧ୍ୟ ମିଳିପାରେ। ଭାରତୀୟ ବିଜ୍ଞାନୀ ମଙ୍ଗଳ ଗ୍ରହକୁ ମହାକାଶ ଯାନ ପଠାଇବାରେ ସଫଳ ହୋଇଛି। ୬୫୦ ନିୟୁତ କିମି ଦୂରରେ ଥିବା ଏହି ଲୋହିତ ଗ୍ରହକୁ ଯାନ ପଠାଇବାରେ ପ୍ରତି କିଲୋମିଟର ଦୂରତା ପିଛା ଖର୍ଚ୍ଚ ହେଉଛି ମାତ୍ର ୭ ଟଙ୍କା। ଭାରତର ସୃଜନଶୀଳ ଟେକ୍ନୋଲୋଜି ଓ ନେତୃତ୍ୱ କେତେ ଦକ୍ଷ ତାହା ଏହି ଅଭିଯାନରୁ ସ୍ପଷ୍ଟ ହୋଇଛି। ଆମ ଯୁବପୀଢି ବିଭିନ୍ନ ଭୌଗୋଳିକ ଭୂଖଣ୍ଡରେ ରହିଥିଲେ ମଧ୍ୟ ସେମାନଙ୍କ ଭିତରେ ଉଜ୍ଜ୍ୱଳ ଚିନ୍ତାଧାରା ପ୍ରତିଭାତ। ରହିଛି ବ୍ୟାପକ ସମ୍ଭାବନା। ସେମାନଙ୍କର ଏହି ଚିନ୍ତାଧାରାକୁ ସମର୍ଥନ ତଥା ସାମର୍ଥ୍ୟ ଯୋଗାଇବାର ଆବଶ୍ୟକତା ରହିଛି। ସୃଷ୍ଟି ତଥା ନୂତନ ଚିନ୍ତାଧାରା ଏକ ସୃଜନଶୀଳ ସଂସ୍କୃତି; ଯାହାକି ବିଦ୍ୟାଳୟରୁ ଅଙ୍କୁରୋଦ୍‌ଗମ ହୋଇଥାଏ। ଦେଶରେ ବହୁ ବ୍ୟାବସାୟିକ ମନୋଭାବାପନ୍ନ ସମ୍ଭାବନାମୟ ପ୍ରତିଭା ଘୂରିବୁଲୁଛନ୍ତି। ଶିକ୍ଷାନୁଷ୍ଠାନଠାରୁ ଆର୍ଥିକ ସଂସ୍ଥାରେ ମଧ୍ୟ ଆତଯାତ ହେଉଛନ୍ତି। ଅନେକ ପ୍ରତିଭାଧାରୀଙ୍କୁ ବଡ଼ ବଡ଼ ଶିଳ୍ପସଂସ୍ଥାମାନେ ସହାୟତା କରୁଛନ୍ତି। ବିଜ୍ଞାନ ଓ କାରିଗରୀ ବିଭାଗ (ଡିଏସଟି) ଏଭଳି ପ୍ରତିଭାଧାରୀଙ୍କୁ ପ୍ରୋତ୍ସାହିତ ତଥା ସେମାନଙ୍କ ନୂତନ ଚିନ୍ତାଧାରାକୁ ଲାଳନ ପାଳନ କରି ଆଗକୁ ବଢାଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟ ଗ୍ରାମୀଣ ଯୁବ ପ୍ରତିଭାଙ୍କ ଆଡ଼କୁ ମୁହାଁଇବା ଉଚିତ। ବିଜ୍ଞାନର ବିକାଶ, ଜ୍ଞାନକୌଶଳ ଓ ସୃଜନଶୀଳ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଲାଗି ଭାରତରେ ସରକାରୀ ସଂସ୍ଥା ଡିଏସଆଇଆର, ସିଏସଆଇଆର, ଡିଏସଟି, ଏନଏସଟିଇଡିବି, ଡିବିଟି ଓ ଅନ୍ୟାନ୍ୟ ଘରୋଇ ଏଜେନ୍ସି ଆର୍ଥିକ ସହଯୋଗ କରୁଛନ୍ତି। କେତେକ ସଂସ୍ଥା, ପ୍ରାଇଭେଟ୍ ଇକ୍ୟୁଇଟି ଫଣ୍ଡ ଓ ନିବେଶକ ଏଭଳି ନୂଆ ନୂଆ ସୃଜନଶୀଳ ଯୁବକଙ୍କୁ ଆଗକୁ ବଢିବା ଲାଗି ଜ୍ଞାନକୌଶଳ ପ୍ରଦାନ ସହ ଆର୍ଥିକ ସହଯୋଗ ମଧ୍ୟ କରୁଛନ୍ତି।




ପ୍ରାରମ୍ଭିକ ପର୍ଯ୍ୟାୟରେ ତିଷ୍ଠି ରହିବା ଲାଗି ଇନ୍‌କ୍ୟୁବେଟର୍ସ ହିଁ ଷ୍ଟାର୍ଟଅପ୍‌କୁ ସହାୟତା ଦେଇଥାନ୍ତି। ସେଥିମଧ୍ୟରୁ ଅଧିକାଂଶ ପରିବାର ସଦସ୍ୟ ଓ ବନ୍ଧୁବର୍ଗ। କିଛି ଆର୍ଥିକ ସହାୟତା, କାର୍ଯ୍ୟ କରିବା ଲାଗି ଉପଯୁକ୍ତ

ପରିବେଶ ତଥା ସ୍ଥାନ ଆଦି ଭଳି କିଛି ନେଟ୍‌ୱାର୍କିଂ ପ୍ଲାଟ୍‌ଫର୍ମ ଦେଇଥାନ୍ତି ଇନ୍‌କ୍ୟୁବେଟର୍ସ (ପରିପାଳକ)। ସେମାନେ ଗ୍ରାହକ ସନ୍ଧାନ ପ୍ରଦାନଠାରୁ ମାର୍ଗଦର୍ଶନ ତଥା ଉତ୍ପାଦନର ପ୍ରଚାର/ପ୍ରସାର କରାଇବା ଦାୟିତ୍ୱ ବି ତୁଲାଇଥାନ୍ତି। ବଜାର ଚାହିଦାନୁଯାୟୀ ଉତ୍ପାଦନକୁ ଗ୍ରାହକ ପସନ୍ଦ ଉପଯୋଗୀ କରିବାଠାରୁ ଅର୍ଥ ଓ ବଜାର ଉପଲବ୍ଧ ମଧ୍ୟ କରାଇଥାନ୍ତି। ଭାରତରେ ଏକାଧିକ ଇନ୍‌କ୍ୟୁବେଟର୍ସ ଶିକ୍ଷାନୁଷ୍ଠାନରେ ଅଛନ୍ତି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଷ୍ଟାର୍ଟ ଅପ୍ ଇଣ୍ଡିଆ ସ୍କିମ୍ ଜରିଆରେ ଏଭଳି ୧୧୮ଟିକୁ ଚିହ୍ନଟ କରିଛନ୍ତି। ଯୁବକଙ୍କ କ୍ୟାରିୟର ଲାଗି ଏକ ଉତ୍ତମ ପସନ୍ଦ ଦେବା ପଛରେ ଷ୍ଟାର୍ଟ ଅପ୍ ଉଦ୍ୟୋଗୀକରଣ ଗୁରୁତ୍ୱବହନ କରୁଛି। ଭାରତରେ ଏବେ ୧୦ ହଜାରରୁ ଅଧିକ ଷ୍ଟାର୍ଟ ଅପ୍ ରହିଥିବାବେଳେ ୨୦୨୦ ମସିହା ସୁଦ୍ଧା ଏହା ୧୧ ହଜାର ୫୦୦ ଛୁଇଁବା ଲକ୍ଷ୍ୟ ରହିଛି। ବିଶ୍ୱରେ ଷ୍ଟାର୍ଟ ଅପ୍ ପରିସଂସ୍ଥାରେ ଭାରତ ଏବେ ତୃତୀୟ ବୃହତ୍ ରାଷ୍ଟ୍ର। ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ର ଅବସ୍ଥାରୁ ଯୁବ ଉଦ୍ୟୋଗୀଙ୍କ ନୂତନ ଚିନ୍ତାଧାରାର ସଂସ୍କୃତି ପରିଦୃଶ୍ୟ ହୋଇଥାଏ। ସେମାନେ ଇ-କ୍ଲବ୍, ସୋସାଇଟି ଏବଂ ଏକାଧିକ ସଂସ୍ଥାରେ କାର୍ଯ୍ୟ କରିଥାନ୍ତି। ଏହାହିଁ ସେମାନଙ୍କୁ ପରବର୍ତ୍ତୀ ସମୟରେ ଉଦ୍ୟୋଗୀ ହେବା ଲାଗି ପ୍ରେରିତ କରିଥାଏ। ସେମାନଙ୍କ ଭିତରେ ବ୍ୟାବସାୟିକ କ୍ଷମତାକୁ ବଢାଇଥାଏ । ଶିଳ୍ପ ଓ କାରିଗରୀ କୌଶଳ ଭଳି ବ୍ୟାବସାୟିକ କ୍ଷେତ୍ରରେ ସଂଯୋଗୀକରଣକୁ ଅଧିକ ପ୍ରଭାବଶାଳୀ କରିବା ଲାଗି କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ (ସିଏସଆର) ପାଣ୍ଠି ବିଶେଷ ଭୂମିକା ତୁଲାଇଥାଏ। ଭାରତୀୟ କମ୍ପାନୀ ଆଇନ ୨୦୧୩ର ଅଷ୍ଟମ ଅନୁଚ୍ଛେଦର ଧାରା ୧୩୫ ଅନୁଯାୟୀ, ଭାରତୀୟ କମ୍ପାନୀଗୁଡିକ ବିକାଶକୁ ଆଗକୁ ବଢାଇବା ଲାଗି ପାଣ୍ଠି ଯୋଗାଇବେ। ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନାଟି ମହିଳା, ଅନୁସୂଚୀତ ଜାତି ଓ ଜନଜାତି (ଏସଟି/ଏସଟି) ଉଦ୍ୟୋଗୀଙ୍କ ଲାଗି ସମର୍ପିତ ହୋଇଛି। ଏହିବର୍ଗର ଉଦ୍ୟୋଗୀଙ୍କ ଲାଗି ୧୦ ଲକ୍ଷରୁ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଋଣପ୍ରଦାନ କରି ଉଦ୍ୟୋଗକ୍ଷେତ୍ରକୁ ପ୍ରୋତ୍ସାହିତ କରାଯାଉଛି। ଏହି ଅର୍ଥ ଉଦ୍ୟୋଗୀଙ୍କୁ ୭ ବର୍ଷରେ ସୁଝିବାକୁ ସମୟସୀମା ଧାର୍ଯ୍ୟ ହୋଇଛି। ବିଭିନ୍ନ ପ୍ରକାରର ସେବା ପ୍ରଦାନ ସହ ଇ-ମାର୍କେଟ ଓ ଅନ୍‌ଲାଇନ୍‌ରେ ରେଜିଷ୍ଟ୍ରେସନ୍ ମଧ୍ୟ କରାଯାଉଛି।

### ଯୁବଗୋଷ୍ଠୀର ଅପରିସୀମ କ୍ଷମତା

ଯୁବଗୋଷ୍ଠୀଙ୍କ ଆଶା ଏବେ ଆକାଶ ଛୁଆଁ ହୋଇଥିବାରୁ ଭାରତ ଏକ ସନ୍ଧିକ୍ଷଣରେ ପହଞ୍ଚିଛି। ଯୁବଗୋଷ୍ଠୀର ଅଫୁରନ୍ତ ଶକ୍ତି ଓ ଗୁଣାତ୍ମକ ଜୀବନ ଲାଗି ଆକାଂକ୍ଷା ଏକ ବିକଶିତ ଭାରତ ଲାଗି ଆଶା ସଞ୍ଚାର କରିଛି। ଶିଳ୍ପୋନ୍ନତ ଅର୍ଥନୈତିକ ରାଷ୍ଟ୍ରର କାର୍ଯ୍ୟରତ ଶ୍ରମଶକ୍ତିର ଆୟ ଆସନ୍ତା ୨୦ ବର୍ଷ ମଧ୍ୟରେ ୪ ପ୍ରତିଶତ କମିବା ଆଶଙ୍କା କରାଯାଉଛି; ମାତ୍ର ଏହି ସମୟରେ ଭାରତୀୟ ଶ୍ରମଶକ୍ତିର ଆୟ ୩୨ ପ୍ରତିଶତ ବଢିବ। ଯୁବକଙ୍କଠାରେ ସଶକ୍ତୀକରଣ ଓ ଦକ୍ଷତା ବିକାଶ ବଢାଇବା ଲାଗି ଭାରତ ସରକାର ଏକ କାଟାଲିଷ୍ଟ (ଉତ୍ପ୍ରେରକ) ଭାବେ କାର୍ଯ୍ୟ କରୁଛନ୍ତି। ଭାରତ ଆଜି ବିଶ୍ୱ ଉତ୍ପାଦନ ବଜାରରେ ଏକ ପେଣ୍ଠସ୍ଥଳୀ ପାଲଟିବା ସହିତ ଦକ୍ଷତାର ରାଜଧାନୀ ହୋଇଛି। ସ୍କିଲ ଇଣ୍ଡିଆ ଓ ଷ୍ଟାର୍ଟଅପ୍ ଇଣ୍ଡିଆ ମିଶନ ଯୁବଗୋଷ୍ଠୀଙ୍କ ମନରେ ଶିକ୍ଷାଜନିତ ନିଯୁକ୍ତିକୁ ନେଇ ରହିଥିବା ଅସାମଞ୍ଜସ୍ୟତାକୁ ଦୂର କରିବ। କେବଳ ସେତିକି ନୁହେଁ; ଏକ ନୂତନ ଚିନ୍ତା ସୃଷ୍ଟିକରିବା ଭଳି ମାନସିକତାକୁ ପ୍ରୋତ୍ସାହିତ କରିବ। ନିଯୁକ୍ତି ପାଇବା ଅପେକ୍ଷା ନିଯୁକ୍ତି ପ୍ରଦାନର ଦକ୍ଷତା ହାସଲକୁ ମହାନ କରିବ। ଏହାଦ୍ୱାରା ହିଁ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ଆସିପାରିବ। ଯୁବପୀଢି ମଧ୍ୟରେ ଉଦ୍ୟୋଗୀ ହେବାର ଏକ ମୌଳିକ ଉପାଦାନରେ ଗଢାହେବ। ଯଦ୍ୱାରା କି ସାମଗ୍ରିକ ଅଭିବୃଦ୍ଧି ହୋଇପାରିବ। ଏଥିପାଇଁ ଏକ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ଓ ନିରବଚ୍ଛିନ୍ନ ଯୁଗ୍ମ ଉଦ୍ୟମ ଲୋଡ଼ା। କେବଳ ସରକାର ନୁହଁନ୍ତି; ବରଂ ଘରୋଇ କ୍ଷେତ୍ର ଏବଂ ଶିକ୍ଷାନୁଷ୍ଠାନ ଗୁଡିକ ମଧ୍ୟ ଏନେଇ କାର୍ଯ୍ୟ କରିବା ଜରୁରୀ। 'ନୂତନ ଭାରତ' (ନ୍ୟୁ ଇଣ୍ଡିଆ) ଗଠନ ଲାଗି ସୃଷ୍ଟ ଆହ୍ୱାନଭିତ୍ତିକ ପଥରେ ଆତ୍ମବିଶ୍ୱାସ ଓ ଦକ୍ଷତାର ସହ ଚାଲିବାକୁ ପଡିବ। ବୈଶ୍ୱିକ ଆହ୍ୱାନର ମୁକାବିଲା ଲାଗି ଭାରତୀୟ ଯୁବଗୋଷ୍ଠୀ ତା'ର ଦକ୍ଷତାକୁ ବଢାଇବାକୁ ହେବ।

ଲେଖକ: ନୂଆଦିଲ୍ଲୀସ୍ଥିତ ପିଏଚଡି ଚାମ୍ବର ଅଫ୍ କମର୍ସ ଓ ଶିଳ୍ପ ବିଭାଗରେ ଜଣେ ବରିଷ୍ଠ ସଚିବ। ସଂପ୍ରତି ଶିକ୍ଷା, ଦକ୍ଷତା ବିକାଶ, ସିଏସଆର ଓ ଇନୋଭେସନ୍ ବିଭାଗର ମୁଖ୍ୟ।

## ଓମାନରେ ଫସିଥିବା ଓଡିଆ ଯୁବକଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ବୈଦେଶିକ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ ଧର୍ମେନ୍ଦ୍ର ପ୍ରଧାନ

ଓମାନରେ ଫସି ରହିଥିବା ପାଞ୍ଚ ଜଣ ଓଡିଆଙ୍କୁ ମୁକ୍ତ କରି ଭାରତକୁ ଫେରାଇ ଆଣିବା ପାଇଁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ସୁଷମା ସ୍ୱରାଜଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଓ କୃଷ୍ଣପ୍ରସାଦ ଅଞ୍ଚଳର ପାଞ୍ଚ ଜଣ ଯୁବକ କାମ ପାଇଁ ଓମାନ ଯାଇ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବା ଖବର କାଗଜରୁ ସେ ଜାଣିବାକୁ ପାଇଥିଲେ । ଶ୍ରୀ ପ୍ରଧାନ ଶ୍ରୀମତୀ ସ୍ୱରାଜଙ୍କୁ ତାଙ୍କର ପତ୍ରରେ କହିଛନ୍ତି ଯେ ଏହି ଓଡିଆ ଯୁବକମାନେ ଏକ ବ୍ୟକ୍ତିକୁ ବିଦେଶରେ ଚାକିରୀ ପାଇଁ ୭୦ ହଜାର ଟଙ୍କା ଲେଖାଏଁ ଦେଇଥିଲେ । ପ୍ରଥମେ ସେମାନଙ୍କୁ କେରଳ ନିଆ ଯାଇ ପ୍ଲାନେଟ କନସଲ୍‌ଟାନସିଠାରେ ପଞ୍ଜୀକୃତ କରା ଯିବା ପରେ ଓମାନକୁ ପଠା ଯାଇଥିଲା । ଓମାନ ଠାରେ ସେମାନଙ୍କୁ ଅମାନବୀୟ ପରିସ୍ଥିତିରେ କାମ କରିବାକୁ ବାଧ୍ୟ କରା ଯାଇଥିଲା । ଦୁଇ ମାସ ପରେ ଦରମା ମାଗିବାରୁ ସେମାନଙ୍କୁ ପଠାଇଥିବା ଏଜେନ୍ସିକୁ ଦିଆ ଯାଇଥିବା କହିବା ସହ ସେମାନଙ୍କୁ ମାଡ ମରା ଯାଇଥିଲା ଓ ସେମାନଙ୍କୁ ବନ୍ଦୀ ଅବସ୍ଥାରେ ରଖା ଯାଇଥିଲା । ସେମାନେ ସେମାନଙ୍କ ପରିବାର ବର୍ଗକୁ ଏ ସମ୍ପର୍କରେ ଜଣାଇବା ପରେ ସେମାନେ ସ୍ଥାନୀୟ ପ୍ରଶାସନକୁ ଏ ବିଷୟରେ ଅବଗତ କରାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ଯିବାର ସୂଚନା ପରିବାର ପାଖରେ ନ ଥିବା ଖବର କାଗଜରେ ପ୍ରକାଶିତ ହୋଇଛି । ଶ୍ରୀମତୀ ସ୍ୱରାଜ ଏହି ମାମଲାରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଏହି ଓଡିଆ ଯୁବକ ମାନଙ୍କୁ ତୁରନ୍ତ ସ୍ୱଦେଶ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି । ଏହି ଗରୀବ ଓଡିଆ ପିଲା ମାନେ ଯେପରି ସେମାନଙ୍କର ଉଚିତ ପ୍ରାପ୍ୟ ଫେରି ପାଇବେ ସେ ନେଇ ପଦକ୍ଷେପ ନେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଥିବା ପ୍ରକାଶ କରିଛନ୍ତି ।

ଫୋକସ୍

# ସ୍ୱଚ୍ଛ ଓ ପାରଦର୍ଶୀ ଅର୍ଥନୀତି ଆଡ଼କୁ

ଏମ.ଭି. ଭାନୁମତୀ ଓ ରୋହିତ ଦେ ଝା

"ଜଣେ ସମୃଦ୍ଧ ଶାସକ ରାଜ୍ୟର ସୁଶାସନକୁ ଗୁରୁତ୍ୱ ଦେବ, ଲୋକଙ୍କ ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେବା ସହ ବ୍ୟାପାର ବଣିଜ ଆଦି କାର୍ଯ୍ୟକୁ ପ୍ରୋତ୍ସାହିତ କରିବ। ଏହା ଫଳରେ ଲୋକେ ମଧ ଶୀଘ୍ର ସମୃଦ୍ଧ ହୋଇପାରିବେ।" – **ଚାଣକ୍ୟ**

ମିଳିତ ଜାତିସଂଘର ମାନବ ବିକାଶ ସୂଚୀରେ ଭାରତର ସ୍ଥାନ ବହୁ ତଳେ। ଦେଶର ଗରିବ ଓ ଅସହାୟ ଲୋକଙ୍କର ଅବସ୍ଥା ଭଲ ନୁହେଁ। ୨୦୧୬ରେ ପ୍ରକାଶିତ ଏହି ସୂଚୀରେ ୧୮୮ ଦେଶର ତାଲିକାରେ ଭାରତର ସ୍ଥାନ ୧୩୧। ଆର୍ଥିକ ଅଭିବୃଦ୍ଧିର ପରିସର ବାହାରେ ରହିଯାଇଥିବା ଲୋକଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରି ସେମାନଙ୍କ ସ୍ଥିତିରେ ଉନ୍ନତି ଆଣିବାକୁ ଗତ କେଇ ବର୍ଷ ଧରି ସରକାରଙ୍କ ପକ୍ଷରୁ ପ୍ରୟାସ ଜୋରଦାର ହୋଇଛି। ଏହି ଲକ୍ଷ୍ୟର ତିନିଟି ପ୍ରଧାନ ଦିଗ ହେଲା– ପଛରେ ପଡ଼ିଯାଇଥିବା ଲୋକଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରାଇବା, ଜନକଲ୍ୟାଣ ଓ ବିକାଶମୂଳକ କାର୍ଯ୍ୟକ୍ରମକୁ ସ୍ୱଚ୍ଛ ତଥା ଦୁର୍ନୀତିମୁକ୍ତ କରିବା ଏବଂ କ୍ଷମତାର ବିକେନ୍ଦ୍ରୀକରଣ କରିବା। ଅତଏବ ଏହି ତିନିଟି କୌଶଳକୁ ମିଳିତ ଭାବେ ସଫଳତାର ସହ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି ଏବଂ ଏହା ମାଧ୍ୟମରେ ଯୋଜନାର ସୁଫଳ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚିପାରିବ।

ଏହି ତିନିଟି ବିଷୟ ମଧ୍ୟରୁ ସ୍ୱଚ୍ଛତା ବୋଧହୁଏ ନିରପେକ୍ଷ ଆର୍ଥିକ ଅଭିବୃଦ୍ଧି ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ସବୁ ଉତ୍ତମ ଯୋଜନାର ବିଫଳତା ପଛରେ ଦୁର୍ନୀତି ପ୍ରମୁଖ କାରଣ ବୋଲି ବିଭିନ୍ନ ଅନାସକ୍ତ ତଦନ୍ତରୁ ଜଣାପଡ଼ିଛି। ଦୁର୍ନୀତି କଳାଧନ ସୃଷ୍ଟି କରେ। ଏହା ଫଳରେ କଲ୍ୟାଣକାରୀ ଯୋଜନା ବିଫଳ ହୁଏ ଏବଂ ସରକାରଙ୍କ ଅର୍ଥ ପ୍ରବାହ ପ୍ରକ୍ରିୟା ବ୍ୟାହତ ହୁଏ। ସରକାରଙ୍କ ଯୋଜନା ପ୍ରଣୟନ ଓ ରୂପାୟନ ଦକ୍ଷତା ସଂକୁଚିତ ହେବା ସହିତ ବିଦେଶୀ ପୁଞ୍ଜି ଲଗାଣକୁ ନିରୁତ୍ସାହିତ କରେ। ଏହାର ପ୍ରଭାବ ସିଧାସଳଖ ଅର୍ଥନୀତି ଉପରେ ପଡ଼େ ଏବଂ ନିଯୁକ୍ତି ସୃଷ୍ଟିର ପରିବେଶ ବିଘ୍ନିତ ହୁଏ।

ବିଶ୍ୱବ୍ୟାଙ୍କର ତଥ୍ୟ ଅନୁସାରେ ବିକାଶଶୀଳ ରାଷ୍ଟ୍ରରେ ଦୁର୍ନୀତି ଲୋକଙ୍କର ଏକ ବଡ ଶତ୍ରୁ। ସେଠାରେ ଗରିବ ଲୋକମାନେ ନିଜ ଆୟର ଏକ ବଡ଼ ଭାଗ ଲାଞ୍ଚ ଆକାରରେ ଦେଇଥାନ୍ତି। ଭାରତ ମଧ ଏହାର ବ୍ୟତିକ୍ରମ ନୁହେଁ। ସୁଖର କଥା କଳାଧନ ଓ କଳାଧନ ଲୁଚାଇ ରଖିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଭାରତ ସରକାର ପ୍ରତ୍ୟକ୍ଷ ଅଭିଯାନ ଆରମ୍ଭ କରିଛନ୍ତି। ଏଥି ସହିତ ଗରିବ ଲୋକଙ୍କୁ ଦୁର୍ନୀତି ଓ ଲାଞ୍ଚର ପ୍ରଭାବରୁ ସୁରକ୍ଷିତ କରିବାକୁ ନାନାବିଧ ପଦକ୍ଷେପ ହାତକୁ ନେଇଛନ୍ତି। ସେବା ଯୋଗାଣ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ସୁଧାରି ଏହାକୁ ଅଧିକ ଦୁର୍ନୀତି ମୁକ୍ତ କରାଯାଇଛି। ଏହି ପ୍ରବନ୍ଧରେ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଛି।

### ଏକ ସ୍ୱଚ୍ଛ ଅର୍ଥନୀତି ଆଡ଼କୁ

ଜିଡିପିରେ ଭାରତର ଟିକସ ଅନୁପାତ ମାତ୍ର ୧୬.୬%। ଦେଶରେ ଟିକସ ଦେଉଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାଙ୍କ ସଂଖ୍ୟା ମାତ୍ର ୫.୫ କୋଟି। ୨୦୧୬-୧୭ ଅର୍ଥନୈତିକ ସର୍ଭେ ରିପୋର୍ଟର ତଥ୍ୟ ଅନୁସାରେ ଭାରତରେ ଏକ ଶହ ଭୋଟରଙ୍କ ମଧ୍ୟରେ ଟିକସ ପ୍ରଦାନକାରୀଙ୍କ ସଂଖ୍ୟା ମାତ୍ର ୭ ଜଣ। ଭାରତରେ ଟିକସ ଠକେଇର ପ୍ରାବଲ୍ୟ ମଧ ରହିଛି। ଗତ ପାଞ୍ଚବର୍ଷ ମଧ୍ୟରେ ଭାରତରେ ଏକ କୋଟି ୨୫ ଲକ୍ଷରୁ ଅଧିକ କାର ବିକ୍ରି ହୋଇଛି। ଦୁଇକୋଟିରୁ ଅଧିକ ଲୋକ କେବଳ ୨୦୧୫ରେ ବିଦେଶ ଭ୍ରମଣ କରିଛନ୍ତି। ଏହା ସତ୍ତ୍ୱେ ମାତ୍ର ଏକ ଲକ୍ଷ ୭୨ ହଜାର ବ୍ୟକ୍ତି ସେମାନଙ୍କ ବାର୍ଷିକ ଆୟ ୫୦ ଲକ୍ଷରୁ ଅଧିକ ଦର୍ଶାଇ ଟିକସ ବ୍ୟବସ୍ଥାର ପରିସରଭୁକ୍ତ ହେବା ବାସ୍ତବିକ ଏକ ବିଡ଼ମ୍ବନା। ଟିକସ ଫାଙ୍କି ଜରିଆରେ ସୃଷ୍ଟ

**ବିଶ୍ୱବ୍ୟାଙ୍କର ତଥ୍ୟ ଅନୁସାରେ ବିକାଶଶୀଳ ରାଷ୍ଟ୍ରରେ ଦୁର୍ନୀତି ଲୋକଙ୍କର ଏକ ବଡ ଶତ୍ରୁ। ସେଠାରେ ଗରିବ ଲୋକମାନେ ନିଜ ଆୟର ଏକ ବଡ଼ ଭାଗ ଲାଞ୍ଚ ଆକାରରେ ଦେଇଥାନ୍ତି। ଭାରତ ମଧ ଏହାର ବ୍ୟତିକ୍ରମ ନୁହେଁ। ସୁଖର କଥା କଳାଧନ ଓ କଳାଧନ ଲୁଚାଇ ରଖିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଭାରତ ସରକାର ପ୍ରତ୍ୟକ୍ଷ ଅଭିଯାନ ଆରମ୍ଭ କରିଛନ୍ତି। ଏଥି ସହିତ ଗରିବ ଲୋକଙ୍କୁ ଦୁର୍ନୀତି ଓ ଲାଞ୍ଚର ପ୍ରଭାବରୁ ସୁରକ୍ଷିତ କରିବାକୁ ନାନାବିଧ ପଦକ୍ଷେପ ହାତକୁ ନେଇଛନ୍ତି। ସେବା ଯୋଗାଣ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ସୁଧାରି ଏହାକୁ ଅଧିକ ଦୁର୍ନୀତି ମୁକ୍ତ କରାଯାଇଛି। ଏହି ପ୍ରବନ୍ଧରେ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଛି।**

କଳାଧନ ଏକ ଅର୍ଥନୈତିକ ଆହ୍ୱାନ ତଥା ସାମାଜିକ ବିପଦ। ଏହା ଦ୍ୱାରା ଲାଞ୍ଚ, ଉତ୍କୋଚ, ନିର୍ବାଚନ ଦୁର୍ନୀତି, ସଂଗଠିତ ଅପରାଧ ଆଦି ପ୍ରୋତ୍ସାହିତ ହେବା ସହ ଦେଶର ଆର୍ଥିକ ଯୋଜନା ଓ ବିତ୍ତୀୟ ସଂହତି ବିପନ୍ନ ହୋଇଥାଏ। ମୋଟାମୋଟି ଏହା ଆର୍ଥିକ ଅସମତାକୁ ଅଧିକ ବଢ଼ାଇବା ସହିତ ଦେଶର ସାମାଜିକ ବ୍ୟବସ୍ଥାକୁ ନଷ୍ଟ କରିଥାଏ। କଳାଧନ ବିରୋଧରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପରିକି ଏହା ବିରୋଧରେ ଗତ ତିନିବର୍ଷ ମଧ୍ୟରେ ଏକ ପ୍ରକାର ଯୁଦ୍ଧ ଘୋଷଣା କରାଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ମଧ୍ୟରେ ନୀତିଗତ ଓ ପଦ୍ଧତିଗତ ସଂସ୍କାର ବ୍ୟବସ୍ଥା ସହ ପ୍ରଶାସନିକ, ବୈଧାନିକ ଓ ପ୍ରବର୍ତ୍ତନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ସହିତ ଧରପଗଡ଼, ତଦାରଖ, ଦକ୍ଷତା ବୃଦ୍ଧି, ସଫଳ ଗୁଇନ୍ଦା ବ୍ୟବସ୍ଥା ଆଦି ଉପରେ ଆବଶ୍ୟକ ଗୁରୁତ୍ୱ ପ୍ରଦାନ କରାଯାଇଛି।

**ସ୍ୱଚ୍ଛ ଅର୍ଥ ପାଇଁ ଟିକସ ପ୍ରଶାସନ**

କଳାଧନ ବିପତ୍ତିର ମୁକାବିଲା ପାଇଁ ସରକାର ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିଛନ୍ତି।

➢ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏମ୍.ବି. ଶାହାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବା ଏସ୍ଆଇଟି ଗଠନ କରାଯାଇଛି।

➢ବିଭାଗକୁ ନିଜର ଆୟର ପୂର୍ଣ୍ଣାଙ୍ଗ ବିବରଣୀ ନ ଦେବା କ୍ଷେତ୍ରରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ୩ ରୁ୧୦ ବର୍ଷ କାରାଦଣ୍ଡାଦେଶର ବ୍ୟବସ୍ଥା ହୋଇଛି। ଟିକସି ଫାଙ୍କିକୁ ଏକ ନିର୍ଦ୍ଦିଷ୍ଟ ଦଣ୍ଡନୀୟ ଅପରାଧ ଶ୍ରେଣୀଭୁକ୍ତ ମାମଲା କରାଯାଇଛି। ବେଆଇନ ଅର୍ଥ କାରବାର ଅବୈଧ ଓ ଦଣ୍ଡନୀୟ ହୋଇଛି।

➢ ବିଭିନ୍ନ ବିଦେଶୀ ବ୍ୟାଙ୍କରେ ଭାରତୀୟମାନେ ବେଆଇନ ଭାବେ ଜମା ରଖିଥିବା ଅର୍ଥ ମଧ୍ୟରୁ ସରକାର ୮୧୮୬ କୋଟି ଟଙ୍କାକୁ ଟିକସ ବ୍ୟବସ୍ଥାର ପରିସରଭୁକ୍ତ କରିବାରେ ସମର୍ଥ ହୋଇଛନ୍ତି। ବହୁ ପ୍ରତିବନ୍ଧକ ସତ୍ତ୍ୱେ ସରକାରଙ୍କୁ ଏହି ସଫଳତା ମିଳିଛି।

➢ ପାନାମା ପେପର୍ସ ପ୍ରଘଟ ପରିପ୍ରେକ୍ଷୀରେ କଳାଧନ ବିଦେଶରେ ଲୁଚାଇ ରଖିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କ ବିରୋଧରେ ମିଳିତ ତଦନ୍ତ କରିବାକୁ ବିଭିନ୍ନ ସଂସ୍ଥାକୁ ନେଇ ଏକ ଏକ ତଦନ୍ତକାରୀ ଗୋଷ୍ଠୀ ଗଠନ କରାଯାଇଛି।

➢ ବିଭିନ୍ନ ରାଷ୍ଟ୍ରଙ୍କ ସହ ଦ୍ୱୈତ ଟିକସ ଛାଡ଼ ବ୍ୟବସ୍ଥାର ଅବସାନ ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି।

➢ କଳାଧନ ଠାବ ପାଇଁ ଆନ୍ତର୍ଜାତିକ ସ୍ତରରେ



ଯେଉଁ ବହୁପାକ୍ଷିକ କ୍ଷମତାପନ୍ନ କମିଟି ଗଠନ ହୋଇଛି ଭାରତ ସେଥିରେ ସାମିଲ ହୋଇଛି। ଏହା ଫଳରେ କଳାଧନ ଠୁଳ ସଂକ୍ରାନ୍ତ ତଥ୍ୟର ଆଦାନପ୍ରଦାନ ସ୍ୱୟଂକ୍ରିୟ ବ୍ୟବସ୍ଥାରେ ହୋଇପାରୁଛି।

➢ବିଦେଶୀ ଆକାଉଣ୍ଟ ଉପରେ ଟିକସ ବ୍ୟବସ୍ଥା ସଂକ୍ରାନ୍ତ ଏକ ଚୁକ୍ତିରେ ଭାରତ, ଆମେରିକାର ସହିତ ରାଜିନାମା କରି ତଥ୍ୟ ହାସଲର ସୁବିଧା ପାଇଛି। ଏହା ଫରେନ ଆକାଉଣ୍ଟ ଟାକ୍ସ କମ୍ପଲାଏନ୍ସ ଆକ୍ଟ ନାମରେ ପରିଚିତ।

➢ ଚୁକ୍ତିନାମାର ଅପବ୍ୟବହାର ରୋକିବା ଏବଂ ଟିକସ ଫାଙ୍କିକୁ ଏଡ଼ାଇବା ପାଇଁ ମରିସସ୍, ସିଙ୍ଗାପୁର ଓ ସାଇପ୍ରସ ସହ ଭାରତ ସାନି ଚୁକ୍ତି କରିଛି।

➢ ପୁଞ୍ଜି ନିବେଶ କ୍ଷେତ୍ରରେ ଅସତ୍ ଉପାୟରେ ଅର୍ଥ ଲଗାଣ ଏବଂ ଟିକସ ଫାଙ୍କିକୁ ରୋକିବା ପାଇଁ ଭାରତ ସରକାର ବୈଧାନିକ ପଦକ୍ଷେପମାନ ନେଇଛନ୍ତି।

➢ବେନାମୀ ଅର୍ଥକାରବାର ରୋକିବାକୁ ୨୦୧୬ରେ ଏ ସଂକ୍ରାନ୍ତ ଆଇନରେ ସଂଶୋଧନ କରାଯାଇଛି। ଫଳରେ ସରକାର ବେନାମୀ ସମ୍ପତ୍ତିକୁ ବାଜ୍ୟାପ୍ତ କରିବାର ଅଧିକାର ପାଇଛନ୍ତି। ଏଥିରେ ଛଦ୍ମନାମରେ ଟଙ୍କା ଜମା ରଖୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ସାତବର୍ଷ କାରାଦଣ୍ଡର ବ୍ୟବସ୍ଥା ଅଛି।

➢ ସରକାର ଇତିମଧ୍ୟରେ ୨୪୫ ବେନାମୀ କାରବାରକୁ ଠାବ କରି ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଏଥିରେ ୫୫ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ହେବା ସହ ୧୨୪ଟି ମାମଲା ରୁଜୁ ହୋଇଛି।

➢ ଟିକସ ଫାଙ୍କି ଓ ଠକେଇ ମାମଲାରେ ବିଭିନ୍ନ ସଂସ୍ଥା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇ ୧୭୫୨୫ କୋଟିର ଆୟକର, ୨୫୦୯ କୋଟିର ବହିଃଶୁଳ୍କ, ୧୯୧୩ କୋଟିର କେନ୍ଦ୍ରୀୟ ଉତ୍ପାଦ ଟିକସ, ୧୧୨୦ କୋଟିର ସେବା କର ଏମିତି ମୋଟ ଏକ କୋଟି ୩୭ ଲକ୍ଷରୁ ଅଧିକ ଟଙ୍କାର ଟିକସ ଫାଙ୍କି ଠାବ ହୋଇଛି।

➢ ମୋଟ ୨୮୧୪ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ଓ ୩୮୯୩ ଜଣଙ୍କୁ ଗିରଫ କରାଯାଇଛି

➢ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୫୧୯ଟି ମାମଲା ରୁଜୁ କରିବା ସହ ୩୯୬ଟି ଚଢ଼ଉ କରିଛି। ଏଥିରେ ୭୯ ଜଣ ଗିରଫ ହୋଇଥିବାବେଳେ ୧୪,୯୩୩ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ହୋଇଛି।

➢ ୨୦୧୬ର ଆୟ ଘୋଷଣା ଯୋଜନାରେ ୬୪,୨୭୫ ଜଣ ସେମାନଙ୍କ ପ୍ରକୃତ ଆୟ ସମ୍ପର୍କରେ ତଥ୍ୟ ଦେଇଛନ୍ତି ଓ ଯାହାର ମୋଟ ପରିମାଣ ୬୫,୨୫୦ କୋଟି ଟଙ୍କା। ଏହି ଘରୋଇ କଳାଧନ ଠୁଳକାରୀଙ୍କୁ ସେମାନଙ୍କ ଆୟ ଉତ୍ସ ସମ୍ପର୍କରେ ସତକଥା ପ୍ରକାଶ କରିବାକୁ ସୁଯୋଗ ଦିଆଯାଇଛି।

➢କଳାଧନ ବିରୋଧରେ ସରକାର ଯେଉଁ ଯୁଦ୍ଧ ଘୋଷଣା କରିଛନ୍ତି ତାହାକୁ ଆହୁରି ବ୍ୟାପକ ଓ ପ୍ରଭାବଶାଳୀ କରିବାକୁ ୨୦୧୭-୧୮ କେନ୍ଦ୍ରୀୟ ବଜେଟ୍‌ରେ ଅର୍ଥମନ୍ତ୍ରୀ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିଛନ୍ତି।

➢ବ୍ୟବସାୟରେ ବିନିଯୋଗ ସୁବିଧା ନିମନ୍ତେ ମାତ୍ର ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି।

➢ସେବାମୂଳକ ସଂସ୍ଥା (ଚ୍ୟାରିଟେବୁଲ ଟ୍ରଷ୍ଟ) ଗୋଟିଏ ଉତ୍ସରୁ ସର୍ବାଧିକ ମାତ୍ର ଦୁଇ ହଜାର ଟଙ୍କା ନଗଦ ଅର୍ଥରେ ଦାନ ଗ୍ରହଣ କରିପାରିବେ।

➢ବ୍ୟକ୍ତିବିଶେଷ ସର୍ବାଧିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ନଗଦ ଅର୍ଥରେ କରିପାରିବେ। ଏହାକୁ ନ'ମାନିଲେ ସମପରିମାଣର ଅର୍ଥଦଣ୍ଡରେ ଦଣ୍ଡିତ ହେବେ।

➢ ପ୍ରାଥମିକ କୃଷି ଋଣ ସମିତିରେ କଳାଧନ ଲଗାଣ ଓ ଅପଚୟର ସମ୍ଭାବନା ଅଧିକ ଥିବାରୁ ଏହାକୁ କମ୍ପ୍ୟୁଟରାଇଜ କରାଯାଇ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସହିତ କୋର ବ୍ୟାଙ୍କିଂ ବ୍ୟବସ୍ଥାରେ ସଂପୃକ୍ତ କରାଯାଇଛି।

➢ଦୀର୍ଘ ମିଆଦୀ ପୁଞ୍ଜି ଲାଭ ଟିକସ ବ୍ୟବସ୍ଥାକୁ

କେବଳ ଅଂଶଧନରେ ନିୟନ୍ତ୍ରିତ କରାଯାଇଛି। କେବଳ ସେୟାର କ୍ରୟ କ୍ଷେତ୍ରରେ ପ୍ରତିଭୂତି କାରବାର ଉପରେ ଟିକସ ଦେବାର ବ୍ୟବସ୍ଥା ହୋଇଛି। ଅତଏବ ଯେଉଁମାନେ ସେୟାର କିଣିବାରେ ଛଦ୍ମ ବାଟ ଅବଲମ୍ବନ କରୁଥିଲେ ତାହା ଆଉ କରିପାରିବେ ନାହିଁ।

➢ଟିକସ ଠକି ବିଦେଶକୁ ଖସି ପଳାଉଥିବା ଲୋକଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ନୂଆ ଆଇନ ପ୍ରଣୟନ କରାଯାଉଛି। ସେମାନେ ଆତ୍ମ ସମର୍ପଣ ନ'କଲେ ସମ୍ପତ୍ତି ଉପରେ ତାଙ୍କର କୌଣସି ଦାବି ରହିବ ନାହିଁ।

➢ଆୟକର ରିଟର୍ଣ୍ଣ ଦାଖଲ କ୍ଷେତ୍ରରେ ଆଧାର ନମ୍ବର ଦାଖଲକୁ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ପାନ୍‌କାର୍ଡ ପାଇବା ଓ ରଖିବା କ୍ଷେତ୍ରରେ ମଧ୍ୟ ଆଧାର ବାଧ୍ୟତାମୂଳକ ହୋଇଛି। ଏହା ଫଳରେ




ଜଣେ ବ୍ୟକ୍ତି ଏକାଧିକ ଓ ନକଲି ପାନ୍‌କାର୍ଡ ବ୍ୟବହାର କରିପାରିବେ ନାହିଁ। ଏହାଦ୍ୱାରା କେୱାଇସି ତଦାରଖ ବ୍ୟବସ୍ଥା ସୁସଂହତ ହେବ ଏବଂ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହଜ ହୋଇପାରିବ।

## ସଚ୍ଚୋଟ ଟିକସଦାତାଙ୍କୁ ପୁରସ୍କାର ବ୍ୟବସ୍ଥା

ସରକାର ଟିକସ ପରିସରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ଏକ କଳନୀୟ ତଥା ସଶକ୍ତ ଟିକସ ପ୍ରଶାସନ ବ୍ୟବସ୍ଥା ପ୍ରଚଳନ କରିବାକୁ ପ୍ରୟାସୀ। ଏହାଦ୍ୱାରା ଅଭିବୃଦ୍ଧି ବଢ଼ିବ ଓ ପୁଞ୍ଜିନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ସେ ଦିଗରେ ସରକାର ନିମ୍ନଲିଖିତ ପଦକ୍ଷେପମାନ ନେଇଛନ୍ତି।

➢ଟିକସ ଦାତା ଓ ଟିକସ ଆଦାୟକାରୀଙ୍କ ମଧ୍ୟରେ ପ୍ରତ୍ୟେକ୍ଷ ଯୋଗାଯୋଗ ବିନା ଟିକସ ପ୍ରଦାନ ବ୍ୟବସ୍ଥାକୁ ସହଜ କରିବାକୁ ଦେଶର ସାତଟି ନଗରୀରେ ଇ-ଆସେସମେଣ୍ଟ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହାଦ୍ୱାରା ସମୟ ଓ ଅର୍ଥର ଅପଚୟକୁ ହ୍ରାସ କରାଯାଇପାରିବ।

➢୨୦୧୫ରେ ଆରମ୍ଭ ହୋଇଥିବା ଇ-ସହଯୋଗ ବ୍ୟବସ୍ଥାରେ ଆୟକର ଆଦାୟ କ୍ଷେତ୍ରରେ ଥିବା ଅସଂଗତି ଦୂର କରିବାର ପ୍ରୟାସ ହୋଇଛି। ବିଶେଷ କରି ଯେଉଁ କରଦାତାଙ୍କ ଟିକସ ରିଟର୍ଣ୍ଣ ଉପରେ ଆୟକର ବିଭାଗର ନଜର ଅଛି ସେମାନେ ଏହି ବ୍ୟବସ୍ଥାରେ ସଂପୃକ୍ତ ବିବାଦର ସମାଧାନ ସହଜରେ କରିପାରିବେ।

➢ଟିକସ ଆଇନ ସଂକ୍ରାନ୍ତ ସ୍ପଷ୍ଟୀକରଣ ଜନସାଧାରଣଙ୍କୁ ନିୟମିତ ବ୍ୟବଧାନରେ ଜଣାଇବାକୁ ସିବିଡିଟି ଓ ସିବିଇସିକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଦୁଇ ସଂସ୍ଥା ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ସୁପାରିଶ କ୍ରମେ ଶିଳ୍ପ ବାଣିଜ୍ୟ ସଂଘର ପ୍ରତିନିଧିଙ୍କ ସହ ନିୟମିତ ବ୍ୟବଧାନରେ କଥାବାର୍ତ୍ତା କରିବାକୁ ବ୍ୟବସ୍ଥା ହୋଇଛି।

➢ଆବାସିକ ଟିକସଦାତା ମଧ୍ୟ ନିଜର ଆୟକର ଦେୟ ଓ କରସୀମା ସମ୍ପର୍କରେ ଆବଶ୍ୟକ ସ୍ଥଳେ ଆଗୁଆ ରାୟ କର୍ତ୍ତୃପକ୍ଷଙ୍କଠାରୁ ଚାହିଁଲେ ପାଇପାରିବେ।

➢ଆୟକର ସେଟେଲମେଣ୍ଟ କମିଶନଙ୍କ କାର୍ଯ୍ୟ ପରିସରକୁ ସଂପ୍ରସାରିତ କରାଯାଇଛି। ଫଳରେ ଅଧିକରୁ ଅଧିକ କରଦାତା କମିଶନଙ୍କ ଦପ୍ତରରେ ନିଜ ନିଜର ଆୟକର ମାମଲାର ସମାଧାନ ପାଇଁ ସୁଯୋଗ ପାଇବେ।

➢ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ତଦାରଖରେ ପରିଚାଳିତ କେନ୍ଦ୍ରୀୟ ଆପତ୍ତି ଅପନୋଦନ ଓ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା (ସିପିଜିଆଇଏଏମ୍‌ଏସ୍) ଓ ଇ-ନିବାରଣ ପୋର୍ଟାଲ ମାଧ୍ୟମରେ ଆପତ୍ତି ଅଭିଯୋଗକାରୀ ଧାର୍ଯ୍ୟ ସମୟ ମଧ୍ୟରେ ନ୍ୟାୟ ପାଇପାରିବେ।

➢କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ଟିକସଦାତାଙ୍କ ପାଇଁ ଏକପୃଷ୍ଠା ବିଶିଷ୍ଟ ଆୟକର ରିଟର୍ଣ୍ଣ ଫର୍ମ - 'ସହଜ'ର ପ୍ରବର୍ତ୍ତନ।

➢ ଟିକସ ପ୍ରଦାନ ବ୍ୟବସ୍ଥାରେ ଉନ୍ନତି ଏବଂ ତୁରନ୍ତ ଆପତ୍ତି ସମାଧାନ ପାଇଁ ଆୟକର ବିଭାଗ ପକ୍ଷରୁ 'ପ୍ରୋଜେକ୍ଟ ଇନ୍‌ସାଇଟ୍' ନାମରେ ଏକ ନୂଆ ବ୍ୟବସ୍ଥା ପ୍ରସ୍ତୁତି।

## ବିମୁଦ୍ରାୟନ

ପାଞ୍ଚ ଶହ ଓ ଏକହଜାର ଟଙ୍କିଆ ବଡ଼ ନୋଟ୍ ବିମୁଦ୍ରାୟନର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ଥିଲା କଳା ଟଙ୍କା ଠୁଳ ଓ ଟିକସ ଫାଙ୍କିକୁ ରୋକିବା। ଏହାଛଡ଼ା ଜାଲ୍ ନୋଟ୍‌ର ପ୍ରଚଳନକୁ ରୋକିବା, ଅର୍ଥନୀତିକୁ ଅଧିକରୁ ଅଧିକ ଡିଜିଟାଇଜ କରିବା, ଆର୍ଥିକ ସଂଚୟ ବୃଦ୍ଧିକୁ ପ୍ରୋତ୍ସାହନ ତଥା ଅର୍ଥନୀତିରେ ଅଧିକରୁ ଅଧିକ ଲୋକଙ୍କୁ ଆନୁଷ୍ଠାନିକ ଭାବେ ସାମିଲ କରିବା ଥିଲା ଏହାର ଅନ୍ୟାନ୍ୟ ଲକ୍ଷ୍ୟ। ଏହାଦ୍ୱାରା ଅଧିକ ଜିଡିପି ଅଭିବୃଦ୍ଧି, ଅଧିକ ଟିକସ ଆଦାୟ ଓ ରାଜସ୍ୱ ବୃଦ୍ଧି ଘଟିବ ବୋଲି ସରକାର ଆଶା ରଖିଥିଲେ।

ବିମୁଦ୍ରାୟନ ପରେ ପ୍ରାୟ ସବୁ ଅଚଳ ନୋଟ୍ ବ୍ୟାଙ୍କ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇପାରିଲା। ଫଳରେ ଟଙ୍କାର ଗତିବିଧି ଓ ଚଳାଚଳ ଉପରେ ନଜର ରଖିବାକୁ କର୍ତ୍ତୃପକ୍ଷଙ୍କୁ ସୁଯୋଗ ମିଳିଲା। ଟଙ୍କା ଜମା



ତଦନ୍ତରୁ ପୁରୁଣା ତାରିଖରେ ଜିନିଷ ବିକ୍ରି, ବେନାମୀ ଜମା, ଅଳଙ୍କାର, ସୁନା ଓ ରୁପା, ସୌଖୀନ ସାମଗ୍ରୀର ଅନୈତିକ ବିକ୍ରିବଟା, ବୈଦେଶିକ ବିନିମୟ ମୁଦ୍ରାକ୍ରୟ, ସମବାୟ ବ୍ୟାଙ୍କରେ ବିପୁଳ ଟଙ୍କା ଜମା (ଏଠି କେୱାଇସି ବ୍ୟବସ୍ଥା ନାହିଁ) ଗୋଟିଏ ପାନ୍ ବିପକ୍ଷରେ ଏକାଧିକ ବ୍ୟାଙ୍କ ଖାତା ଆଦି ଯାବତୀୟ ବେଆଇନ କାରବାର ସମ୍ପର୍କରେ ସରକାରଙ୍କୁ ତଥ୍ୟ ମିଳିଲା।

ତଥ୍ୟ ଅନୁସାରେ ବିମୁଦ୍ରାୟନ ପରେ ୨ ଲକ୍ଷରୁ ୮୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂସ୍ଥା ଦ୍ୱାରା ଜମା କରାଯାଇଥିବା ଅଚଳ ଟଙ୍କାର ମୋଟ ମୂଲ୍ୟ ଥିଲା ୫. ୫୮ଲକ୍ଷ କୋଟି ଟଙ୍କା। ଏହି ଅର୍ଥ ଏକ କୋଟି ୯ ଲକ୍ଷ ବ୍ୟାଙ୍କ ଖାତା ଜରିଆରେ ଜମା ହୋଇଛି। ତଥ୍ୟ ଅନୁସାରେ ଏକ ଲକ୍ଷ ୪୮ ହଜାର ଖାତାରେ ୮୦ ଲକ୍ଷରୁ ଅଧିକ ଟଙ୍କା ଜମା କରାଯାଇଛି ଯାହାର ମୋଟ ପରିମାଣ ୪.୮୯ ଲକ୍ଷ କୋଟି। ଏସବୁ ତଥ୍ୟ ମିଳିବା ପରେ ସ୍ୱଚ୍ଛ ଅର୍ଥ ଅଭିଯାନ (ଅପରେସନ କ୍ଲିନ୍ ମନି) ଯୋଜନାରେ ଆୟକର ବିଭାଗ ପ୍ରଥମ ପର୍ଯ୍ୟାୟରେ ୧୮ ଲକ୍ଷ ବ୍ୟକ୍ତିବିଶେଷଙ୍କୁ ଇ-ମେଲ ପଠାଇ ଆୟର ସୂତ୍ର ପଚାରିଛି। ସେଥିମଧ୍ୟରୁ ୧୨ଲକ୍ଷ ଲୋକ ସେମାନଙ୍କର ଜବାବ ରଖିଛନ୍ତି। ଅତଏବ ଏହି ତଥ୍ୟ ପାଇବା ପରେ ଯେଉଁମାନଙ୍କ ଆୟ ନେଇ କୌଣସି ଆପତ୍ତି ଅଭିଯୋଗ ନାହିଁ ସେମାନଙ୍କୁ ଆୟକର ବିଭାଗ ତଦନ୍ତ ପରିସରରୁ ମୁକ୍ତ କରିବ। ଅର୍ଥମନ୍ତ୍ରୀ ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ବିମୁଦ୍ରାୟନ ପରେ ଆୟକର ବିଭାଗ ୬୦୦ କୋଟି ନଗଦ ଟଙ୍କା ଜବତ କରିଥିବାବେଳେ ୧୧୦୦ ଚଢ଼ଉ କରିଛି।

ଆୟ ମାମଲାରେ ନିଜର ସ୍ୱଚ୍ଛତା ପ୍ରମାଣ କରିବାକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ନାମରେ ଏକ ନୂଆ ଯୋଜନା ସରକାର ଆରମ୍ଭ କରିଛନ୍ତି। ଏହି ଯୋଜନାରେ ୨୦୧୭ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଯେଉଁମାନେ ନିଜର ଜମା ତଥ୍ୟ ଘୋଷଣା କରିଛନ୍ତି ସେମାନେ ନିଜ ଜମାର ୫୦

ଶତାଂଶ ଉପରେ ଟିକସ ଦେବେ ଏବଂ ୨୫ ଶତାଂଶ ଅର୍ଥ ବିନା ସୁଧରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଚାରିବର୍ଷ ପାଇଁ ଜମା ରହିବ। ଏ ସମ୍ପର୍କରେ ସରକାରୀ ଭାବେ ସବିଶେଷ ତଥ୍ୟାବଳୀ ଉପଲବ୍ଧ ନୁହେଁ।

## ଡିଜିଟାଲ ଅର୍ଥନୀତି

ଅର୍ଥନୀତିରେ ଟଙ୍କା ବା ନୋଟ୍‌ର ବହୁଳ ପ୍ରଚଳନ ବ୍ୟାପକ ଟିକସ ଫାଙ୍କିର ମୁଖ୍ୟ କାରଣ। ୨୦୧୫ର ତଥ୍ୟ ଅନୁସାରେ ଦେଶରେ ୯୮ ଶତାଂଶ ସମସ୍ତ କାରବାର ନଗଦରେ ହେଉଥିଲା ଏବଂ କାରବାରର ମୋଟ ମୂଲ୍ୟର ୬୮ ଭାଗ ନଗଦରେ ହେଉଥିଲା। ବିମୁଦ୍ରାୟନ ପରେ ଅର୍ଥ ଯୋଗାଣ ନିୟନ୍ତ୍ରିତ ହୋଇଥିବାରୁ ଏହା ଡିଜିଟାଲ କାରବାର ପାଇଁ ସୁଯୋଗ ସୃଷ୍ଟି କରିଛି। ଡିଜିଟାଲ ଅର୍ଥନୀତିର ଅନେକ ସୁବିଧା ସୁଯୋଗ ରହିଛି। ଏହା

> **ଜିଡିପିରେ ଭାରତର ଟିକସ ଅନୁପାତ ମାତ୍ର ୧୬.୬%। ଦେଶରେ ଟିକସ ଦେଉଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାଙ୍କ ସଂଖ୍ୟା ମାତ୍ର ୫.୫ କୋଟି। ୨୦୧୬-୧୭ ଅର୍ଥନୈତିକ ସର୍ଭେ ରିପୋର୍ଟର ତଥ୍ୟ ଅନୁସାରେ ଭାରତରେ ଏକ ଶହ ଭୋଟରଙ୍କ ମଧ୍ୟରେ ଟିକସ ପ୍ରଦାନକାରୀଙ୍କ ସଂଖ୍ୟା ମାତ୍ର ୭ ଜଣ। ଭାରତରେ ଟିକସ ଠକେଇର ପ୍ରାବଲ୍ୟ ମଧ୍ୟ ରହିଛି। ଗତ ପାଞ୍ଚବର୍ଷ ମଧ୍ୟରେ ଭାରତରେ ଏକ କୋଟି ୨୫ ଲକ୍ଷରୁ ଅଧିକ କାର ବିକ୍ରି ହୋଇଛି। ଦୁଇକୋଟିରୁ ଅଧିକ ଲୋକ କେବଳ ୨୦୧୫ରେ ବିଦେଶ ଭ୍ରମଣ କରିଛନ୍ତି। ଏହା ସତ୍ତ୍ୱେ ମାତ୍ର ଏକ ଲକ୍ଷ ୭୨ ହଜାର ବ୍ୟକ୍ତି ସେମାନଙ୍କ ବାର୍ଷିକ ଆୟ ୫୦ ଲକ୍ଷରୁ ଅଧିକ ଦର୍ଶାଇ ଟିକସ ବ୍ୟବସ୍ଥାର ପରିସରଭୁକ୍ତ ହେବା ବାସ୍ତବିକ ଏକ ବିଡ଼ମ୍ବନା।**

ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଏବଂ କଳାଧନ ଠୁଳ ପାଇଁ ଏଥିରେ ସୁଯୋଗ ପ୍ରାୟ ନ ଥାଏ। ଦୁର୍ନୀତିର ମୁକାବିଲା ପାଇଁ ଏହା ଏକ ସଫଳ ବ୍ୟବସ୍ଥା। ଟ୍ରାନ୍ସପରେନ୍ସି ଇଣ୍ଟରନେଶନାଲର ତଥ୍ୟ ଅନୁସାରେ ଯେଉଁ ଯେଉଁ ଦେଶରେ ୧୦ ଶତାଂଶରୁ କମ୍ ନୋଟ୍ ପ୍ରଚଳନ ହେଉଛି ସେସବୁ ଦେଶରେ ଦୁର୍ନୀତି ବହୁତ କମ୍। ଏହି ତାଲିକାରେ ଭାରତର ସ୍ଥାନ ୭୯।

ଜାତୀୟ ପେମେଣ୍ଟ କର୍ପୋରେସନ ପକ୍ଷରୁ ସଫଳତାର ସହ ଏକୀକୃତ ପେମେଣ୍ଟ ଇଣ୍ଟରଫେସ୍ ପ୍ଲାଟଫର୍ମକୁ କାର୍ଯ୍ୟକାରୀ କରାଯାଇଛି। ଏହା ମାଧ୍ୟମରେ ଆନ୍ତଃ ଦେଣନେଣ କାରବାର କରାଯାଉଛି। ନଗଦବିହୀନ କାରବାର କରିବାକୁ ୧୯୬ ଲକ୍ଷ ଲୋକ ଭିମ୍ ଆପ୍ସର ସହାୟତା ନେଇଛନ୍ତି। ଆଧାର ସଂଯୋଗ ବ୍ୟବସ୍ଥାରେ ନଗଦ ବିହୀନ କାରବାରକୁ ପ୍ରୋତ୍ସାହନ ମିଳୁଛି। ନଗଦ ବିହୀନ କାରବାରକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ସରକାର ପିଓଏସ୍ ଓ କ୍ଷୁଦ୍ର ଏଟିଏମ୍ ଉପରୁ ବିଭିନ୍ନ କର ଉଠାଇ ଦେଇଛନ୍ତି। ପାନ୍‌କୁ ଆଧାର ସହିତ ସଂଯୁକ୍ତ କରିବାକୁ ସରକାର ନିଷ୍ପତ୍ତି ନେଇଥିବାରୁ ଆଗକୁ ୫୦ ହଜାର ଟଙ୍କାରୁ ଅଧିକ କାରବାର କ୍ଷେତ୍ରରେ ଆଧାର ନମ୍ବର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇପାରେ।

## ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି)


ସ୍ୱାଧୀନତା ପରେ ଦେଶରେ ଟିକସ ସଂସ୍କାର କ୍ଷେତ୍ରରେ ଜିଏସ୍‌ଟି ପ୍ରଚଳନ ଏକ ଐତିହାସିକ ନିଷ୍ପତ୍ତି। ଜଟିଳ ପରୋକ୍ଷ କର ବ୍ୟବସ୍ଥାକୁ ସରଳ କରିବା ସହ ଦେଶରେ ଏକକ ଟିକସ ବ୍ୟବସ୍ଥା ପ୍ରଚଳନ ଏହାର ଲକ୍ଷ୍ୟ। ଏହାଦ୍ୱାରା ସାଧାରଣ ଏକକ ଭାରତୀୟ ବଜାର ସୃଷ୍ଟି ହେବ। ଏହା ଟିକସ ପ୍ରଶାସନକୁ ସୁସଂହତ କରିବା ସହ ଟିକସ ଆଦାୟ ପରିମାଣ ବଢ଼ାଇବାରେ ସହାୟକ ହେବ। ଏହାଦ୍ୱାରା ପୁଞ୍ଜି ନିବେଶ ବଢ଼ିବ ଓ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। ସରକାରଙ୍କ ରାଜସ୍ୱ ମଧ୍ୟ ବୃଦ୍ଧି ପାଇବ। ଜୁଲାଇ ପହିଲାରୁ ଜିଏସ୍‌ଟି କାର୍ଯ୍ୟକାରୀ ହେବା ପାଇଁ ସବୁ ବୈଧାନିକ ବ୍ୟବସ୍ଥା ଏକ ପ୍ରକାର ଶେଷ ହୋଇଛି। ଜିଏସ୍‌ଟି ପ୍ରଚଳନ ଦ୍ୱାରା ଟିକସ ଠକେଇ ଓ ଫାଙ୍କି ଯଥେଷ୍ଟ କମିଯିବ ଏବଂ ଜିଡିପିରେ ଟିକସ ଅନୁପାତ ବଢ଼ିବ। ଏଥିସହ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବ୍ୟବସ୍ଥାରେ ଆବଶ୍ୟକ ସଂଶୋଧନ ଆଣି ଏହାକୁ ଅଧିକ ଯୁଗୋପଯୋଗୀ କରିବାକୁ ସରକାର ଉଦ୍ୟମ କରୁଛନ୍ତି।

## ରାଜନୈତିକ ଦଳ ପାଣ୍ଠି ସଂଗ୍ରହ ବ୍ୟବସ୍ଥାରେ ସଂସ୍କାର

ରାଜନୈତିକ ଦଳମାନେ ବିଭିନ୍ନ ସୂତ୍ରରୁ ଯେଉଁ ବିପୁଳ ଚାନ୍ଦା ସଂଗ୍ରହ କରୁଥିଲେ ସେଥିରେ ସ୍ୱଚ୍ଛତା ନ ଥିଲା। ବିପୁଳ ଅର୍ଥ ଅଜ୍ଞାତ ଉତ୍ସରୁ ଆସୁଥିଲା ଏବଂ ତାହାକୁ ଦର୍ଶାଇବାକୁ ଦଳମାନେ ବାଧ୍ୟ ନ ଥିଲେ। ୨୦୦୪-୦୫ରୁ ୨୦୧୪-୧୫ ମଧ୍ୟରେ ବିଭିନ୍ନ ରଜନୈତିକ ଦଳ ୭୮୩୩କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଥିଲେ। ଯାହା ସେମାନଙ୍କର ମୋଟ ଆୟର ୬୯ ଭାଗ। ଶିଳ୍ପ ବଣିକ ଗୋଷ୍ଠୀରୁ ମୁଖ୍ୟତଃ ଏହି ଚାନ୍ଦା ଆସୁଥିଲା। ଏହି ପାଣ୍ଠି ସଂଗ୍ରହ ପଛରେ ଅନେକ ନ୍ୟସ୍ତସ୍ୱାର୍ଥ ଥିଲା ଏବଂ ଏହା ଦୁର୍ନୀତିର ଏକ ମୁଖ୍ୟ କାରଣ ବୋଲି ଅଭିଯୋଗ ହୁଏ। ଏହା ରାଜନେତା ଓ ଶିଳ୍ପପତିଙ୍କ ମଧ୍ୟରେ ଅସାଧୁ ମେଣ୍ଟ ସୃଷ୍ଟି କରୁଥିଲା। ଚାନ୍ଦା ନେଇ ଶିଳ୍ପଗୋଷ୍ଠୀଙ୍କୁ ରାଜନୈତିକ ଦଳ ଅନୁକମ୍ପା ପ୍ରଦର୍ଶନ କରୁଥିଲେ। ତେଣୁ ଏହି ଚାନ୍ଦାକୁ ସ୍ୱଚ୍ଛ କରିବା ସହ ଗଣତନ୍ତ୍ର ତଥା ଅର୍ଥନୀତିକୁ ସ୍ୱଚ୍ଛ କରିବାକୁ ସରକାର ପଦକ୍ଷେପ ନେଇଛନ୍ତି। ୨୦୧୭ରେ ଏଥିପାଇଁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ଗୋଟିଏ ଉତ୍ସରୁ ରାଜନୈତିକ ଦଳମାନେ ନଗଦ ଆକାରରେ ମାତ୍ର ୨୦୦୦ ଟଙ୍କା ପର୍ଯ୍ୟନ୍ତ ଚାନ୍ଦା ଗ୍ରହଣ କରିପାରିବେ। ଏବେ ଇଲେକ୍‌ଟୋରାଲ ବଣ୍ଡ୍‌ର ପରିକଳ୍ପନା କରାଯାଉଛି। ଏହାଦ୍ୱାରା କମ୍ପାନୀ ବା ଶିଳ୍ପ ସଂସ୍ଥା ଦେଉଥିବା ରାଜନୈତିକ ଚାନ୍ଦାର ଉତ୍ସ ଅଜ୍ଞାତ ରହିବ। ଏହାଦ୍ୱାରା ଦାତାର ସ୍ୱାର୍ଥ ସୁରକ୍ଷିତ ରହିବ କିନ୍ତୁ ଆବଶ୍ୟକ ସ୍ଥଳେ ଉତ୍ସକୁ ଠାବ କରିହେବ।

## ଦୁର୍ନୀତି ନିବାରଣ

ବିକାଶର ଲାଭ ଦରିଦ୍ର ଓ ଅଭାବୀ ଲୋକଙ୍କ ପାଖରେ ପହଞ୍ଚିବା ଉପରେ ସରକାର ସର୍ବଦା ଗୁରୁତ୍ୱ ଦେଉଥିଲେ ମଧ୍ୟ ରୂପାୟନ ସ୍ତରରେ ଦୁର୍ନୀତି, ବାଟମାରଣା ଯୋଗୁଁ ତାହା ସଫଳ ହେଉନାହିଁ। ଖାଉଟୀ ସାମଗ୍ରୀ ବଣ୍ଟନ କ୍ଷେତ୍ରରେ ୪୦ ରୁ ୫୦ ଶତାଂଶ ସାମଗ୍ରୀ ବାଟମାରଣା ହେଉଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ତେଣୁ ଏହି ଦୁର୍ନୀତି ଓ ବାଟମାରଣାକୁ ବନ୍ଦ କରିବା ପାଇଁ ସରକାର ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ରିଆତି ବାବଦ ସମସ୍ତ ସରକାରୀ ଦେୟ ସିଧାସଳଖ ଉପଭୋକ୍ତାଙ୍କ ଜମାଖାତାକୁ ପଠାଇବାର ବ୍ୟବସ୍ଥା କରାଯାଇଛି। ଜନଧନ, ଆଧାର ଓ ମୋବାଇଲକୁ ସଂଯୋଗ କରି ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ହିତାଧିକାରୀଙ୍କ ନାମରେ ଜନଧନ ବ୍ୟାଙ୍କ ଖାତା ଖୋଲାଯାଉଛି ଏବଂ ସେଥିରେ ତାଙ୍କର ଆଧାର ନମ୍ବର ରହୁଛି। ହିତାଧିକାରୀଙ୍କୁ ମିଳିବାକୁ ଥିବା ସରକାରୀ ଆର୍ଥିକ ଲାଭ ବାବଦ ଅର୍ଥ ସିଧାସଳଖ ସେମାନଙ୍କ ଜନଧନ ବ୍ୟାଙ୍କଖାତାକୁ ପଠାଯାଉଛି।



ଫଳରେ ଏହାର ବାଟମାରଣା ବନ୍ଦ ହୋଇଯାଇଛି। ଆଧାର ନମ୍ବର ଥିବାରୁ ଏଥିରେ ମଧ୍ୟ ଜାଲିଆତି କରିବାର ଅବକାଶ ନାହିଁ। ଏବେ ୧୧୨କୋଟି

ଲୋକ 'ଆଧାର' ଭୁକ୍ତ ହୋଇଥିବାବେଳେ ଜନଧନ ଯୋଜନାରେ ୨୫.୭ କୋଟି ଆକାଉଣ୍ଟ ଖୋଲିଛି। ମୋଟ ୮୪ଟି କେନ୍ଦ୍ରୀୟ ଯୋଜନା (୧୭ଟି ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ)ରେ ଏହି ଡିବିଟି ସୁବିଧା ଯୋଗାଇ ଦିଆଯାଉଛି। ଏହା ଫଳରେ ସରକାର ଗତ ତିନି ବର୍ଷ ମଧ୍ୟରେ ବାଟମାରଣା ବନ୍ଦ କରି ୫୦ ହଜାର କୋଟି ଟଙ୍କା ବଞ୍ଚାଇବାରେ ସଫଳ ହୋଇଛନ୍ତି।

ସେହିଭଳି ନିଲାମ ପ୍ରକ୍ରିୟାରେ ସଂସ୍କାର ଆଣି ପ୍ରାକୃତିକ ସମ୍ପଦର ନିଲାମରେ ହେଉଥିବା ବ୍ୟାପକ ଦୁର୍ନୀତିର ବାଟ ବନ୍ଦ କରିବାରେ ସରକାର ସଫଳ ହୋଇଛନ୍ତି। ଏଥିପାଇଁ ସରକାରୀ ଇ-ମାର୍କେଟ ପ୍ଲେସ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏସବୁ ନିଲାମରେ ସରକାରୀ ସଂସ୍ଥା, ସ୍ୱୟଂଶାସିତ ସଂସ୍ଥା, ମନ୍ତ୍ରଣାଳୟ ଓ ବିଭାଗକୁ ଅଗ୍ରାଧିକାର ଦିଆଯାଇଛି। ଫଳରେ ସରକାର ବିପୁଳ ଲାଭ କରିବା ସହ ସେବାବଦ ଅର୍ଥକୁ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ବିନିଯୋଗ କରିବାରେ ସଫଳ ହେବେ।




### ଅସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ

➢ ଭାରତକୁ ସ୍ୱଚ୍ଛ, ଦୁର୍ନୀତି ମୁକ୍ତ କରିବାକୁ ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଉଲ୍ଲେଖନୀୟ ଏବଂ ଏହାର ସଫଳ କାର୍ଯ୍ୟକାରିତାରେ ଆବଶ୍ୟକ ସାହସ ଓ ବିଚାରବୁଦ୍ଧି ଲୋଡ଼ା। ସେଥିପାଇଁ ଏ ଦିଗରେ ନିରନ୍ତର ପ୍ରୟାସ ଲୋଡ଼ା। ତା' ନହେଲେ ଏହି କାର୍ଯ୍ୟସୂଚୀ ଅସମ୍ପୂର୍ଣ୍ଣ ରହିଯିବ। ଏଥିପାଇଁ ନିମ୍ନଲିଖିତ ପଦକ୍ଷେପ ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ।

➢ ଟିକସ ଆଇନର ସରଳୀକରଣ ସହ ଦୁର୍ନୀତି ମୁକ୍ତ ଟିକସ ପ୍ରଶାସନ ବ୍ୟବସ୍ଥା ସୃଷ୍ଟିର ସମ୍ପର୍କ ରହିଛି। ଅତଏବ ଟିକସ ସଂସ୍କାର କ୍ଷେତ୍ରରେ ବିବାଦ ଓ ପାତରଅନ୍ତର ବ୍ୟବସ୍ଥା ଯେପରି ନ'ରହେ ସେଥିପ୍ରତି ନଜର ଦେବାକୁ ପଡ଼ିବ। ତା' ନହେଲେ ଟିକସ ସଂସ୍କାର ସତ୍ତ୍ୱେ ଟିକସ ପ୍ରଶାସନ ବ୍ୟବସ୍ଥା ଦୁର୍ବଳ ରହିବ। ସୂଚନାଯୋଗ୍ୟ ଯେ ଦେଶରେ ଏବେ ତିନି ଲକ୍ଷ ଟିକସ ମାମଲା ବିଚାରାଧୀନ ଅଛି ଏବଂ ଏହି ମାମଲା ସହିତ ୫.୫ ଲକ୍ଷ କୋଟି ଟଙ୍କା ସମ୍ପୃକ୍ତ।

➢ ଆଇନର ଦୁରୁପଯୋଗ ଯେପରି ନ ହୁଏ ସେଥିପ୍ରତି ଆବଶ୍ୟକ ଦୃଷ୍ଟି ଦେବାକୁ ପଡ଼ିବ। ଏବେ ପ୍ରତିଦିନ ଶହ ଶହ କମ୍ପାନୀ ସୃଷ୍ଟି ହେଉଛି ଏବଂ ସେମାନେ ବିଭିନ୍ନ ପ୍ରକାର ଜାଲିଆତି କରି ଟିକସ ପାଙ୍କିବାକୁ ଚେଷ୍ଟା କରୁଛନ୍ତି। ଜଟିଳ ଆଇନର ବ୍ୟାଖ୍ୟା କରି ଅନେକ ଆଇନଜୀବୀ ଗଳାବାଟ ଦେଇ ନିଜ ମହକିଲଙ୍କୁ ଜିତାଇ ଦେବାର ସମ୍ଭାବନା ରହିଛି। ତେଣୁ ଆଇନ ସ୍ୱଷ୍ଟ ଏବଂ ପୂର୍ଣ୍ଣାଙ୍ଗ ହେବା ଆବଶ୍ୟକ। ସେହିଭଳି ଆଇନର ବିରୋଧାଚରଣ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଉଦାହରଣୀୟ ଦଣ୍ଡବିଧାନର ବ୍ୟବସ୍ଥା କରା ନଗଲେ ଲୋକଙ୍କର ଭୟ ରହିବ ନାହିଁ।

➢ ଟିକସଦାତା ଓ ସଂଗ୍ରହକାରୀ ସିଧାସଳଖ ପରସ୍ପରକୁ ଯେପରି ନ ଭେଟନ୍ତି ସେଥିପାଇଁ ବ୍ୟବସ୍ଥା କରାଯିବା ଉଚିତ। ଏହା ଯେତେ କମ୍ ହେବ ଏବଂ ଟିକସ ସଂଗ୍ରହ ବ୍ୟବସ୍ଥା ସେତେ ଅଧିକ ଇ-ବ୍ୟବସ୍ଥାରେ ହେବ ଦୁର୍ନୀତି ସେତେ କମିବ। ଆଇଟି ବିଭାଗ ପକ୍ଷରୁ ଏଥିପାଇଁ ଯେଉଁ ଇ-ଆସେସ୍‌ମେଣ୍ଟ ବ୍ୟବସ୍ଥା କରାଯାଇଛି ତାହା ଏକ ଠିକଣା ପଦକ୍ଷେପ।

➢ ଭାରତ ଫାଇନାନ୍‌ସିଆଲ୍ ଆକ୍‌ସନ୍ ଟାସ୍କଫୋର୍ସର (ଏଫ୍‌ଏଟିଏଫ୍) ଜଣେ ସଦସ୍ୟ ରାଷ୍ଟ୍ର। ଏହି ସଂସ୍ଥା ସୁପାରିଶ କରିଛି ଯେ ସଭ୍ୟ ରାଷ୍ଟ୍ରମାନେ ଯେଉଁ ରାଜନୈତିକ ବ୍ୟକ୍ତିଙ୍କ ସହ ଦେଶର ବିତ୍ତୀୟ ଅନୁଷ୍ଠାନମାନ ବ୍ୟାବସାୟିକ ସମ୍ପର୍କ ରଖୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବା ଆବଶ୍ୟକ। ସଂପୃକ୍ତ ରାଷ୍ଟ୍ର ଏଭଳି କାରବାରରେ ହେବାକୁ ଥିବା ସମ୍ଭାବ୍ୟ ବିପଦ ବା କ୍ଷୟକ୍ଷତି ବିରୋଧରେ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି।

**ଏବେ ୧୧୨କୋଟି ଲୋକ 'ଆଧାର' ଭୁକ୍ତ ହୋଇଥିବାବେଳେ ଜନଧନ ଯୋଜନାରେ ୨୫.୭ କୋଟି ଆକାଉଣ୍ଟ ଖୋଲିଛି। ମୋଟ ୮୪ଟି କେନ୍ଦ୍ରୀୟ ଯୋଜନା (୧୭ଟି ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ)ରେ ଏହି ଡିବିଟି ସୁବିଧା ଯୋଗାଇ ଦିଆଯାଉଛି। ଏହା ଫଳରେ ସରକାର ଗତ ତିନି ବର୍ଷ ମଧ୍ୟରେ ବାଟମାରଣା ବନ୍ଦ କରି ୫୦ ହଜାର କୋଟି ଟଙ୍କା ବଞ୍ଚାଇବାରେ ସଫଳ ହୋଇଛନ୍ତି।**

➢ ରାଜ୍ୟ ଓ କେନ୍ଦ୍ରୀୟ ସ୍ତରରେ ଥିବା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସହଯୋଗର ଆବଶ୍ୟକତା ମଧ୍ୟ ଅଛି। ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।

### ନିରନ୍ତର ଉଦ୍ୟମ ଲୋଡ଼ା

ଦୁର୍ନୀତିର ମୁକାବିଲା ସହ ଅର୍ଥନୀତିକୁ ସ୍ୱଚ୍ଛ କରିବା ପାଇଁ ସରକାର ଯେଉଁ ପଦକ୍ଷେପମାନ ଗ୍ରହଣ କରିଛନ୍ତି ତାହାର ସୁଫଳ ମିଳିବାକୁ ଆରମ୍ଭ କଲାଣି। ଏହି ଉଦ୍ୟମ ନିରନ୍ତର ଜାରି ରହିଲେ ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତେ ଏହାର ସୁଫଳ ପାଇବେ ଏବଂ ଦେଶ ମଧ୍ୟ ଲାଭବାନ ହେବ। ତେବେ ଏହି ପ୍ରକ୍ରିୟାରେ କିଛି ତତ୍କାଳ ଅସୁବିଧା ସୃଷ୍ଟି ହୋଇପାରେ ଯାହା ଲୋକଙ୍କୁ କଷ୍ଟ ଦେବ। ତେବେ ବୃହତ୍ତର ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କୁ ସାମୟିକ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ଦେଶ ପାଇଁ ଏହି ତ୍ୟାଗ କିଛି ନୁହେଁ।

ଶ୍ରୀମତୀ ଏମ୍.ଭି. ଭାନୁମତୀ ଭାରତୀୟ ରାଜସ୍ୱ ସେବାର ଜଣେ ବରିଷ୍ଠ ଅଧିକାରୀ ଏବଂ ସେ ନୂଆଦିଲ୍ଲୀସ୍ଥିତ ଆୟକର ଅନୁସନ୍ଧାନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ। ରୋହିତ ଦେ ଝା ଆୟକର ବିଭାଗର ଜଣେ ସହକାରୀ ନିର୍ଦ୍ଦେଶକ ଏବଂ ଦିଲ୍ଲୀରେ ଅବସ୍ଥାପିତ

# ଗ୍ରାମ୍ୟ ଉନ୍ନୟନ ଜୀବିକା ମାଧ୍ୟମରେ ଜୀବନର ପରିବର୍ତ୍ତନ

**ଅମରଜିତ୍ ସିହ୍ନା**

**ଏମଜିନରେଗା କାର୍ଯ୍ୟକ୍ରମ ସଫଳ ପରିଚାଳନା ଯୋଗୁଁ ସ୍ଥାୟୀ ସମ୍ପତ୍ତି / ସମ୍ବଳ ସୃଷ୍ଟି କରାଯାଇ ଦାରିଦ୍ର୍ୟ ପ୍ରପୀଡ଼ିତ ଇଲାକାରେ ଜୀବିକାର୍ଜନ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ ହୋଇଥିବାବେଳେ ଲୋକଙ୍କୁ ଚାହିଦା ଅନୁସାରେ କାମ ଯୋଗାଇ ଦିଆଯାଇପାରୁଛି । ଏହି ଯୋଜନା ୨୩୦କୋଟି ମାନବ (ଶ୍ରମ) ଦିବସ ସୃଷ୍ଟି କରି ଶ୍ରମିକ ବଜେଟର ସଂଶୋଧିତ ଲକ୍ଷ୍ୟକୁ ଅତିକ୍ରମ କରିଛି । ଏହି ବର୍ଷ ଉକ୍ତ ଯୋଜନାରେ ସର୍ବାଧିକ ୫୮,୦୫୬ କୋଟି ଟଙ୍କା (କେନ୍ଦ୍ର+ରାଜ୍ୟ) ଗୋଟିଏ ବର୍ଷରେ ବ୍ୟୟ କରାଯାଇଛି । ସେହିଭଳି ଏହି ବର୍ଷ ସର୍ବାଧିକ ୫୬% ମହିଳାଙ୍କୁ ରୋଜଗାର ସୁବିଧା ଯୋଗାଇ ଦିଆଯାଇଛି, ଯାହା ଏକ ରେକର୍ଡ ।**

ଗ୍ରାମ୍ୟ ଉନ୍ନୟନ ନିରନ୍ତର ଆର୍ଥିକ ଅଭିବୃଦ୍ଧି ଓ ମାନବ ବିକାଶର ଚାବିକାଠି । ଗ୍ରାମ୍ୟ ଅର୍ଥନୀତିରେ ବିକାଶ ଘଟିଲେ ଦାରିଦ୍ର୍ୟ ଦୂରୀକରଣ ପ୍ରକ୍ରିୟା ଅତି ଦ୍ରୁତ ହୁଏ । ଏହା ଉଭୟ କୃଷି ଓ ଅଣକୃଷି କ୍ଷେତ୍ରରେ ଜୀବିକା ଉପାର୍ଜନର ବିଭିନ୍ନ ସୁଯୋଗ ସୃଷ୍ଟି କରେ । ଏକ ବିଶ୍ୱ ଶକ୍ତି ହେବା ପାଇଁ ଭାରତକୁ ତାହାର ଗ୍ରାମାଞ୍ଚଳ ଦାରିଦ୍ର୍ୟ ଓ ବିକାଶ ପ୍ରକ୍ରିୟାର ସମସ୍ୟାବଳୀର ସଫଳ ମୁକାବିଲା କରିବାକୁ ପଡ଼ିବ । ସେଥିପାଇଁ ସରକାର ଗ୍ରାମାଞ୍ଚଳର ଜୀବିକା ଉପାର୍ଜନ ବ୍ୟବସ୍ଥା ଓ ଭିତ୍ତିଭୂମି କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ଅତଏବ ଏକ ସମାବେଶୀ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ନିରନ୍ତର ମାନବ ବିକାଶ ପ୍ରକ୍ରିୟା ସମ୍ଭବ ।

➲ ଗ୍ରାମାଞ୍ଚଳ ଦାରିଦ୍ର୍ୟର ବିଭିନ୍ନ ଦିଗ ରହିଛି । ସେଥିପାଇଁ ଏକ ସମୟରେ ବହୁମୁଖୀ ପଦକ୍ଷେପ ଗ୍ରହଣ କରି ଗ୍ରାମାଞ୍ଚଳ ଦାରିଦ୍ର୍ୟର ମୁକାବିଲା କରିବା ଆବଶ୍ୟକତା ଉପୁଜିଛି । ଗୋଟିଏ ପରିବାର ଦରିଦ୍ର; କାରଣ ଏହା ଅସହାୟ, ବାସହୀନ, ସମ୍ବଳହୀନ, ନିରକ୍ଷର, ଦକ୍ଷତାହୀନ, ଦୁର୍ବଳ ଓ ଅସୁସ୍ଥ । ଏସବୁ କାରଣ ଅନ୍ୟ ପକ୍ଷରେ ତାହାର ଦାରିଦ୍ର୍ୟ ପାଇଁ ଦାୟୀ । ଜଣେ ବ୍ୟକ୍ତିର ପୂର୍ଣ୍ଣ ମାନବିକ ଦକ୍ଷତା ବିକାଶରେ ଅନେକ କାରଣ ପ୍ରତିବନ୍ଧକ ସାଜେ । ଏସବୁ କାରଣର ନିରାକରଣ ନ'ହେଲେ ପୂର୍ଣ୍ଣାଙ୍ଗ ମାନବ ବିକାଶ ସମ୍ଭବ ନୁହେଁ । ଗ୍ରାମାଞ୍ଚଳ ବିକାଶର ପ୍ରକୃତ ଆହ୍ୱାନ ହେଲା ସବୁ ଲୋକଙ୍କୁ ସେମାନଙ୍କ ଦକ୍ଷତାର ପୂର୍ଣ୍ଣ ବିନିଯୋଗ ପାଇଁ ସୁଯୋଗ ସୁବିଧା ପ୍ରଦାନ କରିବା । ଏହା ମିଳିଲେ ସେମାନଙ୍କର ବିକାଶ ସହିତ ଅର୍ଥନୈତିକ ଅଭିବୃଦ୍ଧି ବଢ଼ିବ ।

➲ ଗ୍ରାମ୍ୟ ଉନ୍ନୟନ ବିଭାଗ ତାହାର ବାର୍ଷିକ ଏକ ଲକ୍ଷ କୋଟିର ଅଧିକ ବଜେଟରେ ଦାରିଦ୍ର୍ୟର ବିଭିନ୍ନ କାରଣ ନିରାକରଣ ପାଇଁ ପ୍ରୟାସ କରିଆସୁଛି । ଏହା ମଧ୍ୟ ଅନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଗ୍ରାମାଞ୍ଚଳର ଦରିଦ୍ର ଲୋକଙ୍କୁ ଅପେକ୍ଷାକୃତ ଭଲ ଜୀବିକା ଯୋଗାଇ ସେମାନଙ୍କ ସୁଖ ସମୃଦ୍ଧି ପାଇଁ କାମ କରୁଛି । ଭାରତ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ରାଜ୍ୟ ସରକାରଙ୍କ ଏ କ୍ଷେତ୍ରର ବଜେଟ ବ୍ୟୟକୁ ମିଶାଇଲେ ଦେଖାଯିବ ଯେ ବର୍ଷକୁ ୩-୪ ଲକ୍ଷ କୋଟିରୁ ଅଧିକ ଟଙ୍କା ଗ୍ରାମାଞ୍ଚଳ ପାଇଁ ଖର୍ଚ୍ଚ ହେଉଛି ।

➲ ମରୁଡ଼ିର ମୁକାବିଲା ପାଇଁ ସରକାର ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଜଳର ସୁଚିନ୍ତିତ ଉପଯୋଗ ପାଇଁ ସମନ୍ୱିତ କୃଷି ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିରେ ଫସଲ, ଉଦ୍ୟାନକୃଷି, ଗୋସମ୍ପଦ ଏବଂ ଅଣକୃଷି ନିଯୁକ୍ତି ଅନ୍ତର୍ଭୁକ୍ତ । ଏମ୍‌ଜିନରେଗା ଯୋଜନାରେ ଉପଲବ୍ଧ ସମ୍ବଳକୁ ଏକ ଜୀବିକା ସମ୍ବଳ ଭାବେ ଦେଖାଯାଇପାରେ । ଏହି ସମ୍ବଳର ଉପଯୋଗ କରି ଗ୍ରାମାଞ୍ଚଳ ଲୋକଙ୍କ ଜୀବିକାକୁ ବିଭିନ୍ନ କ୍ଷେତ୍ରକୁ ପ୍ରସାରିତ କରି ରୋଜଗାର ସୁଯୋଗ ସୃଷ୍ଟି ଉଦ୍ୟମ କରାଯାଉଛି । ଆବଶ୍ୟକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଏହି ଯୋଜନାର ଏକ ସମ୍ମିଳିତ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ହୋଇଛି ଯଦ୍ୱାରା ସବୁ ମରୁଡ଼ି ପ୍ରବଣ ଅଞ୍ଚଳରେ ସେଚ ବ୍ୟବସ୍ଥାର ସୁବିଧା କରାଯାଉଛି ।

➲ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନାରେ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଋଣ ଯୋଗାଣ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଜୀବିକା ଉପାର୍ଜନ ସୁଯୋଗ ସୃଷ୍ଟି ପାଇଁ ଉଦ୍ଦିଷ୍ଟ । ଜାତୀୟ ଗ୍ରାମ୍ୟ ଜୀବିକା ଉପାର୍ଜନ ମିଶନ (ଏନଆରଏଲଏମ) ନାମରେ ପରିଚିତ ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦିଆଯାଉଛି । ଏହି ଯୋଜନାରେ ୩୧ ଲକ୍ଷ ମହିଳା ସ୍ୱୟଂସେବୀ ଗୋଷ୍ଠୀ ଓ ପ୍ରାୟ ୩.୬ କୋଟି ମହିଳାଙ୍କୁ ସାମିଲ କରାଯାଇଛି । ସ୍ୱୟଂସହାୟକ ଗୋଷ୍ଠୀ, ଗ୍ରାମ ସଂଗଠନ ଓ ଗୋଷ୍ଠୀ ସାଧନ କର୍ମୀଙ୍କ ଜରିଆରେ ଏକ ସଫଳ ସାମାଜିକ ପୁଞ୍ଜି ସୃଷ୍ଟି କରାଯିବା ପରେ ଏବେ ଏହି ଗୋଷ୍ଠୀଙ୍କୁ ଉପଯୁକ୍ତ ବ୍ୟାଙ୍କ ସଂଯୋଗ ସୁବିଧା ଯୋଗାଇ ସେମାନଙ୍କ ଅର୍ଥନୈତିକ

କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଗତ ତିନିବର୍ଷ ମଧ୍ୟରେ ଏସବୁ ଗୋଷ୍ଠୀର ସଦସ୍ୟମାନେ ୮୫୦୦୦ କୋଟିରୁ ଅଧିକ ଟଙ୍କା ଋଣ ଆକାରରେ ନେଇ ବିଭିନ୍ନ ବ୍ୟବସାୟରେ ଲଗାଇଛନ୍ତି । ଏହି ଅର୍ଥର ବଡ଼ଭାଗ ବିଭିନ୍ନ ସଫଳ ଜୀବିକାର୍ଜନ କାର୍ଯ୍ୟକ୍ରମରେ ଲାଗିଛି ଏବଂ ସମ୍ପୃକ୍ତ ସଦସ୍ୟଙ୍କ ଦାରିଦ୍ର୍ୟ ମୋଚନରେ ଏହା ସହାୟକ ହୋଇପାରିବ । ଏମଜିନରେଗା କାର୍ଯ୍ୟକ୍ରମରେ ଗରିବ ଲୋକଙ୍କ ଛେଳି ଗୁହାଳ, କୁକୁଡ଼ା ସେଡ୍ ଓ ଗାଈ ଗୁହାଳ ନିର୍ମାଣ ଏବଂ ଚାଷ ପୋଖରୀ ଓ କୂପ ଖନନ ଆଦି କାମ ପାଇଁ ଅର୍ଥ ଯୋଗାଇ ଦିଆଯାଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟକ୍ତି ବିଶେଷ ସେମାନଙ୍କର ଜୀବିକା ଉପାର୍ଜନ ଧନ୍ଦାକୁ ବିବିଧ କରି ରୋଜଗାର ବଢ଼ାଇବାରେ ସକ୍ଷମ ହେଉଛନ୍ତି ।

## ୨୦୧୬-୧୭ରେ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ସଫଳତା

୨୦୧୬-୧୭ ବର୍ଷରେ ବିଭିନ୍ନ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ପ୍ରଦର୍ଶନ ବିଶେଷ ଉଲ୍ଲେଖନୀୟ ଥିଲା । ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ୨୦୧୧-୧୪ରେ ଦେଶରେ ଦୈନିକ ମାତ୍ର ୭୩.୫କିମି ରାସ୍ତା ନିର୍ମାଣ ହେଉଥିବାବେଳେ ୨୦୧୪-୧୬ ରେ ଏହା ଦୈନକ ୧୦୦କିମି ଏବଂ ୨୦୧୬-୧୭ରେ ୧୩୦ କିମିରେ ପହଞ୍ଚିପାରିଛି । ଏ କ୍ଷେତ୍ରରେ ଯେଉଁ ପ୍ରଗତି ଘଟିଛି ତା'ପଛରେ ଥିବା ଉଦ୍ୟମକୁ ଏହା ପ୍ରମାଣ କରୁଛି ।

ସେହିଭଳି ଗ୍ରାମ୍ୟ ଆବାସ ଯୋଜନାରେ ସବୁ ନିର୍ମାଣାଧୀନ ଓ ଅସମ୍ପୂର୍ଣ୍ଣ ଇନ୍ଦିରା ଆବାସର ନିର୍ମାଣ ଶେଷ ହୋଇଛି । ୨୦୧୬ ନଭେମ୍ବର ୨୦ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଏପର୍ଯ୍ୟନ୍ତ ସମଗ୍ର ଦେଶରେ ୩୨ ଲକ୍ଷ ୧୪ ହଜାର ଘର ନିର୍ମାଣ ଶେଷ ହୋଇଛି । ୨୦୧୧-୧୪ ତୁଳନାରେ ଏହି ଆବାସ ନିର୍ମାଣର ସଫଳତା ୨ ରୁ ୩ ଗୁଣ ଅଧିକ ।

ଏମଜିନରେଗା ଯୋଜନାରେ ଆଗରୁ ସାଧାରଣ ଭାବେ ୨୫ ରୁ ୩୦ ଲକ୍ଷ କାମର ନିର୍ମାଣ ଶେଷ ହେଉଥିବା ବେଳେ ୨୦୧୬-୧୭ ରେ ୫୨ ଲକ୍ଷ କାମର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଏହି ଯୋଜନାରେ ୮୮ ଲକ୍ଷ ସମ୍ପତ୍ତିକୁ ପ୍ରଥମ ଥର ପାଇଁ ଜିଓଟ୍ୟାଗ କରାଯାଇଛି ।୨୦୧୬-୧୭ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାର ସଫଳତାର ସାରାଂଶ ନିମ୍ନରେ ପ୍ରଦାନ କରାଯାଇଛି ।

## ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା

୨୦୧୬-୧୭ରେ ରେକର୍ଡ ୪୭,୩୫୦କିମି ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରାସ୍ତା ନିର୍ମିତ ହୋଇଛି । ସାତବର୍ଷ ପରେ ଗୋଟିଏ ଆର୍ଥିକ ବର୍ଷରେ ଏହା ଏହି ଯୋଜନାରେ ସର୍ବାଧିକ ସଡ଼କ ନିର୍ମାଣ । ମୋଟ ୪୭,୩୫୦କିମି ସଡ଼କ ନିର୍ମାଣ କରାଯାଇ ୧୧,୬୧୪ ଗ୍ରାମକୁ ରାସ୍ତା ସଂଯୋଗ ଯୋଗାଇ ଦିଆଯାଇଛି । ପ୍ରତିଦିନ ହାରାହାରି ୩୨ଟି ଗାଁକୁ ସଡ଼କ ସଂଯୋଗ ଯୋଗାଣ ସମ୍ଭବ ହୋଇଛି । ସାତ ବର୍ଷ ମଧ୍ୟରେ ଗୋଟିଏ ବର୍ଷରେ ୧୧,୬୦୬ ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ସଂଯୋଗ ସ୍ଥାପନ ଏକ ରେକର୍ଡ ।



ଗ୍ରାମ ସଡ଼କରେ ପ୍ରଦୂଷଣ ହ୍ରାସ ସହ ଅଙ୍ଗାରକାମ୍ଳ ନିର୍ଗମନକୁ କମାଇବା, କାମ କରିବାର ଋତୁରେ ଅଧିକ କାମ ଯୋଗାଣ ବ୍ୟବସ୍ଥା ସହ ବ୍ୟୟ ଅଟକଳକୁ ନିୟନ୍ତ୍ରଣରେ ରଖିବା, ସବୁଜ ଜ୍ଞାନକୌଶଳର ଉପଯୋଗ ତଥା ପରିତ୍ୟକ୍ତ ପ୍ଲାଷ୍ଟିକ, ଜିଓ ଟେକ୍ସଟାଇଲ, ଫ୍ଲାଏଆଶ୍, କୋଲ୍ଡମିକ୍ସ, ଆଇରନ ଓ କପର ସ୍ଲାଗ ଭଳି ଅଣ ପାରମ୍ପରିକ ସାମଗ୍ରୀକୁ ଏହି ସଡ଼କ ନିର୍ମାଣରେ ବ୍ୟବହାର କରାଯାଉଛି । ପ୍ରଦୂଷଣ ରହିତ ଜ୍ଞାନକୌଶଳ ବା ଗ୍ରୀନ୍ ଟେକ୍ନୋଲୋଜି ବ୍ୟବହାର କରାଯାଇ ୨୦୧୬-୧୭ରେ ୪୧୧୩.୧୩କିମି ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ନିର୍ମାଣ କରାଯାଇଛି ।

ଏମଜିନରେଗା କାର୍ଯ୍ୟକ୍ରମରେ ୨୦୧୬-୧୭ରେ ପରିଚାଳନା ଓ ଶାସନଗତ ବ୍ୟବସ୍ଥାରେ ଅଭୂତପୂର୍ବ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ସେଥିରେ ଜଳସଂରକ୍ଷଣ ଅଗ୍ରାଧିକାର ପାଇଥିଲା । ଏଥିରେ ସମ୍ପୃକ୍ତ ୮୨ ଶତାଂଶରୁ ଅଧିକ ସକ୍ରୀୟ ଶ୍ରମିକ (୯.୧କୋଟି)ଙ୍କୁ ଆଧାର ସଂଯୁକ୍ତ ଏମଜିନରେଗା ସଫ୍ଟ ବ୍ୟବସ୍ଥାରେ, ୪.୬କୋଟିଙ୍କୁ ଆଧାର ଭିତ୍ତିକ ପେମେଣ୍ଟ ବ୍ରିଜ୍‌ରେ ଏବଂ ୯୬ ଶତାଂଶ ଶ୍ରମିକଙ୍କୁ ବ୍ୟାଙ୍କ ଓ ଡାକଘର ଜମାଖାତା ଜରିଆରେ ମଜୁରୀ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ୮୯ଲକ୍ଷ ସମ୍ପତ୍ତି (ଆସେଟ୍) ଜିଓ ଟ୍ୟାଗ ହୋଇଥିବାବେଳେ ଉପଯୁକ୍ତ ତଦାରଖ କରାଯାଇ ୯୩ ଲକ୍ଷ ଜବ୍‌କାର୍ଡକୁ ଉଚ୍ଛେଦ କରାଯାଇଛି । ଦେଶର ବିଭିନ୍ନ ଅଞ୍ଚଳରେ ଜଳସଂରକ୍ଷଣ ବ୍ୟବସ୍ଥା କରାଯାଇ ମରୁଡ଼ି ପ୍ରତିକାର ବ୍ୟବସ୍ଥା ହୋଇପାରିଛି । ଏମଜିନରେଗା କାର୍ଯ୍ୟକ୍ରମ ସଫଳ ପରିଚାଳନା ଯୋଗୁଁ ସ୍ଥାୟୀ ସମ୍ପତ୍ତି / ସମ୍ବଳ ସୃଷ୍ଟି କରାଯାଇ ଦାରିଦ୍ର୍ୟ ପ୍ରପୀଡ଼ିତ ଇଲାକାରେ ଜୀବିକାର୍ଜନ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ ହୋଇଥିବାବେଳେ ଲୋକଙ୍କୁ ଚାହିଦା ଅନୁସାରେ କାମ ଯୋଗାଇ ଦିଆଯାଇପାରୁଛି । ଏହି ଯୋଜନା ୨୩୦କୋଟି ମାନବ (ଶ୍ରମ) ଦିବସ ସୃଷ୍ଟି କରି ଶ୍ରମିକ ବଜେଟର ସଂଶୋଧିତ ଲକ୍ଷ୍ୟକୁ ଅତିକ୍ରମ କରିଛି । ଏହି ବର୍ଷ ଉକ୍ତ ଯୋଜନାରେ ସର୍ବାଧିକ ୫୮,୦୫୬ କୋଟି ଟଙ୍କା (କେନ୍ଦ୍ର+ରାଜ୍ୟ) ଗୋଟିଏ ବର୍ଷରେ ବ୍ୟୟ କରାଯାଇଛି । ସେହିଭଳି ଏହି ବର୍ଷ ସର୍ବାଧିକ ୫୬% ମହିଳାଙ୍କୁ ରୋଜଗାର ସୁବିଧା ଯୋଗାଇ ଦିଆଯାଇଛି, ଯାହା ଏକ ରେକର୍ଡ ।

ପ୍ରଧାନମନ୍ତ୍ରୀ ଦେଶର ମରୁଡି ପ୍ରବଣ ରାଜ୍ୟସମୂହର ମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକରେ ଜଳସଂରକ୍ଷଣ ପ୍ରୟାସକୁ ଅଧିକ ଗତିଶୀଳ କରିବାକୁ ଗୁରୁତ୍ୱ ଦେବା ପରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ ନିଜନିଜର ଆବଶ୍ୟକତା ଅନୁସାରେ ଯୋଜନାମାନ ପ୍ରସ୍ତୁତ କରିଥିଲେ । ସେଥିରେ ଏମ୍‌ଜିନରେଗା ପାଣ୍ଠି ବିନିଯୋଗ କରାଯାଉଛି । ରାଜସ୍ଥାନ ଓ ଆନ୍ଧ୍ର ଭଳି ରାଜ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି । ରାଜସ୍ଥାନ ସରକାର ୩୨୦୦ ଗାଁରେ ୯୨ ହଜାର ଜଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ବେଳେ ଆନ୍ଧ୍ର ସରକାର ଚାଷ ପୋଖରୀ ଓ ତେଲଙ୍ଗାନା ସରକାର ମିଶନ କାକତୀୟ, ମଧ୍ୟପ୍ରଦେଶ କପିଳଧାରା ନଳକୂପ, ମହାରାଷ୍ଟ୍ର ଜଳଯୁକ୍ତ ଶିଓ୍ୱାର ଆଦି କାର୍ଯ୍ୟକ୍ରମ ହାତକୁ ନେଇ ମରୁଡ଼ି ନିରାକରଣ କାର୍ଯ୍ୟରେ ଏମଜିନରେଗା ପାଣ୍ଠି ବିନିଯୋଗ କରୁଛନ୍ତି । ୨୦୧୬-୧୭ ବର୍ଷରେ ୧୫.୪୭ ଲକ୍ଷ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସେଥିମଧ୍ୟରେ ରହିଛି ୫.୬୬ ଚାଷ ପୋଖରୀ । ୨୦୧୫-୧୬ ଓ ୧୬-୧୭ ବର୍ଷରେ ପ୍ରାୟ ୯୦ ଲକ୍ଷ ହେକ୍ଟର ଜମିରେ ଜଳସେଚନର ସୁବିଧା କରାଯାଇଛି ।

ବ୍ୟକ୍ତିଗତ ହିତାଧିକାରୀ ଯୋଜନାରେ ଏମ୍‌ଜିନରେଗା ୧୪.୬୧ଲକ୍ଷରୁ ଅଧିକ ହିତାଧିକାରୀ ସୃଷ୍ଟି କରି କୁକୁଡ଼ା ପାଳନ, ଛେଳି ପାଳନ, କୃଷି, ଜଳସେଚନ ଆଦି କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ଜୀବିକା





ଉପାର୍ଜନକୁ ସୁରକ୍ଷିତ କରିପାରିଛି । ବ୍ୟକ୍ତିଗତ ଘର ଓ ପାଇଖାନା ନିର୍ମାଣ ପାଇଁ ଏହି ଯୋଜନାରେ ୨୦୧୬-୧୭ରେ ଅନେକ ଲୋକ ଉପକୃତ ହୋଇଛନ୍ତି । ବିଭିନ୍ନ ରାଜ୍ୟର ୧୧୦୦୦ଗାଁରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏହି ଯୋଜନାରେ ପ୍ରକଳ୍ପ ନିର୍ମାଣ ସହ ୪ ଲକ୍ଷ ମ୍ୟାଜିକ୍ ପିଟ୍ ତିଆରି କରାଯାଇ ତରଳ ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଛି । ମନରେଗା ଯୋଜନାରେ ଅଣକୁଶଳୀ ଶ୍ରମିକଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ ବ୍ୟବସ୍ଥା କରାଯାଇଛି ଓ ୨୯୭୦୪ ଶ୍ରମିକ ତାଲିମ ପାଇ ଆତ୍ମନିଯୁକ୍ତିର ସୁବିଧା ପାଇଛନ୍ତି । ସେମାନଙ୍କ ମଧ୍ୟରୁ ୩୮୧୨ ଜଣ ଗ୍ରାମୀଣ ଟେକନିସିଆନ ହୋଇପାରିଛନ୍ତି ।

୨୦୧୬ ନଭେମ୍ବର ୨୦ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା । ଏହି ନୂଆ ଆବାସିକ ଯୋଜନା ଗ୍ରାମାଞ୍ଚଳ ଲୋକଙ୍କ ଆଶା ଓ ଆବଶ୍ୟକତାକୁ ପୂରଣ କରିବା ପାଇଁ ଉଦ୍ଦିଷ୍ଟ । ଘର ପିଛା ଅଧିକ ନିର୍ମାଣ ଖର୍ଚ୍ଚର ବ୍ୟବସ୍ଥା ସହ ସ୍ଥାନୀୟ ଭାବେ ମିଳୁଥିବା ସାମଗ୍ରୀକୁ ବ୍ୟବହାର କରି ସ୍ଥାନୀୟ ନିର୍ମାଣ ଢାଞ୍ଚାରେ ଏସବୁ ଘର ତିଆରି କରିବାର ନିୟମ ହୋଇଛି । ଏସବୁ ଘରେ ରୋଷେଇ ଘର, ଶୌଚାଳୟ, ପାଣି, ଗ୍ୟାସ୍ ଓ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥାର ନିୟମ ରହିଛି । ହିତାଧିକାରୀ ଚାହିଁଲେ ନିଜ ଆବଶ୍ୟକତା ଅନୁସାରେ ଏହି ଘର ମଧ୍ୟ ତିଆରି କରିପାରିବେ । ଉତ୍ତମମାନର ଗୃହ ନିର୍ମାଣ ପାଇଁ ଭଲ ରାଜମିସ୍ତ୍ରିଙ୍କ ଆବଶ୍ୟକତା ଥିବାରୁ ଗ୍ରାମାଞ୍ଚଳରେ ଏହି ମିସ୍ତ୍ରି ଅଭାବ ଦୂର କରିବାକୁ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଯୋଜନା ଏବେ ପୂରା ଦମ୍‌ରେ ସାରା ଦେଶରେ ଚାଲିଛି ।

ସେହିଭଳି ଇନ୍ଦିରାଆବାସ ଯୋଜନାରେ ଯେଉଁ ୩୬ଲକ୍ଷ ଘର ନିର୍ମାଣ ହୋଇ ନ ପାରି ବର୍ଷକରୁ ଚାରି ବର୍ଷ ଧରି ପଡ଼ି ରହିଛି ତାହାକୁ ଯଥାଶୀଘ୍ର ଶେଷ କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି ଏବଂ ତଦନୁସାରେ କାମ ହେଉଛି ।

ସରକାରଙ୍କ ସଂସ୍କାରବାଦୀ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଏବେ ସାରା ରାଜ୍ୟ ପାଇଁ ଗ୍ରାମ୍ୟ ଗୃହନିର୍ମାଣ କାର୍ଯ୍ୟକ୍ରମ ନିମନ୍ତେ ଗୋଟିଏ ନୋଡାଲ ବ୍ୟାଙ୍କ ଆକାଉଣ୍ଟ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ପୂର୍ବରୁ ଏଥିପାଇଁ ଗୋଟିଏ ଜିଲ୍ଲାରେ ୨ ରୁ ୨୦ଟି ପର୍ଯ୍ୟନ୍ତ ବ୍ୟାଙ୍କ ଆକଉଣ୍ଟ ଥିଲା । ନୂଆ ବ୍ୟବସ୍ଥାରେ ରାଜ୍ୟସ୍ତରୀୟ ବ୍ୟାଙ୍କ ଆକାଉଣ୍ଟରୁ ଆବାସ ନିର୍ମାଣ ପାଇଁ ସରକାରୀ ଅର୍ଥ ସିଧାସଳଖ ଆୱାସ ସଫ୍ଟ ପିଏଫ୍‌ଏମ୍‌ଏସ୍ ପ୍ଲାଟଫର୍ମ ଜରିଆରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଉଛି ।

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ୨୦୨୨ ପର୍ଯ୍ୟନ୍ତ ହିତାଧିକାରୀ ମନୋନୟନ କାର୍ଯ୍ୟ ଶେଷ ହୋଇଛି । ହିତାଧିକାରୀ ଆବଶ୍ୟକତା ଓ ଅନ୍ୟାନ୍ୟ ସ୍ଥିତିକୁ ବିଚାରକୁ ନେଇ ଅତ୍ୟନ୍ତ ସ୍ୱଚ୍ଛ ଭାବରେ ଏହି ମନୋନୟନ କରାଯାଇଛି । ବାସ୍ତବ ବାସହୀନ ଗରିବ, ଯେଉଁମାନେ ଜରାଜୀର୍ଣ୍ଣ ଘରେ ବସବାସ କରୁଛନ୍ତି ସେମାନଙ୍କୁ ହିତାଧିକାରୀ ବାଛିବାବେଳେ ଅଗ୍ରାଧିକାର ଦିଆଯାଇଛି । ଅତ୍ୟନ୍ତ ଦୁର୍ଦ୍ଦିନରେ ଦିନ କାଟୁଥିବା ନିପ୍ପେସିତବର୍ଗ ଓ ମହିଳାଙ୍କୁ ଏ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ଘରକୁ ଦୁର୍ବିପାକ ନିରୋଧୀ କରିବାର ବ୍ୟବସ୍ଥା ହୋଇଛି । ସେଥିପାଇଁ ରାଜ୍ୟ ସରକାରମାନେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବେ ।




ପିମୟ-ଜି କାର୍ଯ୍ୟକ୍ରମ କାର୍ଯ୍ୟକାରିତାରେ ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଛତିଶଗଡ଼, କର୍ଣ୍ଣାଟକ ଓ ଆସାମ ଆଦି ରାଜ୍ୟ ଆଗରେ ଅଛନ୍ତି । ସେହିଭଳି ଅସଂପୂର୍ଣ୍ଣ ଇନ୍ଦିରା ଆବାସଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ କରିବାରେ ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଆସାମ, ଝାଡ଼ଖଣ୍ଡ, ରାଜସ୍ଥାନ ଓ ମହାରାଷ୍ଟ୍ର ଆଦି ରାଜ୍ୟଙ୍କ ପ୍ରଦର୍ଶନ ମଧ୍ୟ ଭଲ ରହିଛି ।

୨୦୧୭-୧୮ ଆର୍ଥିକ ବର୍ଷରେ ୫୧ ଲକ୍ଷ ଘରର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଆଶାବାଦୀ । ଏହି ବର୍ଷ ଆଉ ଅତିରିକ୍ତ ୩୩ଲକ୍ଷ ଘର ନିର୍ମାଣ କରିବାର ଲକ୍ଷ୍ୟ ରହିଛି, ୨୦୧୮-୧୯ରେ ସମାନ ସଂଖ୍ୟକ ଘରର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହା ସମ୍ଭବ ହେଲେ ୨୦୧୬-୧୯ ସମୟ ମଧ୍ୟରେ ଦେଶରେ ଏକ କୋଟି ୩୫ ଲକ୍ଷ ଘରର ନିର୍ମାଣ କାର୍ଯ୍ୟ ଶେଷ ହେବ । ଏହାଦ୍ୱାରା ୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର ଯୋଗାଣ ଲକ୍ଷ୍ୟର ରୂପାୟନ ପାଇଁ ପଥ ସୁଗମ ହୋଇପାରିବ ।

**ଦୀନଦୟାଲ ଅନ୍ତ୍ୟୋଦୟ**

ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ଗ୍ରାମୀଣ ଜୀବିକା ମିଶନ ଜରିଆରେ ୩.୬ କୋଟି ଲୋକଙ୍କ ଜୀବନଜୀବିକାରେ ଉଲ୍ଲେଖନୀୟ ପରିବର୍ତ୍ତନ ଅଣାଯାଇପାରିଛି । ଏଥିରେ ବିଭିନ୍ନ ପରିବାରର ମହିଳାମାନେ ସ୍ୱୟଂସହାୟକ ଗୋଷ୍ଠୀରେ ଯୋଗଦେଇ ନିଜର ଜୀବିକାର୍ଜନ ପନ୍ଥା ବାହାର କରିଛନ୍ତି । ସ୍ୱୟଂସହାୟିକା ଗୋଷ୍ଠୀ, ଗ୍ରାମସ୍ତରୀୟ ପ୍ରତିଷ୍ଠାନ, କ୍ଲଷ୍ଟରସ୍ତରୀୟ ମହାସଂଘ ଗଠନ କରି ଏହି ମହିଳାମାନେ ସାମାଜିକ ପୁଞ୍ଜି ସୃଷ୍ଟି ପୂର୍ବକ ଲିଙ୍ଗଗତ ଅସମତାରେ ପରିବର୍ତ୍ତନ ଆଣିପାରୁଛନ୍ତି । ଏହା ଫଳରେ ମହିଳାମାନଙ୍କର ଗ୍ରାମସଭା ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେ ଅଂଶଗ୍ରହଣ ସମ୍ଭବ ହୋଇଛି, ଯଦ୍ୱାରା ନିଷ୍ପତ୍ତି ଗ୍ରହଣରେ ମହିଳାଙ୍କ ଭାଗୀଦାରୀ ବଢ଼ିଛି । ଏହି କାର୍ଯ୍ୟକ୍ରମ ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଇଛି ଓ ସେମାନେ ବ୍ୟାଙ୍କ ଋଣ ଜରିଆରେ ଜୀବିକାର୍ଜନର ପନ୍ଥାକୁ ବିବିଧ କରିବାରେ ସକ୍ଷମ ହେଉଛନ୍ତି । ଯେଉଁ ଦେଢ଼ ଲକ୍ଷ ମହିଳା ଏବେ ଗୋଷ୍ଠୀ ସାଧନ କର୍ମୀ ହୋଇଛନ୍ତି ସେମାନେ କେବଳ ଦାରିଦ୍ର୍ୟରୁ ମୁକ୍ତି ପାଇନାହାନ୍ତି, ସେମାନେ ଏବେ କୃଷି ବିକାଶ, ବ୍ୟାଙ୍କ ସେବା ଯୋଗାଣ, ପ୍ରାଣୀଙ୍କ ଯତ୍ନ, ହିସାବ ରକ୍ଷକ, ସାମାଜିକ ନେତୃତ୍ୱ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରି ପରିବର୍ତ୍ତନର ବାହକ ହୋଇପାରିଛନ୍ତି । ଏହା ଫଳରେ ଗ୍ରାମାଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ଚିତ୍ର ବଦଳୁଛି ।

ଏହି ଯୋଜନାର ଆରମ୍ଭରୁ ଏଯାଏ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟମାନେ ୧.୦୬ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଋଣ ନେଇଛନ୍ତି । ୨୦୧୭ ଫେବୃଆରୀ ସୁଦ୍ଧା ଏସବୁ ଗୋଷ୍ଠୀଙ୍କୁ ୨୯ହଜାର କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିବାବେଳେ ୨୦୧୬-୧୭ ଆର୍ଥିକ ବର୍ଷରେ ଋଣ ପାଇଁ ୩୮ ହଜାର କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଥିଲା । ଆସାମ, ବିହାର, ଓଡ଼ିଶା, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ଏସବୁ ଗୋଷ୍ଠୀଙ୍କୁ ବ୍ୟାଙ୍କ ସଂଯୋଗ ସୁବିଧା ଓ ଋଣ ଯୋଗାଣ ବେଶ ଉଲ୍ଲେଖନୀୟ ହୋଇଛି । ଦକ୍ଷିଣ ଭାରତୀୟ ରାଜ୍ୟ ଓ ଉତ୍ତରପୂର୍ବାଞ୍ଚଳରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଗୁଡ଼ିକ ବେଶ୍ ଭଲ କାମ କରୁଛନ୍ତି ।

ମହିଳା ସଶକ୍ତୀକରଣ ପରିଯୋଜନାରେ ୩୦ ଲକ୍ଷ ମହିଳା ଚାଷୀଙ୍କୁ ଏହି ଯୋଜନାରେ ଆର୍ଥିକ ସହାୟତା ଯୋଗାଇଦିଆଯାଉଛି । କୃଷି କ୍ଷେତ୍ରର ବିଭିନ୍ନ କାର୍ଯ୍ୟ ପାଇଁ ମହିଳାଙ୍କୁ ଉପଯୋଗ କରିବାର ବ୍ୟବସ୍ଥା ହୋଇଛି । ଏହି ଯୋଜନା ଦେଶର ଏକତୃତୀୟାଂଶ ପଞ୍ଚାୟତରେ ଏବେ କାର୍ଯ୍ୟକାରୀ ହେଉଥିବା ବେଳେ ଏହାର ସୁଦୃଢ଼ୀକରଣ ଓ ସଂପ୍ରସାରଣ ଉପରେ ଗୁରୁତ୍ୱ ଦିଆଯାଉଛି । ୨୦୧୭-୧୮ରେ ୫୨ଲକ୍ଷ ପରିବାର ୪.୫ ଲକ୍ଷ ନୂଆ ସ୍ୱୟଂସହାୟିକା  ଗୋଷ୍ଠୀ ଜରିଆରେ ଏହି ଯୋଜନାରେ ସାମିଲ ହୋଇଛନ୍ତି । ଦେଶର ୧୭ଟି ରାଜ୍ୟର ୪୭ଟି ବ୍ଲକରେ ୮୪ ହଜାର କ୍ଷୁଦ୍ର ଷ୍ଟାର୍ଟଅପ୍ ଆରମ୍ଭ ହୋଇଛି । ଏସବୁ ଷ୍ଟାର୍ଟଅପ୍ ଗାଁର କ୍ଷୁଦ୍ର ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରୁଛି । କଠିନ ବର୍ଯ୍ୟବସ୍ତୁ ପରିଚାଳନା ଓ ସେହିଭଳି ଆଉ କେତେକ କାମ ମଧ୍ୟ ଏହି ଯୋଜନାରେ କାର୍ଯ୍ୟକାରୀ ହେଉଛି ।

ଜୀବିକା ବିକାଶ ଓ ନୂଆ ଜୀବିକା ସୃଷ୍ଟି ପାଇଁ ଦୀନଦୟାଲ ଉପାଧ୍ୟାୟ  କୌଶଳ ବିକାଶ ଯୋଜନାରେ ଗ୍ରାମୀଣ ଯୁବକଙ୍କୁ ଦକ୍ଷତା ବିକାଶ, ଆତ୍ମନିଯୁକ୍ତି ଆଦିର ସୁଯୋଗ ସୃଷ୍ଟି କରାଯାଉଛି । ଏଥିପାଇଁ ତାଲିମ ପ୍ରତିଷ୍ଠାନମାନ ଖୋଲାଯାଇ ଏକ ଲକ୍ଷ ୬୦ହଜାର ଯୁବକଯୁବତୀଙ୍କୁ ତାଲିମ ଦିଆଗଲାଣି । ସେଥିମଧ୍ୟରୁ ୭୯,୪୦୦ଙ୍କୁ କର୍ମନିଯୁକ୍ତି ଯୋଗାଇଦିଆଯାଇଛି । ଦେଶର ୫୮୫ ଗ୍ରାମୀଣ କେନ୍ଦ୍ରରେ ଚାରିଲକ୍ଷ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଉଛି । ବାରଟି ବଡ଼ ନିଯୁକ୍ତିଦାତାଙ୍କ ଜରିଆରେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉଛି । ନିକଟରେ ଆନନ୍ଦସ୍ଥିତ ଗ୍ରାମ୍ୟ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ଏହି ଯୋଜନାର ସମୀକ୍ଷା କରାଯାଇଥିଲା । ଯୋଜନାର ଲକ୍ଷ୍ୟ ଓ କାର୍ଯ୍ୟକାରିତା ଢଙ୍ଗ ନେଇ ପ୍ରତିଷ୍ଠାନ ସନ୍ତୋଷ ପ୍ରକାଶ କରିଛି । ଦାରିଦ୍ର୍ୟମୁକ୍ତ ଗ୍ରାମପଞ୍ଚାୟତ ଗଠନର ଲକ୍ଷ୍ୟରେ ମିଶନ ଅନ୍ତ୍ୟୋଦୟ ସହାୟକ ହେବ ବୋଲି ତାହାର କାର୍ଯ୍ୟରୁ ଆଶା କରାଯାଉଛି ।

➢ ଦାରିଦ୍ର୍ୟର ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେଇ ତାହାର ନିରାକରଣ ବ୍ୟବସ୍ଥା କଲେ ଗରିବୀ ଦୂର ହେବ । ଏଥିପାଇଁ ଉନ୍ନତ ଶାସନ ଢାଞ୍ଚା ଓ ସୁଚିନ୍ତିତ ପଦକ୍ଷେପ ଲୋଡ଼ା । ଏ କ୍ଷେତ୍ରରେ ସମାଜର ବଞ୍ଚିତ ବର୍ଗଙ୍କୁ ଚିହ୍ନଟ କରି ସାମାଜିକ, ଆର୍ଥିକ, ଜାତିଗତ ଜନଗଣନା ଆଧାରରେ ସେମାନଙ୍କ ସ୍ଥିତିର ଏକ ମୂଳସ୍ତର ନିର୍ଣ୍ଣୟ କରିବାକୁ ପଡ଼ିବ । ତା'କୁ ମୂଳ ପାହାଚ ଭାବେ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ବିକାଶକୁ ମାପିବାକୁ ପଡ଼ିବ । ଯେଉଁ **'ପଞ୍ଚାୟତ ଦର୍ପଣ'** ପ୍ରସ୍ତୁତ ହୋଇଛି ସେଥିରେ ଦାରିଦ୍ର୍ୟର ୩୫ଟି ସୂଚକ ଉଲ୍ଲେଖ ଅଛି । ସେହି ସୂଚକାଙ୍କୁ ଆଧାର କରି ଗୋଟିଏ ପରିବାରର ଆର୍ଥିକ ଉନ୍ନତି ଓ ଦାରିଦ୍ର୍ୟ ଦୂରୀକରଣ ସ୍ତର ନିର୍ଣ୍ଣିତ ହେବ । ସରକାର ଏ କ୍ଷେତ୍ରରେ ନିଷ୍ଠାର ସହ କାମ କରୁଛନ୍ତି ଏବଂ ଲୋକଙ୍କ ଦାରିଦ୍ର୍ୟ ଉପରେ ନିରନ୍ତର ଦୃଷ୍ଟି ରଖି ସେମାନଙ୍କ ଉତ୍ଥାନ ପାଇଁ କାର୍ଯ୍ୟ କରୁଛନ୍ତି । ଏହା ସ୍ୱାଗତଯୋଗ୍ୟ ।

➢ ଦାରିଦ୍ର୍ୟର ମୁକାବିଲା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଲକ୍ଷ୍ୟ ଭିତ୍ତିକ ପଦକ୍ଷେପ ଆରମ୍ଭ କରାଯାଇଛି । ପ୍ରଥମ ପଦକ୍ଷେପ ସ୍ୱରୂପ ଦେଶର ୫୦ ହଜାର ଗ୍ରାମପଞ୍ଚାୟତ / ଗ୍ରାମପୁଞ୍ଜକୁ ଦାରିଦ୍ର୍ୟମୁକ୍ତ କରିବାର ଲକ୍ଷ୍ୟ ରହିଛି । ସେଠାରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସାଂସଦ ଆଦର୍ଶ ଗ୍ରାମ ଯୋଜନାର ଆଭିମୁଖ୍ୟ ଆଧାରରେ ଗୋଟିଏ ପଞ୍ଚାୟତର ବିକାଶ ମାପିବାକୁ ୩୫ଟି ସୂଚକ ପ୍ରସ୍ତୁତ କରାଯାଇଛି । ଯେଉଁଠି  ସମସ୍ତ ୩୬ଟି ଯାକ ସୂଚକ ପୂରଣ ହେଉଛି ତାହାକୁ ବିକଶିତ ପଞ୍ଚାୟତ ଭାବେ ଗ୍ରହଣ କରାଯିବାର ନିୟମ ରହିଛି । ଏସବୁ  ସୂଚକ ମଧ୍ୟରେ ଭିତ୍ତିଭୂମି, ସଡ଼କ ସଂଯୋଗ, ଯୋଗାଯୋଗ ବ୍ୟବସ୍ଥା, ସାମାଜିକ ବିକାଶ, ବ୍ୟାଙ୍କ ଓ ଅନ୍ୟାନ୍ୟ ସେବା ଯୋଗାଣ ସୁବିଧା ସୁଯୋଗ, କଠିନ ଓ ତରଳ ବର୍ଯ୍ୟବସ୍ତୁ ପରିଚାଳନା, ସ୍ୱାସ୍ଥ୍ୟ, ଶିକ୍ଷା, ମରୁଡ଼ି ନିରୋଧ ବ୍ୟବସ୍ଥା ଓ ପୁଷ୍ଟିସାଧନ ଆଦି ଅନ୍ୟତମ ।

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦାରିଦ୍ର୍ୟମୁକ୍ତ ଗ୍ରାମ ପଞ୍ଚାୟତ ପାଇଁ ଏକ ମିଶ୍ରିତ ସୂଚୀ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଛି । ଏହା ମାଧ୍ୟମରେ ମୂଳାଧାରକୁ ଭିତ୍ତି କରି ପଞ୍ଚାୟତର ବିକାଶ ପ୍ରକ୍ରିୟାକୁ ପର୍ଯ୍ୟବେକ୍ଷଣ କରାଯିବ । ଏହି ପ୍ରକ୍ରିୟାରେ ୫୦ ହଜାର ପଞ୍ଚାୟତରେ ସବୁ ପରିବାରଙ୍କ ପାଇଁ ନିରନ୍ତର ଜୀବିକା ବ୍ୟବସ୍ଥାକୁ ନିଶ୍ଚିତ କରିବା ସହ ସର୍ବନିମ୍ନ ମୌଳିକ ସୁବିଧାସୁଯୋଗ ଯୋଗାଣ ତଥା ଭିତ୍ତିଭୂମି ନିର୍ମାଣକୁ ଅଗ୍ରାଧିକାର ମିଳିଛି । ଏହାଦ୍ୱାରା ଗୋଟିଏ ପଞ୍ଚାୟତ ଦାରିଦ୍ର୍ୟମୁକ୍ତ ହେଲା କି ନାହିଁ ତାହା ଜିଲ୍ଲାସ୍ତରରେ ଥିବା କମିଟି ନିୟମିତ ତଦାରଖ ଓ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ।

ଲେଖକ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ।

# ମୋଦି ସରକାରଙ୍କର ଲାଲବତୀ ପ୍ରତ୍ୟାହାର ନିଷ୍ପତ୍ତି

ନ୍ୟୁ ଇଣ୍ଡିଆରେ ଦେଶର ସମସ୍ତ ଜନସାଧାରଣ ଭିଆଇପି ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଦେଶରେ କେହି ନାଲି ବତୀ ବ୍ୟବହାର କରି ପାରିବେ ନାହିଁ ବୋଲି ମୋଦି ସରକାରଙ୍କର କ୍ୟାବିନେଟ ନିଷ୍ପତ୍ତି ପରେ ଏହି ନିଷ୍ପତ୍ତିକୁ ସେ ଦୃଢ଼ତାର ସହିତ ସମର୍ଥନ କରି  ସେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୧୪ ମସିହାରେ ମୋଦିଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଭାବେ ଯୋଗ ଦେବା ଦିନରୁ ସେ କେବେ ତାଙ୍କ ଗାଡିରେ ଲାଲ ବତୀର ବ୍ୟବହାର କରି ନାହାନ୍ତି । ଦେଶରେ ଭିଆଇପି ସଂସ୍କୃତି ଶେଷ କରିବା ପାଇଁ ମୋଦି ସରକାରଙ୍କର ଏହା ସାଙ୍କେତିକ ନିର୍ଣ୍ଣୟ ବୋଲି ସେ କହିଛନ୍ତି । ମୋଦି ସରକାର ଗରୀବ କଲ୍ୟାଣ ପାଇଁ ସମର୍ପିତ । ଶ୍ରୀ ନରେନ୍ଦ୍ର ମୋଦି ନିଜେ ନିଜକୁ ପ୍ରଧାନମନ୍ତ୍ରୀ ନୁହେଁ  ବରଂ ଦେଶର ପ୍ରଧାନ ସେବକ ଭାବେ ନିଜକୁ ଦେଶ ସାମନାରେ ପ୍ରସ୍ତୁତ କରିଛନ୍ତି । ଜନ ପ୍ରତିନିଧି ଭିଆଇପି ନୁହେଁ ସେ ଜନ ସେବକ ଲାଲବତୀ ପ୍ରତ୍ୟାହାର ନିଷ୍ପତ୍ତି ମୋଦି ସରକାରଙ୍କର ଏହି ମତକୁ ଆହୁରି ସ୍ପଷ୍ଟ କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ସାଧାରଣ ଅର୍ଥ ବ୍ୟବସ୍ଥାରେ ଡିଜିଟାଲ ପ୍ରୟୋଗ

**ଲେଖା ଚକ୍ରବର୍ତ୍ତୀ ଓ ସମୀକ୍ଷା ଅଗ୍ରୱାଲ**

ବିତ୍ତୀୟ ନୀତିରେ ଡିଜିଟାଲ ବ୍ୟବସ୍ଥାର ପ୍ରବେଶ ବୃହତ୍ ନୀତି ପ୍ରଣେତାଙ୍କ ଲାଗି ସମୟର ଆହ୍ୱାନ। ବିଶେଷକରି ଭାରତରେ ବିମୁଦ୍ରାୟନ ପରବର୍ତ୍ତୀ ସମୟରେ ଏହାର ଗୁରୁତ୍ୱ ଅଧିକ ବଢିଛି। ସର୍ବସାଧାରଣରେ ଡିଜିଟାଇଜେସନ୍‌ର ପ୍ରୟୋଗ ଲାଗି ଭାରତ ନିକଟରେ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ଡିଜିଟାଲ ଫାଇନାନ୍ସ ସେବା ପରୀକ୍ଷିତ ହୋଇଛି। ବୈଷୟିକ କୌଶଳ ଉପଯୋଗ କରି ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ସରକାର ସମର୍ଥ ହୋଇଛନ୍ତି ଏହି ଡିଜିଟାଇଜେସନ୍ ବ୍ୟବସ୍ଥା ଯୋଗୁଁ। ଫଳରେ ଗରିବଙ୍କ ପାଇଁ ଉପଲବ୍ଧ ଅର୍ଥ ଅନେକାଂଶରେ କପୋଳକଳ୍ପିତ ହିତାଧିକାରୀଙ୍କ ନାଁରେ ଆଗରୁ ହେଉଥିବା ହରିଲୁଟ୍ ଅନେକାଂଶରେ ରୋକାଯାଇପାରିଛି। ହିତାଧିକାରୀ ଚିହ୍ନଟ ସହ ରିଆତି ଅର୍ଥକୁ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଇବାରେ ଡିଜିଟାଲ ବ୍ୟବସ୍ଥା ଅନେକ ଗୁରୁତ୍ୱ ବହନ କରୁଛି। ଅର୍ଥ ବାଟମାରଣାର ରାସ୍ତା ଏକ ପ୍ରକାର ବନ୍ଦ ହୋଇଛି କହିଲେ ଅତିଶୟୋକ୍ତି ହେବନି। ସାଧାରଣ ଅର୍ଥ ବ୍ୟବସ୍ଥାରେ ଡିଜିଟାଇଜେସନ୍ ଯୋଗୁଁ କିଭଳି ସଫଳତା ପ୍ରାଥମିକ ପର୍ଯ୍ୟାୟରେ ମିଳିଛି ତାହା ଅବତାରଣା କରାଯାଇପାରେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ମନରେଗା)ରେ ୪୧ ପ୍ରତିଶତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ବ୍ୟାଙ୍କଖାତା ଜରିଆରେ ପ୍ରଦାନ କରାଯାଇଛି। ସେହିଭଳି ରନ୍ଧନ ଗ୍ୟାସ୍ ରିଆତି 'ପହଲ'ରେ ୩୭ ପ୍ରତିଶତ, ଜାତୀୟ ସାମାଜିକ ସହଯୋଗ କାର୍ଯ୍ୟକ୍ରମ (ଏନଏସଏପି)ରେ ୧୪ ପ୍ରତିଶତ ଏବଂ ଜାତୀୟ ମେଧାବୃତ୍ତି ଯୋଜନା ଦ୍ୱାରା ୭ ପ୍ରତିଶତ ହିତାଧିକାରୀ ଭାରତ ସରକାରଙ୍କ କଲ୍ୟାଣକାରୀ ଯୋଜନାର ଅର୍ଥ ଡିଜିଟାଲ ପ୍ରକ୍ରିୟାରେ ହାସଲ କରୁଛନ୍ତି।

'ପ୍ରଧାନମନ୍ତ୍ରୀ ଜନଧନ ଯୋଜନା' ଭଳି ନୂତନ ସ୍କିମ୍‌ରେ ମଧ୍ୟ ଡିଜିଟାଇଜେସନ୍ ବିତ୍ତୀୟ ନୀତିକୁ ପ୍ରୟୋଗ କରାଯାଇ ସଫଳତା ମିଳୁଛି। ବହୁ ସଂଖ୍ୟାରେ ବ୍ୟାଙ୍କରେ ଲୋକେ ଜମାଖାତା ଖୋଲିଛନ୍ତି। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ଆର୍ଥିକ ସେବା କ୍ଷେତ୍ରରେ ଡିଜିଟାଲ ବ୍ୟବସ୍ଥାର ପ୍ରୟୋଗ କରି କେନ୍ଦ୍ରସରକାର ସମସ୍ତ ହିତାଧିକାରୀଙ୍କ ହାତକୁ ହିଁ କଲ୍ୟାଣକାରୀ ଯୋଜନା ଗୁଡିକର ରିଆତି ଅର୍ଥ ହସ୍ତାନ୍ତର କରିବାରେ ଅଧିକ ସମର୍ଥ ହେଉଛନ୍ତି। ନେଣଦେଣ ପ୍ରକ୍ରିୟାକୁ ଅଧିକ ସହଜ କରିବା ଲାଗି ଏବେ ରାଷ୍ଟ୍ରବାସୀଙ୍କ ବ୍ୟାଙ୍କଖାତାକୁ ଆଧାରକାର୍ଡ ସହ ଯୋଡ଼ାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଦେଶବ୍ୟାପୀ ପ୍ରତିଟି ନାଗରିକଙ୍କ ଲାଗି ଗୋଟିଏ ଗୋଟିଏ ଆଧାରକାର୍ଡ ନମ୍ବର ଦିଆଯାଉଥିବାରୁ ସେମାନଙ୍କ ବ୍ୟାଙ୍କଖାତା ସହ ଏହି ନମ୍ବର ଓ ମୋବାଇଲ ନମ୍ବର ସହ ସଂଯୋଗ କରାଯାଉଛି। ଏହାଦ୍ୱାରା ନେଣଦେଣ ଓ ଆର୍ଥିକ କାରବାରରେ ଅଧିକ ସ୍ୱଚ୍ଛତା ଆସିପାରିବ। ମୋବାଇଲ ବ୍ୟାଙ୍କିଙ୍ଗ୍ ଜରିଆରେ ଆଖି ପିଛୁଳାକେ ଜଣେ ଅନ୍ୟଜଣଙ୍କୁ ଅର୍ଥ ପଠାଇବା ଅଧିକ ସହଜ ଓ ସରଳ ହୋଇପାରିବ। ବ୍ୟାଙ୍କର ଗହଳି ଓ ଅନ୍ୟାନ୍ୟ ସମସ୍ୟା ଯୋଗୁଁ ଖାଉଟି ଆଉ ସମସ୍ୟା ଭୋଗିବେନି। ସେଥିଲାଗି ଡିଜିଟାଲ ବ୍ୟବସ୍ଥାକୁ ଆର୍ଥିକ କ୍ଷେତ୍ରରେ ଅଧିକରୁ ଅଧିକ ବ୍ୟବହାର କରିବା ଲାଗି ପ୍ରୋତ୍ସାହନ ଦିଆଯାଉଛି। ଡିଜିଟାଲ ବିପ୍ଳବ ନେଇ ଯେଉଁ ସ୍ୱପ୍ନ ଓ ସମ୍ଭାବନା ରହିଛି ତାହା ଆଧାର କାର୍ଡ ଓ ମୋବାଇଲ ବ୍ୟାଙ୍କିଙ୍ଗ୍ ଜରିଆରେ ଅନେକାଂଶରେ ସଫଳ ହେବାକୁ ଯାଉଛି।

ଆର୍ଥିକ କ୍ଷେତ୍ରରେ ଏହି ଡିଜିଟାଲ ବ୍ୟବସ୍ଥାର ବୈଶ୍ୱିକ ପରୀକ୍ଷା ନିରୀକ୍ଷାର ସଫଳତା କେନିଆରେ ଜଣାପଡିଛି। ଡିଜିଟାଇଜ୍ ପରିବେଶରେ କେତେ ଅର୍ଥନୈତିକ ପ୍ରତିଷ୍ଠାନ ଉତ୍ସାହ ପ୍ରଦର୍ଶନ କରିଛନ୍ତି ତାହାର ଭୌଗୋଳିକ ସର୍ଭେ ରିପୋର୍ଟରୁ ଜଣାପଡିଛି। ଏକ ଅର୍ଥନୈତିକ ଅଞ୍ଚଳର ୫ କିମି ଭିତରେ ଯେଉଁ ସର୍ଭେ କରାଯାଇଥିଲା ସେଥିରୁ ଜଣାପଡିଛି ଯେ ଅଧିକାଂଶ ଲୋକ ମୋବାଇଲ ମନି (ମୋବାଇଲରେ ଆର୍ଥିକ କାରବାର)

**ଭାରତ ସରକାରଙ୍କ ଦ୍ୱାରା ଏହି ପହଲ କାର୍ଯ୍ୟକ୍ରମ ବ୍ୟାପକ ସଫଳ ହୋଇଥିବା ଘୋଷଣା କରାଯାଇଛି। ୨୦୧୫-୧୬ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ରିହାତି ଏଲପିଜି ସିଲିଣ୍ଡର ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ସଂଖ୍ୟା ତୁଳନାରେ ବ୍ୟାଙ୍କ ଖାତା ଜରିଆରେ ସିଧାସଳଖ ଉପଭୋକ୍ତାଙ୍କୁ ରିହାତି ପହଞ୍ଚାଯିବା ସଂଖ୍ୟା କମିଯାଇଛି। ଅର୍ଥାତ୍ ଭୂତଖାତା ନାଁରେ ରିଆତି ସିଲିଣ୍ଡର ଚୋରିକୁ ପ୍ରାୟ ୨୪ ପ୍ରତିଶତ ରୋକାଯାଇ ପାରିଛି। ଏହାବ୍ୟତୀତ ସିଲିଣ୍ଡର କଳାବଜାରୀକୁ ମଧ୍ୟ ବହୁପରିମାଣରେ ବନ୍ଦ କରାଯାଇ ପାରିଛି। କେବଳ ସେତିକି ନୁହେଁ; ପହଲ ଜରିଆରେ ରିହାତି ବାବଦ ୪୫୪୧୨ କୋଟି ଟଙ୍କା ଉପଭୋକ୍ତାଙ୍କ ଖାତାକୁ ପଠାଯାଇଥିବା ବେଳେ ପେଟ୍ରୋଲିୟମ ମନ୍ତ୍ରଣାଳୟ ତଥ୍ୟାନୁଯାୟୀ ୧,୦.୫,୪୬, ୩୮୮ ଲୋକ ରିହାତି ଛାଡି ଦେଇଛନ୍ତି।**

କରୁଛନ୍ତି। ୧୦ ବର୍ଷରୁ କମ୍ ସମୟରେ ୭୫ ପ୍ରତିଶତରୁ ଊର୍ଦ୍ଧ୍ୱ ପ୍ରୌଢ ଏହି ବ୍ୟବସ୍ଥାକୁ ଆପଣେଇଛନ୍ତି। ବୈଶ୍ୱିକ ଅନୁଭୂତିକୁ ଅନୁଧ୍ୟାନ କଲେ ଭାରତ ମଧ୍ୟ ଜେଏଏମ ତ୍ରିମୂର୍ତ୍ତି (ଜନଧନ, ଆଧାର ଓ ମୋବାଇଲ)କୁ ଆପଣେଇଛି। ବିଶେଷକରି ରିଆତି ଅର୍ଥ ପ୍ରଦାନରେ ପୂର୍ବରୁ ନକଲି ହିତାଧିକାରୀଙ୍କ ନାଁରେ ଅର୍ଥ ବାଟମାରଣାକୁ ଅନେକାଂଶରେ ରୋକାଯାଇପାରିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ)ରେ ଏକାଧିକ ତ୍ରୁଟିବିଚ୍ୟୁତି ରହିଥିଲା। ବିଶେଷକରି ଜାଲ୍ ତଥା ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରିବା ସମ୍ଭବପର ନଥିଲା। ବିଶେଷକରି ଗ୍ରାମୀଣ ଭାରତରେ ଚାଲୁଥିବା ସର୍ବବୃହତ୍ ଯୋଜନା ମନରେଗା ରୂପାୟନ ପ୍ରସଙ୍ଗ ଓ ତଦ୍‌ଜନିତ ଅର୍ଥ ହେରଫେର ବ୍ୟାପକଭାବେ ଚାଲିଥିଲା। ମାତ୍ର ଡିଜିଟାଲ ପେମେଣ୍ଟ ଯୋଗୁଁ ଏଭଳି ଅର୍ଥ ଅନିୟମିତତାକୁ ରୋକାଯାଇପାରିଛି। ଏଲପିଜି ରିଆତି ପ୍ରଦାନ କ୍ଷେତ୍ରରେ ମୋଟ ଜନସଂଖ୍ୟାର ଉପର ପାହାଚରେ ଥିବା ୨୦ ପ୍ରତିଶତ ବ୍ୟକ୍ତି ମୋଟ ପ୍ରତ୍ୟକ୍ଷ ସବ୍‌ସିଡିର ୬୦ ପ୍ରତିଶତ ପାଉଥିବାବେଳେ ଅବଶିଷ୍ଟ ଉପଭୋକ୍ତାଙ୍କ ମଧ୍ୟରୁ ମାତ୍ର ୮ ପ୍ରତିଶତ ପ୍ରତ୍ୟକ୍ଷ ରିହାତି ହସ୍ତାନ୍ତର ଜରିଆରେ ପାଉଛନ୍ତି। ଏଭଳି ସମସ୍ୟାର ସମାଧାନ ଡିଜିଟାଲ ଉପଯୋଗ ଜରିଆରେ ହୋଇପାରିବ।

ଆଇଟି ବିଶେଷଜ୍ଞ ନନ୍ଦନ ନିଲେକାନୀଙ୍କ ନେତୃତ୍ୱରେ ଗଠିତ ଟାସ୍କଫୋର୍ସ ୨୦୧୧ ମସିହାରେ ଗଠିତ ହୋଇଥିଲା। ଉଦ୍ଦେଶ୍ୟ ଥିଲା ଆଧାର ସଂଯୋଗ ଜରିଆରେ ରିଆତି ହସ୍ତାନ୍ତର କରିବା। ଅଳ୍ପ ଖର୍ଚ୍ଚ ଓ ଅଧିକ ଶୃଙ୍ଖଳିତ ତଥା ସ୍ୱଚ୍ଛତାର ସହିତ ହିତାଧିକାରୀଙ୍କୁ ସେମାନଙ୍କ ରିଆତି ଅର୍ଥ ପ୍ରଦାନ କରିବା। ଏହି ଟାସ୍କଫୋର୍ସ ସିଧାସଳଖ ବ୍ୟାଙ୍କଖାତାକୁ ଅର୍ଥ ହସ୍ତାନ୍ତର ଲାଗି ସୁପାରିସ କରିଥିଲା। ଏହାବ୍ୟତୀତ ୨୦୧୨ରେ ନେସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସି (ଏନଆଇପିଏଫପି)ର ଏକ ସର୍ଭେ ରିପୋର୍ଟରେ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ) କ୍ଷେତ୍ରରେ ମଧ୍ୟ ହିତାଧିକାରୀଙ୍କୁ ଆଧାର ଜରିଆରେ ପଞ୍ଜିକୃତ କରିବା ଲାଗି ବ୍ୟବସ୍ଥା ହୋଇଥିଲା। ଫଳରେ ସେମାନେ ସରକାରୀ ସୁବିଧା ପାଇବାରେ ଅଧିକ ସମର୍ଥ ହୋଇପାରିବେ। ୨୦୧୨ ଏନଆଇପିଏଫପି ରିପୋର୍ଟ ଅନୁଯାୟୀ ଆଧାର ଜରିଆରେ ଅର୍ଥ ପୈଠ ଯୋଗୁଁ ୫ ପ୍ରତିଶତ ହରିଲୁଟ ତଥା ଭୂତଖାତାକୁ ରୋକାଯାଇପାରିଥିଲା। ସରାଫ ଏଟ୍ ଅଲ୍- ୨୦୧୬ ରିପୋର୍ଟ ଅନୁଯାୟୀ ଆଧାର ଦ୍ୱାରା ପ୍ରମାଣପତ୍ର ଯାଞ୍ଚ କରିବା ଅଧିକ ସହଜ ହୋଇପାରିଛି। ଏହାଫଳରେ ସରକାରୀ ଯୋଜନାର ରିଆତି ହରିଲୁଟ୍ ଅନେକାଂଶରେ ରୋକାଯାଇପାରିଛି।

ସଦ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ, ୨୦୧୫ ମସିହାରେ ସପ୍ତାହକୁ ୪ ନିୟୁତ ହାରରେ ମୋଟ ୨୧୦ ନିୟୁତ ଆଧାରକାର୍ଡ ପ୍ରସ୍ତୁତ ହୋଇପାରିଥିଲା। ୯୭ କୋଟି ୫୦ ଲକ୍ଷ ଲୋକଙ୍କ ହାତରେ ଏବେ ଆଧାରକାର୍ଡ ରହିଛି ଯାହାକି ମୋଟ ଜନସଂଖ୍ୟାର ୭୫ ପ୍ରତିଶତ। ସେଥିରୁ ୯୫ ପ୍ରତିଶତ କେବଳ ବୟସ୍କଙ୍କର। ଭାରତ ସରକାରଙ୍କ ୨୦୧୫-୧୬ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ସବୁ ରାଜ୍ୟ ଏହି କାର୍ଯ୍ୟକୁ ଜୋରଦାର କରିଛନ୍ତି। ଏକ-ତୃତୀୟାଂଶ ରାଜ୍ୟରେ ଏହି ସଂଖ୍ୟା ୯୦ ପ୍ରତିଶତରୁ ଅଧିକ ରହିଛି।

ଏଲପିଜି ରିଆତିକୁ ପହଲ୍ ଯୋଜନାରେ ସିଧାସଳଖ ହିତାଧିକାରୀଙ୍କ ଖାତାରେ ଜମା କରିବା ଲାଗି (ଡିବିଟିଏଲ) ୨୦୧୪ରେ ପୁନର୍ବାର ଆରମ୍ଭ

**ସାରଣୀରେ ଜନଧନ ଯୋଜନା ଭାରତରେ କିଭଳି ରହିଛି ତାହା ଦର୍ଶାଉଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଜନଗଣଙ୍କୁ ବ୍ୟାଙ୍କରେ ସେମାନଙ୍କ ଜମାଖାତା ଖୋଲିବାକୁ ଅନୁପ୍ରେରିତ କରିଛି। ଯାହାଫଳରେ ପ୍ରକୃତ ହିତାଧିକାରୀ ନିକଟକୁ ସରକାରୀ ସବ୍‌ସିଡି ବ୍ୟାଙ୍କ ଖାତା ଜରିଆରେ ସରକାରଙ୍କୁ ପହଞ୍ଚାଇବା ସହଜ ହୋଇପାରିଛି।**

## ସାଧାରଣ ଅର୍ଥ ବ୍ୟବସ୍ଥାରେ ଡିଜିଟାଲ କାରବାର: ଆର୍ଥିକ ସେବା ଜରିଆରେ ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ

| ବ୍ୟାଙ୍କର ନାମ | ଗ୍ରାମୀଣ | ସହରାଞ୍ଚଳ | ମୋଟ | ରୁପେ କାର୍ଡ ସଂଖ୍ୟା | ଆଧାର ସଂଯୋଗ | ବ୍ୟାଙ୍କ ଖାତାରେ ଜମା |
|---|---|---|---|---|---|---|
| ଜାତୀୟକରଣ ବ୍ୟାଙ୍କ | ୧୨.୩୨ | ୧୦.୨୨ | ୨୨.୫୪ | ୧୭.୫୮ | ୧୪.୯୩ | ୪୨୯୬୬.୦୪ |
| ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ | ୩.୯୭ | ୦.୬୬ | ୪.୬୩ | ୩.୫୩ | ୨.୭୬ | ୧୧୭୦୮.୦୫ |
| ଘରୋଇ ବ୍ୟାଙ୍କ | ୦.୫୫ | ୦.୩୭ | ୦.୯୧ | ୦.୮୪ | ୦.୪୪ | ୨୧୨୭.୪୦ |
| ମୋଟ | ୧୬.୮୪ | ୧୧.୨୪ | ୨୮.୦୮ | ୨୧.୯୫ | ୧୮.୧୩ | ୬୩୧୦୧.୪୯ |

**ବି.ଦ୍ର.:୨୨ ମାର୍ଚ୍ଚ ୨୦୧୭ ପ୍ରଧାନମନ୍ତ୍ରୀ ଧନଜନ ଯୋଜନା ଅଧିନରେ ଖୋଲାଯାଇଥିବା ବ୍ୟାଙ୍କ ଜମା ଖାତା ସଂଖ୍ୟା (ସମସ୍ତ ସଂଖ୍ୟା କୋଟିରେ) ୨ ଏପ୍ରିଲ ୨୦୧୭ ସୁଦ୍ଧା ସଂଶୋଧିତ ତଥ୍ୟ। ସୂତ୍ର- ଭାରତ ସରକାର (୨୦୧୭) ପିଏମ୍‌ଜେଡିୱାଇ**

ହୋଇଥିଲା । ଉଦ୍ଦେଶ୍ୟ ଥିଲା ଯେଉଁ ଉପଭୋକ୍ତାଙ୍କ ନାଁରେ ଗ୍ୟାସ୍ ସଂଯୋଗ ରହିଛି ସେମାନଙ୍କୁ ସିଧାସଳଖ ରିଆତି ପ୍ରଦାନ କରିବା । ଶକ୍ତି ଭିତ୍ତିଭୂମି କ୍ଷେତ୍ରରେ ଗରିବ ତଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର (ବିପିଏଲ) ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କୁ ସ୍ୱଚ୍ଛ ରୋଷେଇ ଗ୍ୟାସ୍ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏକ ହିସାବରୁ ଜଣାପଡିଛି ଯେ ମ୍ୟାଲେରିଆରେ ବର୍ଷକୁ ଯେତିକି ମହିଳା ଓ ଶିଶୁଙ୍କର ମୃତ୍ୟୁ ଘଟୁଛି ତା' ଅପେକ୍ଷା ଘରେ ରୋଷେଇଜନିତ ବାୟୁ ପ୍ରଦୂଷଣରେ ମହିଳା ଓ ଶିଶୁମୃତ୍ୟୁ ହାର ଅଧିକ ରହିଛି । ଏପରିକି ଦୈନିକ ଦୀର୍ଘପଥ ଚାଲି ଚାଲି ଓ ବହୁ ସମୟ ଅପଚୟ କରି ମହିଳାମାନେ ଜାଳେଣି କାଠ ସଂଗ୍ରହ ମଧ୍ୟ କରୁଛନ୍ତି । ସେଣ୍ଟର ଫର ଷ୍ଟାଟିଷ୍ଟିକାଲ ଅର୍ଗାନାଇଜେସନ୍ (ଭାରତୀୟ ପରିସଂଖ୍ୟାନ ସଂଗଠନ କେନ୍ଦ୍ର) ଦ୍ୱାରା ହୋଇଥିବା ସର୍ଭେ (ଚକ୍ରବର୍ତ୍ତୀ ୨୦୧୬ ଓ ୨୦୧୪)ରେ ମହିଳାମାନେ କିଭଳି ପାରମ୍ପରିକ ବ୍ୟବସ୍ଥାରେ ରୋଷେଇ କରିବା ଓ ଜାଳେଣି କାଠ ସଂଗ୍ରହରେ ସ୍ୱାସ୍ଥ୍ୟ ଓ ସମୟ ଅପଚୟ କରୁଛନ୍ତି ତାହା ସ୍ପଷ୍ଟ ହୋଇଛି । ତେଣୁ ବିପିଏଲ ମହିଳାମାନଙ୍କୁ ଆର୍ଥିକ-ସାମାଜିକ ସ୍ୱାବଲମ୍ବନଶୀଳ କରିବା ସହ ସ୍ୱାସ୍ଥ୍ୟ ତଥା ସମୟ ସୁରକ୍ଷା ଲାଗି ପହଲ ଯୋଜନା ବେଶ୍ ସଫଳ ହୋଇଛି । ଏଲପିଜି ଭଳି ସ୍ୱଚ୍ଛ ଓ ସ୍ୱାସ୍ଥ୍ୟ ସୁରକ୍ଷିତ ଇନ୍ଧନ ବ୍ୟବସ୍ଥା ଫପହଲ' ଚାଲିବା ସତ୍ତ୍ୱେ ଅଧିକାଂଶ ଘରେ କାଠ, କୋଇଲା, ଘସି ଭଳି କଠିନ ଜାଳେଣି ଏବେ ବି ବ୍ୟବହୃତ ହେଉଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପହଲ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ପହଲ କାର୍ଯ୍ୟକ୍ରମକୁ ଅଧିକ ଗତିଦେବା ଓ ସଫଳ କରିବା ଲାଗି ଆଧାର ପେମେଣ୍ଟ ବ୍ୟବସ୍ଥାକୁ ମଧ୍ୟ ଗ୍ରହଣ କରାଯାଇଛି । ଏହି ଯୋଜନା ଅନ୍ତର୍ଗତ ଜଣେ

**ବର୍ତ୍ତମାନର ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି ସାର୍ବଜନୀନ ସର୍ବନିମ୍ନ ଆୟ (ୟୁନିଭର୍ସାଲ ବେସିକ୍ ଇନ୍‌କମ୍ ବା ୟୁବିଆଇ) ନୀତି ଲାଗୁ କରାଯିବା ଦରକାର । ଯାହା ଉପରେ କି ଅର୍ଥ ବିଶେଷଜ୍ଞମାନଙ୍କ ସହ ବିତର୍କ ତଥା ମନ୍ଥନ ଲୋଡ଼ା । ୟୁବିଆଇ ଦ୍ୱାରା ନିଃସର୍ତ୍ତ, ସମାନ ରାଶି ସରକାରଙ୍କୁ ଗରିବଠାରୁ ଧନୀକ ପର୍ଯ୍ୟନ୍ତ ପ୍ରଦାନ କରିବାକୁ ପଡିବ । ୨୦୧୬-୧୭ ଭାରତ ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଯେ, ୟୁବିଆଇ ଲାଗୁ କରାଗଲେ ଗଳାବାଟ ତଥା ଚୋରିକୁ ବନ୍ଦ କରାଯାଇପାରିବ । ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ଯିବା ସହ ଅମଲାତନ୍ତ୍ରର ସଂପୃକ୍ତି କମିପାରିବ ।**

ଉପଭୋକ୍ତା ବଜାର ଦରରେ ସିଲିଣ୍ଡର ପାଇପାରୁଥିବାବେଳେ ବିପିଏଲ ଉପଭୋକ୍ତାଟିଏ ଏଲପିଜି ସବ୍‌ସିଡି ସିଧାସଳଖ ବ୍ୟାଙ୍କ ଖାତାରେ ପାଇପାରୁଛି । ଉପଭୋକ୍ତାଟି ଏଥିପାଇଁ ତା'ର ଆଧାର ନମ୍ବରକୁ ବ୍ୟାଙ୍କ ଜମାଖାତା ସହ ସଂଯୋଗ କରାଉଛି । କିମ୍ବା ବ୍ୟାଙ୍କ ଖାତା ସହ ଉପଭୋକ୍ତାଟି ତା'ର ଏଲପିଜି ଆଇଡି (ପରିଚୟ)ର ୧୭ ଅଙ୍କ ବିଶିଷ୍ଟ ସଂଖ୍ୟା ସହ ସଂଯୋଗ କରାଉଛି । ଏହି ଯୋଜନା ଅନ୍ତର୍ଗତ ପ୍ରାଥମିକ ପର୍ଯ୍ୟାୟରେ ଦେଶବ୍ୟାପୀ ୬୭୬ ଜିଲାର ୧୫ କୋଟି ୩ ଲକ୍ଷ ଲୋକଙ୍କୁ ସାମିଲ କରିବା ଲକ୍ଷ୍ୟ ରହିଛି । ପରବର୍ତ୍ତୀ ସମୟରେ ଏହାକୁ ଦେଶ ତମାମ ଚାଲୁ କରିବା ଉଦ୍ଦେଶ୍ୟ ରହିଛି । ଭାରତ ସରକାରଙ୍କ ଦ୍ୱାରା ଏହି ପହଲ କାର୍ଯ୍ୟକ୍ରମ ବ୍ୟାପକ ସଫଳ ହୋଇଥିବା ଘୋଷଣା କରାଯାଇଛି । ୨୦୧୫-୧୬ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ରିହାତି ଏଲପିଜି ସିଲିଣ୍ଡର ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ସଂଖ୍ୟା ତୁଳନାରେ ବ୍ୟାଙ୍କ ଖାତା ଜରିଆରେ ସିଧାସଳଖ ଉପଭୋକ୍ତାଙ୍କୁ ରିହାତି ପହଞ୍ଚାଯିବା ସଂଖ୍ୟା କମିଯାଇଛି । ଅର୍ଥାତ୍ ଭୂତଖାତା ନାଁରେ ରିଆତି ସିଲିଣ୍ଡର ଚୋରିକୁ ପ୍ରାୟ ୨୪ ପ୍ରତିଶତ ରୋକାଯାଇ ପାରିଛି । ଏହାବ୍ୟତୀତ ସିଲିଣ୍ଡର କଳାବଜାରୀକୁ ମଧ୍ୟ ବହୁପରିମାଣରେ ବନ୍ଦ କରାଯାଇ ପାରିଛି । କେବଳ ସେତିକି




ନୁହେଁ; ପହଲ ଜରିଆରେ ରିହାତି ବାବଦ ୪୫୪୧୨ କୋଟି ଟଙ୍କା ଉପଭୋକ୍ତାଙ୍କ ଖାତାକୁ ପଠାଯାଇଥିବାବେଳେ ପେଟ୍ରୋଲିୟମ ମନ୍ତ୍ରଣାଳୟ ତଥ୍ୟାନୁଯାୟୀ ୧,୦.୫,୪୬, ୩୮୮ ଲୋକ ରିହାତି ଛାଡି ଦେଇଛନ୍ତି ।

ଯେଉଁ ଅଞ୍ଚଳରେ କେନ୍ଦ୍ର ସରକାରଙ୍କର ବିଶେଷ ନିୟନ୍ତ୍ରଣ ରହିଛି ସେସବୁ ସ୍ଥାନରେ ଜେଏଏମ (ଜନଧନ, ଆଧାର, ମୋବାଇଲ) ବ୍ୟବହାର କରାଯିବାର ଅଧିକ ସୁଯୋଗ ରହିଛି । ଯେଉଁଠାରେ ଚୋରି ଅଧିକ ସେଠାରେ ଜେଏଏମ ଜରିଆରେ ବିତ୍ତୀୟ ଜମା ମଧ୍ୟ ଅଧିକ ହୋଇପାରେ । ସାର କ୍ଷେତ୍ରରେ ଦେଖିଲେ, ଏଥିରେ କେନ୍ଦ୍ର ସରକାରଙ୍କର ଅଧିକ ନିୟନ୍ତ୍ରଣ କ୍ଷମତା ରହିଛି ମାତ୍ର; ଏହାର ଚୋରି ପରିମାଣ ପାଖାପାଖି ୪୦ ପ୍ରତିଶତ । ତେଣୁ ସାର କ୍ଷେତ୍ରରେ ଜେଏମଏମ ବ୍ୟବହାରର ଯଥାର୍ଥ ଆବଶ୍ୟକତା ରହିଛି । କେବଳ ସେତିକି ନୁହେଁ, ଏହାର ରିହାତି ହସ୍ତାନ୍ତର ବ୍ୟବସ୍ଥା ପ୍ରତି ତଥା କେନ୍ଦ୍ର ସରକାର କରୁଥିବା କାରବାର ଦିଗରେ ଜିଲା ଓ ରାଜ୍ୟ ପ୍ରଶାସନଗୁଡିକରେ ଭରସା ରଖିବା ଦରକାର । ରାଜ୍ୟ ସରକାର ଏଥିପ୍ରତି ସହଯୋଗ କରିବା ଜରୁରୀ । ଚୋରି ରୋକିବାରେ ଜେଏଏମର କ୍ଷମତା ଓ ଦକ୍ଷତା ବାସ୍ତବିକ ପ୍ରଶଂସନୀୟ । ଅଧିକ ପ୍ରଭାବୀ ତଥା କମ୍ ଖର୍ଚ୍ଚରେ ରିହାତି ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା ଲାଗି ଜେଏଏମ ସରକାରୀ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ରହିଛି । ଏହାସତ୍ତ୍ୱେ ଏଭଳି ଏକାଧିକ ଜନକଲ୍ୟାଣକାରୀ ଯୋଜନାରେ ଅନ୍ୟାନ୍ୟ ସମସ୍ୟା ମଧ୍ୟ ରହିଛି; ଯାହାର କି ବ୍ୟାପକ ସଂସ୍କାର ମଧ୍ୟ ଆବଶ୍ୟକ । ଅର୍ଥ ହସ୍ତାନ୍ତରଣ କ୍ଷେତ୍ରରେ ହିତାଧିକାରୀ କାଟ୍ ଓ ସାମିଲ ଭଳି ତ୍ରୁଟି ବି ଦେଖାଯାଉଛି । ଏହାକୁ ହ୍ରାସ କରିବା ଦରକାର । ଏଥିସହ ବିତରଣ/ବଣ୍ଟନ କ୍ଷେତ୍ରରେ ଚୋରି, ନଷ୍ଟ ଓ ଦୁର୍ନୀତି ତଥାପି ଚାଲୁଥିବାରୁ ଏହାକୁ ମୁକାବିଲା କରିବା ଜରୁରୀ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ସଂସ୍ଥା ନିକଟରେ ଆବଶ୍ୟକ କର୍ମଚାରୀ ଓ ସାଧନ ରହିବା ଆବଶ୍ୟକ ।

୨୦୧୫-୧୬ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ଏଭଳି ବ୍ୟବସ୍ଥା ଦ୍ୱାରା ଭାରତର କେତେ ଜଣ ଅଣଗରିବ ଏହି ସବୁ ଯୋଜନା ବିଶେଷକରି ଶକ୍ତି (ପାୱାର ସବ୍‌ସିଡି) କ୍ଷେତ୍ରରୁ ରିହାତି ନେଉଛନ୍ତି ତାହା ମଧ୍ୟ ଜାଣିହେଉଛି । ସେହିଭଳି ଏଲପିଜି ଉପଭୋକ୍ତା ବଜାର ଦରଠାରୁ ୩୬ ପ୍ରତିଶତ ସବ୍‌ସିଡି ପାଉଥିବାବେଳେ ଗରିବଙ୍କ ଖାତାକୁ ଏଲପିଜି ବ୍ୟବହାରର ମାତ୍ର ୯ ପ୍ରତିଶତ ଯାଉଛି । ଏଥିରୁ ଜଣାପଡୁଛି ଯେ ୯୧ ପ୍ରତିଶତ ସବ୍‌ସିଡି ଅର୍ଥ



ଗରିବ ଶ୍ରେଣୀରୁ ଉପରେ ଥିବା ଲୋକଙ୍କ ପାଖକୁ ଯାଉଛି। ଏଭଳି ହସ୍ତାନ୍ତର ବ୍ୟବସ୍ଥାର ତ୍ରୁଟିଟି ହେଲା- ଉପଭୋକ୍ତାଟିର ବିଶେଷ ଆବଶ୍ୟକତା କ'ଣ ସେସବୁ ନିଷ୍ପତ୍ତି ନେବାର କ୍ଷମତା ତା' ନିକଟରେ ରହିପାରୁନି। ବର୍ତ୍ତମାନର ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି ସାର୍ବଜନୀନ ମୂଳ ଆୟ (ୟୁନିଭର୍ସାଲ ବେସିକ୍ ଇନ୍କମ୍ ବା ୟୁବିଆଇ) ନୀତି ଲାଗୁ କରାଯିବା ଦରକାର । ଯାହା ଉପରେ କି ଅର୍ଥ ବିଶେଷଜ୍ଞମାନଙ୍କ ସହ ବିତର୍କ ତଥା ମନ୍ଥନ ଲୋଡ଼ା। ୟୁବିଆଇ ଦ୍ୱାରା ନିଃସର୍ତ୍ତ, ସମାନ ରାଶି ସରକାରଙ୍କୁ ଗରିବଠାରୁ ଧନୀକ ପର୍ଯ୍ୟନ୍ତ ପ୍ରଦାନ କରିବାକୁ ପଡିବ। ୨୦୧୬-୧୭ ଭାରତ ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଯେ, ୟୁବିଆଇ ଲାଗୁ କରାଗଲେ ଗଳାବାଟ ତଥା ଚୋରିକୁ ବନ୍ଦ କରାଯାଇପାରିବ। ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ଯିବା ସହ ଅମଲାତନ୍ତ୍ରର ସଂପୃକ୍ତି କମିପାରିବ। ୨୦୧୬ରେ ବର୍ଦ୍ଧନ କମିଟିଙ୍କ ସୁପାରିସ ଅନୁଯାୟୀ, ମୂଳ ଆୟ ବିପିଏଲର ୭୫ ପ୍ରତିଶତ ଭାବେ ଗ୍ରହଣ କରିବା ଦରକାର। ଏହାଫଳରେ କିଛି କଲ୍ୟାଣକାରୀ ଯୋଜନା ବନ୍ଦ ହୋଇପାରିବ। ସାଧାରଣ ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁଙ୍କ ପୁଷ୍ଟିସାଧନ, ମନରେଗା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବଳବତ୍ତର ରହିବା ସହ ଏଗୁଡିକୁ ଅଧିକ ପ୍ରଭାବୀ ଢଙ୍ଗରେ କରିହେବ। ୟୁବିଆଇ ଲାଗୁ କରିବା ପାଇଁ ବିତ୍ତୀୟ ଶୃଙ୍ଖଳାକୁ ବିଚାରକୁ ନେଲେ, ୨୦୧୪-୧୫ ଆର୍ଥିକ ବର୍ଷରେ ଯଦି ପ୍ରତି ନାଗରିକଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଦିଆଯାଏ, ତେବେ ସେହିବର୍ଷ ମୋଟ ଘରୋଇ ଆୟ (ଜିଡିପି)ର ୧୦ ପ୍ରତିଶତ ହୋଇଥିଲା। ଏହି ଅର୍ଥ ଭରଣା କରିବା ଲାଗି କେତେକ ଅଦରକାରୀ କଲ୍ୟାଣକାରୀ ଯୋଜନାକୁ ବନ୍ଦ କରିବା ସହିତ ଅନାବଶ୍ୟକ କ୍ଷେତ୍ରରେ ଦିଆଯାଉଥିବା ସବ୍ସିଡିକୁ ହଟାଇବାକୁ ପଡିବ।



ବାନାର୍ଜୀ ଓ ଘଟକଙ୍କ ୨୦୧୬ ରିପୋର୍ଟ ଅନୁଯାୟୀ, ମନରେଗା ଓ ପିଡିଏସ ଭଳି ଯୋଜନା ଆଜି ଦିନରେ ବି ତ୍ରୁଟିପୂର୍ଣ୍ଣ ଓ ଲକ୍ଷ୍ୟହୀନ। ଭାରତ ସରକାର ଏହି ଯୋଜନା ବାବଦ ସବ୍ସିଡି କାଟିବା, ଅଯଥା ଖର୍ଚ୍ଚ ହ୍ରାସ କରିବା ସହ ଟ୍ୟାକ୍ସକୋଡ୍ (ଆୟକର କୋର୍ଡ)ରେ ସଂସ୍କାର ଆଣିପାରିଲେ ସମସ୍ତଙ୍କୁ ମୂଳ ଆୟ (୧୦ ହଜାର ଟଙ୍କା) ପ୍ରଦାନର ୟୁବିଆଇ ବ୍ୟବସ୍ଥାକୁ ଲାଗୁ କରିପାରନ୍ତେ। ରାୟଙ୍କ ୨୦୧୬ ରିପୋର୍ଟ ଅନୁଯାୟୀ, ଦେଶର ଜିଡିପିକୁ ଦୃଷ୍ଟିରେ ରଖି ସମସ୍ତ ନାଗରିକଙ୍କ ପାଇଁ ୟୁବିଆଇ ସ୍ଥିର କରିବାକୁ ପଡିବ। ଏହି ଅର୍ଥରାଶି ପ୍ରଦାନ ଲାଗି ସ୍ୱତନ୍ତ୍ର ଇଲେକ୍ଟ୍ରୋନିକ୍ ପେମେଣ୍ଟ ଇନ୍ଫ୍ରାଷ୍ଟ୍ରକ୍ଚର ନିର୍ମାଣ କରିବାକୁ ହେବ। ଭାରତରେ ଧୀରେ ଧୀରେ ଏହି ବ୍ୟବସ୍ଥାର ବିକାଶ କରାଯାଉଛି। ଆଧାର ବାଓମେଟ୍ରିକ୍ ଚିହ୍ନଟ କାର୍ଯ୍ୟକ୍ରମ ମଧ୍ୟ ଚାଲିଛି। ଅମଲାତନ୍ତ୍ରର ସ୍ତରକୁ ହ୍ରାସ କରିବା ସହ ଦେଶରୁ ଦାରିଦ୍ର୍ୟ ଦୂର କରିବା କ୍ଷେତ୍ରରେ ସିଧାସଳଖ ୟୁବିଆଇ ସାହାଯ୍ୟ କରିବ। ୟୁବିଆଇର ମୁଖ୍ୟ ଫାଇଦା ହେଲା ଏହା ସମସ୍ତଙ୍କୁ ମିଳିବ। ଏହା ବ୍ୟାଙ୍କ ଜରିଆରେ ହସ୍ତାନ୍ତର ହେଉଥିବାରୁ ନିର୍ଦ୍ଦିଷ୍ଟ ଭୂତ କାରବାରକୁ ରୋକିବା ଏକ୍ଷେତ୍ରରେ ଆବଶ୍ୟକତା ପଡିବନି। ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟାରେ ଏଭଳି ହସ୍ତାନ୍ତରଣ ଦ୍ୱାରା ବଢୁଥିବା ଅସାମଞ୍ଜସ୍ୟତା ଓ ଅସମତାର ଭରଣା ହୋଇପାରିବ।

ବିତ୍ତୀୟ ଦୃଢୀକରଣ ଓ ନିୟମ ଦୃଷ୍ଟିରୁ ବିଚାର କଲେ, ଭାରତକୁ ତା'ର ବିତ୍ତୀୟ ନିଅଣ୍ଟ ଜିଡିପିର ୩ ପ୍ରତିଶତରୁ କମ୍ ରଖିବାକୁ ହେବ (ଚକ୍ରବର୍ତ୍ତୀ ରିପୋର୍ଟ ୨୦୧୬-ଖ)। ପରିଚାଳନା ବ୍ୟବସ୍ଥାରେ ସବ୍ସିଡି କ୍ଷେତ୍ରକୁ ଅଧିକ ସରଳ କରିବାରେ ଡିଜିଟାଲ ପ୍ରୟୋଗର ଆବଶ୍ୟକତା ରହିଛି। ସମ୍ପଦର ଉପଯୁକ୍ତ ସୁପରିଚାଳନା ତଥା ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ଡିଜିଟାଲ ବ୍ୟବସ୍ଥା ଆଜି ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି।

ଲେଖିକାଦ୍ୱୟ ଅର୍ଥ ମନ୍ତ୍ରଣାଳୟର ସ୍ୱୟଂଶାସିତ ଗବେଷଣା ପ୍ରତିଷ୍ଠାନ 'ନେସନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସି'ର ସହଯୋଗୀ ପ୍ରଫେସର।

# ସ୍ୱଚ୍ଛ ଭାରତ ମିଶନ: ସମସ୍ତଙ୍କ ଦାୟିତ୍ୱ

**ବିଶେଷ ପ୍ରବନ୍ଧ**

**ଶ୍ରୀ ପରମେଶ୍ୱରନ୍ ଆୟାର**

ତିନିବର୍ଷ ତଳେ ଆରମ୍ଭ ହୋଇଥିଲା 'ସ୍ୱଚ୍ଛ ଭାରତ ମିଶନ'। ଇତିମଧ୍ୟରେ ଏହା ଗତି ଧରିସାରିଲାଣି। ଏ ଦିଗରେ ଆଖିଦୃଶିଆ ପ୍ରଗତି ମଧ୍ୟ ହୋଇଛି। ଧୀରେ ଧୀରେ ଏହି ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହେଲାଣି। ଦିଲ୍ଲୀର ଲାଲ୍‌କିଲ୍ଲା ପ୍ରାଚୀର ଉପରୁ ପ୍ରଧାନମନ୍ତ୍ରୀ ଏହି ଅଭିଯାନର ଡାକରା ଦେବା ପରେ ଏନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଅକ୍ଟୋବର ୨୦୧୪ରୁ ସ୍ୱଚ୍ଛ ଭାରତ ମିଶନ ଶୁଭାରମ୍ଭ ହୋଇଥିଲା। ପରିମଳ ସଂକ୍ରାନ୍ତ ସଚେତନତା ଭିତ୍ତିକ ଏହି ଅଭିଯାନର ଆଜି ଯଦି ସମୀକ୍ଷା କରାଯାଏ, ବୁଝିହେବ ଏହା କେତେ ସଫଳ ହୋଇଛି। ଗ୍ରାମାଞ୍ଚଳରେ ପରିମଳ ବ୍ୟବସ୍ଥା ୪୨ ପ୍ରତିଶତରୁ ଏବେ ୬୩ ପ୍ରତିଶତରେ ପହଞ୍ଚିଥିବାବେଳେ ବାହାରେ ମଳମୂତ୍ର ତ୍ୟାଗ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ କମିବାରେ ଲାଗିଛି। ୨୦୧୪ ପୂର୍ବରୁ ୫୫୦ ନିୟୁତ ବାହାରେ ଶୌଚ କରୁଥିବାବେଳେ ବର୍ତ୍ତମାନ ସ୍ୱଚ୍ଛ ଭାରତ ମିଶନ ଜନିତ ପାଇଖାନା ନିର୍ମାଣ ଯୋଗୁଁ ଏହା ୩୫୦ ନିୟୁତକୁ ଖସିଆସିଛି। ୩ଟି ରାଜ୍ୟର ୧୩୦ଟି ଜିଲାର ୧୯୦,୦୦୦ଟି ଗାଁ ଆଜି ଦିନରେ ବାହ୍ୟ ଶୌଚ ମୁକ୍ତ (ଓଡିଏଫ) ଗ୍ରାମ ହୋଇପାରିଛି ଏହି ମିଶନ ଯୋଗୁଁ। ୨ ଅକ୍ଟୋବର ୨୦୧୯ ସୁଦ୍ଧା ଭାରତକୁ ବାହ୍ୟ ମଳମୁକ୍ତ ରାଷ୍ଟ୍ର ଭାବେ ଗଢିତୋଳିବା ଲାଗି ସ୍ୱଚ୍ଛ ଭାରତ ମିଶନକୁ ଗତିଶୀଳ କରାଯାଇଛି।


ପରିମଳକୁ ଗୁରୁତ୍ୱ ଦିଆଯିବା ପଛରେ ରହିଛି ବହୁବିଧ କାରଣ। ପରିମଳ ଅଭାବରୁ ୫ ବର୍ଷରୁ କମ୍ ବୟସର ପିଲା ସର୍ବାଧିକ ଝାଡ଼ାବାନ୍ତି ବା ତରଳ ଝାଡ଼ା (ଡାଏରିଆ)ର ଶିକାର ହୋଇଥାନ୍ତି। ପ୍ରତିବର୍ଷ ଏଥିଯୋଗୁଁ ହଜାର ହଜାର ସଂଖ୍ୟାରେ ଶିଶୁ ମୃତ୍ୟୁ ଘଟିଥାଏ। ପରିମଳ ବ୍ୟବସ୍ଥା ଠିକ୍ ରହିଲେ ଏହି ଶିଶୁମୃତ୍ୟୁ ହାର ଆଶାତୀତ ଭାବେ ହ୍ରାସ ପାଇପାରିବ। ମହିଳାଙ୍କ ସୁରକ୍ଷା ତଥା ଆତ୍ମସମ୍ମାନ ଦୃଷ୍ଟିରୁ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ବେଶ୍ ମହତ୍ତ୍ୱପୂର୍ଣ୍ଣ। ବାହାରେ ମଳତ୍ୟାଗ କରିବାର କୁଅଭ୍ୟାସ ବନ୍ଦ କରିବା ଲାଗି ଏଭଳି ପ୍ରୟାସ ଭାରତକୁ ମଧ୍ୟ ଅର୍ଥନୀତିକ ମହାଶକ୍ତି ରାଷ୍ଟ୍ରରେ ପରିଣତ କରିପାରିବ। ଅତୀତରେ ମଧ୍ୟ ପରିମଳ କାର୍ଯ୍ୟକ୍ରମ ଚାଲୁଥିଲା। ଶୌଚାଳୟ ତିଆରି ହେଉଥିଲା; ମାତ୍ର ସ୍ୱଚ୍ଛ ଭାରତ ମିଶନ(ଏସବିଏମ) କେବଳ ଶୌଚାଳୟ ନିର୍ମାଣ କାର୍ଯ୍ୟକ୍ରମ ନୁହେଁ; ବରଂ ଖୋଲାରେ ମଳତ୍ୟାଗ କରିଆସୁଥିବା ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ ଓ ମାନସିକତାକୁ ବଦଳାଇବା ଲାଗି ଏକ ଗଣ ଆନ୍ଦୋଳନର ରୂପ ନେଇଛି। ରାସ୍ତାଟିଏ ହେଉ ବା ପୋଲ, ବନ୍ଧବାଡ଼ କିମ୍ବା ବିମାନ ବନ୍ଦରଟିଏ। ଏସବୁକୁ ଗଢିବା ସହଜ; ମାତ୍ର ଜଟିଳ ମାନସିକତାରେ ଥିବା ଲୋକଙ୍କ ମନରେ ସ୍ୱଚ୍ଛତା ପ୍ରତି ଏକ ଅନୁକୂଳ ବାତାବରଣ ପ୍ରସ୍ତୁତ କରିବା, ବର୍ଷ ବର୍ଷ ଧରି ବାହାରେ ମଳତ୍ୟାଗ କରିଆସୁଥିବା ଲୋକଙ୍କୁ ଶୌଚାଳୟ ବ୍ୟବହାର ଲାଗି ପ୍ରବର୍ତ୍ତାଇବା ନିଶ୍ଚିତ ରୂପେ ଏକ ବୃହତ୍ ଆହ୍ୱାନ। ଏଭଳି ସଚେତନତା ସୃଷ୍ଟି ଦିଗରେ ଗଣମାଧ୍ୟମଙ୍କ ଭୂମିକା ବେଶ୍ ପ୍ରଶଂସନୀୟ। ତାସତ୍ତ୍ୱେ ଲୋକଙ୍କ ମାନକସିତାରେ ଏହି ପରିବର୍ତ୍ତନର ବାର୍ତ୍ତା ପହଞ୍ଚାଇବା ଲାଗି ତୃଣମୂଳ ସ୍ତରରେ ପଦକ୍ଷେପ ଜରୁରୀ। ତାଲିମପ୍ରାପ୍ତ କର୍ମୀ ଗାଁକୁ ଗାଁ ଯାଇ ପ୍ରତି ଘରେ ଘରେ ପରିଚ୍ଛନ୍ନତା ଲାଗି ଶୌଚାଳୟ ନିର୍ମାଣ କରିବା ଲାଗି ପ୍ରୋତ୍ସାହିତ କରିବା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ପଡିବ। ଯଦିଓ ରାଜ୍ୟ ଓ ଜିଲା ଗୁଡିକରେ ଅଧିକରୁ ଅଧିକ ତାଲିମପ୍ରାପ୍ତ ପ୍ରୋତ୍ସାହକ ଏଦିଗରେ କାର୍ଯ୍ୟ ଜାରି ରଖିଛନ୍ତି। ପ୍ରତି ଗ୍ରାମରେ ଏଥିଲାଗି ହାରାହାରି ଜଣେ ଲେଖାଁଏ ବ୍ୟକ୍ତିଙ୍କୁ ଦାୟିତ୍ୱ ଦେବାକୁ ପଡିବ। ଏହି ଅଭିଯାନର ସଫଳତା ଲାଗି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ଆହୁରି ଅଧିକ କ୍ରିୟାଶୀଳ କରିବାକୁ ପଡିବ।

ଯେଉଁ ରାଜ୍ୟ ଗୁଡିକ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ସଫଳତାର ସହ କରୁଛନ୍ତି ସେମାନଙ୍କୁ ପାନୀୟ ଜଳ ଯୋଗାଣ ଓ ପରିମଳ ମନ୍ତ୍ରଣାଳୟ (ଏମଡିଡବ୍ଲୁଏସ) ତରଫରୁ ସମସ୍ତ ସହାୟତା ପ୍ରଦାନ କରାଯାଉଛି। ଦକ୍ଷତା ବୃଦ୍ଧି, ମାନବ ସମ୍ବଳ, ଯୋଗାଯୋଗ ମାଧ୍ୟମରେ ବ୍ୟାବହାରିକ ପରିବର୍ତ୍ତନ, ଜ୍ଞାନ ବିତରଣ, ଅନୁଧ୍ୟାନ, ସମୀକ୍ଷା ତଥା ମୂଲ୍ୟାୟନ ଆଦି ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ କରୁଛି ମନ୍ତ୍ରଣାଳୟ। ଏସବିଏମ ସଂପର୍କରେ ଅଧିକ ଜ୍ଞାନ ବିତରଣ କରିବା ଲାଗି 'ସ୍ୱଚ୍ଛ ସଂଗ୍ରହ' ଭଳି ପୋର୍ଟାଲ ଜିଲା ଓ ରାଜ୍ୟସ୍ତରରେ ବେଶ୍ ପ୍ରଭାବୀ ରହିଛି। ବୈଷୟିକ କୌଶଳକୁ ଉପଯୋଗ କରି ଗୋଟିଏ ସ୍ଥାନରେ ବସି ହଜାର ହଜାର ଅଞ୍ଚଳ ସହ ସଂଯୋଗ

**ସ୍ୱଚ୍ଛ ଭାରତ ମିଶନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଅନୁଧ୍ୟାନ ଓ ଏହି କାର୍ଯ୍ୟଧାରାକୁ ଅବ୍ୟାହତ ରଖିବା। ଏହାହିଁ କାର୍ଯ୍ୟକ୍ରମର ବିଶ୍ୱସନୀୟତାକୁ ବଜାୟ ରଖିପାରେ। ସଂପ୍ରତି ଏହି ଅଭିଯାନରେ ଜିଲା, ରାଜ୍ୟ ଓ ଜାତୀୟ ସ୍ତର ଭଳି ବହୁସ୍ତରୀୟ ବ୍ୟବସ୍ଥା ଭଳି ତୃତୀୟପକ୍ଷ ଦ୍ୱାରା ଯାଞ୍ଚ ପ୍ରକ୍ରିୟାକୁ ଆପଣା ଯାଉଛି। ଏହାକୁ ଅଧିକ ମଜବୁତ୍ କରିବାକୁ ହେବ। ଆଗାମୀ ଦିନରେ ମୁଖ୍ୟସ୍ରୋତରେ ସାମିଲ କରିବାକୁ ପଡିବ। ବାହ୍ୟ ମଳମୁକ୍ତ କାର୍ଯ୍ୟକ୍ରମର ସ୍ଥାୟୀତ୍ୱ ରକ୍ଷା ପାଇଁ ପୂର୍ବ ସରକାର ଯୋଜନା ଭଳି ଏକପାଖିଆ ବ୍ୟବସ୍ଥା ନୁହେଁ; ବରଂ ବହୁମୁଖୀ ବ୍ୟବସ୍ଥା ଜରୁରୀ। ବାହ୍ୟ ମଳମୁକ୍ତ ମାନ୍ୟତା ପାଇବା ଗୋଟିଏ କଥା ଏବଂ ଏହାକୁ ସ୍ଥାନୀୟ ବ୍ୟବସ୍ଥା ମାଧ୍ୟମରେ ପ୍ରୋତ୍ସାହନ ଦେଇ ନିରନ୍ତର ଜାରି ରଖିବା ଆଉ ଗୋଟିଏ କଥା।**

ରକ୍ଷା କରି ତାଲିମ ପ୍ରଦାନ କରିବା ଓ ଲୋକଙ୍କୁ ଏଥିପ୍ରତି ସଚେତନ କରାଇବାର କାର୍ଯ୍ୟ ମଧ୍ୟଚାଲିଛି । ସମସ୍ତ ଅଂଶୀଦାରଙ୍କୁ ଏକାଠି ବସାଇ ଜାତୀୟ ଓ ରାଜ୍ୟସ୍ତରୀୟ କର୍ମଶାଳା, ଆଲୋଚନା ଚକ୍ର ମଧ୍ୟ ନିୟମିତ ଭାବେ ଆୟୋଜନ କରାଯାଉଛି । ଲକ୍ଷ୍ୟହାସଲ ଲାଗି ସମସ୍ତଙ୍କୁ ଏଥିରୁ ଭରପୂର ପ୍ରେରଣା ଓ ପ୍ରୋତ୍ସାହନ ମିଳିପାରୁଛି । ପ୍ରଗତିର ଲକ୍ଷ୍ୟସ୍ଥଳରେ ପହଞ୍ଚିବା କ୍ଷେତ୍ରରେ ଗ୍ରାମାଞ୍ଚଳରେ ବିଶେଷକରି ମହିଳା ସରପଞ୍ଚମାନଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ରହୁଛି । ନିକଟ ଅତୀତରେ ଅର୍ଥାତ୍ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅନୁଷ୍ଠିତ ହୋଇଥିଲା ସ୍ୱଚ୍ଛ ଶକ୍ତି କାର୍ଯ୍ୟକ୍ରମ । ସେଥିରେ ଦେଶବ୍ୟାପୀ ୬୦୦୦ରୁ ଊର୍ଦ୍ଧ୍ୱ ମହିଳା ସରପଞ୍ଚ ଭାଗନେଇ ନିଜ ନିଜ କ୍ଷେତ୍ରରେ କିଭଳି ସେମାନେ ସ୍ୱଚ୍ଛ ଭାରତ ମିଶନକୁ ସଫଳ କରାଇଛନ୍ତି ସେ ସଂପର୍କରେ ପ୍ରତ୍ୟେକ ନିଜ ନିଜର ଅଭିଜ୍ଞତା ଓ ଅନୁଭୂତି ବଖାଣିଥିଲେ । ଗୁଜରାଟର ଗାନ୍ଧୀନଗରରେ ଆୟୋଜିତ ଏହି ବିଶାଳ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେଇ ମହିଳା ସରପଞ୍ଚଙ୍କ ଏଭଳି ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । କେବଳ ସ୍ୱଚ୍ଛ ଭାରତ ମିଶନ ନୁହେଁ; ବରଂ ବେଟି ବଚାଓ/ବେଟି ପଢାଓ ଭଳି ଅନ୍ୟାନ୍ୟ ଛାମୁଁଆ କାର୍ଯ୍ୟକ୍ରମର ସଫଳତା ଦିଗରେ ଏହି ମହିଳା ନେତୃତ୍ୱଙ୍କୁ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଥିଲେ ପ୍ରଧାନମନ୍ତ୍ରୀ । ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ନିଜ ନିଜ ଅଞ୍ଚଳରେ ସଫଳ କରାଇଥିବା ସରପଞ୍ଚମାନଙ୍କୁ ମଧ୍ୟ ସେ ସମ୍ମାନିତ କରିଥିଲେ । ଏହାବ୍ୟତୀତ ସ୍ୱଚ୍ଛ ଭାରତ ମିଶନକୁ ଏକ ଜନ ଅଭିଯାନ ଭାବେ ଗଢିତୋଳିବା କ୍ଷେତ୍ରରେ ଶୌଚାଳୟ ନିର୍ମାଣ ଜ୍ଞାନକୌଶଳରେ ମଧ୍ୟ ପରିବର୍ତ୍ତନ ଅଣାଯାଉଛି । ଗ୍ରାମାଞ୍ଚଳ ଲାଗି କେଉଁ ଟେକ୍ନୋଲୋଜି ଅଧିକ ଉପଯୋଗୀ ହୋଇପାରିବ ସେଥିପ୍ରତି ଧ୍ୟାନ ଦିଆଯାଉଛି । ଶୌଚାଳୟ ନିର୍ମାଣ ଖର୍ଚ୍ଚ, ସ୍ଥାୟୀତ୍ୱ ଓ ଏହାର ପୁର୍ନବ୍ୟବହାର ପ୍ରତି ମଧ୍ୟ ବିଶେଷ ଧ୍ୟାନ ରଖାଯାଇ ପାଇଖାନା ତିଆରି କରାଯାଉଛି । ଟ୍ୱିନ୍-ପିଟ୍ ମଡେଲ ଗ୍ରାମୀଣ ଭାରତରେ ଅଧିକ ଉପଯୋଗୀ ହେଉଛି । ଏହି ଧରଣର ଶୌଚାଳୟ ନିର୍ମାଣ କରାଇବା ଲାଗି ଲୋକମାନଙ୍କୁ ପ୍ରବର୍ତ୍ତାଯାଉଛି । ଦୁଇ ଦୁଇଟି ଖାତ (ପିଟ୍) ଥିବା ଶୌଚାଳୟ ପରିବାର ଲୋକଙ୍କ ବ୍ୟବହାର ଲାଗି ଅଧିକ ସହଜ, ନିରାପଦ ତଥା ପରିବେଶ ଅନୁକୂଳ । ଏଥିରୁ ବାହାରୁଥିବା କମ୍ପୋଷ୍ଟ ବା ଖତସାର କୃଷିକ୍ଷେତ୍ରରେ ବ୍ୟବହାର ମଧ୍ୟ ହୋଇଥାଏ । ବଡ଼ ବଡ଼ ଅଧିକାରୀ, ବରିଷ୍ଠ ବ୍ୟକ୍ତିବିଶେଷ ଏଭଳି ଦୁଇଟି ପିଟ୍ ଥିବା ଶୌଚାଳୟ ତିଆରି କଲେ ଅନ୍ୟମାନେ ଏହାକୁ ଦେଖି ଏଥିପ୍ରତି ଅଧିକ ଆକର୍ଷିତ ହୋଇ ଅଧିକରୁ ଅଧିକ ସଂଖ୍ୟାରେ ନିର୍ମାଣ କରନ୍ତେ ।

ପ୍ରଥମେ ବାହାରେ ମଳତ୍ୟାଗ କରିବାର ମାନସିକତାରୁ ବାହାରିବା ଓ ଦ୍ୱିତୀୟରେ ଉପଯୁକ୍ତ ଜ୍ଞାନକୌଶଳରେ ପାଇଖାନା ତିଆରି କରି ତାହାକୁ ବ୍ୟବହାର କରିବା ସହ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସଭିଁଏ ସ୍ୱଚ୍ଛ ଭାରତ ମିଶନକୁ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଗ୍ରହଣ କରିବା । ବହୁ ସ୍ୱେଚ୍ଛାସେବୀ ତଥା ବେସରକାରୀ ସଂଗଠନ ଗୁଡିକ ମଧ୍ୟ




ପରିମଳ ସୁଧାର ଲାଗି ବହୁବିଧ ପଦକ୍ଷେପ ସ୍ୱରୂପ ସେମାନଙ୍କ କାର୍ଯ୍ୟ ଖସଡ଼ା ମୁଖ୍ୟଧାରାରେ ସାମିଲ କଲେଣି । ଉଦାହରଣ ସ୍ୱରୂପ ଟାଟା ଟ୍ରଷ୍ଟ ଦ୍ୱାରା ଦେଶର ୬୦୦ ଜିଲାରେ ଜଣେ ଜଣେ ବୃତ୍ତିଧାରୀଙ୍କୁ ସ୍ୱଚ୍ଛ ଭାରତ ଅଭିଯାନକୁ ଆଗେଇ ନେବା ଲାଗି ନିଯୁକ୍ତି ଦିଆଯାଇଛି । ସେମାନେ ଏହି ମିଶନର ସଫଳ ରୂପାୟନ ଲାଗି ଜିଲାପାଳଙ୍କୁ ସହାୟତା କରିବେ । ସରକାରୀ ସ୍ତରରେ ଖୋଦ୍ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମରେ ପ୍ରତି ୧୫ ଦିନରେ ଥରେ ପ୍ରତି ମନ୍ତ୍ରଣାଳୟ ସ୍ୱଚ୍ଛତା ଆକ୍ସନ ପ୍ଲାନ୍ (ଏସଏପି) ପ୍ରସ୍ତୁତ କରୁଛନ୍ତି । କାର୍ଯ୍ୟର ମଧ୍ୟ ସମୀକ୍ଷା କରାଯାଉଛି । ଏନେଇ ଅର୍ଥ ମଞ୍ଜୁର ବି ହେଉଛି । ୨୦୧୭-୧୮ ଆର୍ଥିକ ବର୍ଷରେ ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଭଳି କାର୍ଯ୍ୟକ୍ରମ ଲାଗି ୫୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିର, ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର, ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର (ଶ୍ରୀମନ୍ଦିର) ଭଳି ବହୁ ମହତ୍ୱପୂର୍ଣ୍ଣ ସ୍ଥାନଗୁଡିକକୁ ସ୍ୱଚ୍ଛ ଓ ପରିଚ୍ଛନ୍ନ ରଖିବା ଲାଗି ବ୍ୟବସ୍ଥା କରାଯାଉଛି । ଗଙ୍ଗା ସଫେଇ ସମେତ ଗ୍ରାମ ପଞ୍ଚାୟତଗୁଡିକର ପରିମଳ ସୁଧାର ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି ।

ସ୍ୱଚ୍ଛ ଭାରତ ମିଶନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଅନୁଧ୍ୟାନ ଓ ଏହି କାର୍ଯ୍ୟଧାରାକୁ ଅବ୍ୟାହତ ରଖିବା । ଏହାହିଁ କାର୍ଯ୍ୟକ୍ରମର ବିଶ୍ୱସନୀୟତାକୁ ବଜାୟ ରଖିପାରେ । ସଂପ୍ରତି ଏହି ଅଭିଯାନରେ ଜିଲା, ରାଜ୍ୟ ଓ ଜାତୀୟ ସ୍ତର ଭଳି ବହୁସ୍ତରୀୟ ବ୍ୟବସ୍ଥା ଭଳି ତୃତୀୟପକ୍ଷ ଦ୍ୱାରା ଯାଞ୍ଚ ପ୍ରକ୍ରିୟାକୁ ଆପଣା ଯାଉଛି । ଏହାକୁ ଅଧିକ ମଜବୁତ୍ କରିବାକୁ ହେବ । ଆଗାମୀ ଦିନରେ ମୁଖ୍ୟସ୍ରୋତରେ ସାମିଲ କରିବାକୁ ପଡିବ । ବାହ୍ୟ ଶୌଚମୁକ୍ତ କାର୍ଯ୍ୟକ୍ରମର ସ୍ଥାୟୀତ୍ୱ ରକ୍ଷା ପାଇଁ ପୂର୍ବ ସରକାର ଯୋଜନା ଭଳି ଏକପାଖିଆ ବ୍ୟବସ୍ଥା ନୁହେଁ; ବରଂ ବହୁମୁଖୀ ବ୍ୟବସ୍ଥା ଜରୁରୀ । ବାହ୍ୟ ଶୌଚମୁକ୍ତ ମାନ୍ୟତା ପାଇବା ଗୋଟିଏ କଥା ଏବଂ ଏହାକୁ ସ୍ଥାନୀୟ ବ୍ୟବସ୍ଥା ମାଧ୍ୟମରେ ପ୍ରୋତ୍ସାହନ ଦେଇ ନିରନ୍ତର ଜାରି ରଖିବା ଆଉ ଗୋଟିଏ କଥା । ରାଜ୍ୟଗୁଡିକ ସହ ମିଶି କେନ୍ଦ୍ରର ଏମଡିଏସଡବ୍ଲ୍ୟୁ ଏଥିଲାଗି ଏକ ସ୍ଥାୟୀ ବ୍ୟବସ୍ଥାକୁ ପ୍ରଭାବୀ ଢଙ୍ଗରେ ଚାଲୁରଖିଛି । ପ୍ରତିଟି ଘରେ ଓ ପରିବାର ସ୍ତରରେ ପରିମଳ ବ୍ୟବସ୍ଥା କିଭଳି ରହିଛି ତାହାକୁ ଅନୁଧ୍ୟାନ କରିବାକୁ ମଧ୍ୟ ମନ୍ତ୍ରଣାଳୟ ପଦକ୍ଷେପ ନେଉଛି ।

କଠିନ ଓ ତରଳ ବର୍ଜ୍ୟ ପରିଚାଳନା (ଏସଏଲଡବ୍ଲ୍ୟୁଏମ୍) କୁ ପ୍ରଭାବୀ ଢଙ୍ଗରେ ଚାଲୁରଖିବା ମଧ୍ୟ ଏହି ମିଶନ ଲାଗି ଅନ୍ୟତମ ଆହ୍ୱାନ । ଦେଶବ୍ୟାପୀ ବିଭିନ୍ନ ଗ୍ରାମରେ କଠିନ ଓ ତରଳ ବର୍ଜ୍ୟ ପରିଚାଳନା ଆରମ୍ଭ ହୋଇସାରିଛି । ଯେଉଁ ସବୁ ଗ୍ରାମଗୁଡିକ ବାହ୍ୟ ମଳମୁକ୍ତ(ଓଡିଏଫ) ଗ୍ରାମର ମାନ୍ୟତା ପାଇଛନ୍ତି, ତାହାକୁ ବଳବତ୍ତର ରଖିବା ଲାଗି ପଦକ୍ଷେପ ନିଆଯାଉଛି । ପାନୀୟ ଜଳ ଯୋଗାଣ ଓ ପରିମଳ ମନ୍ତ୍ରଣାଳୟ ପକ୍ଷରୁ ଗ୍ରାମର ସ୍ୱଚ୍ଛତା ସୂଚକାଙ୍କ ନିର୍ଣ୍ଣୟ କରାଯାଉଛି । ସାମଗ୍ରିକ ପରିଚ୍ଛନ୍ନତା କ୍ଷେତ୍ରରେ ଗ୍ରାମ ଗୁଡିକ ମଧ୍ୟରେ ପରସ୍ପର ମୂଲ୍ୟାୟନ କରାଯାଉଛି । ଓଡିଏଫ ମାନ୍ୟତା, ଏସ୍ଏଲଡବ୍ଲ୍ୟୁଏମ୍ ମାନ୍ୟତା ଏବଂ ସାଧାରଣରେ ଦୃଶ୍ୟମାନ ହେଉଥିବା ସୂଚକାଙ୍କ ଆଧାରରେ ପୂର୍ବରୁ ବାହ୍ୟ ମଳମୁକ୍ତ ଘୋଷିତ ଗ୍ରାମ/ଅଞ୍ଚଳ ଗୁଡିକ ଅତୀତର ସ୍ଥିତି ଆଗାମୀ ଦିନରେ ରଖିପାରୁଛନ୍ତି କି ନାହିଁ ତାହାର ସମୀକ୍ଷା କରାଯାଉଛି ।

'ସ୍ୱଚ୍ଛ ଭାରତ ମିଶନ'କୁ ମିଳିଛି ଅଧା ନମ୍ବର । କାର୍ଯ୍ୟକ୍ରମ ବେଶ୍ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ଚାଲିଛି । ଏହାର ବିକାଶ ଆଗକୁ ଜାରି ରଖିବାକୁ ହେଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅଧିକ ଧ୍ୟାନ ଦେବାକୁ ପଡିବ । ଏହା ଆଗକୁ ଯେ ଏକ ଆହ୍ୱାନ ରୂପେ ଉଭାହେବାକୁ ଯାଉଛି ତାହାକୁ ବି ସ୍ୱୀକାର କରିବାକୁ ପଡିବ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସମସ୍ତ ରାଜ୍ୟର ରାଜନୈତିକ ଦଳ ନେତୃବର୍ଗ, ପ୍ରଶାସନିକ ଅଧିକାରୀଗଣ ଏବଂ ସର୍ବୋପରି ତୃଣମୂଳସ୍ତରର ସରପଞ୍ଚ, ମହିଳା ଭଳି ନେତୃତ୍ୱ ସମର୍ଥନ ଦେବା ସହ ଗ୍ରହଣ କରିଛନ୍ତି । ତେଣୁ ଭାରତକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ଲାଗି ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ମିଶନର ଏହି ଜନ ଆନ୍ଦୋଳନରେ ଆଗକୁ ପୂର୍ଣ୍ଣ ସଫଳତା ସାଉଁଟିବ ବୋଲି ଆଶା ।

ଲେଖକ: ଭାରତ ସରକାରଙ୍କ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟର ସଚିବ

# ଭିତ୍ତିଭୂମି ବିକାଶ ଉପରେ ସରକାରଙ୍କ ଅଗ୍ରାଧିକାର

**କେ.ଆର୍. ସୁଧାମନ**

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ନିକଟରେ କହିଥିଲେ ଯେ ଭାରତର ଭିତ୍ତିଭୂମି କ୍ଷେତ୍ର ଯଥେଷ୍ଟ ପଛରେ ପଡ଼ିଛି। ଏହାର ବିକାଶ ଘଟାଇ ବ୍ୟାବହାରିକ ସ୍ତରକୁ ଆଣିବା ପାଇଁ ଅତି କମ୍‌ରେ ୨୦ବର୍ଷ ସମୟ ଲାଗିବ। ବିକାଶ କ୍ଷେତ୍ରରେ ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତେଣୁ ବିପୁଳ ପୁଞ୍ଜି ନିବେଶ କରି ଏ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକକୁ ହଟାଇବାକୁ ପଡ଼ିବ। ସେ ଦୃଷ୍ଟିରୁ କେନ୍ଦ୍ର ସରକାର ଭିତ୍ତିଭୂମି ବିକାଶ ଉପରେ ଯେଉଁ ଗୁରୁତ୍ୱ ପ୍ରଦାନ କରୁଛନ୍ତି ତାହା ଯଥାର୍ଥ। ଗତ ତିନିବର୍ଷ ମଧ୍ୟରେ ରେଳବାଇ, ସଡ଼କ, ବନ୍ଦର, ବିମାନବନ୍ଦର, ଆଭ୍ୟନ୍ତରୀଣ ଜଳପଥ, ଶକ୍ତି, ଅକ୍ଷୟ ଶକ୍ତି ଆଦି କ୍ଷେତ୍ରରେ ଭିତ୍ତିଭୂମି ବିକାଶ ପାଇଁ ସରକାର ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଫଳରେ ଦେଶରେ ଯୋଗାଯୋଗ ବ୍ୟବସ୍ଥାରେ ବିକାଶ ଘଟିଥିବାବେଳେ ଅର୍ଥନୈତିକ ପ୍ରଗତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଅଳ୍ପ ସମୟ ମଧ୍ୟରେ ଏସବୁ କ୍ଷେତ୍ରରେ ଯାହା ସମ୍ଭବ ହୋଇଛି ତାହା ଉଲ୍ଲେଖନୀୟ ହୋଇଥିଲେ ହେଁ ସ୍ୱାଧୀନତାର ଦୀର୍ଘ ୭୦ ବର୍ଷ ମଧ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯାହା ହେବା କଥା ତାହା ହୋଇପାରିନାହିଁ।

ଭୌତିକ ଭିତ୍ତିଭୂମି ନିର୍ମାଣ ପାଇଁ ଭାରତ ଆବଶ୍ୟକ ଦକ୍ଷ, କୁଶଳୀ ଲୋକଶକ୍ତି ଏବଂ ଡିଜିଟାଇଜେସନ ଲୋଡ଼େ। ସୁଖର କଥା ଭାରତ ସରକାର ଇତିମଧ୍ୟରେ ସ୍କିଲ୍ ଇଣ୍ଡିଆ (କୁଶଳ ଭାରତ), ଡିଜିଟାଲ ଇଣ୍ଡିଆ, ସ୍ୱଚ୍ଛ ଭାରତ ଓ ମେକଇନ୍ ଇଣ୍ଡିଆ ଭଳି କେତେକ କାର୍ଯ୍ୟକ୍ରମ ଦେଶରେ ଆରମ୍ଭ କରିଛନ୍ତି। ଏସବୁ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ଆବଶ୍ୟକ ବିଶ୍ୱସ୍ତରୀୟ ଭିତ୍ତିଭୂମି ତିଆରି କରି ଭାରତକୁ ବିଶ୍ୱର ଏକ ପ୍ରମୁଖ ମାନୁଫାକ୍‌ଚରିଂ ହବ୍‌ରେ ପରିଣତ କରିବା।

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ୨୦୧୭ରେ ଶେଷ ହେଉଛି। ଏହି ଯୋଜନା କାଳରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ଟ୍ରିଲିୟନ ଡଲାର (ପ୍ରାୟ ଏକ ଲକ୍ଷ କୋଟି ଟଙ୍କା) ଖର୍ଚ୍ଚ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ସେଥିମଧ୍ୟରୁ ଘରୋଇ କ୍ଷେତ୍ରରୁ ଉଲ୍ଲେଖନୀୟ ଅବଦାନ ମିଳିବାର ଆଶା କରାଯାଇଥିଲା। ଇତି ମଧ୍ୟରେ ଭାରତର ଭିତ୍ତିଭୂମି କ୍ଷେତ୍ର ଉନ୍ନତ ହୋଇଛି ଏବଂ ଏହା ଦେଶର ଅର୍ଥନୀତିକୁ ଉଚ୍ଚ ଅଭିବୃଦ୍ଧି ସ୍ତରକୁ ଉଠାଇବାରେ ସହାୟକ ହୋଇପାରିଛି। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସରକାର ଯେଉଁ  କୌଶଳ ଅବଲମ୍ବନ କରୁଥିଲେ ସେଥିରେ ଏକ ବଡ଼ଧରଣର ପରିବର୍ତ୍ତନ ଆଣି ଏହାକୁ ଚାହିଦା ଉପଯୋଗୀ କରିଛନ୍ତି। ତେଣୁ ଅନାବଶ୍ୟକ ଭିତ୍ତିଭୂମି ନିର୍ମାଣ କରି ଅର୍ଥ ଶ୍ରାଦ୍ଧ କରାଯାଉନାହିଁ। ପୂର୍ବରୁ ସରକାର ଯେଉଁ ମନଇଚ୍ଛା ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହାର କୁପ୍ରଭାବ ଭାରତୀୟ କୃଷି କ୍ଷେତ୍ର ଉପରେ ଅଧିକ ପଡ଼ିଛି। ଗୋଟେ ସମୟରେ କୃଷି ବିକାଶ ପାଇଁ ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ, ଶୀତଳ ଭଣ୍ଡାର ପ୍ରତିଷ୍ଠା ଏବଂ ଜଳସେଚନ ବ୍ୟବସ୍ଥାର ଉନ୍ନତି ପାଇଁ ପ୍ରବଳ ଦାବି ହେଲା। ଏହାକୁ ଦୃଷ୍ଟିରେ ରଖି ସରକାର ଏ କ୍ଷେତ୍ରରେ ବିପୁଳ ପାଣ୍ଠି ବିନିଯୋଗ କଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଦେଖାଗଲା ଯେ ଏହାର ଯଥାର୍ଥ ଉପଯୋଗ ହେଉନାହିଁ; ଅଥଚ ଲୋକେ ଏଥିପାଇଁ ବାରମ୍ବାର ଦାବି ଉପସ୍ଥାପନ କରୁଛନ୍ତି।

ଗତ ୧୫ ବର୍ଷ ମଧ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯେଉଁସବୁ ସମସ୍ୟା ଉପୁଜିଛି ସରକାର ସେଥିରୁ ଅନେକ କିଛି ଶିକ୍ଷା ଲାଭ କରିଛନ୍ତି। ସେହି ଅନୁଭୂତି ଆଧାରରେ ଆଧୁନିକତାର ଉପଯୋଗ କରାଯାଉଛି। ୧୨୫ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଦେଶରେ ୩୫ବର୍ଷ ବୟସରୁ କମ୍ ଲୋକଙ୍କ ସଂଖ୍ୟା ଏକ ତୃତୀୟାଂଶ। ଅତଏବ ଏଭଳି ସ୍ଥିତିରେ ବଡ଼ଧରଣର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନ'ନେବା ଛଡ଼ା ଅନ୍ୟ ଗତି ନାହିଁ।

ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଭାରତ ଏବେ ଅନୁକୂଳ ସ୍ଥିତିରେ ଅଛି। ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୭.୫ ଶତାଂଶ ପାଖାପାଖି ରହିଛି। ବିଶ୍ୱର ଅର୍ଥନୀତି ଭଲ ନ ଥିବା ବେଳେ ଚୀନ୍ ଭଳି ବିଶ୍ୱର ଅନ୍ୟାନ୍ୟ ଅଗ୍ରଣୀ ଅର୍ଥନୀତିର ଅଭିବୃଦ୍ଧି ହାର ମାନ୍ଦା। ସେତେବେଳେ ଭାରତରେ

**ଏବେ ଯେତେବେଳେ ଆଭ୍ୟନ୍ତରୀଣ ଘରୋଇ ପୁଞ୍ଜି ନିବେଶ ପ୍ରାୟ ନାହିଁ, ସେତେବେଳେ ଦେଶର ଅର୍ଥନୀତିକୁ ଠେଲିପେଲି ସମସ୍ତ ଶକ୍ତି ଖଟାଇ ଚଳାଇବାକୁ ହେବ। ଆସନ୍ତା ଜୁଲାଇ ପହିଲାରୁ ସାରା ଦେଶରେ ଜିଏସ୍‌ଟି ଲାଗୁ ହେବ। ଏହାଫଳରେ ସରକାରଙ୍କ ଟିକସ ଆୟ ବଢ଼ିବ ଏବଂ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବାର ସୁଯୋଗ ସରକାର ପାଇବେ। ବିଭିନ୍ନ ସୂତ୍ରର ଆକଳନ ଅନୁସାରେ ଜିଏସ୍‌ଟି ଲାଗୁ ହେବା ପରେ ଜିଡିପିର ବାର୍ଷିକ ଅଭିବୃଦ୍ଧି ୧.୫ରୁ ୨ ଶତାଂଶ ବୃଦ୍ଧି ପାଇବ। ଭିତ୍ତିଭୂମି କ୍ଷେତ୍ରରେ ନିବେଶ ହୋଇଥିବା ପୁଞ୍ଜିରୁ ଏହା ମୁଖ୍ୟତଃ ଆସିବ। ଯଦି ଏକ ଅର୍ଥନୀତି ବାର୍ଷିକ ୮ ରୁ ୯ ଶତାଂଶ ହାରରେ ବୃଦ୍ଧି ପାଏ ରେଳବାଇ ଭଳି ସଞ୍ଚାଳନ (ଲଜିଷ୍ଟିକ କ୍ଷେତ୍ର)ର ଅଭିବୃଦ୍ଧି ଅତିକମ୍‌ରେ ଦୁଇ ଶତାଂଶରୁ ଅଧିକ ହେବା କଥା।**

ଏହା ଭଲ ରହିବା ଉଲ୍ଲେଖନୀୟ ।ଏଭଳି ସ୍ଥିତିରେ ଦେଶର ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରକୁ ଅଧିକ ସୁଦୃଢ଼



କରି ଭାରତ ଭଲ ସମୟକୁ ଅପେକ୍ଷା କରିବା ଉଚିତ। ଚାହିଦା ବଢ଼ିବା ବେଳକୁ ଭାରତ ମାନୁଫାକ୍ଚରିଙ୍ଗ ଦ୍ରବ୍ୟ ଅଧିକରୁ ଅଧିକ ଉତ୍ପାଦନ କରି ବଜାର ଅକ୍ତିୟାର କରିପାରିବ। ତୈଳ, ଇସ୍ପାତ, ସିମେଣ୍ଟ ଭଳି ସାମଗ୍ରୀର ମୂଲ୍ୟ ଏବେ ମାନ୍ଦା ଅଛି। ଏହାର ସୁଯୋଗ ନେଇ ଭାରତ ଭିତ୍ତିଭୂମି କ୍ଷେତ୍ରରେ ଦ୍ରୁତ ବିକାଶ କରିବା ଉଚିତ। ଏହା ଫଳରେ ଖର୍ଚ୍ଚ କମ୍ ହେବ। ଏବେ ଦେଶ ବିଦେଶର ପୁଞ୍ଜି ନିବେଶକ ଓ ପେନ୍ସନ୍ ପାଣ୍ଠି ନିବେଶକ ପୁଞ୍ଜି ଖଟାଇବାକୁ ଅପେକ୍ଷା କରିଛନ୍ତି। ବଜାର ସ୍ଥିତିରେ ଉନ୍ନତି ଆସିଲେ ସେମାନେ ଟଙ୍କା ଲଗାଇବେ। ସେତେବେଳକୁ ଭାରତର ଭିତ୍ତିଭୂମି କ୍ଷେତ୍ର ପ୍ରସ୍ତୁତ ଥିଲେ ପୁଞ୍ଜି ନିବେଶ ପରିମାଣ ବଢ଼ିବ। ଅନ୍ୟ ଦେଶ ଅପେକ୍ଷା ଭାରତ ଏ କ୍ଷେତ୍ରରେ ଅପେକ୍ଷାକୃତ ଏକ ସୁବିଧା ଜନକ ସ୍ଥିତିରେ ଥିବାରୁ ସରକାର ଏହି ସୁବର୍ଣ୍ଣ ସୁଯୋଗ ହାତ ଛଡ଼ା କରିବାର ଅବକାଶ ନାହିଁ।

ଚୀନ୍ ଭଳି ଅର୍ଥନୀତି ଏବେ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଥିବାବେଳେ ଭାରତର ବୃହତ୍ ଅର୍ଥନୈତିକ ସୂଚକାଙ୍କ ମଜଭୁତ ରହିଚି। ଏହା ଭିତ୍ତିଭୂମି କ୍ଷେତ୍ର ପାଇଁ ଆବଶ୍ୟକ ଶକ୍ତି ଯୋଗାଉଛି। ଭାରତରେ ଏବେ ମୁଦ୍ରାସ୍ଫୀତି ହାର ୫ ଶତାଂଶରୁ କମ୍ ରହିଛି। ବିତ୍ତୀୟ ନିଅଣ୍ଟ ଚଳନୀୟ ସ୍ତରରେ ଚାଲିଥିବାବେଳେ ସୁଧ ହାର କମୁଛି ଏବଂ କୃଷି କ୍ଷେତ୍ରରେ ସୁଫଳ ମିଳିବା ଆରମ୍ଭ ହେଲାଣି। ତେଣୁ ଏଭଳି ଅନୁକୂଳ ପରିସ୍ଥିତିକୁ ହାତ ଛଡ଼ା କରାଯିବା ଅନୁଚିତ। ସରକାର ଆସନ୍ତା ୩-୪ ବର୍ଷରେ ଏକ ଟ୍ରିଲିୟନ ଡଲାର (ଏକ ଲକ୍ଷ କୋଟି) ଭିତ୍ତିଭୂମି ବିକାଶ ପାଇଁ ଖର୍ଚ୍ଚ କରିବାକୁ ଏକ ଅଭିଳାଷୀ ଯୋଜନା ପ୍ରସ୍ତୁତ କରିଛନ୍ତି। ଚଳିତ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତର ମୂଳଧନ ପୁଞ୍ଜି ବ୍ୟୟରେ ୧୮ ଶତାଂଶ ବୃଦ୍ଧି ଘଟିଛି। ଅର୍ଥାଭାବରୁ ଯେଉଁସବୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା ତାହାକୁ ପୁଣି ଚାଲୁ କରାଯାଇଛି। ବିଦେଶୀ ପୁଞ୍ଜି ନିବେଶକ ଭାରତରେ ପୁଞ୍ଜି ଖଟାଇବାକୁ ଆଗ୍ରହୀ ଥିବା ଲକ୍ଷଣ ଦେଖାଗଲାଣି ବୋଲି ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ କୁହାଗଲାଣି। ୨୦୧୪ ଜୁଲାଇରେ ରେଳବାଇରେ ବିଦେଶୀ ପୁଞ୍ଜିନିବେଶ ପାଇଁ ନିବେଶକଙ୍କ ଆଗ୍ରହ ସମ୍ପର୍କରେ ସରକାର ଘୋଷଣା କରିବା ପରେ ଏ କ୍ଷେତ୍ରରେ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଛି। ରେଳ ଭିତ୍ତିଭୂମିର ବିକାଶ ପାଇଁ ୧୨୮ ବିଲିୟନ ଡଲାର ମୂଲ୍ୟର ପ୍ରକଳ୍ପ ଅନୁମୋଦିତ ହୋଇଛି; ଯେଉଁଥିରେ ନୂଆ ରେଳପଥ ନିର୍ମାଣ, ୪୦୦ ଷ୍ଟେସନର ଆଧୁନିକୀକରଣ, ୧୫ ବିଲିୟନ ଡଲାରରେ ନୂତନ ବୁଲେଟ ଟ୍ରେନ ଚଳାଚଳ ବ୍ୟବସ୍ଥା ଓ ୧୨.୫ ବିଲିୟନ ଡଲାରର ସ୍ୱତନ୍ତ୍ର ମାଲ ପରିବହନ କରିଡର ଅନ୍ତର୍ଭୁକ୍ତ। ଗତବର୍ଷର ରେଳବଜେଟରେ ଅଧିକ ଫ୍ରେଟ୍ କରିଡର (ମାଲଗାଡ଼ି ଲାଇନ୍) ବିଛାଇବାର ପ୍ରସ୍ତାବ ଥିଲା। ଏହା ସହିତ ସବୁ ବନ୍ଦରକୁ ରେଳ ସଂଯୋଗ ଏବଂ ଦେଶର ସମସ୍ତ ଭାଗକୁ ରେଳ ସଂଯୋଗ ସ୍ଥାପନର ପ୍ରସ୍ତାବ ସମ୍ପର୍କରେ ବଜେଟରେ ଉଲ୍ଲେଖ ଥିଲା। ମୁମ୍ବଇ-ଦିଲ୍ଲୀ, ଲୁଧିଆନା-କଲକାତା ଫ୍ରେଟ୍ କରିଡରର ନିର୍ମାଣ କାର୍ଯ୍ୟ ଇତି ମଧ୍ୟରେ ଆରମ୍ଭ ହୋଇଛି। ଏହା ସହିତ କଲକାତା-ବିଜୟୱାଡ଼ା, ଦିଲ୍ଲୀ-ଚେନ୍ନଇ ଓ କଲକାତା-ମୁମ୍ବଇ ଫ୍ରେଟ୍ କରିଡରର ନିର୍ମାଣ ପ୍ରସ୍ତାବ ଅନୁମୋଦନ ଲାଭ କରିଛି ।ଭାରତ ସରକାରଙ୍କ ପକ୍ଷରୁ ଯେଉଁ ୬୦୦ କୋଟି ଡଲାରର ଜାତୀୟ ଭିତ୍ତିଭୂମି ଓ ବିନିଯୋଗ ପାଣ୍ଠି ଗଠନ କରାଯାଇଛି ତାହା ବିଦେଶୀ ପୁଞ୍ଜି ନିବେଶକଙ୍କ ବିଶ୍ୱାସ ବଢ଼ାଇବାରେ ସହାୟକ ହେବ । ଏଥିରେ ସରକାରଙ୍କର ୪୯ ଶତାଂଶ ଅଂଶଧନ ରହିଛି। ଧନୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ବିଦେଶୀ ନିବେଶକଙ୍କର ଏହି ପାଣ୍ଠିରେ ଅଂଶ ଅଛି। ଏହି ପାଣ୍ଠିର ପରିଚାଳନା ଦାୟିତ୍ୱରେ ବାହାରର ବିଶେଷଜ୍ଞ, ପେସାଦାର ଓ ନିବେଶ ପରିଚାଳକମାନେ ଅଛନ୍ତି।

ଏହି ଭିତ୍ତିଭୂମି ଉଦ୍ୟୋଗ ପାଣ୍ଠିର ଗୋଟିଏ ବଡ଼ ସମସ୍ୟା ହେଲା ୧୯୯୦ ଦଶକରେ ଉଦାରବାଦୀ ବ୍ୟବସ୍ଥା ଗ୍ରହଣର ପରବର୍ତ୍ତୀ କାଳରେ ସରକାର ଏଥିରେ ବିତ୍ତୀୟ ପ୍ରତିଷ୍ଠାନଗୁଡ଼ିକର ବିକାଶମୂଳକ ଭୂମିକାର ଅବସାନ ଘଟାଇବା ପରେ ପାଣ୍ଠି ଯୋଗାଣ ପାଇଁ ବିକଳ୍ପ ବ୍ୟବସ୍ଥା କରି ନ ଥିଲେ। ଏହା ଫଳରେ ବ୍ୟବସାୟିକ ବ୍ୟାଙ୍କ ସମୂହ ଭିତ୍ତିଭୂମି କ୍ଷେତ୍ରରେ ବିପୁଳ ପାଣ୍ଠି ନିବେଶ କଲେ। ସ୍ୱଭାବତଃ ବ୍ୟାବସାୟିକ ବ୍ୟାଙ୍କମାନେ ସ୍ୱଳ୍ପ ଓ ମଧ୍ୟମ ଅବଧିର ଋଣ ଅଧିକ ଦେଇଥାନ୍ତି। ତେଣୁ ଶିଳ୍ପ ଭଳି ଦୀର୍ଘ ମିଆଦି ପ୍ରକଳ୍ପକୁ ସ୍ୱଳ୍ପ ସୁଧରେ ଋଣ ଦେବାକୁ ସେମାନେ ଅନିଚ୍ଛୁକ ହେବାରୁ ସମସ୍ୟା ଦେଖାଦେଲା। ଏଭଳି କ୍ଷେତ୍ରରେ ପେନ୍ସନ୍ ଓ ଇନ୍ସୁରାନ୍ସ ପାଣ୍ଠିମାନେ ମୁଖ୍ୟତଃ ପୁଞ୍ଜି ଖଟାଇଥାଆନ୍ତି। କର୍ପୋରେଟ ବଣ୍ଡ୍ ଓ ଇନ୍ଫ୍ରା ବଣ୍ଡ୍ ମଧ୍ୟ ଏଥିରେ ନିବେଶ ହୋଇଥାଏ। ତେବେ ଏହି ବିକଳ୍ପ ବ୍ୟବସ୍ଥାର ଅଭାବରୁ ବ୍ୟବସାୟିକ ବ୍ୟାଙ୍କ ସମୂହ ଏ କ୍ଷେତ୍ରରେ ପୁଞ୍ଜି ନିବେଶ କରିବାକୁ ବାଧ୍ୟ ହେଲେ। ଫଳରେ ବ୍ୟାଙ୍କ ସମୂହଙ୍କ ସମ୍ପତ୍ତି ଓ ଦେଣା ମଧ୍ୟରେ ଭାରସାମ୍ୟ ନ'ରହି ସେମାନଙ୍କ ଆର୍ଥିକ ଅବସ୍ଥା ଖରାପ ହେଲା। ଏହା ଶେଷରେ ଅନାଦାୟ ପୁଞ୍ଜି ଓ ଅଚଳ ପୁଞ୍ଜି (ଏନ୍ପିଏ) ବୋଝ ବଢ଼ାଇଲା।

ଭାରତରେ ଏବେ ଭିତ୍ତିଭୂମି ବିକାଶର ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି। ଏହା ୨୦୧୪ରୁ ଆରମ୍ଭ ହୋଇଛି। କ୍ରିସିଲର ଏକ ହିସାବ ଅନୁସାରେ ଭିତ୍ତିଭୂମି ବିକାଶ ପାଇଁ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୪୩ ଲକ୍ଷ କୋଟି ଟଙ୍କା ଦରକାର ପଡ଼ିବ। ଅନ୍ୟ ଅର୍ଥରେ ଏବାବଦରେ ମୋଟାମୋଟି ବାର୍ଷିକ ୮.୬ ଲକ୍ଷ କୋଟି ଟଙ୍କା ଦରକାର। ଏହି ୪୩ଲକ୍ଷ କୋଟିରୁ ପ୍ରାୟ ୭୦ ଶତାଂଶ କେବଳ ତିନିଟି କ୍ଷେତ୍ର ପାଇଁ ଆବଶ୍ୟକ। ସେଗୁଡ଼ିକ ହେଲା ଶକ୍ତି, ପରିବହନ ଓ ସହରାଞ୍ଚଳ ବିକାଶ। ଯେଉଁ ଘରୋଇ ପୁଞ୍ଜି ୧୦ରୁ ୧୫ବର୍ଷ ତଳେ ନିବେଶ ହୋଇଥିଲା



ଏବେ ସେସବୁ ପ୍ରସ୍ଥାନ ପଥରେ। ଏହା ବିଦେଶୀ ଆଶାୟୀ ପୁଞ୍ଜି ନିବେଶକଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ଅଣପାରମ୍ପରିକ ବିଶେଷତଃ ଅକ୍ଷୟ ଶକ୍ତି ବିକାଶ କ୍ଷେତ୍ରରେ ସରକାର ଆଗ୍ରହ ପ୍ରକାଶ

କରୁଥିବାରୁ ଦେଶର ସବୁଜ ଶକ୍ତି ଉତ୍ପାଦନ ଦକ୍ଷତା ୨୦୨୨ ସୁଦ୍ଧା ୩୦ ଗିଗାୱାଟରୁ ୧୦୦ ଗିଗାୱାଟରେ ପହଞ୍ଚିବା ଆଶା କରାଯାଏ । ଏଥିପାଇଁ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଅକ୍ଷୟ ଶକ୍ତି, ରାଜପଥ, ରେଳପଥ ଏସବୁ ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ । ସରକାର ଏହି ସବୁ କ୍ଷେତ୍ରରେ ଯଥାସମ୍ଭବ ସ୍ୱଚ୍ଛତା ରକ୍ଷା କରି ଭିତ୍ତିଭୂମି ବିକାଶ କାର୍ଯ୍ୟ କରୁଛନ୍ତି । ନିକଟରେ ସରକାର ପୁଞ୍ଜିନିବେଶ କ୍ଷେତ୍ରରେ ସ୍ୱତନ୍ତ୍ର କ୍ଷମତା ବା ଅଧିକାର ନିୟମକୁ ଉଚ୍ଛେଦ କରି ବିଧିବଦ୍ଧ ଆଇନଗତ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଫଳରେ ଘରୋଇ ଓ ବିଦେଶୀ ପୁଞ୍ଜି ନିବେଶକ ଅଧିକ ଆକର୍ଷିତ ହେବେ ବୋଲି ଆଶା କରାଯାଉଛି ।

ଭାରତ ପୁଞ୍ଜି ନିବେଶ କ୍ଷେତ୍ରରେ ବିଭିନ୍ନ ରାଷ୍ଟ୍ର ଯଥା ଜାପାନ, ଦକ୍ଷିଣ କୋରିଆ, ଆମେରିକା ଓ ଅଷ୍ଟ୍ରେଲିଆ ସହ ସରକାରୀ ସ୍ତରରେ ଯେଉଁ ଆଲୋଚନା କରୁଛି ତାହାର ସୁଫଳ ମଧ୍ୟ ମିଳୁଛି । ଜାପାନୀ କମ୍ପାନୀମାନେ ଭାରତରେ ଉତ୍ସର୍ଗୀକୃତ ଫ୍ରେଟ୍ କରିଡରରେ ପାଞ୍ଚ ବିଲିୟନ ଡଲାର ପୁଞ୍ଜି ନିବେଶ ପାଇଁ ଆଗ୍ରହୀ । କାନାଡ଼ାର ପେନ୍‌ସନ୍ ଗ୍ରୁପ୍ ଇତିମଧ୍ୟରେ ୨ ବିଲିୟନ ଡଲାର ନିବେଶ କରିସାରିଲାଣି । ସେହିଭଳି ଭାରତର ଶକ୍ତି କ୍ଷେତ୍ରରେ ଆବୁଧାବୀ ଇନ୍‌ଭେଷ୍ଟମେଣ୍ଟ ଅଥରିଟି ପୁଞ୍ଜି ନିବେଶ ପାଇଁ ଆଗ୍ରହୀ ଥିବା ଶକ୍ତିମନ୍ତ୍ରୀ ଶ୍ରୀ ପୀୟୂଷ ଗୋଏଲଙ୍କ ସୂତ୍ରରୁ ପ୍ରକାଶ ।

ଗତ ତିନି ବର୍ଷ ମଧ୍ୟରେ ସରକାର ସର୍ବାଙ୍ଗୀନ ବିକାଶ ପାଇଁ ସହଯୋଗ ଓ ପ୍ରତିଯୋଗିତାମୂଳକ ସଙ୍ଘୀୟ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦେଇଆସୁଛନ୍ତି । ଦୀର୍ଘ ଦିନ ଧରି ରାଜ୍ୟମାନଙ୍କ ସହ କେନ୍ଦ୍ରର ଏକ ବଡ଼ଭାଇ ପଣିଆ ସମ୍ପର୍କ ଥିଲା । ସମସ୍ତଙ୍କ ପାଇଁ ଗୋଟିଏ ମାପ ନ୍ୟାୟରେ ରାଜ୍ୟଗୁଡ଼ିକୁ କେନ୍ଦ୍ର ଦେଖୁଥିଲା । ଏ କ୍ଷେତ୍ରରେ ରାଜ୍ୟଗୁଡ଼ିକର ବାସ୍ତବତା, ସ୍ଥାନୀୟ ଆବଶ୍ୟକତା ଓ ବିବିଧତା ଅଗ୍ରାଧିକାର ପାଉ ନ ଥିଲା । ଏହାର ଦୂରୀକରଣ ପାଇଁ ନିତି ଆୟୋଗ ନିର୍ଦ୍ଦିଷ୍ଟ ଭାବେ ଗଠନ କରାଯାଇଛି । ରାଜ୍ୟମାନଙ୍କୁ ସଶକ୍ତ ଓ ମଜବୁତ୍ କରିବା ଏହି ଆୟୋଗର ଅସଲ ଲକ୍ଷ୍ୟ ।

ଜନଧନ, ଆଧାର ଓ ମୋବାଇଲ (ଜାମ୍)ର ମିଳିତ ବ୍ୟବହାର କରି ସରକାର ଗୁରୁତ୍ୱପୂର୍ଣ୍ଣ ସଂସ୍କାରମାନ ଆରମ୍ଭ କରିଛନ୍ତି । ଏହାଦ୍ୱାରା ହିତାଧିକାରୀଙ୍କୁ ପ୍ରତ୍ୟେକ୍ଷ ଲାଭ ଯୋଗାଣ ବ୍ୟବସ୍ଥାରେ ଥିବା ତ୍ରୁଟି ବିଚ୍ୟୁତି ଓ ବାଟମାରଣା ଯଥେଷ୍ଟ ହ୍ରାସ ପାଇବ । ଏ ବାବଦରେ ସରକାର ଯେଉଁ ବିପୁଳ ଅର୍ଥ ବଞ୍ଚାଇବେ ତାହା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଖର୍ଚ୍ଚ ହେବ । ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ପାଇଁ ଅଧିକ ଅର୍ଥ ବରାଦ ପରିପ୍ରେକ୍ଷୀରେ ତାହାର ସୁବିନିଯୋଗ ଏବଂ ବାଟମାରଣା ବନ୍ଦକୁ ସୁନିଶ୍ଚିତ କରିବାକୁ ପଡ଼ିବ । ତା' ନ ହେଲେ ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଫଳ ହୋଇପାରିବ ନାହିଁ ।

ଏବେ ଯେତେବେଳେ ଆଭ୍ୟନ୍ତରୀଣ ଘରୋଇ ପୁଞ୍ଜି ନିବେଶ ପ୍ରାୟ ନାହିଁ, ସେତେବେଳେ ଦେଶର ଅର୍ଥନୀତିକୁ ଠେଲିପେଲି ସମସ୍ତ ଶକ୍ତି ଖଟାଇ ଚଳାଇବାକୁ ହେବ । ଆସନ୍ତା ଜୁଲାଇ ପହିଲାରୁ ସାରା ଦେଶରେ ଜିଏସ୍‌ଟି ଲାଗୁ ହେବ । ଏହାଫଳରେ ସରକାରଙ୍କ ଟିକସ ଆୟ ବଢ଼ିବ ଏବଂ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବାର ସୁଯୋଗ ସରକାର ପାଇବେ । ବିଭିନ୍ନ ସୂତ୍ରର ଆକଳନ ଅନୁସାରେ ଜିଏସ୍‌ଟି ଲାଗୁ ହେବା ପରେ ଜିଡିପିର ବାର୍ଷିକ ଅଭିବୃଦ୍ଧି ୧.୫ରୁ ୨ ଶତାଂଶ ବୃଦ୍ଧି ପାଇବ । ଭିତ୍ତିଭୂମି କ୍ଷେତ୍ରରେ ନିବେଶ ହୋଇଥିବା ପୁଞ୍ଜିରୁ ଏହା ମୁଖ୍ୟତଃ ଆସିବ । ଯଦି ଏକ ଅର୍ଥନୀତି ବାର୍ଷିକ ୮ ରୁ ୯ ଶତାଂଶ ହାରରେ ବୃଦ୍ଧି ପାଏ ରେଳବାଇ ଭଳି ସଞ୍ଚାଳନ (ଲଜିଷ୍ଟିକ କ୍ଷେତ୍ର)ର ଅଭିବୃଦ୍ଧି ଅତିକମ୍‌ରେ ଦୁଇ ଶତାଂଶରୁ ଅଧିକ ହେବା କଥା । ଅତଏବ ରେଳବାଇ ନିଜର ଭିତ୍ତିଭୂମି ବିକାଶ ପାଇଁ ବାର୍ଷିକ ଯେଉଁ ରେକର୍ଡ ଏକ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଲକ୍ଷ୍ୟ ରଖିଛି ତାହାକୁ ଯଥାର୍ଥ କୁହାଯାଇପାରେ । ତିନିବର୍ଷ ତଳେ ଭାରତୀୟ ରେଳବାଇ ବାର୍ଷିକ ମାତ୍ର ୪୦ ହଜାର କୋଟି ଟଙ୍କା ଏହାର ବିକାଶ ଓ ସଂପ୍ରସାରଣରେ ଖର୍ଚ୍ଚ କରୁଥିଲା ।

ଆସନ୍ତା ତିନି ବର୍ଷ ମଧ୍ୟରେ ସଡ଼କ ପରିବହନ, ରାଜପଥ ଓ ଜାହାଜ ଚଳାଚଳ ମନ୍ତ୍ରଣାଳୟ ୩୭୬.୫୩ ବିଲିୟନ ଡଲାର ଭିତ୍ତିଭୂମି ବିକାଶ ପାଇଁ ଖର୍ଚ୍ଚ କରିବାର ଲକ୍ଷ୍ୟ ରଖିଛି । ଏଥିରେ ଦେଶର ବିଭିନ୍ନ ସ୍ଥାନରେ ୨୭ଟି ଶିଳ୍ପପୁଞ୍ଜି ପ୍ରତିଷ୍ଠା ପାଇଁ ୧୨୦.୪୯ ବିଲିୟନ ଡଲାର ବ୍ୟୟ କରିବାର ଯୋଜନା ଏହାର ଅନ୍ତର୍ଭୁକ୍ତ । ଏହାଛଡ଼ା ସଡ଼କ, ରେଳପଥ ଓ ବନ୍ଦର ସଂଯୋଗ ପ୍ରକଳ୍ପ ପାଇଁ ଅତିରିକ୍ତ ୭୫.୩୦ ବିଲିୟନ ଡଲାର ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି । ଏହିସବୁ କାର୍ଯ୍ୟକ୍ରମ ଯୋଗୁଁ ଭାରତ ବିଶ୍ୱବ୍ୟାଙ୍କର ୨୦୧୬ ଲଜିଷ୍ଟିକ ପରଫର୍‌ମାନ୍ସ ଇଣ୍ଡେକ୍ସ ରେ ୧୯ଟି ସ୍ଥାନ ଉପରକୁ ଉଠି ୧୬୦ ରାଷ୍ଟ୍ରଙ୍କ ତାଲିକାରେ ୩୫ରେ ସ୍ଥାନିତ ହୋଇଛି ।

ଦେଶର ଶକ୍ତି କ୍ଷେତ୍ରରେ ଆସନ୍ତା ୪-୫ ବର୍ଷ ମଧ୍ୟରେ ୨୫୦ ବିଲିୟନ ଡଲାର ପୁଞ୍ଜି ନିବେଶର ସୁଯୋଗ ଅଛି । ଏହି କ୍ଷେତ୍ରର ପରିସର ଏଥିପାଇଁ ଯଥେଷ୍ଟ ସୁଯୋଗ ଆଣିଛି । ସେହିଭଳି ଭାରତୀୟ ନିର୍ମାଣ ସାମଗ୍ରୀ ଶିଳ୍ପ ପ୍ରାୟ ଚାରିବର୍ଷ ପରେ ପୁଣି ନିଜର ସ୍ଥିତିରେ ସୁଧାର ଆଣିଛି । ଏହାର ଆକାର ବର୍ତ୍ତମାନ ୨.୮ ବିଲିୟନ ଡଲାର । ୨୦୧୯-୨୦ ସୁଦ୍ଧା ଏହି ଉଦ୍ୟୋଗର କାରବାର ୫ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶାକରାଯାଉଛି । ଅନେକ ସ୍ୱେଦେଶୀୟ କମ୍ପାନୀ ଏବେ ଭାରତର ଭିତ୍ତିଭୂମି କ୍ଷେତ୍ର, ହାଇସ୍ପୀଡ୍ ଟ୍ରେନ୍, ସ୍ମାର୍ଟ ସିଟି, ପୁନଃନବୀକରଣ ଶକ୍ତି ଆଦି କ୍ଷେତ୍ରରେ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବାକୁ ଆଗ୍ରହୀ । ନାସାର ବୈଷୟିକ ଅଂଶୀଦାର ସ୍କାଏ ଟ୍ରାନ୍‌ଇଙ୍କ ଭାରତର ସହରାଞ୍ଚଳ ପରିବହନ ବ୍ୟବସ୍ଥାରେ ସହଯୋଗ କରିବାକୁ ଆଗେଇ ଆସିଛି । ଏହି କମ୍ପାନୀ ପଡ୍ କାର ନିର୍ମାଣରେ ବିଶେଷତା ହାସଲ କରିଛି । ଦେଶର ଭିତ୍ତିଭୂମି କ୍ଷେତ୍ରରେ ବିପୁଳ ପୁଞ୍ଜି ନିବେଶ ପାଇଁ ବିଶ୍ୱର ନାମକରା ଇକୁଇଟି ଫାର୍ମ, ହେଜ୍ ଫଣ୍ଡ, ଅଣ ବ୍ୟାଙ୍କିଂ କମ୍ପାନୀ ଓ ପେନ୍‌ସନ ଫଣ୍ଡ୍ ମାନ ଧାଡ଼ି ଲଗାଇଛନ୍ତି । ଦିଲ୍ଲୀ-ମୁମ୍ବଇ, ଲୁଧିଆନା-କଲକାତା, କଲକାତା-ବିଶାଖାପାଟଣା-ବିଜୟୱାଡ଼ା-ଚେନ୍ନଇ-ଟୁଟିକୋରିନ୍, ଚେନ୍ନଇ-ବେଙ୍ଗାଲୁରୁ, ବେଙ୍ଗାଲୁରୁ-ମୁମ୍ବଇ ଶିଳ୍ପ କରିଡରମାନ ଏବେ ଜାପାନ, ବିଶ୍ୱବ୍ୟାଙ୍କ, ଏସୀୟ ଉନ୍ନୟନ ବ୍ୟାଙ୍କ ଓ ବ୍ରିଟେନର ସହାୟତାରେ କାର୍ଯ୍ୟକାରୀ ହେଉଛି । ଏହା ସହିତ ଦେଶରେ ନିର୍ମିତ ହେବାକୁ ଥିବା ୧୦୦ଟି ସ୍ମାର୍ଟସିଟି ଓ ଟେଲିକମ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ହେବ ।

ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ମିଶନର ଲକ୍ଷ୍ୟ ହେଲା ୨୦୧୯ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ସୁଦ୍ଧା ଦେଶରେ ମୁକ୍ତ ମଳତ୍ୟାଗ ପ୍ରଥାର ଅବସାନ ଘଟାଇବା । ଏହି ଯୋଜନାରେ ସମଗ୍ର ଦେଶରେ ଅସଂଖ୍ୟ ବଡ଼ବଡ଼ ଗୋଷ୍ଠୀଗତ ଶୌଚାଳୟ, ବ୍ୟକ୍ତିଗତ ଶୌଚାଳୟ ଓ ବର୍ଜ୍ୟବସ୍ତୁ ବିଶୋଧନ କେନ୍ଦ୍ର ସ୍ଥାପନ ପାଇଁ ବିପୁଳ ପୁଞ୍ଜି ନିବେଶର ସୁଯୋଗ ରହିଛି । ଗ୍ରାମାଞ୍ଚଳରେ ବାୟୋଗ୍ୟାସ ପ୍ଲାଣ୍ଟ ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ପାଇଁ ମଧ୍ୟ ବିପୁଳ ପୁଞ୍ଜି ନିବେଶ କରାଯିବ ।

ଜାପାନ, ବ୍ରିଟେନ, ଫ୍ରାନ୍ସ, ଅମେରିକା ଓ ଚୀନ ଭଳି ଅନେକ ଦେଶ ଭାରତର ସ୍ମାର୍ଟ ସଟି ପ୍ରକଳ୍ପରେ ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ମାଲେସିଆର କନ୍‌ଷ୍ଟ୍ରକସନ୍ ଇଣ୍ଡିଷ୍ଟ୍ରି ଡେଭେଲପ୍‌ମେଣ୍ଟ ବୋର୍ଡ (ସିଆଇଡିବି) ଭାରତର ସହରାଞ୍ଚଳ ବିକାଶ ଓ ଗୃହନିର୍ମାଣ କ୍ଷେତ୍ରରେ ୩୦ ବିଲିୟନ ଡଲାର ପୁଞ୍ଜି ନିବେଶ କରିବାକୁ ପ୍ରସ୍ତାବ ଦେଇଛି । ଏହି ସଂସ୍ଥା ମଧ୍ୟ ଗଙ୍ଗା ସଫେଇ ଯୋଜନାରେ ସାମିଲ ହେବାକୁ ଆଗ୍ରହୀ ।

ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ

୪୭.୭ ବିଲିୟନ ଡଲାର ଗତ ଅଢ଼େଇ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପରେ ନିବେଶ କରିଥିବା ବେଳେ ଜାହାଜ ଚଳାଚଳ ମନ୍ତ୍ରଣାଳୟ ୮୦ ହଜାର



କୋଟି ଟଙ୍କା ବିନିଯୋଗ କରିଛି । ୨୦୧୬-୧୭ ଆର୍ଥିକ ବର୍ଷରେ ଦେଶରେ ମୋଟ ୧୫ ହଜାର କିଲୋମିଟର ଜାତୀୟ ରାଜପଥ ନିର୍ମାଣର ଲକ୍ଷ୍ୟ ରଖାଯାଇଥିବା ୨୦୧୭ ଫେବୃଆରୀ ସୁଦ୍ଧା ୬୬୦୪ କିମିର ନିର୍ମାଣ ଶେଷ ହୋଇଛି ।

୨୦୧୭-୧୮ କେନ୍ଦ୍ରୀୟ ବଜେଟରେ ସରକାର ଭିତ୍ତିଭୂମିର ବିକାଶ ପାଇଁ ବିଭିନ୍ନ ପଦକ୍ଷେପମାନ ମଧ୍ୟ ଦେଇଛନ୍ତି । ଭିତ୍ତିଭୂମି ବିକାଶ ଓ ପ୍ରତିରକ୍ଷା ବ୍ୟୟ ପାଇଁ ବ୍ୟୟ ବରାଦ ଯଥାକ୍ରମେ ୧୦ ଶତାଂଶ ଓ ୨୦.୬ ଶତାଂଶ ବୃଦ୍ଧି କରାଯାଇଛି । ଭିତ୍ତିଭୂମି ବିକାଶ ପାଇଁ ୩,୯୬,୧୩୫ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ପ୍ରତିରକ୍ଷା ପାଇଁ ବରାଦ ହୋଇଛି ୮୬,୪୮୮ କୋଟି ଟଙ୍କା । ସେହିଭଳି ରେଳବାଇ ପାଇଁ ବ୍ୟୟ ଅଟକଳ ୮ ଶତାଂଶ ବୃଦ୍ଧି କରାଯାଇ ୧,୩୧,୦୦୦କୋଟି ଟଙ୍କା କରାଯାଇଛି । ଉଚିତ ମୂଲ୍ୟର ଆବାସ ବ୍ୟବସ୍ଥାକୁ ଭିତ୍ତିଭୂମିର ମାନ୍ୟତା ଦିଆଯାଇଛି ।ଭାରତୀୟ ରେଳବାଇ ମଧ୍ୟ ୫ ବିଲିୟନ ଡଲାରର ରେଳ ଭାରତ ବିକାଶ ପାଣ୍ଠି (ଆରଆଇଡିଏଫ୍) ନାମରେ ଏକ କୋଷ ଗଠନ କରିଛି । ଏହି ପାଣ୍ଠି ଏକ ଆନୁଷ୍ଠାନିକ ବ୍ୟବସ୍ଥା ଭାବେ ବଜାରରୁ ଅର୍ଥ ଉଠାଇ ବିଭିନ୍ନ ରେଳପ୍ରକଳ୍ପର ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦେବ ।

ସରକାରଙ୍କ ଗ୍ରାମୀଣ ନିଯୁକ୍ତି ବ୍ୟବସ୍ଥା ପାଇଁ ଅତିରିକ୍ତ ୫୯,୯୭୮ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ହୋଇଛି । ଏହି ଅର୍ଥରେ ଗ୍ରାମ୍ୟ ଭିତ୍ତିଭୂମି ନିର୍ମାଣ କରାଯାଇ ଲୋକଙ୍କୁ ରୋଜଗାର ଦିଆଯିବ । ଏହା ଛଡ଼ା ଆଭ୍ୟନ୍ତରୀଣ ଜଳପଥ ବିକାଶ, କୃଷି ସିଚାଇ ଯୋଜନା, ତ୍ୱରାନ୍ୱିତ ଜଳସେଚନ ଯୋଜନାରେ ଯେଉଁସବୁ ଭିତ୍ତିଭୂମି ନିର୍ମାଣ ହେବ ସେଥିପାଇଁ ଆବଶ୍ୟକ ପାଣ୍ଠି ବରାଦ କରାଯାଇଛି । ସହରାଞ୍ଚଳରେ ପ୍ରଦୂଷଣ ରୋକିବାକୁ ସରକାର ୧୦୬ଟି ସହରରେ ଆସନ୍ତା ୫ବର୍ଷ ମଧ୍ୟରେ ଯେଉଁ ୮୦୦୦ କିମି ସାଇକଲ ଟ୍ରାକ୍ ନିର୍ମାଣ କରିବେ ସେଥିପାଇଁ ୨.୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ । ଏହାଛଡ଼ା ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସୁସଂହତ କରିବା ପାଇଁ ଯେଉଁ ମୌଳିକ ଭିତ୍ତିଭୂମିର ଆବଶ୍ୟକତା ରହିଛି ସେଥିପାଇଁ ସରକାର ପର୍ଯ୍ୟାପ୍ତ ଧନରାଶୀ ବଜେଟରେ ବରାଦ କରିଛନ୍ତି ।

ସରକାର ନିଜ ପାଣ୍ଠିରେ ଯେଉଁ ୭୫ଟି ରାଜପଥ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ସେଥିରୁ ଟୋଲ୍ ଆଦାୟ କରିବେ । ଏହି ପ୍ରକଳ୍ପରେ ୩୫,୬୦୦ କୋଟି ଟଙ୍କା ବିନିଯୋଗ ହୋଇଛି । ଟୋଲ୍ ଆଦାୟରୁ ଯେଉଁ ପାଣ୍ଠି ମିଳିବ ତାହାକୁ ପ୍ରକଳ୍ପିତ ୨୭୦୦ ଏକର ନୂଆ ରାଜପଥ ନିର୍ମାଣରେ ବିନିଯୋଗ କରାଯିବ ।

ଅଟଳ ମିଶନ ଯୋଜନାରେ ଛ'ଟି ରାଜ୍ୟରେ ଅମୃତ ଯୋଜନା କାର୍ଯ୍ୟକାରୀ କରିବାକୁ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ୨୮୭୩ କୋଟି ଟଙ୍କାର ଯୋଜନାକୁ ମଞ୍ଜୁର କରିଛନ୍ତି । ୨୦୧୭-୨୦ ମଧ୍ୟରେ ଏହି ଯୋଜନାରେ ସହରାଞ୍ଚଳ ଭିତ୍ତିଭୂମି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ । ଭାରତୀୟ ବିମାନବନ୍ଦର ପ୍ରାଧିକରଣ ତାହାର ବ୍ୟୟ ୨୫ ଶତାଂଶ ବଢ଼ାଇ ୧୨ଟି ପ୍ରମୁଖ ବିମାନମନ୍ଦରର ସଂପ୍ରସାରଣ କରିବ । ଏଥିପାଇଁ ୨୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହାଛଡ଼ା ୧୩ଟି ଆଞ୍ଚଳିକ ବିମାନବନ୍ଦରର ବିକାଶ କାର୍ଯ୍ୟ ମଧ୍ୟ ହାତକୁ ନିଆଯିବ । ଏଥିରେ ଘରୋଇ ସଂସ୍ଥାଙ୍କ ସହଯୋଗରେ କାର୍ଯ୍ୟ ହେବ । ଭିତ୍ତିଭୂମି କ୍ଷେତ୍ର ବିକାଶର ଆଉ ଏକ ନମୂନା ହେଲା ସ୍ମାର୍ଟ ସିଟି । ଦେଶରେ ଯେଉଁ ୧୦୦ ସ୍ମାର୍ଟ ସିଟି ତିଆରି ହେବ ସେଥିରେ ବ୍ୟୟ ହେବ ୫୦ ହଜାର କୋଟି ଟଙ୍କା । ସେହିଭଳି ଜାତୀୟ ରାଜପଥ ନିର୍ମାଣ ପ୍ରକଳ୍ପରେ ରାଜମାର୍ଗ ବିସ୍ତାର ପାଇଁ ୯୩ ବିଲିୟନ ଡଲାର ବ୍ୟୟ ହେବ । ବଜେଟରେ ଏସବୁ ବ୍ୟବସ୍ଥା ଦେଶର ଭିତ୍ତିଭୂମି କ୍ଷେତ୍ରର ବିକାଶରେ ଏକ ଉଲ୍ଲେଖନୀୟ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ କ୍ଷେତ୍ରରେ ଆଇନଗତ ବ୍ୟବସ୍ଥା, ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ, ନିଷ୍ପତ୍ତି ଗ୍ରହଣ ଓ ସ୍ୱଚ୍ଛତା ଉପରେ ସରକାର ଯଥାଯଥ ଗୁରୁତ୍ୱ ଦେଇଛନ୍ତି ।

ଭାରତୀୟ ବନ୍ଦର ଉଦ୍ୟୋଗର ବିକାଶ ମଧ୍ୟ ସରକାରୀ କାର୍ଯ୍ୟସୂଚୀରେ ଗୁରୁତ୍ୱଲାଭ କରିଛି । ୨୦୧୭ ଶେଷସୁଦ୍ଧା ଦେଶର ପ୍ରମୁଖ ବନ୍ଦରଗୁଡ଼ିକର ପଣ୍ୟ ପରିବହନ କ୍ଷମତା ୯୪୩ ନିୟୁତ ଟନ୍ ଓ କ୍ଷୁଦ୍ର ବନ୍ଦରଗୁଡ଼ିକର ଦକ୍ଷତା ୮୧୫ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ସେହିଭଳି ଦେଶର ଉଡ଼ାଣ ଉଦ୍ୟୋଗ ୨୦୨୦ ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ୍ ମାନ୍ୟତା ଲାଭ କରିବ । ଫଳରେ ଏହି କ୍ଷେତ୍ର ୩୩୬ ନିୟୁତ ଘରୋଇ ଓ ୮୫ ନିୟୁତ ଆନ୍ତର୍ଜାତିକ ଯାତ୍ରୀ ପରିବହନ କରିବାକୁ ସକ୍ଷମ ହେବ । ଏହି କ୍ଷେତ୍ର ପାଇଁ ୧୨୦ ବିଲିୟନ ଡଲାରର ପୁଞ୍ଜି ନିବେଶର ବ୍ୟବସ୍ଥା ହୋଇଛି । ଦେଶରେ ଏବେ ଦୈନିକ ୨-୩ କିମି ରାସ୍ତା ନିର୍ମାଣ ହେଉଥିବାବେଳେ ତାହାକୁ ୪୦ କିମିରେ ପହଞ୍ଚାଇବାକୁ ଉଦ୍ୟମ କରାଯରାଉଛି ।

ଗତ ତିନିବର୍ଷ ମଧ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯେଉଁ ବେଗରେ ପୁଞ୍ଜି ନିବେଶ ହେଉଛି ଓ କାର୍ଯ୍ୟଚାଲିଛି ତାହା ଆର୍ଥିକ ଅଭିବୃଦ୍ଧିକୁ ନିକଟ ଭବିଷ୍ୟତରେ ଯଥେଷ୍ଟ ତ୍ୱରାନ୍ୱିତ କରିବ ।

ଭିତ୍ତିଭୂମି କ୍ଷେତ୍ର ବିକାଶ ଏବେ ଦୃଶ୍ୟମାନ ହେଲାଣି । ସଡ଼କ, ରେଳପଥ, ବନ୍ଦର, ମେଟ୍ରୋ ରେଳ ଓ ଅନ୍ୟ ବିଭିନ୍ନ କ୍ଷେତ୍ରରେ ଏହା ଦେଖିବାକୁ ମିଳୁଛି ।

**ଲେଖକ ପିଟିଆଇର ପୂର୍ବତନ ଆର୍ଥିକ ବ୍ୟାପାର ସମ୍ପାଦକ**

# ଅଭିବୃଦ୍ଧି ପଥରେ ଭାରତୀୟ ଅର୍ଥନୀତି

ଡି.ଏସ୍. ମଲ୍ଲିକ

**୨୦୧୬ ସେପ୍ଟେମ୍ବର ଶେଷ ସୁଦ୍ଧା ଭାରତର ମୋଟ୍ ବୈଦେଶିକ ଋଣ ପରିମାଣ ଥିଲା ୪୮୪.୩ ବିଲିୟନ ଡଲାର। ସେହି ବର୍ଷର ମାର୍ଚ୍ଚ ତୁଳନାରେ ଏହି ଋଣ ପରିମାଣ ୦.୨ କମିଥିଲା। ବୈଦେଶିକ ଋଣ କ୍ଷେତ୍ରରେ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କ ରହିଛି ସେସବୁଥିରେ ୨୦୧୬ ସେପ୍ଟେମ୍ବର ସୁଦ୍ଧା ଉନ୍ନତି ପରିଲକ୍ଷିତ ହୋଇଥିଲା। ମୋଟ୍ ବିଦେଶୀ ଋଣ ମଧ୍ୟରୁ ସ୍ୱଳ୍ପ ମିଆଦି ଋଣର ପରିମାଣରେ ୧୬.୮ ଶତାଂଶ ହ୍ରାସ ୨୦୧୬ ସେପ୍ଟେମ୍ବର ସୁଦ୍ଧା ପରିଲକ୍ଷିତ ହୋଇଥିଲା। ଭାରତର ମୋଟ ବିଦେଶୀ ଋଣର ୭୬.୮ ଭାଗ ଅର୍ଥ ଭାରତ ନିଜ ପାଖରେ ବୈଦେଶିକ ବିନିମୟ ମୁଦ୍ରା ଆକାରରେ ଗଚ୍ଛିତ ରଖିଥିବାରୁ ଏହି ଋଣ ଏକ ବିରାଟ ବୋଝ ନୁହେଁ। ଅତଏବ ଋଣର ବିକଳ୍ପ ଭାବେ ଭାରତ ତିନି ଚତୁର୍ଥାଂଶ ଅର୍ଥ ଗଚ୍ଛିତ ରଖିଛି। ବୈଦେଶିକ ଋଣ ସ୍ଥିତିରେ ଭାରତ ବିଶ୍ୱର ପ୍ରମୁଖ ବିକାଶଶୀଳ ରାଷ୍ଟ୍ରଙ୍କ ତୁଳନାରେ ଅପେକ୍ଷାକୃତ ବହୁ ଭଲଭାବରେ ଅଛି।**

ବିଶ୍ୱ ମାନ୍ଦା ଆର୍ଥିକ ପରିବେଶ ସତ୍ତ୍ୱେ ଭାରତର ଅର୍ଥନୀତି ବେଶ୍ ଉଜ୍ଜ୍ୱଳ ରହିଛି। ୨୦୧୫-୧୬ରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୭.୯ ଶତାଂଶ ଥିଲା। ତା' ପୂର୍ବବର୍ଷ ଏହି ହାର ୭.୨% ଥିବାବେଳେ ୨୦୧୩-୧୪ରେ ଏହା ଥିଲା ୬.୫ ଶତାଂଶ। ୨୦୧୪-୧୫ ଓ ୧୫-୧୬ରେ ସ୍ୱାଭାବିକ ଠାରୁ କମ୍ ମୌସୁମୀ ବର୍ଷା ସତ୍ତ୍ୱେ ଭାରତର ଆର୍ଥିକ ଅଭିବୃଦ୍ଧି ଭଲ ରହିଥିଲା। ୨୦୧୬-୧୭ରେ ଦେଶର ଆର୍ଥିକ ଅଭିବୃଦ୍ଧି ୭.୧ ଶତାଂଶ ହେବ ବୋଲି ଆକଳନ କରାଯାଇଛି। ବିମୁଦ୍ରାୟନ ପଦକ୍ଷେପ ସତ୍ତ୍ୱେ ଭାରତୀୟ ଅର୍ଥନୀତି ବିଶେଷ ପ୍ରଭାବିତ ହୋଇ ନ ଥିବା ଜଣାପଡୁଛି। ବିଶେଷଜ୍ଞ ଗୋଷ୍ଠୀଙ୍କ ଆକଳନ ଅନୁସାରେ ୨୦୧୭-୧୮ରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ଆହୁରି ବଢ଼ିବ। ବିଶ୍ୱ ଅର୍ଥନୈତିକ ଫୋରମ ପକ୍ଷରୁ ୧୩୮ଟି ଦେଶର ଯେଉଁ ପ୍ରତିଯୋଗିତାମୂଳକ ସୂଚକାଙ୍କ ତାଲିକା (ଜିସିଆଇ) ପ୍ରସ୍ତୁତ ହୋଇଛି (୨୦୧୬-୧୭) ଭାରତର ସ୍ଥାନ ସେଥିରେ ୩୯ରେ ଅଛି। ୨୦୧୩-୧୪ରେ ୧୪୮ ଦେଶକୁ ନେଇ ପ୍ରସ୍ତୁତ ଏହି ତାଲିକାରେ ଭାରତର ସ୍ଥାନ ଥିଲା ୬୦।

### ବିତ୍ତୀୟ ସ୍ଥିତି

ଭାରତର ବିତ୍ତୀୟ ସ୍ଥିତି ଭଲ ଅବସ୍ଥାରେ ଅଛି। ଜିଡିପି ଅନୁପାତରେ ବିତ୍ତୀୟ ନିଅଣ୍ଟ ୨୦୧୩-୧୪ରୁ ୪.୫ରୁ ନିରନ୍ତର କମିବାରେ ଲାଗିଛି। ୨୦୧୪-୧୫ରେ ଏହା ୪.୧, ୧୫-୧୬ରେ ୩.୯କୁ ହ୍ରାସ ପାଇବା ସହିତ ୨୦୧୬-୧୭ରେ ସଂଶୋଧିତ ହିସାବ ଅନୁସାରେ ୩.୫କୁ ହ୍ରାସ ପାଇଛି। ୨୦୧୭-୧୮ ଏହା ୩.୨%କୁ ହ୍ରାସ ପାଇବ ବୋଲି ହିସାବ କରାଯାଇଛି।

### ମୁଦ୍ରାସ୍ଫୀତି

ବର୍ତ୍ତମାନର ସରକାର ୨୦୧୪ ମଇ ମାସରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେତେବେଳେ ମୁଦ୍ରାସ୍ଫୀତି ହାର ଉଚ୍ଚା ଥିଲା ଓ ଖାଦ୍ୟ ସାମଗ୍ରୀର ମୂଲ୍ୟ ଅତ୍ୟନ୍ତ ଚଢ଼ା ଥିଲା। ସରକାର ଗତ ତିନି ବର୍ଷ ମଧ୍ୟରେ କଠୋର ମୂଲ୍ୟ ତଦାରଖ ନୀତି ଓ ଖାଦ୍ୟଶସ୍ୟ ପରିଚାଳନା ବ୍ୟବସ୍ଥା ଗ୍ରହଣ କରି ମୁଦ୍ରାସ୍ଫୀତି ଓ ମୂଲ୍ୟ ସ୍ଫୀତିକୁ ନିୟନ୍ତ୍ରଣ କରିବାରେ

**ଗତ ତିନି ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତି ବୃହତ୍ତର ଅର୍ଥନୈତିକ ସ୍ଥିରତା କ୍ଷେତ୍ରରେ ନିମ୍ନଲିଖିତ ସୂଚକାଙ୍କରେ ପ୍ରଗତି ହାସଲ କରିଛି।**

| | ୨୦୧୧-୧୨ ରୁ ୨୦୧୩-୧୪ (୩ବର୍ଷର ହାରାହାରି) | ୨୦୧୪-୧୫ ରୁ ୨୦୧୫-୧୬ (୨ ବର୍ଷର ହାରାହାରି) | ୨୦୧୬-୧୭ * |
|---|---|---|---|
| ମୁଦ୍ରାସ୍ଫୀତି ଖାଉଟି ମୂଲ୍ୟ ସୂଚୀ (ଏନ୍ଏସ୍) | ୯.୮ | ୫.୪ | ୪.୬ |
| ମୁଦ୍ରାସ୍ଫୀତି ପାଇକାରୀ ମୂଲ୍ୟ ସୂଚୀ | ୭.୪ | -୦.୨ | ୩.୫ |
| ସିଏଡି (ଜିଡିପିର %) | -୩.୬ | -୧.୨ | -୦.୭ |
| ଜିଡିପି ଅଭିବୃଦ୍ଧି (%) | ୬.୦ | ୭.୬ | ୭.୧ |
| ବିଶ୍ୱ ଜିଡିପି ଅଭିବୃଦ୍ଧି (%) | ୩.୭ | ୩.୩ | ୩.୧ |
| ବୈଦେଶିକ ବିନିମୟ ମୁଦ୍ରା ମହଯୁଦ (ବିଲିୟନ ଡଲାରରେ) | ୨୯୬.୯ | ୩୫୦.୯ | ୩୬୨.୮ |
| ନିଟ ଏଫ୍ଡିଆଇ (ବିଲିୟନ ଡଲାରରେ) | ୨୧.୧ | ୩୩.୬ | ୨୧.୩ |
| ବିତ୍ତୀୟ ନିଅଣ୍ଟ (ଜିଡିପିର %) | ୫.୧ | ୪.୦ | ୩.୫ |

* ୨୦୧୬-୧୭ ପାଇଁ ଖାଉଟି ମୂଲ୍ୟସୂଚୀ ଭିତ୍ତିକ ମୁଦ୍ରାସ୍ଫୀତି ୨୦୧୭ ଫେବୃଆରୀ ପର୍ଯ୍ୟନ୍ତ, ପାଇକାରୀ ମୁଦ୍ରାସ୍ଫୀତି ଡିସେମ୍ବର ୨୦୧୬ ପର୍ଯ୍ୟନ୍ତ, ସିଏଡି ଡିସେମ୍ବର ୨୦୧୬ ପର୍ଯ୍ୟନ୍ତ, ନିଟ୍ ଏଫ୍ଡିଆଇ ୨୦୧୬-୧୭ ଏଚ୍-୧ ପର୍ଯ୍ୟନ୍ତ, ବୈଦେଶିକ ବିନିମୟ ମୁଦ୍ରା ଗଚ୍ଛିତ ପରିମାଣ ଫେବୃଆରୀ ୨୦୧୭ ପର୍ଯ୍ୟନ୍ତ, ଜିଡିପି ଅଭିବୃଦ୍ଧି ଅଗ୍ରୀମ ବଜେଟ ଆକଳନ ୨୦୧୬-୧୭ ହିସାବରେ ।

ସଫଳ ହୋଇଛନ୍ତି । କ୍ରମାଗତ ଭାବେ ତିନିଟି ଆର୍ଥିକ ବର୍ଷ ପାଇଁ ଖାଉଟୀ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି । ହାରାହାରି ଖାଉଟୀ ମୂଲ୍ୟସୂଚୀ ୨୦୧୩-୧୪ରେ ୯.୫ ଥିବାବେଳେ ୨୦୧୪-୧୫ରେ ୫.୯ ଏବଂ ୨୦୧୫-୧୬ରେ ୪.୯କୁ ହ୍ରାସ ପାଇଛି । ଚଳିତ ଆର୍ଥିକ ବର୍ଷରେ ଏହା ଆହୁରି କମି ୨୦୧୭ ଫେବୃଆରୀ ସୁଦ୍ଧା ୩.୭ରେ ପହଞ୍ଚିଛି । ସେହି ମାସରେ ଖାଦ୍ୟ ମୂଲ୍ୟସ୍ଫୀତିରେ ମଧ୍ୟ ଯଥେଷ୍ଟ ହ୍ରାସ ଘଟିଥିଲା । ୨୦୧୨-୧୪ରେ ଖାଉଟୀ ଖାଦ୍ୟ ମୂଲ୍ୟସୂଚୀ (ସିଏଫ୍‌ପିଆଇ) ଦୁଇ ଅଙ୍କରେ ଥିବାବେଳେ ୨୦୧୫-୧୬ରେ ତାହା ୪.୯କୁ ଖସିଥିଲା । ଚଳିତ ଆର୍ଥିକ ବର୍ଷରେ ଏହା ଆହୁରି ହ୍ରାସ ପାଇ ୪.୪ ହୋଇଛି । ୨୦୧୭ ଫେବୃଆରୀ ସୁଦ୍ଧା ଏହା ୨.୦ରେ ପହଞ୍ଚିଥିଲା । ସରକାର ରିଜର୍ଭ ବ୍ୟାଙ୍କ ସହ ପରାମର୍ଶ କରି ମୁଦ୍ରାସ୍ଫୀତି ହାର ୪ ଶତାଂଶରେ ସୀମିତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ୨୦୧୬ରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ଏହି ହାରକୁ + / -୨ରେ ସୀମିତ ରଖିବାକୁ (ଯାହାକୁ ସହଣୀୟ ସ୍ତର ବୋଲି କୁହାଯାଉଛି) ଲକ୍ଷ୍ୟ ରଖାଯାଇଛି ।

### ବାଣିଜ୍ୟ

ମନ୍ଥର ବିଶ୍ୱ ଅର୍ଥନୀତି ଯୋଗୁ ଭାରତର ରପ୍ତାନୀ ବାଣିଜ୍ୟ ୨୦୧୪-୧୫ ଓ ୧୫-୧୬ରେ ଯଥାକ୍ରମେ ୧.୩ ଏବଂ ୧୫.୫ ହ୍ରାସ ପାଇଥିଲା । ଏହି ପ୍ରତିକୂଳ ଧାରାକୁ କୌଣସି ପ୍ରକାର ୨୦୧୬-୧୭ (ଏପ୍ରିଲ-ଫେବୃଆରୀ) ମଧ୍ୟରେ ବଦଳାଇବାରେ ଭାରତ ସକ୍ଷମ ହୋଇଥିଲା । ସେ ବର୍ଷ ଦେଶର ରପ୍ତାନୀ ବାଣିଜ୍ୟ ୨.୫ ଶତାଂଶ ବୃଦ୍ଧି ପାଇବା ସହ କାରବାର ବଢ଼ିଥିଲା । ସେହି ସମୟ ମଧ୍ୟରେ ରପ୍ତାନୀ ବାଣିଜ୍ୟ କାରବାର ୨୩୯.୪ ବିଲିୟନ ଡଲାରରୁ ବଢ଼ି ୨୪୫.୪ ବିଲିୟନ ଅର୍ଥାତ ୬ ବିଲିୟନ ବା ୬୦୦ କୋଟି ଡଲାର ବଢ଼ିଥିଲା । ୨୦୧୫-୧୬ରେ ଭାରତର ଆମଦାନୀ ୧୫ ଶତାଂଶ ହ୍ରାସ ପାଇ ପ୍ରାୟ ୩୮୧ ବିଲିୟନ ଡଲାରରେ ପହଞ୍ଚିଥିଲା । ମୁଖ୍ୟତଃ ଅଶୋଧିତ ତୈଳ ଦର ହ୍ରାସ ଯୋଗୁଁ ଆମଦାନୀ କମିଥିଲା । ୨୦୧୨-୧୩ରେ ଭାରତର ବାଣିଜ୍ୟ ନିଅଣ୍ଟ ସର୍ବାଧିକ ପ୍ରାୟ ୧୯୦.୩ ବିଲିୟନ ଡଲାର ଥିଲା । ତେବେ ଏହା ୨୦୧୫-୧୬ରେ ୧୩.୮ ଶତାଂଶ ହ୍ରାସ ପାଇ ୨୦୧୫-୧୬ ରେ ୧୧୮.୭ ବିଲିୟନରେ ପହଞ୍ଚିଥିଲା ।

### ଦେଣନେଣ ସ୍ଥିତି

ଭାରତର ରପ୍ତାନୀ ମନ୍ଥରତା ସତ୍ତ୍ୱେ ବାହ୍ୟ ଉଦ୍ୟୋଗ ସ୍ଥିତି ଭଲ ରହିଥିଲା । ଚଳନ୍ତି ଜମାଖାତା (ସିଏଡି) ନିଅଣ୍ଟ ଉଲ୍ଲେଖନୀୟ ଭାବେ କମି ୨୦୧୨-୧୩ ରୁ ୧୫-୧୬ ମଧ୍ୟରେ ୮୮.୨ ବିଲିୟନ ଡଲାରରୁ ୨୨.୨ ବିଲିୟନ ଡଲାରରେ ପହଞ୍ଚିଥିଲା । ଅର୍ଥାତ୍ ଏହି ନିଅଣ୍ଟ ପରିମାଣ ଜିଡିପିର ୪.୮ ରୁ ୧.୧ ଶତାଂଶକୁ ଖସି ଆସିଥିଲା । ପୁନଃପୌନିକ ହିସାବରେ ଚଳନ୍ତି ଜମାଖାତା ନିଅଣ୍ଟ ୨୦୧୬ ଡିସେମ୍ବର ସୁଦ୍ଧା ୦.୭ ଶତାଂଶକୁ ହ୍ରାସ ପାଇଥିଲା । ତା ପୂର୍ବ ବର୍ଷ ଏହି ଅନୁପାତ ଥିଲା ୧.୪ ଶତାଂଶ ।

### ବିଦେଶୀ ପୁଞ୍ଜି ନିବେଶ

୨୦୧୩-୧୪ରେ ଭାରତରେ ବିଦେଶୀ ପୁଞ୍ଜି ନିବେଶ ପରିମାଣ ଥିଲା ୪୩.୬ ବିଲିୟନ ଡଲାର । ୨୦୧୫-୧୬ରେ ଏହା ୫୯.୫ ବିଲିୟନ ଡଲାରରେ ପହଞ୍ଚିଥିଲା । ୨୦୧୬-୧୭ (ଏପ୍ରିଲ ଡିସେମ୍ବର) ମଧ୍ୟରେ ନିଟ୍ ବିଦେଶୀ ପୁଞ୍ଜିନିବେଶ ପରିମାଣ ଥିଲା ୩୧.୨ ବିଲିୟନ ଡଲାର । ଏହାର ପୂର୍ବବର୍ଷ ୧୫-୧୬ରେ (ଏପ୍ରିଲ-ଡିସେମ୍ବର) ଏହା ଥିଲା ୨୭.୨ ବିଲିୟନ ଡଲାର । ଆମେରିକାର ଫେଡେରାଲ ରିଜର୍ଭ (କେନ୍ଦ୍ରୀୟ ବ୍ୟାଙ୍କ)ର ସୁଧହାର ବୃଦ୍ଧି ଯୋଗୁଁ ନିଟ୍ ବିନେଶୀ ପ୍ରତିଭୂତି ବିନିଯୋଗ ୮.୨ ବିଲିୟନ ଡାର ବଢ଼ିଥିଲା ।

### ବୈଦେଶିକ ବିନିମୟ ମୁଦ୍ରା ମହଜୁଦ

୨୦୧୬ ସେପ୍ଟେମ୍ବର ସୁଦ୍ଧା ଭାରତ ପାଖରେ ୩୭୧.୯ ବିଲିୟନ ଡଲାର ମୂଲ୍ୟର ବୈଦେଶିକ ବିନିମୟ ମୁଦ୍ରା ମହଯୁଦ ଥିଲା । ଯାହା ଏକ ସର୍ବକାଳୀନ ରେକର୍ଡ । ତେବେ ୨୦୧୬ ନଭେମ୍ବର ଶେଷ ସୁଦ୍ଧା ଏହା ୩୬୧.୧ ବିଲିୟନ ଡଲାରକୁ କମିଆସିଥିଲା । ରିଜର୍ଭବ୍ୟାଙ୍କ ଟଙ୍କାର ମୂଲ୍ୟ ସ୍ଥିର ରଖିବାକୁ ହସ୍ତକ୍ଷେପ କରିବାରୁ ଏହି ମହଯୁଦ ହ୍ରାସ ପାଇଥିଲା । ୨୦୧୭ ଜାନୁଆରୀ ସୁଦ୍ଧା ଭାରତ ପାଖରେ ୩୬୩ ବିଲିୟନ ଡଲାର ମୂଲ୍ୟର ବୈଦେଶିକ ବିନିମୟ ମୁଦ୍ରା ଗଚ୍ଛିତ ଥିଲା । ଏବେ ଭାରତ ପାଖରେ ଯେତିକି ବୈଦେଶିକ ବିନିମୟ ମୁଦ୍ରା ଗଚ୍ଛିତ ଅଛି ତାହା ଦେଶ ପାଇଁ ଯଥେଷ୍ଟ ।

### ଟଙ୍କାର ବିନିମୟ ହାର

ଟଙ୍କା ବା ଭାରତୀୟ ମୁଦ୍ରାର ହାରାହାରି ମାସିକ ବିନିମୟ ହାର ୨୦୧୬-୧୭ରେ (ଏପ୍ରିଲରୁ ଫେବୃଆରୀ) ଏକ ଆମେରିକୀୟ ଡଲାର ପିଛା ଥିଲା ୬୭ ଟଙ୍କା ୨ ପଇସା । ଏହି ହାର ୨୦୧୫-୧୬ ତୁଳନାରେ ୨.୮ ଶତାଂଶ କମ୍ । ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଏବଂ ସେଠାକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭ ସିଷ୍ଟମର କଠୋର ବିତ୍ତୀୟ ପଦକ୍ଷେପ ଯୋଗୁଁ ଆମେରିକୀୟ ଡଲାରର ମୂଲ୍ୟ ବିଶ୍ୱବ୍ୟାପୀ ଉଚ୍ଚା ରହିଥିଲା । ସେଇ ଦୃଷ୍ଟିରୁ ଭାରତୀୟ ମୁଦ୍ରାର ମୂଲ୍ୟ କମ୍ ରହିଥିଲା । ତେବେ ୨୦୧୬-୧୭ ଆର୍ଥିକ ବର୍ଷରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ଅପେକ୍ଷାକୃତ ଭଲ ରହିଛି ।

ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ନାମକୁ ମାତ୍ର କମିଥିଲେ ମଧ୍ୟ ଦେଶର ଅର୍ଥନୀତି ଉପରେ ତାହାର ସେମିତି କିଛି ପ୍ରଭାବ ପଡ଼ିନାହିଁ । ଏହି ପାର୍ଥକ୍ୟକୁ ବୈଦେଶିକ ବିନିମୟ ମୁଦ୍ରା କାରବାରରେ ଘରୋଇ ମୁଦ୍ରା ମୂଲ୍ୟରେ ଭରଣା କରିବାରେ ଭାରତ ସଫଳ ହୋଇଛି ।

### ବୈଦେଶିକ ଋଣ

୨୦୧୬ ସେପ୍ଟେମ୍ବର ଶେଷ ସୁଦ୍ଧା ଭାରତର ମୋଟ୍ ବୈଦେଶିକ ଋଣ ପରିମାଣ ଥିଲା ୪୮୪.୩ ବିଲିୟନ ଡଲାର । ସେହି ବର୍ଷର ମାର୍ଚ୍ଚ ତୁଳନାରେ ଏହି ଋଣ ପରିମାଣ ୦.୨ କମିଥିଲା । ବୈଦେଶିକ ଋଣ କ୍ଷେତ୍ରରେ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କ ରହିଛି ସେସବୁଥିରେ ୨୦୧୬ ସେପ୍ଟେମ୍ବର ସୁଦ୍ଧା ଉନ୍ନତି ପରିଲକ୍ଷିତ ହୋଇଥିଲା । ମୋଟ୍ ବିଦେଶୀ ଋଣ ମଧ୍ୟରୁ ସ୍ୱଳ୍ପ ମିଆଦି ଋଣର ପରିମାଣରେ ୧୬.୮ ଶତାଂଶ ହ୍ରାସ ୨୦୧୬ ସେପ୍ଟେମ୍ବର ସୁଦ୍ଧା ପରିଲକ୍ଷିତ ହୋଇଥିଲା । ଭାରତର ମୋଟ ବିଦେଶୀ ଋଣର ୭୬.୮ ଭାଗ ଅର୍ଥ ଭାରତ ନିଜ ପାଖରେ ବୈଦେଶିକ ବିନିମୟ ମୁଦ୍ରା ଆକାରରେ ଗଚ୍ଛିତ ରଖିଥିବାରୁ ଏହି ଋଣ ଏକ ବିରାଟ ବୋଝ ନୁହେଁ । ଅତଏବ ଋଣର ବିକଳ୍ପ ଭାବେ ଭାରତ ତିନି ଚତୁର୍ଥାଂଶ ଅର୍ଥ ଗଚ୍ଛିତ ରଖିଛି । ବୈଦେଶିକ ଋଣ ସ୍ଥିତିରେ ଭାରତ ବିଶ୍ୱର ପ୍ରମୁଖ ବିକାଶଶୀଳ ରାଷ୍ଟ୍ରଙ୍କ ତୁଳନାରେ ଅପେକ୍ଷାକୃତ ବହୁ ଭଲଭାବରେ ଅଛି । ବିଶ୍ୱ ବ୍ୟାଙ୍କର ଆନ୍ତର୍ଜାତିକ ଋଣ ତଥ୍ୟାବଳୀ ୨୦୧୭ ଅନୁସାରେ ୨୦୧୫ରେ ଭାରତର ମୋଟ ବିଦେଶୀ ଋଣ ଏହାର ମୋଟ ଜାତୀୟ ଆୟର ୨୩.୪ ଶତାଂଶ ଥିଲା । ଏହା ବିଶ୍ୱ ତାଲିକାରେ ପଞ୍ଚମ ସବୁଠୁ କମ୍ । ସେଇଭଳି ବୈଦେଶିକ ଋଣର ବିକଳ୍ପ ଭାବେ ଯେଉଁ ବୈଦେଶିକ ବିନିମୟ ମୁଦ୍ରା ଗଚ୍ଛିତ ଅଛି ସେଥିରେ ଭାରତ ଆନ୍ତର୍ଜାତିକ ସ୍ତରରେ ଷଷ୍ଠ ସର୍ବାଧିକ ସ୍ଥାନରେ ରହିଛି, ଯାହାର ଅନୁପାତ ୬୯.୭ ଶତାଂଶ ।

### କୃଷି ଓ ଖାଦ୍ୟ ପରିଚାଳନା

କୃଷି ଓ ଖାଦ୍ୟ ପରିଚାଳନା କ୍ଷେତ୍ରରେ ଭାରତର ପ୍ରଦର୍ଶନରେ ମଧ୍ୟ ଉନ୍ନତି ଘଟିଛି । ଜାତୀୟ ଆୟ ସଂକ୍ରାନ୍ତ ଆଗୁଆ ଆକଳନ-୨ (୨୦୧୭ ଫେବୃଆରୀ)ର ତଥ୍ୟ ଅନୁସାରେ କୃଷି ଓ ତତ୍‌ସଂଲଗ୍ନ କ୍ଷେତ୍ରର ସାମଗ୍ରିକ ମୂଲ୍ୟ ମିଶ୍ରିତ (ଜିଭିଏ) ଅଭିବୃଦ୍ଧି ହାର ୨୦୧୬-୧୭ରେ ୪.୪ ଶତାଂଶ ରହିଛି । ତା ପୂର୍ବ ବର୍ଷ ଠାରୁ ଏହି ହାର ୦.୮ ଶତାଂଶ ବଢ଼ିଛି । ଖାଦ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ (୧୫ ଫେବୃଆରୀ, ୨୦୧୭) ୨୦୧୬-୧୭ରେ



ଦେଶର ମୋଟ ଖାଦ୍ୟଶସ୍ୟ ଉତ୍ପାଦନ ୨୭୧.୯୮ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଛି। ଏହା ଯଦି ସମ୍ଭବ ହୁଏ ତା ହେଲେ ପୂର୍ବବର୍ଷ ତୁଳନାରେ ଉତ୍ପାଦନ ପ୍ରାୟ ୨୦ ନିୟୁତ ଟନ୍ ଅଧିକ ହେବ।

### ଶିଳ୍ପ କ୍ଷେତ୍ର

ଜାତୀୟ ଆୟ ସଂକ୍ରାନ୍ତ ଦ୍ୱିତୀୟ ଅଗ୍ରୀମ ଆକଳନ ୨୦୧୬-୧୭ ତଥ୍ୟ ଅନୁସାରେ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ହାର ସାମଗ୍ରିକ ମୂଲ୍ୟ ମିଶ୍ରିତ ବ୍ୟବସ୍ଥା (ଜିଭିଏ)ରେ ୨୦୧୬-୧୭ରେ ୫.୮ ଶତାଂଶ ହେବ। ଏହି ହାର ୨୦୧୫-୧୬ ରେ ୮.୨ ଏବଂ ୨୦୧୪-୧୫ରେ ୬.୯ ଶତାଂଶ ଥିଲା। ଜିଭିଏ ଅଭିବୃଦ୍ଧିରେ ମାନୁଫାକଚରିଙ୍ଗ୍ ଉଦ୍ୟୋଗର ଅବଦାନ ଥିଲା (୨୦୧୬-୧୭) ୭.୭ ଶତାଂଶ। ତା ପୂର୍ବ ବର୍ଷ ଏହି ହାର ଥିଲା ୭.୭।

ଆଠଟି ମୌଳିକ ଔଦ୍ୟୋଗିକ କ୍ଷେତ୍ର – ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ପେଟ୍ରୋଲିୟମ ବିଶୋଧନାଗାର ସାମଗ୍ରୀ, କୋଇଲା, ବିଦ୍ୟୁତ୍, ସିମେଣ୍ଟ, ଇସ୍ପାତ ଏବଂ ରାସାୟନିକ ସାର ୨୦୧୬-୧୭ରେ ୪.୮ ଶତାଂଶ ଅଭିବୃଦ୍ଧି ହାସଲ କରିଛନ୍ତି। ଏହି ଉଦ୍ୟୋଗଗୁଡ଼ିକ ୨୦୧୫-୧୬ରେ ୩.୪ ଓ ୨୦୧୪-୧୫ରେ ୪.୫ ଶତାଂଶ ଅଭିବୃଦ୍ଧି ହାସଲ କରିଥିଲେ।

୨୦୧୫ରେ ଶକ୍ତି ବା ଉର୍ଜା କ୍ଷେତ୍ରରେ ଉଦୟ ଯୋଜନା କାର୍ଯ୍ୟକାରୀ ହେବା ପରେ ଅଧିକାଂଶ ରାଜ୍ୟ ସେମାନଙ୍କର ବିଦ୍ୟୁତ୍ ସଂବହନ, ଆବଣ୍ଟନ ଓ ପରିବହନ (କ୍ଷତି)କୁ ରୋକିବାରେ ଯଥେଷ୍ଟ ସଫଳ ହୋଇଛନ୍ତି। ୨୦୧୪-୧୫ ସୁଦ୍ଧା ବିଭିନ୍ନ ବିଦ୍ୟୁତ୍ ଆବଣ୍ଟନକାରୀ କମ୍ପାନୀଙ୍କ ଋଣ ବୋଝ ୬୨% ହ୍ରାସ ପାଇଥିଲା।

ସଡ଼କ ଓ ରାଜପଥ ମନ୍ତ୍ରଣାଳୟର ୨୦୧୬ ବର୍ଷାନ୍ତ ସମୀକ୍ଷା ରିପୋର୍ଟ ଅନୁସାରେ ସେ ବର୍ଷ ନଭେମ୍ବର ଶେଷ ସୁଦ୍ଧା ୫୬୮୮ କି.ମି. ସଡ଼କ ଓ ରାଜପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ସେଥିମଧ୍ୟରୁ ନଭେମ୍ବର ଶେଷ ସୁଦ୍ଧା ୪୦୨୧ କିମି ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ସେହିଭଳି ୨୦୧୫-୧୬ ରେ ୬୦୨୯ ଏବଂ ୨୦୧୪-୧୫ରେ ୪୪୧୦ କିମି ରାସ୍ତା ଭାରତରେ ନିର୍ମାଣ କରାଯାଇଥିଲା।

ଭାରତୀୟ ଅର୍ଥନୀତିର ବିଭିନ୍ନ କ୍ଷେତ୍ର ଉପରୋକ୍ତ ମତେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାବେଳେ ସରକାର ୨୦୧୭ ଜୁଲାଇ ପହିଲାରୁ ସମଗ୍ର ଦେଶ ପାଇଁ ଏକକ ଟିକସ ବ୍ୟବସ୍ଥା ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) ଲାଗୁ କରିବାକୁ ଯାଉଛନ୍ତି। ପରୋକ୍ଷ କର ସଂଗ୍ରହ କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ। ଅତଏବ ଆଗାମୀ ଦିନରେ ଭାରତୀୟ ଅର୍ଥନୀତି ଅଧିକ ସଫଳତା ହାସଲ କରିବା ଦିଗରେ ଯେ ଅଗ୍ରସର, ଏ କଥା ସହଜରେ କହିହେବ।

**ବୈଦେଶିକ ଋଣ ସ୍ଥିତିରେ ଭାରତ ବିଶ୍ୱର ପ୍ରମୁଖ ବିକାଶଶୀଳ ରାଷ୍ଟ୍ରଙ୍କ ତୁଳନାରେ ଅପେକ୍ଷାକୃତ ବହୁ ଭଲଭାବରେ ଅଛି।**

**ବିଶ୍ୱ ବ୍ୟାଙ୍କର ଆନ୍ତର୍ଜାତିକ ଋଣ ତଥ୍ୟାବଳୀ ୨୦୧୭ ଅନୁସାରେ ୨୦୧୫ରେ ଭାରତର ମୋଟ ବିଦେଶୀ ଋଣ ଏହାର ମୋଟ ଜାତୀୟ ଆୟର ୨୩.୪ ଶତାଂଶ ଥିଲା। ଏହା ବିଶ୍ୱ ତାଲିକାରେ ପଞ୍ଚମ ସବୁଠୁ କମ୍। ସେଇଭଳି ବୈଦେଶିକ ଋଣର ବିକଳ୍ପ ଭାବେ ଯେଉଁ ବୈଦେଶିକ ବିନିମୟ ମୁଦ୍ରା ଗଚ୍ଛିତ ଅଛି ସେଥିରେ ଭାରତ ଆନ୍ତର୍ଜାତିକ ସ୍ତରରେ ଷଷ୍ଠ ସର୍ବାଧିକ ସ୍ଥାନରେ ରହିଛି, ଯାହାର ଅନୁପାତ ୬୯.୭ ଶତାଂଶ।**

ଲେଖକ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ

## ବାରିପଦାରେ ପ୍ରସ୍ତାବିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ଏମସିଆଇ ଅନୁମତି ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ଚିଠି ଲେଖିଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ବାରିପଦାରେ ନିର୍ମାଣାଧୀନ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ଦ୍ୱିତୀୟ ଏମସିଆଇ ଟିମ ପଠାଇବା ସହ ଏହି କଲେଜରେ ଚଳିତ ଶିକ୍ଷାବର୍ଷରୁ ନାମ ଲେଖା ପାଇଁ ଅନୁମତି ପ୍ରଦାନ ସମ୍ପର୍କରେ ପଦକ୍ଷେପ ନେବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜେ.ପି ନଡ୍ଡାଙ୍କୁ ପତ୍ର ଲେଖିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରସ୍ତାବିତ ଏହି ମେଡିକାଲ କଲେଜରେ ବାର୍ଷିକ ଶହେ ଜଣ ଛାତ୍ର ଛାତ୍ରୀଙ୍କ ଏମବିବିଏସ ପାଠ୍ୟକ୍ରମରେ ନାମ ଲେଖା ପାଇଁ ପ୍ରସ୍ତାବ ରହିଛି। ଏହି ମେଡିକାଲ କଲେଜ କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ଅନୁଦାନ ଯୋଜନାରେ (ସେଂଟ୍ରାଲି ସ୍ପୋନସର୍ଡ ସ୍କିମ) ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ହେଉଛି। ଏହି ପ୍ରସ୍ତାବିତ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ପାଖା ପାଖି ସଂପୂର୍ଣ ହୋଇ ସାରିଛି। ଏମସିଆଇ ଦ୍ୱିତୀୟ ଥର ଅନୁଧ୍ୟାନ କରି ଏହାର ଆକଳନ ରିପୋର୍ଟ ଦେବା ପରେ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇ ପାରିବ। ଏହା ପୂର୍ବରୁ କୋରାପୁଟ ଠାରେ ଏହିପରି ଏକ ମେଡିକାଲ କଲେଜ ପାଇଁ ଏମସିଆଇ ଅନୁମତି ପ୍ରଦାନ କରି ସାରିଛି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଡାକ୍ତରଖାନା କାର୍ଯ୍ୟକାରୀ ହେଲେ ଆଦିବାସୀ ଅଧ୍ୟୁଷିତ ମୟୁରଭଞ୍ଜ ଜିଲ୍ଲା ସମେତ ପଡୋଶୀ ଝାଡଖଣ୍ଡ ଓ ପଶ୍ଚିମ ବଙ୍ଗର ଲୋକ ମାନେ ମଧ୍ୟ ଲାଭବାନ ହେବେ।

# ସହଜରେ ବେପାର କରିବାର ସୁବିଧା ସୁଯୋଗ

**ଡାନିସ୍ ଏ ହସ୍‌ମି, ଐଶ୍ୱର୍ଯ୍ୟା ନହଟା**

**ଭାରତରେ ବେପାର କରିବାର ପରିବେଶ ଗତବର୍ଷ ମାତ୍ର ୩୨ ଶତାଂଶ ଥିବାବେଳେ ଏବର୍ଷ ଏହି ଅଙ୍କ ୪୮.୯ ଶତାଂଶକୁ ବୃଦ୍ଧି ପାଇଛି। ଡିଆଇପିପି ପକ୍ଷରୁ ଏଥି ପାଇଁ ରାଜ୍ୟଗୁଡ଼ିକର ଯେଉଁ ଆକଳନ କରାଯାଉଛି ସେଥିରୁ ଭଲ ଓ ଖରାପ ପ୍ରଦର୍ଶନ କରୁଥିବା ରାଜ୍ୟମାନଙ୍କର ବାସ୍ତବସ୍ଥିତି ଓ ସମସ୍ୟା ଧରାପଡୁଛି। ତାହାକୁ ବିଚାରକୁ ନେଇ ପଛରେ ପଡ଼ିଥିବା ରାଜ୍ୟଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ ବିଚାର କରାଯାଉଛି। ଆଗୁଆ ରାଜ୍ୟଗୁଡ଼ିକର ଧାରାକୁ ଅବ୍ୟାହତ ରଖିବା ପାଇଁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଆଗୁଆ ରାଜ୍ୟଗୁଡ଼ିକର ସଫଳତାର ସୂତ୍ରକୁ ପଛୁଆ ରାଜ୍ୟରେ ପ୍ରୟୋଗ କରିବାକୁ ଉଦ୍ୟମ ହେଉଛି।**

ଭାରତରେ ଚାଲିଥିବା ଅର୍ଥନୈତିକ ସଂସ୍କାର କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଶିଳ୍ପ ଓ ବାଣିଜ୍ୟ ସଂକ୍ରାନ୍ତରେ ଅନୁମତି ଓ ଅନୁମୋଦନ ଦେବାରେ ସରକାରଙ୍କ ନିୟନ୍ତ୍ରଣକାରୀ ଭୂମିକାକୁ ହ୍ରାସ କରିବା ଏବଂ ଏ କ୍ଷେତ୍ରରେ ନିଜର ଦାୟିତ୍ୱକୁ କେବଳ ସୁବିଧା ଯୋଗାଣକାରୀ ବା ସମନ୍ୱୟକାରୀ ଭୂମିକାରେ ସୀମିତ ରଖିବା। ଏହି ବ୍ୟବସ୍ଥାରେ ଭାରତରେ ଶିଳ୍ପ, ବାଣିଜ୍ୟ ପ୍ରତିଷ୍ଠା ପାଇଁ ଅଧିକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ ବୋଲି ସରକାର ବିଚାର କରନ୍ତି। ତେବେ ଯାହା ଦେଖାଯାଉଛି ଯେ ଏହି ବ୍ୟବସ୍ଥାଟି ଏଯାଏ ବିଶେଷ ଫଳପ୍ରସୂ ହୋଇନାହିଁ। ବିଶେଷତଃ ଅର୍ଥନୀତିର ଉଦ୍ୟୋଗ କ୍ଷେତ୍ରରେ ଏହି ବ୍ୟବସ୍ଥା ଯଥେଷ୍ଟ ସହାୟକ ହୋଇପାରୁନାହିଁ। ୨୦୧୪ରେ ଦେଶର ମୋଟ ଜିଡିପିରେ ଶିଳ୍ପୋଦ୍ୟୋଗର ଅଂଶ ଥିଲା ୨୪.୨%। ତୁଳନାତ୍ମକ ଭାବେ ଦେଖିଲେ ଚୀନର ଏହି ହାର ୪୩.୯ ଶତାଂଶ, ଦକ୍ଷିଣ କୋରିଆରେ ୩୮.୭ ଶତାଂଶ ଓ ମାଲେସିଆରେ ୩୪.୭ ଶତାଂଶ। ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ମାନୁଫାକ୍ଚରିଙ୍ଗ ଉଦ୍ୟୋଗର ଅବଦାନ ସର୍ବାଧିକ। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମର ସଫଳତା ମଧ୍ୟ ଏହି ଉଦ୍ୟୋଗର ପ୍ରଦର୍ଶନ ଉପରେ ଅଧିକ ନିର୍ଭରଶୀଳ। ସହଜରେ ବେପାର କରିବାର ପ୍ରୟାସ ସରକାରୀ ଭାବେ ଆରମ୍ଭ ହୋଇଥିଲେ ମଧ୍ୟ ଏଥିରେ ଥିବା କେତେକ ଅସୁବିଧା ଏହି କାର୍ଯ୍ୟକ୍ରମକୁ ପ୍ରଭାବିତ କରୁଛି। ଅର୍ଥନୈତିକ ବ୍ୟାପାର କ୍ଷେତ୍ରରେ ଭିତ୍ତିଭୂମିର ଭୂମିକା ଅତି ଅଧିକ। ତେବେ ଆବେଦନ, ଅନୁମୋଦନ, ଅନୁମତି ଆଦି ବିଭିନ୍ନ ସ୍ତରରେ ଏଥିପାଇଁ ଯେଉଁସବୁ ଜଟିଳ ନୀତିନିୟମ ରହିଛି ତାହା ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଫଳରେ ଶିଳ୍ପ ବାଣିଜ୍ୟ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ଅସୁବିଧାରେ ପଡୁଛନ୍ତି। ଏ କ୍ଷେତ୍ରରେ ସଂସ୍କାରବାଦୀ କାର୍ଯ୍ୟକ୍ରମ ଯେଉଁ ବେଗରେ କାର୍ଯ୍ୟକାରୀ ହେବା କଥା ତାହା ହୋଇପାରୁନାହିଁ। ଭାରତୀୟ ବ୍ୟବସ୍ଥାରେ ଶିଳ୍ପ ବାଣିଜ୍ୟ ପାଇଁ ଗୋଟିଏ ସଂସ୍ଥାକୁ ୧୯ଟି ମନ୍ତ୍ରଣାଳୟରୁ ହାରାହାରି ୫୬ଟି ଅନୁମତି ହାସଲ କରିବାକୁ ପଡ଼େ। ପ୍ରକଳ୍ପର ଅନୁମୋଦନ ପାଇଁ ପରିବେଶ, ଆଭ୍ୟନ୍ତରୀଣ ନିରାପତ୍ତା ଅନୁମତି ପାଇବାକୁ ପ୍ରାୟ ୨୪ ମାସ ସମୟ ଲାଗେ। ଏହି ଦୀର୍ଘ ପ୍ରତୀକ୍ଷା ଓ ଧାଁଧପଡ଼ ପରେ ପ୍ରକଳ୍ପକୁ ଅନୁମତି ମିଳିଥାଏ।

ବିଶ୍ୱବ୍ୟାଙ୍କର (୨୦୧୬) ସହଜରେ ବେପାରବଣିଜ କରିବାର ରିପୋର୍ଟରେ ଭାରତ ୧୯୦ ଦେଶବିଶିଷ୍ଟ ତାଲିକାରେ ୧୩୦ରେ ରହିଛି। ନିର୍ମାଣ ପରମିଟ୍, ଟିକସ ପ୍ରଦାନ, ଚୁକ୍ତି କାର୍ଯ୍ୟକାରୀ କରିବା, ବେପାର ଆରମ୍ଭ କରିବା, ସୀମା ପାର ବ୍ୟବସାୟ, ସମ୍ପତ୍ତି ପଞ୍ଜୀକରଣ ଏବଂ ଦେବାଳିଆ ସ୍ଥିତିର ଅବସାନ ଆଦି ସାତଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତର ପ୍ରଦର୍ଶନ ଅତ୍ୟନ୍ତ ଖରାପ। ଏହି ରିପୋର୍ଟ ପୁଣି କେବଳ ଦିଲ୍ଲୀ ଓ ମୁମ୍ବଇର ତଥ୍ୟ ଭିତ୍ତିରେ ପ୍ରସ୍ତୁତ ହୋଇଛି। ଦେଶର ଅନ୍ୟତ୍ର ଏହି ସ୍ଥିତି ଆହୁରି ଖରାପ ହୋଇପାରେ। ଦେଶର ବିଭିନ୍ନ ରାଜ୍ୟ ମଧ୍ୟରେ ଶିଳ୍ପ ବାଣିଜ୍ୟ କରିବା ପାଇଁ ଭିନ୍ନଭିନ୍ନ ନୀତି ଓ ବ୍ୟବସ୍ଥା ଥିବାରୁ ଏହା ପରିସ୍ଥିତିକୁ ଅଧିକ ଜଟିଳ କରୁଛି। ଏହାଛଡ଼ା ରାଜ୍ୟ ସରକାରମାନଙ୍କ ଅନୁମତି, ନିୟନ୍ତ୍ରଣ, ନୀତିନିୟମ ଆଦି ଯୋଗୁ ନାଲି ଫିତା କାରବାର, ଦୁର୍ନୀତି, ବିଳମ୍ବ ଭଳି ସମସ୍ୟା ତୀବ୍ର ହୁଏ। ଅତଏବ ସହଜରେ ବେପାର କରିବାର ବ୍ୟବସ୍ଥା ନ ଥିବାରୁ ଭାରତରେ ପୁଞ୍ଜି ନିବେଶ ପ୍ରକ୍ରିୟା ବ୍ୟାହତ ହେଉଛି ଏବଂ ଦେଶ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛି। ଏହା ଫଳରେ ନିଯୁକ୍ତି ପରିସର ସଂକୁଚିତ ହେବା ସହ ଅଭିବୃଦ୍ଧି କମୁଛି। କୃଷି କ୍ଷେତ୍ରରେ ପୁଞ୍ଜି ନିବେଶ କମ୍ ରହୁଥିବାରୁ ଉତ୍ପାଦନ ମଧ୍ୟ ବ୍ୟାହତ ହେଉଛି। ମାନୁଫାକଚରିଙ୍ଗ ଉଦ୍ୟୋଗ ଉପରେ ମଧ୍ୟ ଏହାର ପ୍ରଭାବ ସିଧାସଳଖ ପଡୁଛି। ପୁଞ୍ଜି ନିବେଶ ବ୍ୟାପାର ସିଧାସଳଖ ରାଜ୍ୟମାନଙ୍କର ଅଧିକାରଭୁକ୍ତ ବିଷୟ। ତେଣୁ ସଂପୃକ୍ତ ସରକାରମାନେ ଏ ଦିଗରେ ବିଶେଷ ତତ୍ପରତା ପ୍ରଦର୍ଶନ କରୁ ନ ଥିବାରୁ ନିବେଶ ପରିବେଶ ବିଗିଡ଼ି ଯାଉଛି।

ତେବେ ଏହି କାର୍ଯ୍ୟକ୍ରମକୁ ସହଜ ତଥା ସୁଗମ କରିବା ପାଇଁ କେନ୍ଦ୍ର ସରକାର ଏବେ ଅଗ୍ରାଧିକାର ଦେଉଛନ୍ତି। ଏ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଅଣାଯାଉଛି। କଠୋର ଓ ରକ୍ଷଣଶୀଳ ନୀତି ନିୟମ, ଆଇନକାନୁନ୍‌କୁ ବଦଳାଇ ଏହାକୁ ସରଳ କରିବାକୁ ଉଦ୍ୟମ ହେଉଛି। ସୂଚନାପ୍ରଯୁକ୍ତି ସହ ନୂଆ ଜ୍ଞାନକୌଶଳ ଉପଯୋଗ ଅଗ୍ରାଧିକାର ପାଇଛି। ସରକାରୀ ବ୍ୟବସ୍ଥାକୁ ଅଧିକ ଦକ୍ଷ ଓ ପ୍ରଭାବଶାଳୀ

କରିବାକୁ ଉଦ୍ୟମ ଚାଲିଛି। ସେଥିପାଇଁ ସ୍ୱଳ୍ପ ସରକାର, ଅଧିକ ଶାସନ ସ୍ଲୋଗାନ ଉପରେ ଗୁରୁତ୍ୱ ଦିଆଯାଇଛି। ଉଭୟ କେନ୍ଦ୍ରୀୟ ଓ ପ୍ରାଦେଶିକ ସ୍ତରରେ ଏକାଧିକ ସଂସ୍କାରବାଦୀ ପଦକ୍ଷେପ ଆରମ୍ଭ ହୋଇଛି। କେନ୍ଦ୍ରୀୟ ସ୍ତରରେ ଶିଳ୍ପ ଲାଇସେନ୍ସ ଓ ଶିଳ୍ପୋଦ୍ୟୋଗ ରାଜିନାମା ଆବେଦନ ବ୍ୟବସ୍ଥାକୁ ଅନ୍‌ଲାଇନ୍ କରାଯାଇଛି। କୋଡ଼ିଏଟି କେନ୍ଦ୍ରୀୟ ସେବାକୁ (ଶିଳ୍ପ ଲାଇସେନ୍ସ ଓ ନିଯୁକ୍ତି ଦାତା ପଞ୍ଜିକରଣ ସମେତ) ଇ-ବିଜିନେସ୍ ପ୍ଲାଟଫର୍ମରେ ସନ୍ନିବେଶିତ କରାଯାଇଛି। ସେହିଭଳି କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଫର୍ମ-୨୯ ଜାରି କରାଯାଇ ଏଥିରେ ତିନିଟି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ସାମିଲ କରାଯାଇଛି। ଏହା ଫଳରେ କମ୍ପାନୀର ନାମ, ନିର୍ଦ୍ଦେଶକ ପରିଚୟ ନମ୍ବର ଓ କମ୍ପାନୀ ଗଠନକୁ ମିଳିତ ଭାବେ ଗୋଟିଏ ପ୍ରକ୍ରିୟାରେ ଅନୁମୋଦନ କରାଯାଉଛି। ଏବେ ଏକ କମ୍ପାନୀ ଦିନେ ଦୁଇ ଦିନ ମଧ୍ୟରେ ଭାରତରେ ପଞ୍ଜୀକୃତ ହୋଇପାରିବ। କର୍ମଚାରୀ ରାଜ୍ୟ ଭବିଷ୍ୟନିଧି ନିଗମ ଓ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍‌ଓ) ବ୍ୟବସ୍ଥାକୁ ମଧ୍ୟ ଅନ୍‌ଲାଇନ୍ କରାଯାଇଛି। ଫଳରେ ନଥିପତ୍ର ଦାଖଲ ଓ ପଞ୍ଜୀକରଣ ପାଇଁ ବ୍ୟକ୍ତିଗତ ଉପସ୍ଥିତି ଅନାବଶ୍ୟକ ହୋଇଛି।

ବେପାର ବଣିଜରେ ଲକ୍ଷ ଲକ୍ଷ ବ୍ୟବସାୟୀଙ୍କ ଦୁଃଖ ଲାଘବ କରିବା ପାଇଁ ସରକାର ଏବେ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। କେନ୍ଦ୍ରୀୟ ଉତ୍ପାଦନ ଓ ସୀମା ଶୁଳ୍କ (ସିବିଇସି) ପକ୍ଷରୁ ଏକକ ବାତାୟନ ବ୍ୟବସ୍ଥା (ସିଙ୍ଗଲ ୱିଣ୍ଡୋ) ଆରମ୍ଭ କରାଯାଇ ବ୍ୟବସାୟୀ, ଶିଳ୍ପୋଦ୍ୟୋଗୀଙ୍କ ପାଇଁ କାରବାର ସୁବିଧା ଯୋଗାଇ ଦେଉଛନ୍ତି। ଏହା ସୁଇଫ୍ଟ ନାମରେ ପରିଚିତ। ଇ ପୋର୍ଟାଲ ଜରିଆରେ ବ୍ୟବସାୟୀଙ୍କୁ ସାଧାରଣ ସମନ୍ୱିତ ଘୋଷଣାନାମା ପ୍ରକାଶ କରିବାର ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ପୂର୍ବରୁ ଏଥିପାଇଁ ବ୍ୟବସାୟୀଙ୍କୁ ଛ'ଟି ଜଟିଳ ପ୍ରକ୍ରିୟା ଦେଇ କାରବାର କରିବାକୁ ପଡୁଥିଲା। ରପ୍ତାନୀକାରୀଙ୍କ ପାଇଁ ଖୁବ୍ ଶୀଘ୍ର ମଧ୍ୟ ଏହି ସୁବିଧା ଯୋଗାଇ ଦିଆଯିବ। ଆଗରୁ ଉଭୟ ଆମଦାନୀ ଓ ରପ୍ତାନୀକାରୀଙ୍କ ପାଇଁ ଯେଉଁ ୭ ରୁ ୧୦ଟି ଅନିବାର୍ଯ୍ୟ ନଥି ପୂରଣ କରିବାର ବ୍ୟବସ୍ଥା ଥିଲା ତାହାକୁ ତିନିକୁ ହ୍ରାସ କରାଯାଇଛି। ରାଜ୍ୟ ସରକାରମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ସଂଘୀୟ ବ୍ୟବସ୍ଥା ଢାଞ୍ଚାରେ ଏହି ପ୍ରକ୍ରିୟାରେ ସାମିଲ କରି ବାଣିଜ୍ୟ ବ୍ୟବସାୟର ପରିବେଶକୁ ଅନୁକୂଳ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ୨୦୧୫ରେ ଶିଳ୍ପନୀତି ଓ ପ୍ରୋତ୍ସାହନ ବିଭାଗ (ଡିଆଇପିପି) ବ୍ୟବସାୟ ସଂସ୍କାର କାର୍ଯ୍ୟକ୍ରମ କ୍ଷେତ୍ରରେ ଐତିହାସିକ ପ୍ରୟାସ ଆରମ୍ଭ କରିଥିଲା। ବିଭାଗ ପକ୍ଷରୁ ବ୍ୟବସାୟ ସଂସ୍କାର କ୍ଷେତ୍ରରେ ରାଜ୍ୟ ସରକାରମାନେ ଗ୍ରହଣ କରୁଥିବା ପଦକ୍ଷେପର ନିୟମିତ ଆକଳନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏଥିରେ ରାଜ୍ୟମାନଙ୍କର ପ୍ରଦର୍ଶନ ଓ ସ୍ଥାନର ତାଲିକା ପ୍ରସ୍ତୁତ ହେଲା। ଏହା ଫଳରେ ଭଲ ପ୍ରଦର୍ଶନକାରୀ ରାଜ୍ୟମାନେ ପ୍ରଶଂସିତ ହେବାବେଳେ ଖରାପ ପ୍ରଦର୍ଶନକାରୀ ରାଜ୍ୟମାନେ ନିଜର ବିଫଳତା ପାଇଁ ନିନ୍ଦିତ ହେଲେ। ଫଳରେ ଏ କ୍ଷେତ୍ରରେ ପ୍ରଦେଶ-ପ୍ରଦେଶ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଶ୍ୱ ବ୍ୟାଙ୍କର ର୍ୟାଙ୍କିଂ ଢାଞ୍ଚାକୁ ଅନୁସରଣ ନ କରି ଡିଆଇପିପି ଏ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଆକଳନ ଢାଞ୍ଚା ପ୍ରସ୍ତୁତ କରିଛି। ଏଥିରେ ବେପାର ବଣିଜ କରିବାର ସୁବିଧାସୁଯୋଗ ଜାତୀୟ ସ୍ତରରେ ଓ ପ୍ରାଦେଶିକ ସ୍ତରରେ ଭିନ୍ନଭିନ୍ନ ଭାବେ ଆକଳନ କରାଯାଇ ର୍ୟାଙ୍କ ନିର୍ଣ୍ଣିତ ହେଉଛି। ୨୦୧୫ରେ ହୋଇଥିବା ଏହି ଆକଳନରେ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୯୮ଟି ମାନକ ଅନୁସୃତ ହୋଇଥିଲା। ପରେ ଏହି ମାନକକୁ ୩୪୦ଟି ସଂସ୍କାର ମାନକ ସହ ଯୋଡ଼ାଯାଇ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ଥିତି ଆକଳନ କରାଯାଇଥିଲା। ଡିଆଇପିପିର ଆକଳନରେ ରାଜ୍ୟଗୁଡ଼ିକର ବାସ୍ତବସ୍ଥିତି ଏବଂ ଶିଳ୍ପ ବାଣିଜ୍ୟ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ସବିଶେଷ ତଥ୍ୟ ପ୍ରମାଣ ଭିତ୍ତିରେ ସଂଗ୍ରହ କରିବାର ବ୍ୟବସ୍ଥା ଅଛି। ଏହା ବିଶ୍ୱବ୍ୟାଙ୍କର ଉପର ଠାଉରିଆ ଆକଳନଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା।

ଡିଆଇପିପିର ଦ୍ୱିତୀୟ ପର୍ଯ୍ୟାୟ ଆକଳନରେ ୩୪୦ ବ୍ୟବସାୟ ସଂସ୍କାର କ୍ଷେତ୍ରରେ ୧୦ଟି ପ୍ରମୁଖ ମାନକକୁ ଅଗ୍ରାଧିକାର ଦିଆଯାଇଛି। ସେଗୁଡ଼ିକ ହେଲା ୧) ସୂଚନା ଓ ସ୍ୱଚ୍ଛତା, ୨) ଏକକ ବାତାୟନ (ସିଙ୍ଗଲ ୱିଣ୍ଡୋ) ବ୍ୟବସ୍ଥା, ୩) ଜମି ଉପଲବ୍ଧତା, ୪) ନିର୍ମାଣ ପାଇଁ ଅନୁମତି, ୫) ପରିବେଶ ମଞ୍ଜୁରୀ ବ୍ୟବସ୍ଥା, ୬) ଶ୍ରମ ଆଇନ, ୭) ବିଦ୍ୟୁତ୍ ସଂଯୋଗ, ୮) ଟିକସ ରିଟର୍ଣ୍ଣ ଫାଇଲ୍ ବ୍ୟବସ୍ଥା, ୯) ତଦାରଖ ବା ପରିଦର୍ଶନ ନିୟମରେ ପରିବର୍ତ୍ତନ ଏବଂ ୧୦) ବିବାଦ ସମାଧାନ ବ୍ୟବସ୍ଥା। ଏହି ୧୦ଟି କ୍ଷେତ୍ରରେ ସରକାର କି ପ୍ରକାର ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି ତାହାର ମୂଲ୍ୟାୟନ କରାଯାଇ ର୍ୟାଙ୍କ ନିର୍ଦ୍ଧାରଣର ବ୍ୟବସ୍ଥା ରହିଛି। ଏହି ୧୦ଟି କ୍ଷେତ୍ରରେ ଉଦ୍ୟୋଗୀମାନେ କି ପ୍ରକାର ଅସୁବିଧା ବା ସୁବିଧା ଦେଖୁଛନ୍ତି ତାହାକୁ ମଧ୍ୟ ପଞ୍ଜୀକୃତ କରିବାର ବ୍ୟବସ୍ଥା ଅଛି। ସମୀକ୍ଷାରୁ ଜଣାପଡ଼ିଛି ଯେ ଅଧିକାଂଶ କ୍ଷେତ୍ରରେ ପରିବେଶ ମଞ୍ଜୁରୀ ହାସଲ କରିବା ସବୁଠୁ ଜଟିଳ ପ୍ରକ୍ରିୟା ପ୍ରମାଣିତ ହୋଇଛି। ସୁବିଧାରେ ବେପାର ବଣିଜ କରିବା କ୍ଷେତ୍ରରେ ଏବେ ମଧ୍ୟ ୪୪ଟି କେନ୍ଦ୍ରୀୟ ଓ ୧୦୦ ପ୍ରାଦେଶିକ ଆଇନ ପ୍ରତିବନ୍ଧକ ସାଜିଥିବା ଆକଳନରୁ ଜଣାପଡ଼ିଛି। ମୋଟ ୪୭% ଉଦ୍ୟୋଗୀ ମଧ୍ୟମରୁ ଗୁରୁତର ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଆକଳନରୁ ପ୍ରକାଶ।

ଏହି ଦ୍ୱିତୀୟ ପର୍ଯ୍ୟାୟ ଆକଳନର ଫଳାଫଳ ୨୦୧୬ ଅକ୍ଟୋବର ୩୧ରେ ଘୋଷଣା କରାଯାଇଥିଲା। ଏହା ଡିଆଇପିପି ପୋର୍ଟାଲରେ ସ୍ଥାନିତ। ଏହି ଲେଖାରେ ଏହି ଆକଳନ ରିପୋର୍ଟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି।

ଡିଆଇପିପିର ସର୍ଭେ ପରେ ରାଜ୍ୟଗୁଡ଼ିକର ବାଣିଜ୍ୟ ବ୍ୟବସାୟ ସୁବିଧା ସମ୍ପର୍କରେ ଯେଉଁ ତଥ୍ୟ ମିଳିଛି ତାହା ଟେବୁଲ-୧ରେ ଦର୍ଶାଯାଇଛି। ଏହି ସର୍ଭେରେ ଏକ ସ୍ପଷ୍ଟ ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଦେଶର ୩୬ଟି ଯାକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ୫୦%ରୁ ଅଧିକ ଅଙ୍କ ରଖିଥିବା ବାଲାଙ୍କୁ ଗୋଟିଏ ଶ୍ରେଣୀରେ ଏବଂ ତା'ଠାରୁ କମ୍ ଅଙ୍କ ପାଇଥିବା ବାଲାକୁ ଆଉ ଏକ ବର୍ଗରେ ସାମିଲ କରାଯାଇଛି। ମୋଟାମୋଟି ଉଭୟ ଭାଗରେ ୧୮ଟି ରାଜ୍ୟ / କେନ୍ଦ୍ରାଞ୍ଚଳ ସ୍ଥାନିତ ହୋଇଛନ୍ତି। ମଜାଦାର ବିଷୟ ହେଲା ଏ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ୧୮ଟି ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ଯେଉଁମାନେ ୫୦%ରୁ ଅଧିକ ଅଙ୍କ ହାସଲ କରିଛନ୍ତି ସେମାନଙ୍କ ପ୍ରଦର୍ଶନ ହାରାହାରି ୯୦% ରହିଛି। ବିଫଳ ହୋଇଥିବା ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ହାରାହାରି ପ୍ରଦର୍ଶନ ମାତ୍ର ୮% ହୋଇଛି। ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, ପଞ୍ଜାବ, ଉତ୍ତରପ୍ରଦେଶ, ବିହାର ଆଦି ଏକ୍ଷେତ୍ରର ଆଗୁଆ ରାଜ୍ୟମାନେ ସେମାନଙ୍କ ମାନୁଫାକଚରିଙ୍ଗ ଦକ୍ଷତା ପାଇଁ ସ୍ୱୀକୃତ ନ ଥିଲେ ମଧ୍ୟ ଅଧିକରୁ ଅଧିକ ପୁଞ୍ଜି ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଯେଉଁସବୁ ସଂସ୍କାରବାଦୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ଉଲ୍ଲେଖନୀୟ। ଏହା ଫଳରେ ଭାରତର ଶିଳ୍ପ ମାନଚିତ୍ର ବଦଳି ଯିବ ବୋଲି ଆଶା କରାଯାଏ।

ସେହିଭଳି ପ୍ରତିଯୋଗିତା ମନୋଭାବ ନେଇ ତେଲଙ୍ଗାନା, ହରିୟାଣା, ବିହାର ଭଳି ରାଜ୍ୟ ଏ କ୍ଷେତ୍ରରେ ଏକ ପ୍ରକାର ଆଗକୁ ଲମ୍ଫ ପ୍ରଦାନ କରିଛନ୍ତି। ପ୍ରଥମ ସର୍ଭେରେ ତେଲଙ୍ଗାନା ୧୩ରେ ଥିବାବେଳେ ଦ୍ୱିତୀୟରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ସେହିଭଳି ହରିୟାଣା ୧୪ ରୁ ୬, ଉତ୍ତରାଖଣ୍ଡ ୨୩ ରୁ ୯, ପଞ୍ଜାବ ୧୬ ରୁ ୧୨, ବିହାର ୨୧ ରୁ ୧୬ ସ୍ଥାନକୁ ଉଠିଛନ୍ତି। କିଛି ରାଜ୍ୟ ଏକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ପ୍ରଥମ ସର୍ଭେରେ ଗୁଜରାଟ ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟ ସର୍ଭେରେ ତୃତୀୟ ସ୍ଥାନକୁ ଖସିଯାଇଛି। ଏ ବିଷୟରେ ଆମେ ନିମ୍ନରେ ସବିଶେଷ ଆଲୋଚନା କରିବା।

## ଟେବୁଲ -୧ : ଡିଆଇପିପି ଦ୍ୱାରା ବିଭିନ୍ନ ରାଜ୍ୟର ବ୍ୟବସାୟ ସଂସ୍କାର କାର୍ଯ୍ୟକ୍ରମ ସମ୍ପର୍କରେ ହୋଇଥିବା ଆକଳନ -ସ୍ଥିତି, ଅଙ୍କ ଓ ପରିବର୍ତ୍ତନ

| ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ | ୨ୟସର୍ଭେ ଅନୁସାରେ ସ୍ଥାନ (ର୍ୟାଙ୍କ) | ଦ୍ୱିତୀୟ ସର୍ଭେର ଅଙ୍କ | ୨ୟ ସର୍ଭେରେ ସ୍ଥାନ (ର୍ୟାଙ୍କ) | ପ୍ରଥମ ସର୍ଭେର ଅଙ୍କ | ୧ମ ଓ ୨ୟ ସର୍ଭେ ମଧ୍ୟରେ ଶତକଡ଼ା ପାର୍ଥକ୍ୟ |
|---|---|---|---|---|---|
| ଆନ୍ଧ୍ରପ୍ରଦେଶ | ୧ | ୯୮.୭୮ | ୨ | ୭୦.୧୨ | ୪୦.୯ |
| ତେଲଙ୍ଗାନା | ୨ | ୯୮.୭୮ | ୧୩ | ୪୨.୪୫ | ୧୩୨.୭ |
| ଗୁଜରାଟ | ୩ | ୯୮.୨୧ | ୧ | ୭୧.୧୪ | ୩୮.୧ |
| ଛତିଶଗଡ଼ | ୪ | ୯୭.୩୨ | ୪ | ୬୨.୪୫ | ୫୫.୮ |
| ମଧ୍ୟପ୍ରଦେଶ | ୫ | ୯୭.୦୧ | ୫ | ୬୨ | ୫୬.୫ |
| ହରିୟାନା | ୬ | ୯୬.୯୫ | ୧୪ | ୪୦.୬୬ | ୧୩୮.୪ |
| ଝାଡ଼ଖଣ୍ଡ | ୭ | ୯୬.୫୭ | ୩ | ୬୩.୦୯ | ୫୩.୧ |
| ରାଜସ୍ଥାନ | ୮ | ୯୬.୪୩ | ୬ | ୬୧.୦୪ | ୫୮.୦ |
| ଉତ୍ତରାଖଣ୍ଡ | ୯ | ୯୬.୧୩ | ୨୩ | ୧୩.୩୬ | ୬୧୯.୫ |
| ମହାରାଷ୍ଟ୍ର | ୧୦ | ୯୨.୮୬ | ୮ | ୪୯.୪୩ | ୮୭.୯ |
| ଓଡ଼ିଶା | ୧୧ | ୯୨.୭୩ | ୭ | ୫୨.୧୨ | ୭୭.୯ |
| ପଞ୍ଜାବ | ୧୨ | ୯୧.୦୭ | ୧୬ | ୩୬.୭୩ | ୧୪୭.୯ |
| କର୍ଣ୍ଣାଟକ | ୧୩ | ୮୮.୩୯ | ୯ | ୪୮.୫ | ୮୨.୨ |
| ଉତ୍ତରପ୍ରଦେଶ | ୧୪ | ୮୪.୫୨ | ୧୦ | ୪୭.୩୭ | ୭୮.୪ |
| ପଶ୍ଚିମବଙ୍ଗ | ୧୫ | ୮୪.୨୩ | ୧୧ | ୪୬.୯ | ୭୯.୬ |
| ବିହାର | ୧୬ | ୭୫.୮୨ | ୨୧ | ୧୬.୪୧ | ୩୬୨.୦ |
| ହିମାଚଳ ପ୍ରଦେଶ | ୧୭ | ୬୫.୪୮ | ୧୭ | ୨୩.୯୫ | ୧୭୩.୪ |
| ତାମିଲନାଡୁ | ୧୮ | ୬୨.୮ | ୧୨ | ୪୪.୫୮ | ୪୦.୯ |
| ଦିଲ୍ଲୀ | ୧୯ | ୪୭.୬୨ | ୧୫ | ୩୭.୩୫ | ୨୨.୫ |
| କେରଳ | ୨୦ | ୨୬.୯୭ | ୧୮ | ୨୨.୮୭ | ୧୭.୯ |
| ଗୋଆ | ୨୧ | ୧୮.୧୫ | ୧୯ | ୨୧.୭୪ | -୧୬.୫ |
| ତ୍ରିପୁରା | ୨୨ | ୧୬.୬୭ | ୨୬ | ୯.୨୯ | ୭୯.୪ |
| ଡାମନ ଓ ଡିଉ | ୨୩ | ୧୪.୫୮ | -- | -- | -- |
| ଆସାମ | ୨୪ | ୧୪.୨୯ | ୨୨ | ୧୪.୮୪ | -୩.୭ |
| ଦାଦ୍ରା ଓ ନଗର ହାବେଳି | ୨୫ | ୧.୭୯ | -- | -- | -- |
| ପୁଡୁଚେରୀ | ୨୬ | ୧.୪୯ | ୨୦ | ୧୭.୭୨ | -୯୧.୬ |
| ନାଗାଲାଣ୍ଡ | ୨୭ | ୧.୪୯ | ୩୧ | ୩.୪୧ | -୫୬.୩ |
| ମଣିପୁର | ୨୮ | ୧.୧୯ | -- | -- | -- |
| ମିଜୋରାମ | ୨୯ | ୦.୮୯ | ୨୮ | ୬.୩୭ | -୮୬.୦ |
| ସିକ୍କିମ୍ | ୩୦ | ୦.୬ | ୨୭ | ୭.୨୩ | -୯୧.୭ |
| ଅରୁଣାଚଳପ୍ରଦେଶ | ୩୧ | ୦.୩ | ୩୨ | ୧.୨୩ | -୭୫.୬ |
| ଜାମ୍ମୁ - କାଶ୍ମୀର | ୩୨ | ୦.୩ | ୨୯ | ୫.୯୩ | -୯୪.୯ |
| ଚଣ୍ଡିଗଡ଼ | ୩୩ | ୦.୩ | ୨୪ | ୧୦.୦୪ | -୯୪.୯ |
| ମେଘାଳୟ | ୩୪ | ୦.୩ | ୩୦ | ୪.୩୮ | -୯୭.୦ |
| ଆଣ୍ଡାମାନ-ନିକୋବର | ୩୫ | ୦.୩ | ୨୫ | ୯.୭୩ | -୯୩.୨ |
| ଲାକ୍ଷାଦ୍ୱୀପ | ୩୬ | ୦.୩ | -- | -- | -୯୬.୯ |
| ଜାତୀୟ ହାର | -- | ୪୮.୯ -- | ୪୮.୯ | -- | |


ତଥ୍ୟ ଉତ୍ସ : **http://eodb.dipp.gov.in**

## ସଂସ୍କାର ଚାଲୁରହିବା ଆବଶ୍ୟକ

ସୁବିଧାରେ ବେପାର କରିବା ପାଇଁ ରାଜ୍ୟମାନେ ଯେଉଁସବୁ ସଂସ୍କାରବାଦୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି ଗତ ଏକ ବର୍ଷ ମଧ୍ୟରେ ସେଥିରେ ଉଲ୍ଲେଖନୀୟ ପ୍ରଗତି ପରିଲକ୍ଷିତ ହୋଇଛି । (ଟେବୁଲ-୧ ଦ୍ରଷ୍ଟବ୍ୟ) । ଏବେ ଜାତୀୟ କାର୍ଯ୍ୟକାରିତା ହାରାହାରି ୪୮.୯%ରେ ପହଞ୍ଚିଛି । ୨୦୧୬ର ପ୍ରଥମ ସର୍ଭେରେ ଏହା ମାତ୍ର ୩୨% ଥିଲା । ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଦ୍ୱିତୀୟ ସର୍ଭେରେ ସର୍ବାଧିକ ୯୮.୮ ପ୍ରତିଶତ ଅଙ୍କ ହାସଲ କରିଛନ୍ତି । ପ୍ରଥମ ସର୍ଭେରେ ୭୧ ଶତାଂଶ ଅଙ୍କ ପାଇଥିବା ଗୁଜରାଟଠାରୁ ଏହି ଦୁଇ ରାଜ୍ୟ ବହୁ ଉପରକୁ ଉଠିଛନ୍ତି । ଏଥିରୁ ପ୍ରମାଣିତ ହୁଏ ଯେ ଏ କ୍ଷେତ୍ରରେ ଡିଆଇପିପି ରାଜ୍ୟଗୁଡ଼ିକ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତାର ବାତାବରଣ ସୃଷ୍ଟି କରିବାରେ ସଫଳ ହୋଇଛି । ଏବେ ୧୬ଟି ରାଜ୍ୟ ଏ କ୍ଷେତ୍ରରେ ୭୫% ରୁ ଅଧିକ ଅଙ୍କ ହାସଲ କରିବାରେ ସମର୍ଥ ହୋଇଛନ୍ତି । ଏହାଫଳରେ ଭାରତ ଆନ୍ତର୍ଜାତିକ ତାଲିକାରେ ୧୬ଟି ପାହାଚ ଉପରକୁ ଉଠି ୧୩୮ଟି ଦେଶ ମଧ୍ୟରେ ୩୯ରେ ପହଞ୍ଚିଛି । ତେଣୁ ଉଲ୍ଲେଖନୀୟ ହେଲା ଏହି ଧାରା ବଳବତ୍ତର ରହିଲେ ଦେଶର ମାନ୍ୟତା ବଢ଼ିବ ଓ ରାଜ୍ୟଗୁଡ଼ିକ ଉପରକୁ ଉଠିବେ ।

## ଭଲ ପ୍ରଦର୍ଶନକାରୀ ରାଜ୍ୟ


ବ୍ୟବସାୟ ବାଣିଜ୍ୟ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ୧୮ଟି ରାଜ୍ୟର ପ୍ରଦର୍ଶନ ଅତି ଉତ୍ତମ ହୋଇଛି । ଏ କ୍ଷେତ୍ରରେ ଧାର୍ଯ୍ୟ ୧୦ଟି ସୂଚକାଙ୍କ ମଧ୍ୟରୁ ଅଧିକାଂଶରେ ସେମାନେ ଭଲ କରିଛନ୍ତି । ଆଠଟିରେ ସେମାନେ ହାରାହାରି ୭୫%ରୁ ଅଧିକ ଅଙ୍କ ହାସଲ କରିଥିବା ବେଳେ ୬ଟି କ୍ଷେତ୍ରରେ ୮୯% ରୁ ଅଧିକ ଅଙ୍କ ପାଇଛନ୍ତି । ଏହା ସତ୍ତ୍ୱେ ବିବାଦ ସମାଧାନ ଓ ଭୂମି ଯୋଗାଣ ପ୍ରସଙ୍ଗ ଉପରେ ଆହୁରି ଅଧିକ କିଛି କରିବାର ରହିଛି । ଏସବୁ ରାଜ୍ୟ ଏହି ସଂସ୍କାର କ୍ଷେତ୍ରରେ ଅଧିକ ଗୁରୁତ୍ୱ ପ୍ରଦାନ କଲେ ଆହୁରି ଭଲ ପ୍ରଦର୍ଶନ କରିପାରିବେ । ବିଶ୍ୱର ୨୦ଟି ଶ୍ରେଷ୍ଠ ରାଷ୍ଟ୍ର ମଧ୍ୟରେ ଭାରତ ୨-୩ ବର୍ଷରେ କିପରି ସ୍ଥାନିତ ହୋଇପାରିବ ସେଥିପାଇଁ ଡିଆଇପିପି ନୂଆନୂଆ କାର୍ଯ୍ୟସୂଚୀ ଓ ସଂସ୍କାର ବିଷୟରେ ବ୍ୟବସ୍ଥା ଗ୍ରହଣ କରିବା ଉଚିତ ।




## ତଳେ ଥିବା ରାଜ୍ୟଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଲୋଡ଼ା

ଶତକଡ଼ା ୫୦ ରୁ କମ୍ ଅଙ୍କ ହାସଲ କରିଥିବା ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଦର୍ଶନ ନୈରାଶ୍ୟଜନକ ଥିବା ତଥ୍ୟାବଳୀରୁ ଜଣାପଡୁଛି । ଏସବୁ ପ୍ରଦେଶ ନ'ଟି ସୂଚକାଙ୍କରେ ୧୬ ଶତାଂଶ ଅଙ୍କ ମଧ୍ୟ ହାସଲ କରିବାରେ ବିଫଳ ହୋଇଛନ୍ତି । ଏମାନେ ହେଲେ ଲାକ୍ଷାଦ୍ୱୀପ, ଆଣ୍ଡାମାନ ନିକୋବର, ମେଘାଳୟ, ଚଣ୍ଡୀଗଡ଼, ଜାମ୍ମୁକାଶ୍ମୀର, ଅରୁଣାଚଳ ପ୍ରଦେଶ, ସିକ୍କିମ, ମିଜୋରାମ, ମଣିପୁର ଓ ନାଗାଲାଣ୍ଡ ଆଦି । ଏସବୁ ପ୍ରଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ୟା ଭିନ୍ନ ଓ ଦକ୍ଷତା ସୀମିତ । ତେଣୁ ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି । ସେମାନଙ୍କୁ

ତଥ୍ୟ ଉତ୍ସ : **http://eodb.dipp.gov.in**



ସଂସ୍କାର କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ସହାୟତା ଯୋଗାଇଦେବା ଆବଶ୍ୟକ। ସମସ୍ତଙ୍କ ପାଇଁ ଏକା ନୀତି ଏମାନଙ୍କ ପାଇଁ ଗ୍ରହଣୀୟ ନୁହେଁ। ବାଣିଜ୍ୟ ବ୍ୟବସାୟକୁ ଆଗେଇ ନେବା ପାଇଁ ଅଧିକ ସଂସ୍କାରବାଦୀ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଏକାନ୍ତ ଜରୁରୀ। ନମ୍ବର ରଖିଥିବାବେଳେ ବାସ୍ତବରେ ଏହି ବ୍ୟବସ୍ଥାଟି ଅଚଳ ରହିଥିବା ଜଣାପଡ଼ିଛି। ଅଧିକାଂଶ ସଂସ୍କାର କାଗଜପତ୍ର ମଧ୍ୟରେ ସୀମିତ ରହୁଛି ଏବଂ ଏହା

**ଟେବୁଲ-୨: ବିଭିନ୍ନ କ୍ଷେତ୍ରରେ ରାଜ୍ୟଗୁଡ଼ିକର ପ୍ରଦର୍ଶନ (ପ୍ରମୁଖ ମାନକରେ)**

| ପାଇଥିବା ଚତୁର୍ଥକ ଅଙ୍କ | ସୂଚନା ଓ ସ୍ୱଚ୍ଛତା ବ୍ୟବସ୍ଥା | ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା | ଜମିର ଉପଲବ୍ଧତା | ନିର୍ମାଣ ଅନୁମତି ପଞ୍ଜୀକରଣ ସୁବିଧା | ପରିବେଶ ପଞ୍ଜୀକରଣ | ଶ୍ରମିକ ନିୟନ୍ତ୍ରଣ ବ୍ୟବସ୍ଥା | ବିଜୁଳି ସଂଯୋଗ ବ୍ୟବସ୍ଥା | ଅନ୍ ଲାଇନ୍ ଟିକସ ବ୍ୟବସ୍ଥା | ପରିଦର୍ଶନ ବ୍ୟବସ୍ଥା | ବ୍ୟାବସାୟିକ ବିବାଦ ସମାଧାନ ବ୍ୟବସ୍ଥା |
|---|---|---|---|---|---|---|---|---|---|---|
| ୦.୨୫% | ୧୫ | ୧୯ | ୧୫ | ୧୭ | ୧୩ | ୧୪ | ୧୬ | ୧୪ | ୧୮ | ୦ |
| ୨୫-୫୦% | ୫ | ୩ | ୫ | ୩ | ୨ | ୨ | ୨ | ୨ | ୦ | ୨୨ |
| ୫୦-୭୫% | ୧ | ୨ | ୭ | ୪ | ୨ | ୨ | ୨ | ୨ | ୧ | ୬ |
| ୭୫-୧୦୦% | ୧୫ | ୧୨ | ୯ | ୧୨ | ୧୯ | ୧୮ | ୧୬ | ୧୮ | ୧୭ | ୮ |

ତେଣୁ ପ୍ରଦେଶ / କେନ୍ଦ୍ରଶାସିତ ଅଞ୍ଚଳର ଭୌଗୋଳିକ ବାସ୍ତବତା ଭାଗରେ ବିଭକ୍ତ କରି ସମସ୍ୟା କ୍ଳିଷ୍ଟ ପ୍ରଦେଶଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଓ କାର୍ଯ୍ୟକ୍ରମ ହାତକୁ ନିଆଯିବା ଯୁକ୍ତିଯୁକ୍ତ।

**ପଛରେ ପଡ଼ିଛି ଦିଲ୍ଲୀ**

ଡିଆଇପିପି-୨ର ସର୍ଭେ ଫଳାଫଳରେ

**ଶିଳ୍ପଜଗତର ଧାରଣା ଗୁରୁତ୍ୱପୂର୍ଣ୍ଣ**

ସଂସ୍କାର କ୍ଷେତ୍ରରେ ଶିଳ୍ପଜଗତର ଧାରଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସବୁ ଠିକ୍ଠାକ୍ ଅନୁକୂଳ ଅଛି ଓ ସଂସ୍କାର ସେମାନଙ୍କ ଆଶା ଅନୁରୂପ ହୋଇଛି ବୋଲି ସେମାନଙ୍କର ହୃଦ୍‌ବୋଧ ହେଲେ ପୁଞ୍ଜିନିବେଶ ବଢ଼ିବ। ତେଣୁ କର୍ତ୍ତୃପକ୍ଷ ଘରୋଇ ନିବେଶକ ଓ ଉଦ୍ୟୋଗୀଙ୍କ ଆଶା ଅନୁରୂପ ହୋଇପାରୁନାହିଁ। ଅତଏବ ବାସ୍ତବତା ପରଖିବା ପାଇଁ ଶିଳ୍ପ ଉଦ୍ୟୋଗ ଜଗତ, ନିବେଶକଙ୍କ ମତାମତ ଗ୍ରହଣ କରାଯିବା ଆବଶ୍ୟକ।

**ସୁଯୋଗ ଅସୀମ**

ସର୍ଭେର ଫଳାଫଳ ସୂଚାଏ ଯେ ବାଣିଜ୍ୟ

**ଟେବୁଲ - ୩ : ବିଭିନ୍ନ ମାନକରେ ଉପରକୁ ଉଠିଥିବା ଉତ୍ତମ ପ୍ରଦର୍ଶନକାରୀ ରାଜ୍ୟଙ୍କ ତାଲିକା**

| କ୍ରମିକ ସଂଖ୍ୟା | ମାନକ | ତିନିଟି ପାହାଚ ଉପରକୁ ଉଠିଥିବା ରାଜ୍ୟ (ପ୍ରାପ୍ତ ଅଙ୍କ ୯୦-୧୦୦%) |
|---|---|---|
| ୧ | ସୂଚନା ଓ ସ୍ୱଚ୍ଛତା ସୁବିଧା ପ୍ରଦାନ | ଉତ୍ତରାଖଣ୍ଡ, ରାଜସ୍ଥାନ, ପଶ୍ଚିମବଙ୍ଗ |
| ୨ | ସିଙ୍ଗଲ ଉଇଣ୍ଡୋ ସୁବିଧା | ହରିୟାନା, ଉତ୍ତରାଖଣ୍ଡ, ପଞ୍ଜାବ |
| ୩ | ଜମି ଉପଲବ୍ଧତା ସୁବିଧା | ଗୁଜରାଟ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା |
| ୪ | ନିର୍ମାଣ ପରମିଟ୍ ସୁବିଧା | ହରିୟାଣା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା |
| ୫ | ପରିଦର୍ଶନ ସଂସ୍କାର ସୁବିଧା | ଉତ୍ତରାଖଣ୍ଡ, ରାଜସ୍ଥାନ, ଝାଡ଼ଖଣ୍ଡ |
| ୬ | ପରିବେଶ ପଞ୍ଜୀକରଣ ସୁବିଧା | ପଞ୍ଜାବ, ହାରିୟାନା, ହିମାଚଳପ୍ରଦେଶ |
| ୭ | ଶ୍ରମିକ ନିୟନ୍ତ୍ରଣ ଆଇନ ବ୍ୟବସ୍ଥା | ହରିୟାନା, ଉତ୍ତରାଖଣ୍ଡ, ପଞ୍ଜାବ |
| ୮ | ବିଜୁଳି ସଂଯୋଗ ସୁବିଧା | ଉତ୍ତରାଖଣ୍ଡ, ରାଜସ୍ଥାନ, ଝାଡ଼ଖଣ୍ଡ |
| ୯ | ଅନ୍ ଲାଇନ୍ ଟିକସ ସୁବିଧା | ରାଜସ୍ଥାନ, ଉତ୍ତରାଖଣ୍ଡ, ହରିୟାନା |
| ୧୦ | ବ୍ୟାବସାୟିକ ବିବାଦ ସମାଧାନ ସୁବିଧା | ତେଲଙ୍ଗାନା |

ତଥ୍ୟ : **http://eodb.dipp.gov.in**

ଦେଶର ରାଜଧାନୀ ଦିଲ୍ଲୀ ପଛରେ ପଡ଼ିଛି। ଦିଲ୍ଲୀ ମାତ୍ର ୪୮% ଅଙ୍କ ପାଇ ତାଲିକାର ୧୯ରେ ରହିଛି। ଏହା ଏକ ପ୍ରମୁଖ ମାନୁଫାକଚରିଙ୍ଗ ପ୍ରଦେଶ ହେବାର ଦକ୍ଷତା ରଖିଥିଲେ ହେଁ ତାହା ହୋଇପାରୁନାହିଁ। ଅପରପକ୍ଷରେ ମୁମ୍ବାଇ, ଦିଲ୍ଲୀ ଭଳି ସହରର ର୍‌ୟାଙ୍କ ଦେଶର ଆନ୍ତର୍ଜାତିକ ର୍‌ୟାଙ୍କ ନିର୍ଦ୍ଧାରିତ କରୁଥିବାରୁ ଏସବୁ ମହାନଗରୀର ଉଦ୍ୟୋଗ ଓ ଶିଳ୍ପ ବଣିକ ସଂଘର ପ୍ରତିନିଧିଙ୍କଠାରୁ ଏ ନେଇ ନିୟମିତ ମତାମତ ସଂଗ୍ରହ କରି ତ୍ରୁଟି ବିଚ୍ୟୁତିକୁ ସୁଧାରିବା ଆବଶ୍ୟକ। ସରକାର ଏ କ୍ଷେତ୍ରରେ ଯେଉଁ ସର୍ଭେ କରୁଛନ୍ତି ସେଥିରେ ଶିଳ୍ପ ବଣିକ ସଂଘ ଓ ଘରୋଇ କ୍ଷେତ୍ରର ମତାମତ ପ୍ରାୟତଃ ଗୌଣ ରହୁଛି। ଅନେକ ରାଜ୍ୟ ସିଙ୍ଗଲ ୱିଣ୍ଡୋ ସଂସ୍କାର ବ୍ୟବସ୍ଥା କ୍ଷେତ୍ରରେ ୯୦% ରୁ ଅଧିକ ବ୍ୟବସାୟ ସୁବିଧାରେ କରିବା ପାଇଁ ଯେଉଁ ସବୁ ପଦକ୍ଷେପ ରାଜ୍ୟ ସମୂହ ଗ୍ରହଣ କରୁଛନ୍ତି ସେଥିମଧ୍ୟରୁ ଅନେକ ବେଶ୍ ଉତ୍ତମ ପଦକ୍ଷେପମାନ ନେଉଛନ୍ତି। ପ୍ରାୟ ୧୦ଟି ରାଜ୍ୟ ଏ କ୍ଷେତ୍ରରେ ୯୦ ରୁ ୧୦୦ ଭାଗ ଅଙ୍କ ହାସଲ କରିଛନ୍ତି। ପରିବେଶଗତ ପ୍ରତିବନ୍ଧକ ଦୂର କରିବାରେ ସଫଳ ହୋଇଥିବା ରାଜ୍ୟମାନେ


୯୦ ରୁ ୧୦୦ ଭାଗ ଅଙ୍କ ପାଇଛନ୍ତି। ଏମାନଙ୍କ ସଂଖ୍ୟା ୧୯। ସେହିଭଳି ୧୭ଟି ରାଜ୍ୟ ଶ୍ରମ ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅନ୍ ଲାଇନ୍ ଟିକସ ପ୍ରଦାନ ବ୍ୟବସ୍ଥାରେ ୧୬ଟି ରାଜ୍ୟଙ୍କ ପ୍ରଦର୍ଶନ ସନ୍ତୋଷଜନକ ରହିଛି। ସଫଳତା ଲାଭ କରିଥିବା ରାଜ୍ୟଙ୍କ ସୂତ୍ରକୁ ବିଫଳ ରାଜ୍ୟରେ ପ୍ରୟୋଗ କଲେ ଏହି ସଂସ୍କାରର ସଫଳତା ସମ୍ଭବ ହେବ। ଏଥିପାଇଁ ସୁଯୋଗ ଅସୀମ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଅଗ୍ରଣୀ ଓ ପଛୁଆ ରାଜ୍ୟଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି। ପ୍ରଦେଶ ସମୂହରେ ସଂସ୍କାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାର ଆଗେଇ ଆସିବା ଉଚିତ। ଶ୍ରମ ଆଇନ, ଟିକସ ବ୍ୟବସ୍ଥା, ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ତୃତୀୟ ପକ୍ଷ ଅନୁମୋଦନ ଭଳି ପ୍ରସଙ୍ଗରେ କେନ୍ଦ୍ରୀୟ ସମର୍ଥନ ଓ ସହଯୋଗ ନ ମିଳିଲେ ସଂସ୍କାର ପ୍ରକ୍ରିୟା ସହଜ ହେବ ନାହିଁ। ଏଥିପାଇଁ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ସମୂହର ପ୍ରତ୍ୟେକ୍ଷ ସହଯୋଗ ଲୋଡ଼ା।

ସୁବିଧାରେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ଯେଉଁ ସଂସ୍କାର ପ୍ରକ୍ରିୟା ଚାଲିଛି ସେଥିରେ ଅନେକ ରାଜ୍ୟ ଭଲ ପଦକ୍ଷେପମାନ ନେଇ ୯୦ ଭାଗରୁ ଅଧିକ ନମ୍ବର ପାଇଥିଲେ ହେଁ ନିବେଶକମାନଙ୍କ ପାଇଁ ଏଯାଏ ଉତ୍ତମ ପରିବେଶ ସୃଷ୍ଟି କରିପାରିନାହାନ୍ତି। ଯେହେତୁ ପୁଞ୍ଜି ନିବେଶ ରାଜ୍ୟରେ ହେଉଛି ସେଥିପାଇଁ ରାଜ୍ୟ ସରକାର ଅଧିକ ତତ୍ପର ହୋଇ ଏକ ପ୍ରତିଯୋଗିତାମୂଳକ ମନୋଭାବରେ କାର୍ଯ୍ୟ କରିବା ଆବଶ୍ୟକ। ନିବେଶକ ପୁଞ୍ଜି ଖଟାଇବା ପୂର୍ବରୁ ସର୍ବନିମ୍ନ ସାଧାରଣ ପରିବେଶ ବ୍ୟତୀତ ଅନ୍ୟାନ୍ୟ କେତେକ କାରଣ ଉପରେ ଗୁରୁତ୍ୱ ଦିଅନ୍ତି। ସେଗୁଡ଼ିକ ମଧ୍ୟରେ ପୁଞ୍ଜି ଲଗାଣର ମୂଲ୍ୟ, ଲାଭ, ଭିତ୍ତିଭୂମିର ବିଶ୍ୱସନୀୟତା, ବିଭିନ୍ନ ପ୍ରତିଷ୍ଠାନର ମାନ ଏବଂ ସର୍ବୋପରି ଏକ ବିଶ୍ୱାସର ବାତାବରଣ। ରାଜ୍ୟ ସରକାର ଏ କ୍ଷେତ୍ରରେ ଅଧିକ ସକ୍ରିୟ ଏବଂ ସହଯୋଗୀ ନ'ହେଲେ ନିବେଶକଙ୍କ ଭରସା ହ୍ରାସ ପାଇବ। ଅଧିକାଂଶ ରାଜ୍ୟ ସେବା ଅଧିକାର ଆଇନ ପ୍ରଣୟନ କରି ନିବେଶକମାନଙ୍କ ପାଇଁ ଉନ୍ନୟନ ଓ ଗବେଷଣା ବ୍ୟବସ୍ଥା, ସାଧାରଣ ପରୀକ୍ଷାଗାର, ବୃତ୍ତିଗତ ଓ ବୈଷୟିକ ତାଲିମ ପ୍ରତିଷ୍ଠାନ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା, ପରିଚ୍ଛନ୍ନତା ଓ ସଫେଇ କାର୍ଯ୍ୟକ୍ରମ ଆଦିର ବ୍ୟବସ୍ଥା କରିଥିଲେ ମଧ୍ୟ ତାହାର ମାନ ଘେନି ସଂଶୟ ରହିଛି। ଏହି ସଂସ୍କାର କ୍ଷେତ୍ରରେ ଜଞ୍ଜାଳମୁକ୍ତ, ଦୁର୍ନୀତିମୁକ୍ତ ବ୍ୟବସ୍ଥା ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ଆବେଦନକାରୀଙ୍କ ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଗୁରୁତ୍ୱ ଅଧିକ। ଅନେକ ରାଜ୍ୟ ଏ ବିଷୟରେ ପଦକ୍ଷେପମାନ ନେଇଥିଲେ ମଧ୍ୟ ତାହା ସନ୍ତୋଷଜନକ ହୋଇପାରିନାହିଁ। ତେଣୁ ଏହା ଉପରେ ଅଧିକ ଗୁରୁତ୍ୱ ଦେଇ ପ୍ରତିଯୋଗିତା ମନୋଭାବ ନେଇ କାମ କରିବାକୁ ହେବ।

ଏହି ସଂସ୍କାର କାର୍ଯ୍ୟକ୍ରମରେ କେତେଗୁଡ଼ିଏ ବିଷୟ ରହୁଛି ଯାହା ସମ୍ବିଧାନର ଯୁଗ୍ମ ତାଲିକାର ବିଷୟବସ୍ତୁ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ମିଳିତ କର୍ତ୍ତୃତ୍ୱ ରହିଥିଲେ ହେଁ କେନ୍ଦ୍ରୀୟ ଆଧିପତ୍ୟ ବଳବତ୍ତର ରହୁଛି। ସେଥିମଧ୍ୟରୁ ଶ୍ରମ ଗୋଟିଏ। ଶ୍ରମ ଆଇନ ଭଳି ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଛି ଯାହା ଆଇନଦୃଷ୍ଟିରୁ ଅତି ରକ୍ଷଣଶୀଳ ଓ କଠୋର। ଏହାର ପରିବର୍ତ୍ତନ ବିନା ନିବେଶକ ପୁଞ୍ଜି ଖଟାଇବାକୁ ଅନାଗ୍ରହୀ। ତେଣୁ ଏ କ୍ଷେତ୍ରରେ ଯୁଗ୍ମ ତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଆବଶ୍ୟକ ସଂଶୋଧନ ଓ ସଂସ୍କାର ପାଇଁ କେନ୍ଦ୍ର ରାଜ୍ୟଙ୍କୁ କ୍ଷମତାପ୍ରାପ୍ତ କରିବା ଆବଶ୍ୟକ। ଏହା ହେଲେ କେନ୍ଦ୍ରୀୟ ଦାୟିତ୍ୱ ହ୍ରାସ ପାଇବ ଏବଂ ରାଜ୍ୟମାନେ ନିଜକୁ ସୁହାଇବା ଭଳି ଆଇନ କରି ସଂସ୍କାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ। ସୁଖର କଥା କେନ୍ଦ୍ର ସରକାର ଏ ଦିଗରେ ଅନୁକୂଳ ମତାମତ ପ୍ରକାଶ କରିଛନ୍ତି। ଆଇନ ମନ୍ତ୍ରଣାଳୟ ମଧ୍ୟ ଏଥି ପାଇଁ ରାଜ୍ୟମାନଙ୍କୁ କିଛି କ୍ଷମତା ପ୍ରଦାନ କରିଛି। ଇତିମଧ୍ୟରେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଆଉ କେତେକ ରାଜ୍ୟ ଶିଳ୍ପ ବିବାଦ ଆଇନ, ଠିକା ଶ୍ରମିକ ଆଇନ ଓ ଫ୍ୟାକ୍ଟ୍ରି ଆଇନର ସଂଶୋଧନ ନିଜର ଆବଶ୍ୟକତା ମୁତାବକ କରିଛନ୍ତି। ଯୁଗ୍ମ ତାଲିକାରେ ୪୭ଟି ବିଷୟ ରହିଛି ଏବଂ ଏହା ସମ୍ବିଧାନର ସପ୍ତମ ଅନୁଚ୍ଛେଦର ଅଂଶ ବିଶେଷ। ସେଥିମଧ୍ୟରୁ ଶ୍ରମିକ ସଂଗଠନ, ଶିଳ୍ପ, ଓ ଶ୍ରମ ବିବାଦ, ଜଙ୍ଗଲ, କାରଖାନା, ବଏଲର, ବିଦ୍ୟୁତ୍ ଆଦି ପ୍ରସଙ୍ଗ ଅନ୍ୟତମ। ସୁବିଧାରେ ବେପାର ବଣିଜ କରିବା କ୍ଷେତ୍ରରେ ପୁରୁଣାକାଳିଆ କଠୋର ଆଇନ ଯୋଗୁଁ ରାଜ୍ୟଗୁଡ଼ିକ ପ୍ରତିବନ୍ଧକର ସମ୍ମୁଖୀନ। ତେଣୁ ଏସବୁ ବିଷୟରେ ଆଇନର ସଂଶୋଧନ, ନୂଆ ଆଇନ ପ୍ରଣୟନ ଓ ସଂସ୍କାର ପାଇଁ ରାଜ୍ୟମାନଙ୍କୁ କେନ୍ଦ୍ର କ୍ଷମତାପ୍ରାପ୍ତ କରିବା ଜରୁରୀ। ଏହା ହେଲେ ରାଜ୍ୟମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଏ କ୍ଷେତ୍ରରେ ସଂସ୍କାରକୁ କାର୍ଯ୍ୟକାରୀ କରିବେ ଏବଂ

ତଥ୍ୟ ଉତ୍ସ : **http://eodb.dipp.gov.in**



ସହଜରେ ବେପାର କରିବା ପାଇଁ ଏକ ଉପଯୁକ୍ତ ବାତାବରଣ ସୃଷ୍ଟି କରାଯାଇପାରିବ।

ଭାରତରେ ପୁଞ୍ଜି ନିବେଶ ଓ ଶିଳ୍ପ ବାଣିଜ୍ୟ କରିବାର ପରିବେଶ ସେତେ ଉତ୍ତମ ନୁହେଁ ବୋଲି ବିଶ୍ୱବ୍ୟାଙ୍କ ରିପୋର୍ଟ ସୂଚାଉଥିବା ବେଳେ ଭାରତ ସରକାର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ହାତକୁ ନେଇ ଏ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରୁଛନ୍ତି। ଏ କ୍ଷେତ୍ରରେ କେବଳ ସଂସ୍କାରବାଦୀ କାର୍ଯ୍ୟକ୍ରମ ସରକାର ହାତକୁ ନେଇନାହାନ୍ତି, ବରଂ ଏଥିରେ ପ୍ରଦେଶ ସମୂହଙ୍କୁ ସାମିଲ କରି ସେମାନଙ୍କ ମଧ୍ୟରେ ସହଯୋଗ ଭିତ୍ତିକ ସଂଘୀୟ ଚେତନାରେ ଏକ ସୁସ୍ଥ ପ୍ରତିଯୋଗିତାର ବାତାବରଣ ସୃଷ୍ଟି କରିପାରିଛନ୍ତି। ଭାରତରେ ବେପାର କରିବାର ପରିବେଶ ଗତବର୍ଷ ମାତ୍ର ୩୨ ଶତାଂଶ ଥିବାବେଳେ ଏବର୍ଷ ଏହି ଅଙ୍କ ୪୮.୯ ଶତାଂଶକୁ ବୃଦ୍ଧି ପାଇଛି। ଡିଆଇପିପି ପକ୍ଷରୁ ଏଥି ପାଇଁ ରାଜ୍ୟଗୁଡ଼ିକର ଯେଉଁ ଆକଳନ କରାଯାଉଛି ସେଥିରୁ ଭଲ ଓ ଖରାପ ପ୍ରଦର୍ଶନ କରୁଥିବା ରାଜ୍ୟମାନଙ୍କର ବାସ୍ତବସ୍ଥିତି ଓ ସମସ୍ୟା ଧରାପଡୁଛି। ତାହାକୁ ବିଚାରକୁ ନେଇ ପଛରେ ପଡ଼ିଥିବା ରାଜ୍ୟଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ ବିଚାର କରାଯାଉଛି। ଆଗୁଆ ରାଜ୍ୟଗୁଡ଼ିକର ଧାରାକୁ ଅବ୍ୟାହତ ରଖିବା ପାଇଁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଆଗୁଆ ରାଜ୍ୟଗୁଡ଼ିକର ସଫଳତାର ସୂତ୍ରକୁ ପଛୁଆ ରାଜ୍ୟରେ ପ୍ରୟୋଗ କରିବାକୁ ଉଦ୍ୟମ ହେଉଛି। ଏକ୍ଷେତ୍ରରେ ପଛରେ ପଡ଼ିଥିବା ଦିଲ୍ଲୀକୁ ମୁଖ୍ୟ ଧାରାରେ ସାମିଲ କରି ଅଗ୍ରଣୀ ତାଲିକାଭୁକ୍ତ କରାଯିବା ଆବଶ୍ୟକ। କାରଣ ଦିଲ୍ଲୀ ଓ ମୁମ୍ବାଇର ସଫଳତା ଉପରେ ଆନ୍ତର୍ଜାତିକ ସ୍ତରରେ ଭାରତର ପ୍ରଦର୍ଶନ ନିର୍ଭର କରୁଛି।

ତେବେ ସେ ଯା' ହେଉ ଭାରତରେ ବ୍ୟବସାୟ କରିବା ପାଇଁ ଏକ ଅନୁକୂଳ ବାତାବରଣ ଆରମ୍ଭ ହୋଇଛି ବୋଲି ଉଦ୍ୟୋଗଜଗତ ମତ ଦେଲାଣି। ଏହା ଏକ ଶୁଭ ସୂଚନା। ଏ କ୍ଷେତ୍ରରେ ଆହୁରି ବେଶ୍ କିଛି ସମସ୍ୟା ରହିଥିଲେ ହେଁ ଗତି ଠିକଣା ବାଟରେ ବୋଲି ସେମାନଙ୍କର ପ୍ରତ୍ୟୟ ହୋଇଛି। ତେଣୁ ଡିଆଇପିପି ଏ କ୍ଷେତ୍ରରେ କାଳବିଳମ୍ବ ନ'କରି ସଂସ୍କାର ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ଉପରେ ଅଧିକରୁ ଅଧିକ ଚାପ ପକାଇ ଏ କ୍ଷେତ୍ରରେ ସଂସ୍କାରବାଦୀ ବ୍ୟବସ୍ଥାଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ହେବ। ଏଥିପାଇଁ ସମୟସୀମା ଧାର୍ଯ୍ୟ କରିବା ସହ ସଂସ୍କାରର ପରିସରକୁ ବ୍ୟାପକ କରିବାକୁ ପଡ଼ିବ। ଏପରିକି ଯୁଗ୍ମ ତାଲିକାଭୁକ୍ତ ବିଷୟରେ ଆବଶ୍ୟକ ସଂସ୍କାର ଆଣିବାକୁ ରାଜ୍ୟଗୁଡ଼ିକ ଉପରେ ଚାପ ପକାଇବାକୁ ହେବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକୁ ମଧ୍ୟ ଏଥିପାଇଁ ଡିଆଇପିପିକୁ ମଧ୍ୟ ତତ୍ପର କରିବାକୁ ପଡ଼ିବ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ଭାରତରେ ସୁବିଧାରେ ବେପାର କରିବା କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟସରକାର ଯେଉଁସବୁ ପ୍ରୟାସ କରିଛନ୍ତି ସେଥିପାଇଁ ସେମାନେ ପ୍ରଶଂସାର ଯୋଗ୍ୟ। ଏହି ଉଦ୍ୟମ ମଧ୍ୟରୁ କେତେକ ଫଳବତୀ ହେବାକୁ ବସିଲାଣି। ଏହି ପ୍ରକ୍ରିୟାକୁ ଅବ୍ୟାହତ ରଖିବା ପାଇଁ ନିରନ୍ତର ନିରୀକ୍ଷଣ ଓ ସହାୟତା ଲୋଡ଼ା। ଅନ୍ତର୍ଜାତିକ ସ୍ତରରେ ଭାରତରେ ବ୍ୟବସାୟ କରିବାର ସୁବିଧା ସୁଯୋଗ ର୍ୟାଙ୍କ ତିନିବର୍ଷ ମଧ୍ୟରେ ଯଦି ତାଲିକାର ପ୍ରଥମ ୫୦ ଭିତରେ ରହେ ତେବେ ଧରିନେବାକୁ ହେବ ଯେ ଭାରତରେ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ସଫଳ ହେବ। ତେବେ ଆମକୁ ନିଶ୍ଚିତ କରିବାକୁ ହେବ ଯେ ଏହି ସଂସ୍କାରବାଦୀ କାର୍ଯ୍ୟକ୍ରମ ଦ୍ୱାରା ଭାରତର ସାମଗ୍ରୀକ ଆର୍ଥିକ ବ୍ୟବସ୍ଥାରେ ଯେପରି ଉନ୍ନତି ଆସିପାରିବ। ତା' ନ ହେଲେ ଆମ ଲକ୍ଷ୍ୟ ସଫଳ ହୋଇପାରିବ ନାହିଁ।

ଲେଖିକା: ଆର୍ଥିକ ବ୍ୟାପାରରେ ଜଣେ ପରାମର୍ଶ ଦାତ୍ରୀ।


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

# ଡିଜିଟାଲ ଇଣ୍ଡିଆ : ସଶକ୍ତ ସମାଜ ଓ ଜ୍ଞାନ ସମୃଦ୍ଧ ଭାରତ ଗଠନ ଲକ୍ଷ୍ୟ

ଓମ୍‌କାର ରାଏ

ସହଭାଗିତାଯୁକ୍ତ, ସାମଗ୍ରିକ, ସମ୍ବେଦନଶୀଳ ତଥା ସ୍ୱଚ୍ଛ ଭାରତ ଗଠନ ଦିଗରେ ଡିଜିଟାଲ ଇଣ୍ଡିଆ ଏକ ଆଲୋକବର୍ତ୍ତିକା। ବିଶ୍ୱର ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ପରିବର୍ତ୍ତନ ଲାଗି ଏହା ଏକ ନୂତନ ଅଧ୍ୟାୟ। ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ନାଗରିକମାନଙ୍କୁ ଅଧିକ ସଶକ୍ତ କରିବା ଡିଜିଟାଲ ଇଣ୍ଡିଆର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

### ଡିଜିଟାଲ ଇଣ୍ଡିଆର ଆବଶ୍ୟକତା

ପ୍ରତ୍ୟେକ ଆରମ୍ଭରେ ଥାଏ ଏକ କାରଣ। ନୂତନ ଚିନ୍ତା ଓ ଚେତନାର ଅଙ୍କୁରୋଦ୍‌ଗମ ଲାଗି ଏହି କାରଣଟି ଆବଶ୍ୟକତା ସୃଷ୍ଟି କରେ। ବିଶ୍ୱ ପ୍ରେକ୍ଷାପଟରେ ଭାରତ ଏକ ଶକ୍ତିଶାଳୀ ଅର୍ଥନୀତିକ ରାଷ୍ଟ୍ର ଆଡ଼କୁ ଅଗ୍ରସର ହେଉଛି। ଏହି ପରିକ୍ଷେତ୍ରରେ ଦେଶ ପାଇଁ ଏହା ମଧ୍ୟ ଜରୁରୀ କି ଏହାର ନାଗରିକ ମଧ୍ୟ ଗଣତାନ୍ତ୍ରିକ ବ୍ୟବସ୍ଥା ଲାଗି ସେମାନଙ୍କ ସହଭାଗିତା ଦେଖାଇବା ଉଚିତ। ଏଭଳି ଏକ ବ୍ୟବସ୍ଥା ହେବା ଦରକାର; ଯଦ୍ୱାରା କି ସମସ୍ତ ନାଗରିକ ସହଜରେ ସମସ୍ତ ସାଧାରଣ ସୂଚନା ପାଇପାରିବେ। ସରକାରଙ୍କ ନୀତି ଉପରେ ବିତର୍କ କରିପାରିବେ। ଅର୍ଥନୈତିକ ଓ ସାମାଜିକ ବିଭିନ୍ନତା ସତ୍ତ୍ୱେ ନାଗରିକମାନେ ଦେଶର ସମୃଦ୍ଧି ଲାଗି ଏହି ନୀତିକୁ କାର୍ଯ୍ୟକାରୀ କରିବାରେ ସହଯୋଗ କରିପାରିବେ। ବର୍ତ୍ତମାନ ସ୍ଥିତିରେ ସରକାର ଆଉ ଏକ ଏକପାଖିଆ ବ୍ୟବସ୍ଥା ନୁହେଁ; ଏହା ସମସ୍ତଙ୍କୁ ନେଇ। ଏହା ସାମଗ୍ରିକ ବିକାଶ, ନୀତି ଓ ଯୋଜନା କାର୍ଯ୍ୟାନ୍ୱୟନ ତଥା ସମାଜକୁ ପୁନଃସର୍ଜନାର ଏକ ବିଶାଳ ବ୍ୟବସ୍ଥାରେ ପରିଣତ ହୋଇଛି। ଭାରତ ଭଳି ଏକ ପ୍ରଗତିଶୀଳ ରାଷ୍ଟ୍ର ଲାଗି ବଡ଼ କଥା ହେଉଛି ଏହାର ଅଧିକାଂଶ ଜନସଂଖ୍ୟା ଯୁବଗୋଷ୍ଠୀ ଶ୍ରେଣୀୟ। ତେଣୁ ଦେଶର ସାମାଜିକ ଓ ଆର୍ଥିକ ସୂଚକାଙ୍କରେ ଏକ ବଡ଼ ଲମ୍ଫପ୍ରଦାନ ଲାଗି ଏଠି ରାଷ୍ଟ୍ର-ରାଜ୍ୟର ଆମୂଳଚୂଳ ପରିବର୍ତ୍ତନ କରିବାର ସମୟ ଆସିଛି।

ବିଶ୍ୱସ୍ତରୀୟ ଉଦ୍‌ବର୍ତ୍ତନ ଯୋଗୁଁ ସମାଜ ବ୍ୟବସ୍ଥା ମଧ୍ୟ ବଦଳୁଛି। ସବୁଠୁ ବଡ଼ ପରିବର୍ତ୍ତନ ହେଉଛି ବୈଷୟିକ ଜ୍ଞାନ କୌଶଳ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ। ତେଣୁ ସୂଚନା ପ୍ରଯୁକ୍ତି ଜରିଆରେ ରାଷ୍ଟ୍ରକୁ ବିକାଶର ଶିଖରରେ ପହଞ୍ଚାଇବା ଓ ଏହାର ନାଗରିକମାନଙ୍କୁ ଆଇଟି(ସୂଚନା ପ୍ରଯୁକ୍ତି) ଜରିଆରେ ଯୋଡି ଅଧିକ ସଶକ୍ତ କରିବା ହେଉଛି ସରକାରଙ୍କ ଏବେର ପ୍ରାଥମିକତା। ଶାସନ ବ୍ୟବସ୍ଥାରେ ସମସ୍ତଙ୍କ ଭାଗିଦାରୀ ଲାଗି ସେମାନଙ୍କୁ ପ୍ରଥମେ ଏହି ବ୍ୟବସ୍ଥା ସହ ଯୋଡିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ସଂପ୍ରତି ସରକାର ଏଥିଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି। ଲୋକମାନଙ୍କୁ ଡିଜିଟାଲ ବ୍ୟବସ୍ଥାରେ ଯୋଡା ଯାଉଛି। ଏକ ସ୍ୱଚ୍ଛ ବ୍ୟବସ୍ଥା ସହ ସ୍ମାର୍ଟ ଶାସନ କାଏମ ଲାଗି ନାଗରିକମାନଙ୍କୁ ଅଧିକ ସୂଚନା ସଶକ୍ତ କରାଯାଉଛି। ତେଣୁ ସରକାର ତାଙ୍କ କାର୍ଯ୍ୟକ୍ରମ ଓ ଶାସନରେ ଡିଜିଟାଲ ଇଣ୍ଡିଆକୁ ହିଁ ପ୍ରମୁଖତା ଦେଉଛନ୍ତି। ଧନୀ ହେଉ କି ଗରିବ; ସମସ୍ତଙ୍କୁ ସରକାରଙ୍କ ନୀତି, ଯୋଜନା, କାର୍ଯ୍ୟକ୍ରମ ବାବଦରେ ଅଧିକ ଅବଗତ କରାଇବା ଲାଗି ଆରମ୍ଭ ହୋଇଛି ଡିଜିଟାଲ ଇଣ୍ଡିଆ ଭଳି ଯୁଗାନ୍ତକାରୀ ପଦକ୍ଷେପ। ସରକାରଙ୍କ ପ୍ରମୁଖତା ହେଉଛି ଉତ୍ତମ ଶାସନ।

ପ୍ରତିଟି କାର୍ଯ୍ୟକ୍ରମର ରହିଛି ମୌଳିକ ଦୃଷ୍ଟିଭଙ୍ଗୀ। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ମଧ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ। ସୂଚନା ପ୍ରଯୁକ୍ତି (ଆଇଟି)ର ଯେଉଁ କ୍ଷମତା ରହିଛି ତାହାକୁ ଉପଯୋଗ କରି ନାଗରିକମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ପ୍ରଦାନ କରି ପ୍ରଚଳିତ ଶାସନ ବ୍ୟବସ୍ଥାରେ ଏକ ସଂସ୍କାର

**ବିଶ୍ୱସ୍ତରୀୟ ଉଦ୍‌ବର୍ତ୍ତନ ଯୋଗୁଁ ସମାଜ ବ୍ୟବସ୍ଥା ମଧ୍ୟ ବଦଳୁଛି। ସବୁଠୁ ବଡ଼ ପରିବର୍ତ୍ତନ ହେଉଛି ବୈଷୟିକ ଜ୍ଞାନ କୌଶଳ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ। ତେଣୁ ସୂଚନା ପ୍ରଯୁକ୍ତି ଜରିଆରେ ରାଷ୍ଟ୍ରକୁ ବିକାଶର ଶିଖରରେ ପହଞ୍ଚାଇବା ଓ ଏହାର ନାଗରିକମାନଙ୍କୁ ଆଇଟି(ସୂଚନା ପ୍ରଯୁକ୍ତି) ଜରିଆରେ ଯୋଡି ଅଧିକ ସଶକ୍ତ କରିବା ହେଉଛି ସରକାରଙ୍କ ଏବେର ପ୍ରାଥମିକତା। ଶାସନ ବ୍ୟବସ୍ଥାରେ ସମସ୍ତଙ୍କ ଭାଗିଦାରୀ ଲାଗି ସେମାନଙ୍କୁ ପ୍ରଥମେ ଏହି ବ୍ୟବସ୍ଥା ସହ ଯୋଡିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ସଂପ୍ରତି ସରକାର ଏଥିଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି। ଲୋକମାନଙ୍କୁ ଡିଜିଟାଲ ବ୍ୟବସ୍ଥାରେ ଯୋଡା ଯାଉଛି। ଏକ ସ୍ୱଚ୍ଛ ବ୍ୟବସ୍ଥା ସହ ସ୍ମାର୍ଟ ଶାସନ କାଏମ ଲାଗି ନାଗରିକମାନଙ୍କୁ ଅଧିକ ସୂଚନା ସଶକ୍ତ କରାଯାଉଛି।**

**Digital India**
Power To Empower

ଆଣିବା ସରକାରଙ୍କ ଉଦ୍ଦେଶ୍ୟ। ଇଣ୍ଡିଆନ୍ ଟାଲେଣ୍ଟ (ଆଇଟି) + ଇନ୍‌ଫରମେସନ୍ ଟେକ୍ନୋଲୋଜି (ଆଇଟି) = ଇଣ୍ଡିଆ ଟୁମୋରୋ (ଆଇଟି)ର ଅର୍ଥ ହେଉଛି ସଂପୂର୍ଣ୍ଣ ଭାରତକୁ ଡିଜିଟାଲ ନେଟ୍‌ୱର୍କରେ ଯୋଡିବା। ଯେତେବେଳେ ସରକାର ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ସେବେଠାରୁ ଏହାର ଆଭିମୁଖ୍ୟ ସ୍ପଷ୍ଟ ହୋଇସାରିଛି। ଭାରତକୁ ଏକ ଡିଜିଟାଲ ଶକ୍ତି ଓ ଜ୍ଞାନ-ଆଧାରୀତ ଅର୍ଥନୀତି (ନଲେଜ୍ ଇକୋନୋମି) ରୂପେ ପରିବର୍ତ୍ତନ କରିବା। ତିନୋଟି ପ୍ରମୁଖ ଲକ୍ଷ୍ୟକୁ ନେଇ କାର୍ଯ୍ୟ କରୁଛି ଡିଜିଟାଲ ଇଣ୍ଡିଆ- ଯଥା ପ୍ରତିଟି ଭାରତୀୟଙ୍କ ଲାଗି ଡିଜିଟାଲ ଭିତ୍ତିଭୂମିର ଉପଯୋଗ, ଶାସନ ଓ ଚାହିଦା ଅନୁଯାୟୀ ସେବାପ୍ରଦାନ ଏବଂ ଶେଷରେ ନାଗରିକମାନଙ୍କୁ ଡିଜିଟାଲ କ୍ଷେତ୍ରରେ ସଶକ୍ତ କରାଇବା।

ପ୍ରତିଟି ନାଗରିକଙ୍କ ପ୍ରମୁଖ ଉପଯୋଗ ଲାଗି ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ କଲେ ଏହାଦ୍ୱାରା ବ୍ୟାପକ ସଫଳତା ମିଳିପାରିବ। ସମସ୍ତଙ୍କ ସହ ଉତ୍ତମ ସଂଯୋଗ ସ୍ଥାପନ କରିପାରୁଥିବା ରାଷ୍ଟ୍ର ଉତ୍ତମ ସେବାପ୍ରଦାନକାରୀ ଦେଶ ରୂପେ ବିବେଚିତ। ଦେଶର ଦୁର୍ଗମ ଗାଁରେ ରହୁଥିବା ଲୋକଟିକୁ ମଧ୍ୟ ବ୍ରଡବ୍ୟାଣ୍ଡ ଓ ହାଇସ୍ପିଡ୍ ଇଣ୍ଟରନେଟ୍‌ରେ ଯୋଡିବା ଏହାର ଲକ୍ଷ୍ୟ। ଏହାଫଳରେ ସବୁ ଲୋକଙ୍କ ନିକଟରେ ଇ-ଶାସନ ବ୍ୟବସ୍ଥା ପହଞ୍ଚିପାରିବ। ସାମାଜିକ ଯୋଜନାର ଫାଇଦା ସେମାନଙ୍କୁ ମିଳିବା ସହ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସଫଳତା ମଧ୍ୟ ମିଳିପାରିବ।

ଦ୍ୱିତୀୟ ଲକ୍ଷ୍ୟ ହେଉଛି ଚାହିଦା ଅନୁଯାୟୀ ସେବା ଓ ଶାସନ ବ୍ୟବସ୍ଥା ପ୍ରଦାନ। କେତେକ ରାଜ୍ୟ ଦଶନ୍ଧି ତଳୁ ଇ-ଭଗର୍ଣ୍ଣାନ୍ସ ବ୍ୟବସ୍ଥା ଲାଗୁ କରିସାରିଛନ୍ତି। ସରକାରୀ ଯୋଜନାରେ ଜନତାଙ୍କ ଭାଗିଦାରୀକୁ ଯୋଡିଛନ୍ତି। ଏହି ଯୋଜନାର ରୂପାୟନ ଓ ତଦାରଖ ଦାୟିତ୍ୱ ରାଜ୍ୟ ସରକାରମାନଙ୍କର। କାଗଜ ପରିବର୍ତ୍ତେ କମ୍ପ୍ୟୁଟର ଜରିଆରେ କାର୍ଯ୍ୟାରମ୍ଭଠାରୁ ହିଁ ଆରମ୍ଭ ହୋଇଛି ଡିଜିଟାଇଜେସନ୍। ଉଭୟ କେନ୍ଦ୍ର-ରାଜ୍ୟ ସରକାର ଏହାକୁ ଆରମ୍ଭ କରିଛନ୍ତି।

ତୃତୀୟ ଆଭିମୁଖ୍ୟଟି ହେଉଛି- ଲୋକଙ୍କୁ ଡିଜିଟାଲ କ୍ଷେତ୍ରରେ ଅଧିକ ସଶକ୍ତ କରାଇବା। ସମସ୍ତ ନାଗରିକଙ୍କ ଲାଗି ଡିଜିଟାଲ ସଂଯୋଗ ନିର୍ଣ୍ଣାୟକ ଭୂମିକା ତୁଲାଉଛି। ଜନସଂଖ୍ୟା, ସାମାଜିକ-ଆର୍ଥିକ ବିଷମତା ସତ୍ତ୍ୱେ ଭାରତୀୟମାନେ ଏବେ ଡିଜିଟାଲ ଅଭ୍ୟସ୍ତ ହେଲେଣି। ଇଣ୍ଟରନେଟ୍ ଓ ମୋବାଇଲର ଉଦ୍‌ବର୍ତ୍ତନକୁ ଏଥିଲାଗି ଧନ୍ୟବାଦ। ଡିଜିଟାଲ ଇଣ୍ଡିଆର ଲକ୍ଷ୍ୟ ହେଉଛି ଡିଜିଟାଲ ସାକ୍ଷରତା, ଡିଜିଟାଲ ସମ୍ବଳ ଓ ସମ୍ମିଳିତ ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଭାରତକୁ ଏକ ଡିଜିଟାଲ ସଶକ୍ତ ସମାଜରେ ପରିଣତ କରିବା।



**ଡିଜିଟାଲ କାର୍ଯ୍ୟକ୍ରମର ପ୍ରମୁଖ ସ୍ତମ୍ଭ**

ପ୍ରତି କାର୍ଯ୍ୟକ୍ରମର ସଫଳତା ଲାଗି ଏକ ସୁଦୃଢ ଯୋଜନା ଲୋଡା। ଡିଜିଟାଲ ଇଣ୍ଡିଆ ସରକାରଙ୍କ ୯ଟି ସ୍ତମ୍ଭ ଉପରେ ଦଣ୍ଡାୟମାନ। ପ୍ରତିଟି ସ୍ତମ୍ଭ କେବଳ ଏହି କାର୍ଯ୍ୟକ୍ରମକୁ ସହଯୋଗ କରେନି; ବରଂ ଏହି କାର୍ଯ୍ୟକ୍ରମକୁ ନିରବିଚ୍ଛିନ୍ନ ଭାବେ ଚାଲୁରଖିବା ଏକ ବ୍ୟାପକ ପଦକ୍ଷେପ।

ବ୍ରଡବ୍ୟାଣ୍ଡ ହାଇୱେ ହେଉଛି ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ପ୍ରଥମ ସ୍ତମ୍ଭ। ନେସନାଲ ଅପ୍‌ଟିକାଲ ଫାଇବର ନେଟ୍‌ୱାର୍କ (ଏନଓଏଫଏନ) ଦ୍ୱାରା ଦେଶର ୨ ଲକ୍ଷ ୫୦ ହଜାର ଗ୍ରାମ ପଞ୍ଚାୟତକୁ ସଂଯୋଗ କରିବା ଯୋଜନା ରହିଛି। ସରକାରଙ୍କ କାର୍ଯ୍ୟକ୍ରମଗୁଡିକୁ ସହଜ ଓ ପ୍ରଭାବୀ ଢଙ୍ଗରେ ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ପହଞ୍ଚାଇ ସେମାନଙ୍କୁ ସଶକ୍ତ କରିବା। ଏନଓଏଫଏନକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ଲାଗି ଭାରତ ସରକାରଙ୍କ ଦ୍ୱାରା ୧୦୦୦ କୋଟି ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଛି ଭାରତ ବ୍ରଡବ୍ୟାଣ୍ଡ ନେଟ୍‌ୱାର୍କ ଲିମିଟେଡ (ବିବିଏନଏଲ)। ୬୪୧ ଜିଲାର ୬,୬୦୦ ବ୍ଲକ୍‌ର ଅଢେଇ ଲକ୍ଷ ଗ୍ରାମ ପଞ୍ଚାୟତକୁ ନେସନାଲ ଅପ୍‌ଟିକାଲ ଫାଇବର ନେଟ୍‌ୱାର୍କରେ ଯୋଡିବା ଲାଗି ବିବିଏନଏଲକୁ ଦାୟିତ୍ୱ ଦିଆଯାଇଛି ଏବଂ ଏହା କରିବାକୁ ବିବିଏନଏଲ ବାଧ୍ୟ। ପଞ୍ଚାୟତରେ ସମସ୍ତ ନାଗରିକଙ୍କୁ ଯୋଡିବା ହେଉଛି ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଦ୍ୱିତୀୟ ସ୍ତମ୍ଭ ହେଉଛି ମୋବାଇଲ ସଂଯୋଗୀକରଣର ସାର୍ବଜନୀନ ପହଞ୍ଚ (ୟୁନିଭରସାଲ ଆକ୍ସେସ୍ ଟୁ ମୋବାଇଲ କନେକ୍ଟିଭିଟି)। ଦେଶର ସମସ୍ତ ଅପହଞ୍ଚ ଇଲାକାକୁ ମୋବାଇଲ ଦ୍ୱାରା ସଂଯୋଗ କରିବା ଏହାର ଉଦ୍ଦେଶ୍ୟ। ଆଜିର ଦିନରେ ପାଖାପାଖି ୪୨,୦୦୦ ଏଭଳି ଗ୍ରାମ ଆମ ଦେଶରେ ରହିଛି ଯେଉଁଠାରେ କି ମୋବାଇଲ ସେବା ଅପହଞ୍ଚ। ଏସବୁ ଅଞ୍ଚଳରେ ମୋବାଇଲ ସେବା ଯୋଗାଇବା ଲାଗି କେନ୍ଦ୍ର ସରକାରଙ୍କ ଟେଲିଯୋଗାଯୋଗ ବିଭାଗ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରୁଛି। ଏଥିଲାଗି ୨୦୧୪-୨୦୧୮ ଆର୍ଥିକ ବର୍ଷରେ ୧୬,୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୨୦୧୮ ସୁଦ୍ଧା ଭାରତ ସଂପୂର୍ଣ୍ଣ ରୂପେ ମୋବାଇଲ ନେଟ୍‌ୱାର୍କ ପରିସରକୁ ଆସିଯିବ।

ତୃତୀୟ ସ୍ତମ୍ଭ ରୂପେ 'ପବ୍ଲିକ୍ ଇଣ୍ଟରନେଟ୍ ଆକ୍ସେସ୍ ପ୍ରୋଗ୍ରାମ' ଅର୍ଥାତ୍ ଜନସାଧାରଣଙ୍କୁ ଇଣ୍ଟରନେଟ୍ ସୁବିଧା ଯୋଗାଣକୁ ସରକାର ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ୨.୫ ଲକ୍ଷ ସାଧାରଣ ସେବା କେନ୍ଦ୍ର (ସିଏସସି) ସୃଷ୍ଟି, ପ୍ରତି ସିଏସସିକୁ ଗୋଟିଏ ଗୋଟିଏ ଗ୍ରାମ ପଞ୍ଚାୟତ ସହିତ ମ୍ୟାପିଂ କରିବା ସରକାରଙ୍କ ଲକ୍ଷ୍ୟ। ସଂପ୍ରତି ଭାରତରେ ୨ ଲକ୍ଷ ୪୨ ହଜାର ସିଏସସି ସୃଷ୍ଟି ହୋଇଥିବାବେଳେ ୧.୬୨ ଲକ୍ଷ ପଞ୍ଚାୟତ ସହିତ ଯୋଡା ଯାଇଛି। ସରକାରୀ ଓ ବ୍ୟାବସାୟିକ ସେବାକୁ ଜନତାଙ୍କ ମଧ୍ୟରେ ପହଞ୍ଚାଇବାରେ ଏହି ସିଏସସି ଗୁଡିକ କାର୍ଯ୍ୟ କରିବ।

ଚତୁର୍ଥ ସ୍ତମ୍ଭଟି ହେଉଛି 'ଇ-ଗଭର୍ଣ୍ଣାନ୍ସ: ରିଫର୍ମିଂ ଗଭର୍ଣ୍ଣମେଣ୍ଟ ଥ୍ରୁ ଟେକ୍ନୋଲୋଜି'। ଅର୍ଥାତ୍ ପ୍ରଯୁକ୍ତିବିଦ୍ୟା ଜରିଆରେ ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବା; ଯାହାକୁ ଇ-ଗଭର୍ଣ୍ଣାନ୍ସ ମଧ୍ୟ କୁହାଯାଉଛି। ସରକାର କରୁଥିବା ଯୋଜନା, କାର୍ଯ୍ୟକ୍ରମ ଓ ସେବା କିଭଳି ଅଧିକ ସହଜ ଓ ସରଳ ହୋଇପାରିବ, ସରକାରଙ୍କ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରିବାରେ ସଫଳ ହେବ ଏବଂ ସର୍ବୋପରି ଜନତାଙ୍କ ନିକଟରେ ପହଞ୍ଚିପାରିବ ତାହା ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ।

ଡିଜିଟାଲ ଇଣ୍ଡିଆର ପଞ୍ଚମ ସ୍ତମ୍ଭରେ ରହିଛି 'ଇ-କ୍ରାନ୍ତି: ଇଲେକ୍‌ଟ୍ରୋନିକ୍ ଡେଲିଭରି ଅଫ୍ ସର୍ଭିସେସ୍'। ଜନତାଙ୍କୁ ଉତ୍ତମ ଶାସନ ପ୍ରଦାନ କରିବା ଲାଗି ଇ-ଗଭର୍ଣ୍ଣାନ୍ସ ଓ ଏମ-ଗଭର୍ଣ୍ଣାନ୍ସ ଦ୍ୱାରା ବ୍ୟବସ୍ଥାରେ ଅଧିକ ସଂସ୍କାର ଆଣିବା। ଇ-କ୍ରାନ୍ତି ଜରିଆରେ ଉତ୍ତମ ଶାସନ ଲାଗି ୪୪ଟି ଅଭିଯାନ ଚାଲିଛି। ଇ-କ୍ରାନ୍ତି ଜରିଆରେ ୩୩୨୫ଟି ଇ-ସେବା ଜନତାଙ୍କୁ ଆଜିର ଦିନରେ ପ୍ରଦାନ କରାଯିବାର ବ୍ୟବସ୍ଥା ଏକ ବଡ଼ ସଫଳତା।

ସମସ୍ତଙ୍କ ଲାଗି ସୂଚନା -ଇନ୍‌ଫରମେସନ୍ ଫର୍ ଅଲ୍ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ୬ଷ୍ଠ ସ୍ତମ୍ଭ ରୂପେ ପରିଚିତ। ଶାସନ ବ୍ୟବସ୍ଥାରେ ଏହା ଦ୍ୱାରା ସ୍ୱଚ୍ଛତା ଆସିଥାଏ। ସାଧାରଣ ଲୋକଙ୍କ ବ୍ୟବହାର ଲାଗି ମନ୍ତ୍ରଣାଳୟ/ବିଭାଗ ଗୁଡ଼ିକ ମୁକ୍ତ ତଥ୍ୟ ମଞ୍ଚ (ଓପନ୍ ଡାଟା ପ୍ଲାଟ୍‌ଫର୍ମ) ବ୍ୟବସ୍ଥାରେ ସୂଚନା ପ୍ରଦାନ କରୁଛନ୍ତି। ଅନ୍‌ଲାଇନ୍‌ରେ ସୂଚନା ଓ ପ୍ରମାଣପତ୍ର ଆଦାନ ପ୍ରଦାନ ସହଜ ଓ ସୁବିଧାଜନକ ହୋଇପାରିଛି।

ସପ୍ତମ ତଥା ଅନ୍ୟତମ ପ୍ରମୁଖ ସ୍ତମ୍ଭ ହେଉଛି 'ଇଲେକ୍‌ଟ୍ରୋନିକ୍ ମ୍ୟାନୁଫ୍ୟାକ୍‌ଚରିଂ' (ବୈଦ୍ୟୁତିକ ଉତ୍ପାଦକତା)। ସରକାରଙ୍କ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ବୈଦ୍ୟୁତିକ ସାମଗ୍ରୀର ଚାହିଦା ଅହେତୁକ ଭାବେ ୨୨ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୦ ସୁଦ୍ଧା ଏହା ୪୦୦ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚିବା ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ଇଲେକ୍‌ଟ୍ରୋନିକ୍ ଉତ୍ପାଦକତା ବଢ଼ାଇବା ଲାଗି ଏ କ୍ଷେତ୍ରରେ ଏକାଧିକ ପଦକ୍ଷେପ ନେଇଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ପାଖାପାଖି ୨୫୦ରୁ ଊର୍ଦ୍ଧ୍ୱ ପୁଁଜିନିବେଶ ପ୍ରସ୍ତାବ କେବଳ ଏହି କ୍ଷେତ୍ରରୁ ଆସିଛି। ମୋଟ ୧.୨୮ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବାକୁ ଯାଉଛି।

ଅଷ୍ଟମ ସ୍ତମ୍ଭ ରୂପେ 'ଆଇଟି ଫର୍ ଜବସ୍' ଅର୍ଥାତ୍ ଚାକିରି ଲାଗି ସୂଚନା ପ୍ରଯୁକ୍ତି କ୍ଷେତ୍ର। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ଲାଗି ଛୋଟ ଛୋଟ ସହର ଓ ଗ୍ରାମାଞ୍ଚଳରେ ଯୁବଗୋଷ୍ଠୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଉଛି। ଆଗାମୀ ୫ ବର୍ଷ ମଧ୍ୟରେ ଛୋଟ ସହର ଓ ଗ୍ରାମାଞ୍ଚଳର ୧୦ ନିୟୁତ ଛାତ୍ରଛାତ୍ରୀଙ୍କୁ ଆଇଟି କ୍ଷେତ୍ରରେ ନିଯୁକ୍ତ ସକ୍ଷମ କରାଇବା ଲାଗି ପ୍ରଶିକ୍ଷଣ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଦକ୍ଷତା ବିକାଶ ଜରିଆରେ ୩ ଲକ୍ଷ ପିଲାଙ୍କୁ ସେବାପ୍ରଦାନକାରୀ ଏଜେଣ୍ଟ ଭାବେ ତାଲିମ ଦେବାକୁ ମଧ୍ୟ ସରକାରଙ୍କ ଯୋଜନା ରହିଛି। ଯାହାଫଳରେ ସେମାନେ ଆଇଟିସେବା ପ୍ରଦାନ କ୍ଷେତ୍ରରେ ନିଜକୁ ସକ୍ଷମ କରି ଗଢ଼ିପାରିବେ। ଦ ଇଣ୍ଡିଆ ବିପିଓ ପ୍ରମୋସନ୍ ସ୍କିମ୍ (ଆଇବିପିଏସ୍) ଏହି କାର୍ଯ୍ୟକ୍ରମ ଅର୍ନ୍ତଗତ ଚାଲିଛି। ଦେଶବ୍ୟାପୀ ୪୮,୩୦୦ ବିପିଓ/ଆଇଟିଜ୍ ପ୍ରତିଷ୍ଠା କରିବା ଲାଗି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏହାଦ୍ୱାରା ଗ୍ରାମାଞ୍ଚଳ ଓ ଛୋଟ ସହରର ପ୍ରାୟ ୧,୫୦,୦୦୦ ଯୁବକ/ଯୁବତୀଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଛୋଟ ସହର ଓ ଗ୍ରାମାଞ୍ଚଳରେ ଦକ୍ଷତା ବିକାଶ, ମାନବ ସମ୍ବଳ ସୃଷ୍ଟି ଏବଂ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ୪୯୩ କୋଟି ଟଙ୍କାର ବ୍ୟୟବରାଦ ଆରମ୍ଭ ହୋଇଛି। ଏହାଦ୍ୱାରା ଦେଶରେ ଆଇଟି କ୍ଷେତ୍ର ଅଧିକ ଅଗ୍ରଗତି କରିପାରିବ। ଅନୁରୂପ ଭାବେ ଉତ୍ତର ପୂର୍ବାଞ୍ଚଳରେ ଆଇଟି ଓ ବିପିଓ ଶିଳ୍ପକୁ ଅଧିକ ପ୍ରାଧାନ୍ୟ ଦେବାକୁ ଯୋଜନା ହୋଇଛି। ସେଠାକାର ଯୁବଗୋଷ୍ଠୀଙ୍କୁ ଏଥିପ୍ରତି ଆକର୍ଷିତ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ବିପିଓ ପ୍ରମୋସନ୍ ସ୍କିମ୍ (ଏନଇବିପିଏସ) ଆରମ୍ଭ ହେବାକୁ ଯାଉଛି। ୫୦୦୦ ସିଟ୍ ଜରିଆରେ ୧୫,୦୦୦ ଯୁବକଙ୍କୁ ନିଯୁକ୍ତି ଦେବା ଲାଗି ଏନଇବିପିଏସ ଜରିଆରେ ଲକ୍ଷ୍ୟ ରଖାଯାଇଛି। ଟେଲିକମ୍ ଓ ତତ୍‌ସଂଲଗ୍ନ ସେବାକ୍ଷେତ୍ରରେ ଗ୍ରାମୀଣ ଶ୍ରମଶକ୍ତି ସୃଷ୍ଟି କରିବା ଲାଗି ୫ ଲକ୍ଷ ଗ୍ରାମାଞ୍ଚଳ ଯୁବକ/ଯୁବତୀଙ୍କୁ ତାଲିମ ଦେବା ଯୋଜନା ରଖିଛନ୍ତି ସରକାର।

ଶେଷରେ ନବମ ସ୍ତମ୍ଭଟି ହେଉଛି- 'ଏର୍ଲି ହାର୍ଭେଷ୍ଟ ପ୍ରୋଗ୍ରାମ୍'। ଏହା ଦ୍ୱାରା କମ୍ ସମୟ ମଧ୍ୟରେ କେତେକ ଯୋଜନାକୁ କାର୍ଯ୍ୟକ୍ଷମ କରିବା। ବାର୍ତ୍ତାପ୍ରେରଣ ଲାଗି ଆଇଟି ପ୍ଲାଟ୍‌ଫର୍ମ ସୃଷ୍ଟି କରିବା, ସମସ୍ତ ବିଶ୍ୱବିଦ୍ୟାଳୟରେ ୱାଇ-ଫାଇ, ସରକାରୀ ବ୍ୟବସ୍ଥାରେ ଫାଇଲ ବ୍ୟବସ୍ଥା ସହ ଇ-ମେଲ, ସାଧାରଣସ୍ଥଳରେ ୱାଇଫାଇ ହଟ୍‌ସ୍ପଟ୍ସ ଏବଂ ଏସଏମଏସ ଜରିଆରେ ପାଣିପାଗ ସୂଚନା ପ୍ରଦାନ ଆଦି କାର୍ଯ୍ୟକ୍ରମ ଏହି ଅଧୀନରେ ରହିଛି।

### ଉତ୍ତମ ଶାସନ ଲାଗି ଡିଜିଟାଲ ଇଣ୍ଡିଆର ପଦକ୍ଷେପ

ସ୍ୱଚ୍ଛତା ଓ ନାଗରିକ କ୍ଷମତା ହିଁ ଉତ୍ତମ ଶାସନର ଗଣ୍ଠି। ଡିଜିଟାଲ ଇଣ୍ଡିଆକୁ ଏକ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ ରୂପେ ସମଗ୍ର ଭାରତରେ କାର୍ଯ୍ୟକ୍ଷମ




କରାଇବା ଓ ଉତ୍ତମ ଶାସନ ପ୍ରଦାନ ଲାଗି କେନ୍ଦ୍ର ସରକାର ବହୁମୁଖୀ କୌଶଳ ତଥା ପଦକ୍ଷେପ ଆପଣେଇଛନ୍ତି। ଏସବୁ ପଦକ୍ଷେପ ମଧ୍ୟରେ ରହିଛି ଡିଜିଧନ ଅଭିଯାନ, ଆଧାର ପେ, ଭୀମ୍, ସିଏସସି, ଡିଜିଲକର, ଦିଶା, ଡିବିଟି (ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତରଣ) ଏବଂ ଇ-ପଞ୍ଚାୟତ। ବିମୁଦ୍ରାୟନ ନିଷ୍ପତ୍ତି କଳାଧନ ବିରୋଧରେ ସରକାରଙ୍କର ଏକ ପଦକ୍ଷେପ ଥିଲା। ଲୋକେ ଅଧିକ ନଗଦ କାରବାର ଉପରେ ନିର୍ଭରଶୀଳ ନରୁହନ୍ତୁ ଏଥିପାଇଁ ପ୍ରୋତ୍ସାହିତ କରିବା ଥିଲା ଉଦ୍ଦେଶ୍ୟ। ଡିଜିଧନ ଅଭିଯାନ ହେଉଛି ଜନତା ଓ ବ୍ୟବସାୟୀଙ୍କୁ ଡିଜିଟାଲ କାରବାର କରିବା ଲାଗି ପ୍ରବର୍ତ୍ତାଇବା। ଦେଶବ୍ୟାପୀ ଡିଜିଧନମେଳା ଆୟୋଜନ କରି ଲୋକଙ୍କୁ ଡିଜିଟାଲ କାରବାର କରିବା ଲାଗି ସଚେତନତା ସୃଷ୍ଟି କରାଯାଇଛି। କିଭଳି ଏହି ସଫ୍ଟୱେରକୁ ନିଜ ମୋବାଇଲ/ସ୍ମାର୍ଟଫୋନ୍ ଆଦିରେ ଡାଉନ୍‌ଲୋଡ୍ କରିବା, ଇନ୍‌ଷ୍ଟଲ କରି ଏକାଧିକ ଡିଜିଟାଲ ଦେଣନେଣକୁ ଅଧିକ ଲୋକାଭିମୁଖୀ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା। ଏହାସହ କେନ୍ଦ୍ର ସରକାର ଭାରତ ଇଣ୍ଟରଫେସ୍ ଫର ମନି(ଭୀମ୍) ଭଳି ଡିଜିଟାଲ ବ୍ୟବସ୍ଥାକୁ ସୃଷ୍ଟି କରିଛନ୍ତି। ଏହାକୁ ଅଧିକରୁ ଅଧିକ ଲୋକେ କିଭଳି ସହଜ, ସରଳ ଏବଂ ତୁରନ୍ତ ବ୍ୟବହାର କରିପାରିବେ ସେଥିଲାଗି ସଚେତନତା ସୃଷ୍ଟି କରାଯାଉଛି। ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)କୁ ମଧ୍ୟ ଆର୍ଥିକ




ନେଣଦେଣ ଲାଗି ଉପଯୋଗୀ କରାଯାଇଛି। ୨୦୧୬ ଡିସେମ୍ବର ୩୦ ତାରିଖରୁ ଭୀମ୍ ଆପ୍ସ ଆରମ୍ଭ ହୋଇଥିଲା। ଏହା ଡିଜିଟାଲ ନେଣଦେଣ କ୍ଷେତ୍ରରେ ଏକ ପ୍ରଶଂସନୀୟ ପଦକ୍ଷେପ ହେବା ସହ ଏହାର ସଫଳତା ବହୁଗୁଣିତ ହୋଇଛି। ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଭୀମ୍ ଆପ୍ସକୁ ୧୭ ନିୟୁତ ଥର ଡାଉନ୍‌ଲୋଡ୍ କରାଯାଇଛି। ୨୦୧୭ ଫେବୃୟାରୀ ସୁଦ୍ଧା ଏହି ଆପ୍ସ ଜରିଆରେ ୧୯.୩୭ ଲକ୍ଷ ଥର ବ୍ୟବହାର ହୋଇଛି। ମୋଟ ୯୫୦ କୋଟି ଟଙ୍କାର ନେଣଦେଣ କାରବାର କେବଳ ଦୁଇମାସ ଜାନୁୟାରୀ ଓ ଫେବୃୟାରୀ ମଧ୍ୟରେ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି।

ବିଶ୍ୱରେ ଭାରତ ହେଉଛି ଏଭଳି ଦେଶ ଯେଉଁଠି ବାୟୋମେଟ୍ରିକ୍ ଚିହ୍ନଟ ବ୍ୟବସ୍ଥା ଆଧାର ଜରିଆରେ ବିଭିନ୍ନ ସେବା ଓ କାରବାର ହେଉଛି। ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସଂସ୍କାର, ବଜେଟ୍ ପରିଚାଳନା, ସୁବିଧାଜନକ

ବ୍ୟବସ୍ଥା ବୃଦ୍ଧି ଏବଂ ଜନତା କେନ୍ଦ୍ରିକ ଶାସନକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଏହା ବ୍ୟବହାର କରାଯାଉଛି। ସଂପ୍ରତି ୧.୧୩ ବିଲିୟନ ଲୋକଙ୍କ ନିକଟରେ ରହିଛି ଆଧାର କାର୍ଡ। ବ୍ୟାଙ୍କରେ ଖାତା ଖୋଲିବାଠାରୁ ଆରମ୍ଭ କରି ସରକାରୀ ଯୋଜନା ଗୁଡିକର ରିଆତି ମଧ୍ୟ ବ୍ୟାଙ୍କଖାତାକୁ ଡିବିଟି ଜରିଆରେ ପ୍ରଦାନ କରିବା ଲାଗି ଆଧାର କାର୍ଡ ଏକ ପ୍ରମୁଖ ପ୍ରମାଣପତ୍ର ପାଲଟିଛି। ବାୟୋମେଟ୍ରିକ୍ ଚିହ୍ନଟ ପଦ୍ଧତିରେ ବ୍ୟାଙ୍କଖାତାକୁ ଆଧାର ସଂଯୋଗ କରାଯାଇ ଆର୍ଥିକ ନେଣଦେଣ କରାଯାଉଛି। ଏହି ଚିହ୍ନଟ ପ୍ରକ୍ରିୟା ଲାଗି ଆଧାରକାର୍ଡଧାରୀକୁ ତା'ର ବୃଦ୍ଧାଙ୍ଗୁଳିର ଛାପ ଦେବାକୁ ପଡୁଛି। ଯାହାଫଳରେ କି ନକଲି ତଥା ଠକ ହିତାଧିକାରୀ/ଗ୍ରାହକ ଚିହ୍ନଟ ସହଜ ହୋଇପାରୁଛି। ୧୪ ଏପ୍ରିଲ ୨୦୧୪ରୁ ଆରମ୍ଭ ହୋଇଥିବା ଆଧାର ଜରିଆରେ ଅର୍ଥ କାରବାର ଏବେ କୋଟି କୋଟି ଭାରତୀୟଙ୍କ ଲାଗି ଏକ ଉନ୍ନତ ବ୍ୟବସ୍ଥା ପାଲଟିଛି।

ଭାରତ ସରକାର ଏକ ଡିଜିଟାଲ ସମାଜ ଆଡ଼କୁ ଦେଶକୁ ନେବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ

Digital India
Power To Empower

ଚାଲୁରଖିଛନ୍ତି। ତୃଣମୂଳସ୍ତରରେ ସରକାରୀ ଯୋଜନାର ଲାଭ/ଫାଇଦା ପହଞ୍ଚାଇବା, ବ୍ୟବସ୍ଥାକୁ ଜନକେନ୍ଦ୍ରିକ କରିବା ଲାଗି ଜନସେବା କେନ୍ଦ୍ର (ସିଏସସି) ନେଟୱାର୍କ ଚାଲିଛି। ନେଣଦେଣ ଓ ସେବାପ୍ରଦାନ କ୍ଷେତ୍ରରେ ଏହା କାର୍ଯ୍ୟ କରୁଛି। ଏକକ ସେବାପ୍ରଦାନ ଲାଗି ଇ-ସେବା ମାଧ୍ୟମକୁ ଆପଣାଯାଇଛି।

ଭାରତକୁ ଏକ ଡିଜିଟାଲ ସଶକ୍ତ ସମାଜ ଓ ଜ୍ଞାନଭିତ୍ତିକ ଅର୍ଥନୀତିରେ ପରିଣତ କରିବା ଲାଗି କେନ୍ଦ୍ର ସରକାର କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଡିଜିଲକର ଭଳି ଏକ ପ୍ରମୁଖ କାର୍ଯ୍ୟକ୍ରମ ଡିଜିଟାଲ ଇଣ୍ଡିଆ ଜରିଆରେ ଚାଲିଛି। ଘରୋଇ ଉଦ୍ୟମ ଜରିଆରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଆଗକୁ ବଢାଇବାକୁ ସରକାର ସଙ୍କଳ୍ପବଦ୍ଧ। ସମସ୍ତ ସରକାରୀ ତଥ୍ୟ, ପ୍ରମାଣପତ୍ର ଡିଜିଟାଲ ଇଣ୍ଡିଆ ଜରିଆରେ ଲୋକଙ୍କୁ ଉପଲବ୍ଧ କରାଇବାର ପ୍ରୟାସ ହେଉଛି। କାଗଜପତ୍ରର ଝାମେଲାରୁ ମୁକ୍ତି ଲାଗି ସମସ୍ତ ପ୍ରମାଣପତ୍ର, ତଥ୍ୟ ଆଦି ଡିଜିଟାଲ ପ୍ଲାଟଫର୍ମରେ ଯାଞ୍ଚ ସହ ପ୍ରଦାନ କରାଯାଇପାରୁଛି। ଡିଜିଟାଲ ଲକରକୁ ଆଧାର ସହ ସଂଯୋଗ କରାଯାଉଛି। ଇତିମଧ୍ୟରେ ଲୋକେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଡିଜିଲକର ଖୋଲିସାରିଛନ୍ତି। ଏଥିରୁ ଅନୁମିତ, ସରକାର ଭାରତକୁ ଏକ ଡିଜିଟାଲ ସଶକ୍ତ ସମାଜ ଭାବେ ଗଢିତୋଳିବାକୁ କିଭଳି ପଦକ୍ଷେପ ଗ୍ରହଣ କରିଚାଲିଛନ୍ତି।

## ୨୦୧୭-୧୮ ବଜେଟ୍‌ରେ ଡିଜିଟାଲ କାର୍ଯ୍ୟକ୍ରମକୁ ଗୁରୁତ୍ୱ

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେବାଲାଗି କେନ୍ଦ୍ର ସରକାର ୨୦୧୭-୧୮ ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି। ଦେଶରେ ଡିଜିଟାଲ ନେଣଦେଣ କାରବାରକୁ ପ୍ରୋତ୍ସାହନ ଦେବା ସହ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ କରାଇବା ଲାଗି ଅପଟିକାଲ ଫାଇବର ନେଟୱାର୍କକୁ ସୁଦୃଢ କରାଯାଉଛି। ୟୁପିଆଇ, ୟୁଏସଏସଡି, ଆଧାର ପେ, ଆଇଏମପିଏସ ଏବଂ ଡେବିଟ୍/କ୍ରେଡିଟ୍ କାର୍ଡ ଜରିଆରେ ସରକାର ୨୫୦୦ କୋଟି ଟଙ୍କା ନେଣଦେଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମାର୍ଚ୍ଚ ୨୦୧୭ ସୁଦ୍ଧା ୧୦ ଲକ୍ଷ ନୂଆ ପିଓଏସ (ପଏଣ୍ଟ ଅଫ୍ ସେଲ୍ସ ମେସିନ୍) ଲଗାଇବାକୁ ବ୍ୟାଙ୍କଗୁଡିକୁ ସରକାର ନିର୍ଦ୍ଦେଶ

**ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଭୀମ୍ ଆପ୍ସକୁ ୧୭ ନିୟୁତ ଥର ଡାଉନ୍‌ଲୋଡ୍ କରାଯାଇଛି। ୨୦୧୭ ଫେବୃୟାରୀ ସୁଦ୍ଧା ଏହି ଆପ୍ସ ଜରିଆରେ ୧୯.୩୭ ଲକ୍ଷ ଥର ବ୍ୟବହାର ହୋଇଛି। ମୋଟ ୯୫୦ କୋଟି ଟଙ୍କାର ନେଣଦେଣ କାରବାର କେବଳ ଦୁଇମାସ ଜାନୁୟାରୀ ଓ ଫେବୃୟାରୀ ମଧ୍ୟରେ ହୋଇଥିବା ରିପୋର୍ଟରୁ ଜଣାପଡିଛି।**

ଦେଇଥିଲେ। ତେବେ ୨୦ ଲକ୍ଷ ଆଧାର ସଂଯୁକ୍ତ ପିଓଏସ ମେସିନ୍ ସେପ୍ଟେମ୍ବର ୨୦୧୭ ସୁଦ୍ଧା ଲଗାଇବାକୁ ବ୍ୟାଙ୍କସମୁହ ପ୍ରୋତ୍ସାହନ ଦେଇଛନ୍ତି। ୧.୫ ଲକ୍ଷ ଗ୍ରାମ ପଞ୍ଚାୟତରେ ହାଇସ୍ପୀଡ୍ ବ୍ରଡବ୍ୟାଣ୍ଡ ଅପଟିକାଲ ଫାଇବର ଜରିଆରେ ଲଗାଇବାକୁ ବଜେଟ୍‌ରେ ବ୍ୟବସ୍ଥା ହୋଇଛି। ୨୦୧୮ ସୁଦ୍ଧା ହଟ୍‌ସ୍ପଟ୍ ବ୍ୟବସ୍ଥା ସହିତ ଡିଜିଟାଲ ସେବା ଶୁଳ୍କକୁ ହ୍ରାସ କରିବାକୁ ବଜେଟ୍‌ରେ ପ୍ରାବଧାନ ରହିଛି। ଭାରତ ନେଟ୍ ଦ୍ୱାରା ଅପଟିକାଲ ଫାଇବର ୧.୫୫ ଲକ୍ଷ କିଲୋମିଟର ବିଛା ଯାଇସାରିଛି। ଏଥିପାଇଁ ବଜେଟ୍‌ରେ ୧୦,୦୦୦ କୋଟି ଟଙ୍କା ଭାରତ ନେଟ୍ ପ୍ରକଳ୍ପ ଲାଗି ଆବଣ୍ଟିତ ହୋଇଛି।

**ଉପସଂହାର:** ସରକାରଙ୍କ ପଦକ୍ଷେପ ଓ ଏହାକୁ ସଫଳ କରାଇବା ଲାଗି ଯେଉଁ ପ୍ରଚେଷ୍ଟା ଚାଲିଛି ତାହା ନିଶ୍ଚିତ ରୂପେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ। ଜନତା ମଧ୍ୟ ଏହି କାର୍ଯ୍ୟକ୍ରମକୁ ସହଯୋଗ ଓ ସମର୍ଥନ ଦେଇଛନ୍ତି। ହୁଏତ ଏଥିରେ କିଛି ସମସ୍ୟା ରହିଥାଇପାରେ; କିନ୍ତୁ ବିଶ୍ୱରେ ଭାରତ ଏକ ସଶକ୍ତ ଡିଜିଟାଲ ସମାଜ ଗଠନ କରିବାକୁ ସକ୍ଷମ ହେବ ଏହା ନିଶ୍ଚିତ। ଏକ ଡିଜିଟାଲ ବିକଶିତ ଭାରତ ଗଠନ ଲାଗି ସରକାର ଓ ନାଗରିକଙ୍କ ଉଦ୍ୟମ ଆଗାମୀ ଦିନରେ ଦେଖିବାକୁ ମିଳିବ ଏଥିରେ ସନ୍ଦେହ ନାହିଁ।

ଲେଖକ: ସଫ୍ଟୱେର ଟେକ୍ନୋଲୋଜି ପାର୍କ୍ସ ଅଫ ଇଣ୍ଡିଆର ନିର୍ଦ୍ଦେଶକ

# ବିକାଶର ନକ୍ସା
# ଡିଜିଟାଲ ନେଣଦେଣ ବ୍ୟବସ୍ଥାର ଶୁଭାରମ୍ଭ

ସାମଗ୍ରିକ ଭାବେ ଡିଜିଟାଲ ଦେୟ ବ୍ୟବସ୍ଥା ଲାଗି ଏକାଧିକ ପଦକ୍ଷେପ ଗ୍ରହଣ କରାଯାଇଛି। ଭୀମ ଆଧାର ଜରିଆରେ ବ୍ୟବସାୟୀ ମାନଙ୍କ ଲାଗି କ୍ୟାସ୍ ବ୍ୟାକ୍ ଓ ରେଫରାଲ ବୋନସ୍ ଭଳି ଏକାଧିକ ଯୋଜନାର ଶୁଭାରମ୍ଭ ଏହି ଭୀମ୍ ଆପ୍ସ ମାଧ୍ୟମରେ କରାଯାଇଛି। ୧୪ ଏପ୍ରିଲ ୨୦୧୭ରେ ମହାରାଷ୍ଟ୍ରର ନାଗପୁରଠାରେ ବାବାସାହେବ ଡଃ ଭୀମରାଓ ଆମ୍ବେଦ୍କରଙ୍କ ୧୨୬ତମ ଜୟନ୍ତୀ ଅବସରରେ ଏହି ଯୋଜନା ଗୁଡିକର ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ।

ଭୀମ୍-ଆଧାର ହେଉଛି ବ୍ୟାବସାୟୀଙ୍କ ଲାଗି ଏକ ଭୀମ୍ ଆପ୍ସର ଇଣ୍ଟରଫେସ୍। ଆଧାର ପ୍ଲାଟଫର୍ମକୁ ବ୍ୟବହାର କରି ଡିଜିଟାଲ ଜରିଆରେ କାରବାର କରିବା ସହଜ ହୋଇପାରୁଛି। ବୃଦ୍ଧାଙ୍ଗୁଳି ଛାପ (ବାଓମେଟ୍ରିକ୍ ଡାଟା)କୁ ବ୍ୟବହାର କରି ଯେ କୌଣସି ଭାରତୀୟ ନାଗରିକ ଡିଜିଟାଲ ଦେଣନେଣ କରିପାରିବେ। ଏକ ସ୍ମାର୍ଟଫୋନ୍‌ରେ ମଧ୍ୟ ବାଓମେଟ୍ରିକ୍ ରିଡର ବ୍ୟବସ୍ଥା ରହିଛି। ସ୍ମାର୍ଟଫୋନ, ଇଣ୍ଟରନେଟ୍, ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ ବିନା ମଧ୍ୟ ଭୀମ୍-ଆଧାର ପ୍ଲାଟ୍‌ଫର୍ମ ଜରିଆରେ ଡିଜିଟାଲ ଜରିଆରେ ଦେଣନେଣ କରିପାରିବ। ଭୀମ-ଆଧାରକୁ ବ୍ୟବହାର କରି ୭.୧୫ ଲକ୍ଷ ବ୍ୟବସାୟୀ ୨୭ଟି ପ୍ରମୁଖ ବ୍ୟାଙ୍କରେ ସେମାନଙ୍କ ନେଣଦେଣ ଡିଜିଟାଲ ବ୍ୟବସ୍ଥାରେ କରୁଛନ୍ତି।

ଭୀମ୍ ଆପ୍ସର ବ୍ୟବହାରକୁ ଅଧିକ ଲୋକାଭିମୁଖୀ କରିବା ଲାଗି ଅନ୍ୟ ଦୁଇଟି ଆକର୍ଷଣୀୟ ଯୋଜନା ଯଥା- କ୍ୟାସ୍ ବ୍ୟାକ୍ ଓ ରେଫରାଲ ବୋନସ୍ ଭଳି ବ୍ୟବସ୍ଥା କରାଯାଇଛି। ଏଥିଲାଗି ୬ ମାସ ପର୍ଯ୍ୟନ୍ତ ୪୯୫ କୋଟି ଟଙ୍କା ବରାଦ କରାଯାଇଛି। ତୃଣମୂଳସ୍ତରକୁ ଡିଜିଟାଲ ନେଣଦେଣ କାରବାରକୁ ପହଞ୍ଚାଇବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ରେଫରାଲ ବୋନସ୍ ସ୍କିମ୍‌ରେ ଉଭୟ ଭୀମ୍ ଆପ୍ସ ବ୍ୟବହାରକାରୀଙ୍କ ଲାଗି ନଗଦ ଅର୍ଥ ପ୍ରଦାନ ବ୍ୟବସ୍ଥା ରହିଛି। ଯେଉଁ ବ୍ୟକ୍ତି ଏହି ଆପ୍ସକୁ ବ୍ୟବହାର କରୁଥିବ ଓ ଆଉ ଯେଉଁ ନୂତନ ବ୍ୟକ୍ତିଙ୍କୁ ଏହି ସୁଯୋଗ ପ୍ରଦାନ କରିବାରେ ସହାୟତା କରିବ, ଉଭୟଙ୍କ ଖାତାକୁ ସିଧାସଳଖ ଏହି ବୋନସ୍ ଅର୍ଥ ଦିଆଯିବ। କ୍ୟାଶ୍ ବ୍ୟାକ୍ ଯୋଜନାରେ ଭୀମ୍‌କୁ ବ୍ୟବହାର କରି ପ୍ରତ୍ୟେକଟି କାରବାର ଉପରେ ଏହି ଫାଇଦା ମିଳିବ। ଉଭୟ ସ୍କିମ୍ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଇନ୍‌ଫରମେସନ୍ ଟେକ୍ନୋଲୋଜି(ଏମଇଆଇଟିଓ୍ୱାଇ) ମନ୍ତ୍ରଣାଳୟ ଆରମ୍ଭ କରିଛି। ନେସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ଉପରେ ଏହାର ପରିଚାଳନା ଭାର ନ୍ୟସ୍ତ କରାଯାଇଛି। ଦୁଇ ପ୍ରାରମ୍ଭିକ ଆକର୍ଷଣୀୟ ଯୋଜନା ମଧ୍ୟରେ ଲକି ଗ୍ରାହକ ଯୋଜନା ଓ ଡିଜିଧନ ବ୍ୟାପାର ଯୋଜନା ଜରିଆରେ ୧୦୦ ଦିନଧରି କ୍ରମାଗତ ସୂଚନା, ସଚେତନତା, ଶିକ୍ଷା ଓ ଯୋଗାଯୋଗ ଭିତ୍ତିକ ଅଭିଯାନ ଚଳାଇବା ପରେ ଏବେ ଶେଷ ହୋଇଛି। ଡିଜିଟାଲ ଜରିଆରେ ନେଣଦେଣ କାରବାରକୁ ଦେଶରେ ଏକ ଜନଆନ୍ଦୋଳନ ରୂପେ ଗଢିତୋଳିବା ଲାଗି ନିତି ଆୟୋଗ ପକ୍ଷରୁ ଏହାକୁ ପ୍ରବର୍ତ୍ତନ କରାଯାଇଥିଲା। ଏହି ଯୋଜନା ଅର୍ନ୍ତଗତ ଦେଶର ବିଭିନ୍ନ କୋଣ ଅନୁକୋଣରୁ ମୋଟ ୧୬ ଲକ୍ଷ ଗ୍ରାହକ ଓ ବ୍ୟବସାୟୀଙ୍କୁ ବିଜେତା ରୂପେ ୨୫୮ କୋଟି ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ଲାଗି ଏହି ଦୁଇ ଯୋଜନାର ମେଗା ଲକି ଡ୍ର ବିଜେତା ଗ୍ରାହକଙ୍କୁ ଖୋଦ୍ ପ୍ରଧାନମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି।

୧୦୦ ଦିନ ବ୍ୟାପୀ ୧୦୦ଟି ସହରରେ ନିତି ଆୟୋଗ ଦ୍ୱାରା ଡିଜିଧନ ମେଳା କରାଯାଇଥିଲା। ଏହାର ବ୍ୟାପକ ପ୍ରଭାବ ଡିଜିଟାଲ କାରବାର ଉପରେ ପଡିଛି। ୨୭ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୦ଟି ଗ୍ରାମୀଣ ଓ ସହରାଞ୍ଚଳରେ ଥିବା ୧୫,୦୦୦ରୁ ଊର୍ଦ୍ଧ୍ୱ ପ୍ରତିଷ୍ଠାନ କ୍ୟାସ୍‌ଲେସ୍ (ନଗଦବିହୀନ) କାରବାର କରିଛନ୍ତି। ୧୫ ଲକ୍ଷ ସହର, ଛୋଟ ସହର, ଗ୍ରାମରରେ ମେଳା ଆୟୋଜନ କରାଯାଇ ନୂତନ ଆଧାର କାର୍ଡ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ନୂତନ ବ୍ୟାଙ୍କଖାତା ଖୋଲାଯାଇଛି। ଡିସେମ୍ବର ୨୦୧୬ରେ ଭୀମ୍ ଆପ୍ସ ଅଭିଯାନର ଶୁଭାରମ୍ଭ ହୋଇଥିଲା। ମାତ୍ର ୪ ମାସ ଭିତରେ ମୋଟ ୧ କୋଟି ୯୦ ଲକ୍ଷ ଏହି ଆପ୍ସକୁ ଡାଉନ୍‌ଲୋଡ୍ କରି ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ଏକାଧିକ ସହଜ ଓ ସରଳ ଡିଜିଟାଲ ନେଣଦେଣକୁ ଦେଶର ବହୁ ଲୋକ ଆପଣେଇଥିବା ଜଣାପଡିଛି। ୨୦୧୬ ନଭେମ୍ବର ସୁଦ୍ଧା ଡିଜିଟାଲ ବ୍ୟବସ୍ଥାରେ ୨ ଲକ୍ଷ ୮୦ ହଜାର ଥର କାରବାରରେ ମୋଟ ନେଣଦେଣ ୧୦୧ କୋଟି ଟଙ୍କା ରହିଥିଲା। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ଏହା ୨୩ ପ୍ରତିଶତ ଅଧିକ ବଢିଛି। ୬୩,୮୦,୦୦୦ ଥର ଡିଜିଟାଲ ନେଣଦେଣ ଜରିଆରେ ମୋଟ ୨୪୨୫ କୋଟି ଟଙ୍କାର କାରବାର ହୋଇଛି। ଆଧାର ସଂଯୋଗ ବ୍ୟବସ୍ଥାରେ ମଧ୍ୟ କାରବାର ନଭେମ୍ବର ୨୦୧୬ ସୁଦ୍ଧା ୨.୫ କୋଟି ଥିବାବେଳେ ମାର୍ଚ୍ଚ ୨୦୧୭ ମସିହା (୪ ମାସ) ବେଳକୁ ଏହା ୫ କୋଟିକୁ ଟପିଯାଇଛି। ତ୍ୱରିତ ପ୍ରଦାନ ସେବା (ଆଇଏମପିଏସ) ନେଣଦେଣ ମଧ୍ୟ ଏହି ସମୟ ମଧ୍ୟରେ ୩.୬ କୋଟିରୁ ୬.୭ କୋଟିକୁ ବୃଦ୍ଧି ପାଇଛି।

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଡିଜିଟାଲ ଜରିଆରେ କାରବାର ୨୫୦୦ କୋଟି ଟଙ୍କା କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ପ୍ରଧାନମନ୍ତ୍ରୀ ୭୫ଟି ଟାଉନ୍‌ସିପ୍‌କୁ ନଗଦବିହୀନ ଅଞ୍ଚଳ ଭାବେ ଘୋଷଣା କରିବେ। ନଗଦବିହୀନ ଅଞ୍ଚଳ ହେଉଛି ଯେଉଁଠାରେ ଡିଜିଟାଲ କାରବାର ଲାଗି ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଟାଉନ୍‌ସିପ୍‌ର ସମସ୍ତ ପରିବାରଙ୍କୁ ଏନେଇ ତାଲିମ ପ୍ରଦାନ କରାଯାଇସାରିଛି। ଏଭଳି ଟାଉନ୍‌ସିପ୍‌କୁ ଚିହ୍ନଟ କରି ତାଲିକାଭୁକ୍ତ କରିବା ଲାଗି ଏକ ନିରପେକ୍ଷ ତୃତୀୟ ପକ୍ଷ (ପ୍ରାଇସ୍‌ଓ୍ୱାଟରହାଉସ୍ କୋପର୍ସ-ପିଡବ୍ଲୁସି) କୁ ଦାୟିତ୍ୱ ଦିଆଯାଇଛି। ଯେଉଁ ଟାଉନ୍‌ସିପ୍‌ରେ ମୋଟ କାରବାରର ୮୦ ପ୍ରତିଶତ ଡିଜିଟାଲ ଜରିଆରେ ହୋଇଥିବା ସମୀକ୍ଷା ସମୟରେ ଜଣାପଡିବ ତାହାକୁ ହିଁ ଉକ୍ତ ତାଲିକାରେ ସାମିଲ କରାଯିବ। ଏହିସବୁ ଟାଉନ୍‌ସିପ୍‌ରେ ଦୈନିକ ୧.୫ ଲକ୍ଷ ଡିଜିଟାଲ କାରବାର କରାଯିବା ଲକ୍ଷ୍ୟ ରହିଛି; ଯାହାଫଳରେ ବାର୍ଷିକ ଗୋଟିଏ ଗୋଟିଏ ଟାଉନ୍‌ସିପ୍‌ରେ ୫.୫ କୋଟିର ଡିଜିଟାଲ ନେଣଦେଣ ହୋଇପାରିବ।

# ଆପଣ ଜାଣନ୍ତି କି ?

## ଇ-ସମ୍ପର୍କ

**ଇ**-ସଂପର୍କ ହେଉଛି ଏକ ବ୍ୟବସ୍ଥା ଯଦ୍ୱାରା ସରକାରଙ୍କ ସହ ସିଧାସଳଖ ଦେଶବାସୀ ସଂଯୁକ୍ତ ହୋଇଥାନ୍ତି। ଇ-ମେଲ, ଆଉଟ୍‌ବାଉଣ୍ଡ ଡାଏଲିଙ୍ଗ୍ ଓ ଏସଏମଏସ୍ କ୍ୟାମ୍ପେନ୍ ହେଉଛି ଏହାର ମାଧ୍ୟମ। ଭାରତ ସରକାରଙ୍କ ଦ୍ୱାରା ଇ-ସଂପର୍କ ପୋର୍ଟାଲକୁ ମେ ୨୦୧୬ରେ ଆରମ୍ଭ କରାଯାଇଥିଲା। ଜନତାଙ୍କଠାରୁ ବାର୍ତ୍ତା ସରକାରଙ୍କ ନିକଟରେ ପହଞ୍ଚାଇବା ଓ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟ ଓ ସୂଚନା ଲୋକଙ୍କ ନିକଟରେ ପ୍ରସାରିତ କରିବା କ୍ଷେତ୍ରରେ ଏହା ଏକ ମଞ୍ଚ ଭଳି କାର୍ଯ୍ୟ କରିଥାଏ। ପୋର୍ଟାଲର ଲକ୍ଷ୍ୟ ହେଉଛି ନାଗରିକ ଓ ସରକାରଙ୍କ ମଧ୍ୟରେ ଯୋଗସୂତ୍ରରେ ଉନ୍ନତି ଆଣିବା। ବର୍ତ୍ତମାନ ସୁଦ୍ଧା ୪୦୪ ଜନସଚେତନତା ଅଭିଯାନ କରାଯାଇସାରିଛି। ଇ-ସଂପର୍କ ମାଧ୍ୟମରେ ୨୩୦ କୋଟି ଇ-ମେଲ୍ ଆଦାନ ପ୍ରଦାନ କରାଯାଇଛି।

ଡିଜିଟାଇଜେସନ୍ ଦ୍ୱାରା ଅଭିଯାନକୁ ଚଳାଇ ସରକାର ଓ ଜନତାଙ୍କ ମଧ୍ୟରେ ଏକ ପ୍ରଭାବୀ ଯୋଗସୂତ୍ର ରକ୍ଷା କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି ଇ-ସଂପର୍କ। ଏହି ବହୁମୁଖୀ ପ୍ଲାଟ୍‌ଫର୍ମ ଜରିଆରେ ଯାହାଦ୍ୱାରା କି କେବଳ ସହଜ ଓ ନିରନ୍ତର ଯୋଗାଯୋଗ କେବଳ ସରକାର ଓ ଜନତାଙ୍କ ମଧ୍ୟରେ ହୋଇନଥାଏ; ବରଂ ନୋଡାଲ ଅଧିକାରୀ, ପ୍ରତିନିଧି ଓ ଜନତାଙ୍କ ମଧ୍ୟରେ ଯୋଗସୂତ୍ର ପ୍ରତିଷ୍ଠା କରିବାର ତଥ୍ୟ ମଧ୍ୟ ଆଦାନ ପ୍ରଦାନ କରିଥାଏ। ଏହାବ୍ୟତୀତ ପୂର୍ବ ଅଭିଯାନଗୁଡିକ ସଂପର୍କରେ ମଧ୍ୟ ଏହି ପୋର୍ଟାଲ ବ୍ୟବହାରକାରୀ ଦେଖିବାର ସୁଯୋଗ ପାଇଥାନ୍ତି। ଡିଜିଟାଲ ଇଣ୍ଡିଆର ଗୁରୁତ୍ୱକୁ ପ୍ରତିପାଦିତ କରିଥାଏ ଇ-ସଂପର୍କ। ସରକାରଙ୍କ ଦ୍ୱାରା ଚାଲିଥିବା ତଥା ଚାଲିବାକୁ ଥିବା ବହୁବିଧ କାର୍ଯ୍ୟକ୍ରମ, ଯୋଜନା ସଂପର୍କରେ ଏହି ପୋର୍ଟାଲ ଜରିଆରେ ଲୋକଙ୍କୁ ଅବଗତ କରାଯାଇଥାଏ। ଭାରତକୁ ପରିବର୍ତ୍ତନ କରିବା ଲାଗି ବିପଦ-ଆପଦ ପରିଚାଳନା, ପେଟ୍ରୋଲ ଓ ଡିଜେଲ ଗାଡି ସପ୍ତାହରେ ଦିନଟିଏ ନ ଚଳାଇବା ଲାଗି ଜନତାଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଅଭିଯାନ କରାଯାଇଥାଏ। ରେଡ଼ିଓରେ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ସେ ବିନିମୟ କରୁଥିବା ବହୁ ତଥ୍ୟ, ସୂଚନା ଓ କାହାଣୀକୁ ଏହି ଇ-ସଂପର୍କ ଜରିଆରେ ଅନ୍ୟମାନଙ୍କଠାରେ ପହଞ୍ଚାଯାଇଥାଏ। ଇ-ସଂପର୍କ ପୋର୍ଟାଲ ଜରିଆରେ ଇ-ମେଲ, ଏସଏମଏସ ଜରିଆରେ ସୂଚନା ଓ ସାଧାରଣ ସେବା ସଂକ୍ରାନ୍ତ ସୂଚନା ନାଗରିକ, ଜନପ୍ରତିନିଧି, ସରକାରୀ କର୍ମଚାରୀ/ ଅଧିକାରୀମାନଙ୍କ ନିକଟକୁ ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ଅନୁରୂପ ଭାବେ ସଂପୃକ୍ତ ବ୍ୟବହାରକାରୀଙ୍କ ଆବେଦନକୁ ଉପଯୋଗ କରି ଏସଏମଏସ ଜରିଆରେ ତଥ୍ୟ ଓ ବାର୍ତ୍ତା ପ୍ରେରଣ କରାଯାଇଥାଏ। ନିୟମିତ ଆଧାରରେ ନିର୍ବାଚିତ ପ୍ରତିନିଧି ଓ ସରକାରୀ ଅଧିକାରୀମାନଙ୍କ ତଥ୍ୟ ସଂଶୋଧିତ କରାଯାଇଥାଏ। ବ୍ୟକ୍ତିଗତ କିମ୍ବା ସାମୂହିକ ଭାବେ ଅପ୍‌ଡେଟ୍ ତଥ୍ୟ ସମୂହକୁ ଅପ୍‌ଲୋଡ୍ କରାଯାଇଥାଏ।

ନୋଡାଲ ଅଧିକାରୀଙ୍କ ଅଭିଯାନ ସଂପର୍କରେ ଡ୍ୟାସ୍‌ବୋର୍ଡ ପ୍ରଦର୍ଶନ ବ୍ୟବସ୍ଥା ମଧ୍ୟ ରହିଛି। ଉଦାହରଣ ସ୍ୱରୂପ, ଇ-ମେଲ୍ ପ୍ରେରଣକାରୀଙ୍କ ସଂଖ୍ୟା, ପଠାଯାଇଥିବା ଏସଏମଏସ, ଦେଖା ଯାଇଥିବା ଇ-ମେଲ ଗୁଡିକର ପ୍ରତିଶତ, ୟୁଆରଏଲ ଲିଙ୍କ୍ ଆଦିର ସଂଖ୍ୟା ଏଠାରେ ପ୍ରଦର୍ଶିତ ହୋଇଥାଏ। ଇ-ସଂପର୍କ ଡାଟାବେସ୍‌କୁ ବ୍ୟବହାର କରିବା ଲାଗି ବ୍ୟକ୍ତିଗତ ଭାବେ ଅନୁରୋଧ କରି ସୁଯୋଗ ପାଇବାର ବ୍ୟବସ୍ଥା ମଧ୍ୟ ରହିଛି। ଏହି ସୁବିଧା ପାଇବା ଲାଗି ବ୍ୟବହାରକାରୀ (ୟୁଜର୍ସ)କୁ ସରକାରଙ୍କଠାରୁ ଇ-ମେଲ ଓ ଏସଏମଏସ ଗ୍ରହଣ କରିବା ଲାଗି ତା'ର ଅନୁମତି ପ୍ରଦାନ କରିବାକୁ ପଡିଥାଏ। ଯେକୌଣସି ସମୟରେ ଚାହିଁଲେ ବ୍ୟବହାରକାରୀ ଜଣକ ମଧ୍ୟ ଏହାକୁ ଛାଡିଦେଇପାରେ।

**କ'ଣ ମିଳିଥାଏ ଫାଇଦା-** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସଂପୂର୍ଣ୍ଣ ସ୍ତରୀକୃତ ବ୍ୟାପକ ତଥ୍ୟ (ଡାଟା) ଏଥିରୁ ମିଳିଥାଏ। ସେମାନେ ପ୍ରେରଣ କରୁଥିବା ସରକାରୀ ତଥ୍ୟ ମଧ୍ୟ ମିଳିଥାଏ। ପ୍ରଚଳିତ ନୀତି, ପ୍ରସ୍ତାବିତ ନୀତି, ସରକାରଙ୍କ ନିଷ୍ପତ୍ତି ଓ ଆରମ୍ଭ ହେବାକୁ ଥିବା ବିଭିନ୍ନ ଯୋଜନା ସଂପର୍କରେ ମଧ୍ୟ ସୂଚନା ଓ ଆଲର୍ଟ ଜରିଆରେ ୟୁଜର୍ସଙ୍କୁ ଆଦାନ ପ୍ରଦାନ କରାଯାଇଥାଏ। ଏହା ଯୋଗାଯୋଗ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି କରିଥାଏ।

ନାଗରିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାଏ। ଜାତୀୟ, ଜନସ୍ୱାର୍ଥ ସମ୍ବଳିତ ଓ ସରକାରୀ ସଂଶୋଧିତ ଜରୁରିକାଳୀନ ସୂଚନା ନାଗରିକଙ୍କୁ ମିଳିପାରିଥାଏ। ସରକାରଙ୍କ ସ୍କିମ୍ ଓ କାର୍ଯ୍ୟକ୍ରମର ସୁଫଳ ନାଗରିକ ନେଇଥାନ୍ତି।

❖❖❖


# ଚମ୍ପାରନ୍ ସତ୍ୟାଗ୍ରହର ଶତବାର୍ଷିକୀ: ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କ ଦ୍ୱାରା ପ୍ରକାଶନ ବିଭାଗର ପୁସ୍ତକ ଉନ୍ମୋଚିତ



ଚମ୍ପାରନ୍ ସତ୍ୟାଗ୍ରହର ଶତବାର୍ଷିକୀ ଅବସରରେ ମାନ୍ୟବର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭେଙ୍କିୟା ନାଇଡୁ ଗାନ୍ଧୀ ଚିନ୍ତନ ଓ ଅନ୍ୟ ସାହିତ୍ୟ ସଂକ୍ରାନ୍ତ ତିନିଟି ଐତିହ୍ୟ ସଂପନ୍ନ ପ୍ରାଚୀନ ପୁସ୍ତକର ପୁନଃଉନ୍ମୋଚନ କରିଛନ୍ତି। ପ୍ରକାଶନ ସଂସ୍ଥା ଦ୍ୱାରା କରାଯାଇଥିବା ପୁସ୍ତକ ମଧ୍ୟରେ ରହିଛି 'ଗାନ୍ଧୀ ଇନ୍ ଚମ୍ପାରନ୍', ରୋମେନ ରୋଲାଣ୍ଡ ଓ ଗାନ୍ଧୀ କରେସ୍‌ପଣ୍ଡେନ୍ସ ଏବଂ 'ମହାତ୍ମା'ଙ୍କ ୮ଟି ସିରିଜ୍‌ର ପୁସ୍ତକ। ୧୦ ଏପ୍ରିଲ ୨୦୧୭ ଥିଲା ଗାନ୍ଧିଜୀଙ୍କ ବିହାରର ଚମ୍ପାରନ୍ ଅଞ୍ଚଳକୁ ଆସିବାର ଠିକ୍ ଶହେବର୍ଷ ପୂର୍ତ୍ତି। ଚମ୍ପାରନ୍ ସତ୍ୟାଗ୍ରହକୁ ଅଧିକ ତୀବ୍ର କରିବା ଲାଗି ଗାନ୍ଧିଜୀ ଏଠାକୁ ଆସିଥିଲେ। ପୂର୍ବରୁ ଏହି ସବୁ ପୁସ୍ତକ ଉକ୍ତ ଶିରୋନାମା ଥାଇ ୧୯୬୦ ଓ ୭୦ ଦଶକରେ ପ୍ରକାଶିତ ହୋଇଥିଲା। ପ୍ରକାଶନ ସଂସ୍ଥା ସହ ନୂଆଦିଲ୍ଲୀସ୍ଥ ଜାତୀୟ ଗାନ୍ଧୀ ସଂଗ୍ରହାଳୟରେ ସୁରକ୍ଷିତ ରଖାଯାଇଥିଲା। ଏଥିରୁ ଅନେକ ପୁସ୍ତକ ଏବେ ଭଣ୍ଡାରରେ ନଥିବାରୁ ଉଭୟ ସଂସ୍ଥା ମିଳିତ ସହଯୋଗରେ ଏହି ପୁସ୍ତକ ଗୁଡିକର ପୁନଃପ୍ରକାଶନ ବହୁବର୍ଷ ପରେ କରାଯାଇଛି। ଏହି ଅବସରରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଭେଙ୍କେୟା ନାଇଡୁ କହିଛନ୍ତି ଯେ, ଏବେ ସମୟ ଆସିଛି ଯୁବପୀଢିଙ୍କୁ ମହାତ୍ମା ଗାନ୍ଧୀଙ୍କ ଅତ୍ୟାବଶ୍ୟକ ତଥା ମୂଲ୍ୟବୋଧ ବାର୍ତ୍ତା ଟିକକ ପହଞ୍ଚାଇବା। ପୁସ୍ତକ, ଆଲେଖ୍ୟ ତଥା ଗଣମାଧ୍ୟମ ଜରିଆରେ ଗାନ୍ଧିଜୀଙ୍କ ଚିନ୍ତନ ଜନଗଣଙ୍କ ପାଖରେ ପହଞ୍ଚାଇବା। ଶ୍ରୀ ନାଇଡୁ କହିଛନ୍ତି ଯେ ଗାନ୍ଧିଜୀ ମାନବବାଦ, ସମ୍ବେଦନଶୀଳତା, ଦୟା, କରୁଣା ଓ ଦୃଢନିଶ୍ଚୟ ଆଦି ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଯୁବକମାନଙ୍କ ଲାଗି ଦେଇଯାଇଛନ୍ତି। ସେ କହିଛନ୍ତି ଏଭଳି ପୁସ୍ତକ ଯୁବଗୋଷ୍ଠୀଙ୍କୁ ଆଗାମୀ ପୀଢି ଲାଗି ଥିବା ଆହ୍ୱାନ ସଂପର୍କରେ ଅନେକ ଶିକ୍ଷାପ୍ରଦାନ କରିବ। 'ମାଇଁ ଲାଇଫ୍ ଇଜ୍ ମାଇଁ ମେସେଜ୍' ପୁସ୍ତକରେ ପରବର୍ତ୍ତୀ ପିଢିକୁ ଜୀବନଦର୍ଶନ ବାବଦରେ ସଚେତନ କରାଇବ।

ଏଭଳି ପୁରୁଣା ତଥା ଐତିହ୍ୟସଂପନ୍ନ ପୁସ୍ତକ ଗୁଡିକର ସୁରକ୍ଷା ଓ ପୁନଃ ପ୍ରକାଶନ ଲାଗି ପ୍ରକାଶନ ସଂସ୍ଥାର ସହଯୋଗକୁ ପ୍ରଶଂସା କରିଛନ୍ତି ଶ୍ରୀ ନାଇଡୁ। ମନ୍ତ୍ରୀ କହିଛନ୍ତି ଗରିବରୁ ଗରିବ ଲୋକଙ୍କ କଲ୍ୟାଣ ଲାଗି ଗାନ୍ଧିଜୀଙ୍କ ଆଦର୍ଶ ଚିନ୍ତା ଓ ଚେତନାକୁ ମୁଖ୍ୟସ୍ରୋତରେ ସାମିଲ କରାଯିବା ଦରକାର। ଗାନ୍ଧିଜୀଙ୍କ ପୁସ୍ତକ ଓ ଆଲେଖ୍ୟର ସୁରକ୍ଷା ତଥା ପୁନଃପ୍ରକାଶନ ସହ ଦେଶର ବିଭିନ୍ନ ଅଞ୍ଚଳର ସ୍ୱାଧୀନତା ଆନ୍ଦୋଳନକାରୀ ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ସଂଘର୍ଷରତ ଘଟଣାବଳୀର ସୁରକ୍ଷା ଓ ସାନିପ୍ରକାଶନ ଲାଗି ମଧ୍ୟ ପ୍ରକାଶନ ଡିଭିଜନ ପଦକ୍ଷେପ ନେବା ଉଚିତ। ଏଭଳି ଐତିହ୍ୟ ସଂପନ୍ନ ପୁସ୍ତକ, ପ୍ରକାଶନ ସଂସ୍ଥାର ବିକ୍ରୟ କେନ୍ଦ୍ରରେ ଉପଲବ୍ଧ। ଏପରିକି ପୁନୟରୁଦ୍ଧାର ହୋଇଥିବା ନୂଆଦିଲ୍ଲୀର ସିଜିଓ କମ୍ପେକ୍ସର ସୂଚନା ଭବନର ପୁସ୍ତକ ଗ୍ୟାଲେରିରୁ ମଧ୍ୟ ଏଭଳି ପୁରାତନ ପୁସ୍ତକ ମିଳିପାରିବ। ଭାରତକୋଷ ଇ-ପେମେଣ୍ଟ ଦ୍ୱାରା ଅନ୍‌ଲାଇନ୍‌ରେ ମଧ୍ୟ ଏସବୁ ପୁସ୍ତକ ମିଳିପାରିବ। ମହାତ୍ମାଙ୍କ ଏହି ୮ ସିରିଜ୍ ବିଶିଷ୍ଟ ପୁସ୍ତକ ଇ-ବୁକ୍ସ ଆମାଜନ୍ ଡଟ୍ କମ୍, କୋବେ ଡଟ୍ କମ୍ ଏବଂ ଗୁଗଲ୍ ପ୍ଲେ ବୁକ୍ସରେ ରହିଛି।

**ଚମ୍ପାରନ୍‌ରେ ଗାନ୍ଧିଜୀ:** ଭାରତ ସ୍ୱାଧୀନତା ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେଉଛି ଚମ୍ପାରନ୍ ସତ୍ୟାଗ୍ରହ। ଡି.ଜି ତେନ୍ଦୁଲକର ତାଙ୍କ ପୁସ୍ତକରେ କହିଛନ୍ତି ଯେ ଏହା ଥିଲା ଦେଶର ସର୍ବବୃହତ୍ ଅହିଂସା ଆନ୍ଦୋଳନ। କ୍ଷୁଦ୍ର ପୁସ୍ତକରେ ଲେଖକ ୧୯୧୭ ମସିହାରେ ଉତ୍ତର ବିହାର ଚମ୍ପାରନ୍ ଜିଲାରେ ସେଦିନ ସଂଘଠିତ ଏହି ଆନ୍ଦୋଳନର ଘଟଣାବଳୀକୁ ଅତ୍ୟନ୍ତ ସହଜ, ସରଳ ଓ ତଥ୍ୟଭିତ୍ତିକ ଭାବେ ଉପସ୍ଥାପନ କରିଛନ୍ତି। ଗାନ୍ଧୀଜୀଙ୍କର ଚମ୍ପାରନ୍‌ରେ ଥିଲା ବ୍ରିଟିଶ ଶାସନ ବିରୋଧୀ ପ୍ରଥମ ଆନ୍ଦୋଳନ। ସତ୍ୟ ଓ ଅଂହିସା ବଳ ଥିଲା ଆନ୍ଦୋଳନର ପ୍ରମୁଖ ଅସ୍ତ୍ର। ସେଠାକାର ଗରିବ ନୀଳ ଚାଷୀମାନେ ବ୍ରିଟିଶ ଶାସକଙ୍କ ହାତରେ ଯେଭଳି ଶୋଷଣର ଶିକାର ହେଉଥିଲେ ତାହାର ପ୍ରତିବାଦ କରିଥିଲେ ଗାନ୍ଧିଜୀ। ୧୯୫୭ ମସିହାରେ ପ୍ରକାଶିତ ଏହି ଐତିହ୍ୟସଂପନ୍ନ କ୍ଷୁଦ୍ର ପୁସ୍ତକଟିର ପ୍ରଥମ ସଂସ୍କରଣ ଥିଲା। ଏବେ ଏହାର ଦ୍ୱିତୀୟ ସଂସ୍କରଣ କରାଯାଇଛି।



**YOJANA (Odia) : Monthly** **May 2017** **RNI No. 57203/93**
ISSN 0971-8346
Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

### ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା ।

### "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

### ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the "Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash